ଧରିତ୍ରୀ 51 Years
DHARITRI
ଭୁବନେଶ୍ୱର, ମଙ୍ଗଳବାର, ଜୁଲାଇ ୨୨/୨୦୨୫ (୧୪ ପୃଷ୍ଠା) | Bhubaneswar, Tuesday, July 22/2025 | Page 14 | ₹ 7.00 | BALASORE
୫୧ଶ ଭାଗ ୨୩୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 237 | ମୂଲ୍ୟ ₹୭/-



**ପଦାର୍ପଣରେ ପ୍ଲେୟର ଅଫ୍ ଦି ମ୍ୟାଚ୍ ହେଲେ ଓୱେନ** ୧୪

ୱେଷ୍ଟଇଣ୍ଡିଜ୍ ବିପକ୍ଷ ପ୍ରଥମ ଟି୨୦ରେ ଅନ୍ତର୍ଜାତୀୟ ପଦାର୍ପଣ କରି ପ୍ଲେୟର ଅଫ୍ ମ୍ୟାଚ୍ ହୋଇଛନ୍ତି ଅଷ୍ଟ୍ରେଲିଆର ମିଚେଲ ଓୱେନ।

୦୨ **୧୦୦ କୋଟି କ୍ଲବ୍‌ରେ 'ସୈୟାରା'**

ରିଲିଜ୍ ହେବାର ୩ ଦିନ ମଧ୍ୟରେ ନବାଗତ ଅହାନ ପାଣ୍ଡେ ଏବଂ ଅନୀତ ପଡ୍ଡାଙ୍କ ଅଭିନୀତ 'ସୈୟାରା' ଫିଲ୍ମ ୧୦୦ କୋଟି କ୍ଲବ୍‌ରେ ପହଞ୍ଚିଛି।





ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥର ତୁଳସୀଚଉରା ଛକ (ଚନ୍ଦନପୁର) ନିକଟରେ ଅଗ୍ନିଶମ ବିଭାଗ ଗାଡ଼ି ଧକ୍କାରେ ଛାତ୍ରଙ୍କ ମୃତ୍ୟୁ ଘଟଣାକୁ ନେଇ ସ୍ଥାନୀୟ ଲୋକଙ୍କ ରାସ୍ତାରୋକୋ।

# ନାବାଳିକା ହକି ପ୍ରଶିକ୍ଷାର୍ଥୀଙ୍କୁ ଗଣବଳାତ୍କାର

## ଯାଜପୁରରେ ୨ କୋଚ୍‌ଙ୍କ ଜଘନ୍ୟକାଣ୍ଡ

**ରାଜ୍ୟରେ ଗୁରୁଶିଷ୍ୟ ପରମ୍ପରାକୁ କଳୁଷିତ କରିଦେବା ଭଳି ଆଉ ଏକ ଘଟଣା ଘଟିଛି ଯାଜପୁର ସହରରେ। ହକି ଟ୍ରେନିଂ ସେଣ୍ଟରରେ ପ୍ରଶିକ୍ଷଣ ନେଉଥିବା ସଂଖ୍ୟାଲଘୁ ସମ୍ପ୍ରଦାୟର ଜଣେ ନାବାଳିକା (୧୫)ଙ୍କୁ ତାଙ୍କର ୨ କୋଚ୍‌ଙ୍କ ସମେତ ୩ଜଣ ଗଣବଳାତ୍କାର କରିଛନ୍ତି। ଅଭିଯୁକ୍ତମାନଙ୍କ ଧମକ ଏବଂ ଲୋକଲଜ୍ଜା ଭୟରେ ମାନସିକ ଓ ଶାରୀରିକ ଯନ୍ତ୍ରଣାରେ ଛଟପଟ ହେଉଥିବା ପୀଡ଼ିତା ଘଟଣାର ୧୭ ଦିନ ପରେ ରବିବାର ରାତି ୧୧ଟାରେ ଯାଜପୁର ଟାଉନ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ପୋଲିସ ମାମଲା ରୁଜୁ କରିବା ସହ ୩ ଅଭିଯୁକ୍ତଙ୍କ ସମେତ ୪ଜଣଙ୍କୁ ଅଟକ ରଖିଥିବା ଜଣାପଡ଼ିଛି। ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଅଧ୍ୟାପକଙ୍କ ଦ୍ୱାରା ଯୌନ ନିର୍ଯାତନାର ଶିକାର ହୋଇଥିବା ଛାତ୍ରୀ ସୌମ୍ୟାଶ୍ରୀ ବିଶି ନ୍ୟାୟ ନ ପାଇ ଆତ୍ମାହୁତି ଦେବା ଘଟଣା ସାରା ଦେଶରେ ଚହଳ ପକାଇଛି। ଏ ଘଟଣାରେ ସରକାରୀ ଉଦାସୀନତା ଅଭିଯୋଗ ଆଣି ବିରୋଧୀ ସରକାରଙ୍କୁ ଘେରିଚାଲିଛନ୍ତି। ଏଭଳିସ୍ଥଳେ ଯାଜପୁରରେ ଜଣେ ନାବାଳିକା ହକି ପ୍ରଶିକ୍ଷାର୍ଥୀ କୋଚ୍‌ମାନଙ୍କ ଦ୍ୱାରା ଗଣବଳାତ୍କାର ଶିକାର ହୋଇଛନ୍ତି। ଏସବୁ ଘଟଣାରୁ ଶିକ୍ଷାନୁଷ୍ଠାନ ଏବଂ ପ୍ରଶିକ୍ଷଣ କେନ୍ଦ୍ରରେ ଛାତ୍ରୀଙ୍କ ପାଇଁ ସୁରକ୍ଷିତ ପରିବେଶ ନ ଥିବା ସ୍ପଷ୍ଟ ହେଉଛି।**

### ନୀରବ ରହିଥିଲେ ଜିଲା କ୍ରୀଡ଼ାଧିକାରୀ

ନାବାଳିକାଙ୍କୁ ଗଣବଳାତ୍କାର ସମ୍ପର୍କରେ ତାଙ୍କ ମା' ଗତ ୧୪ ତାରିଖରେ ଜିଲା କ୍ରୀଡ଼ାଧିକାରୀ ଫକୀର ମୋହନ ଟୁଡୁଙ୍କୁ ସାକ୍ଷାତ୍ କରି ଜଣାଇଥିଲେ। ଜିଲା କ୍ରୀଡ଼ାଧିକାରୀ ଲିଖିତ ଭାବେ ଜଣାଇବାକୁ ତାଙ୍କୁ କହିଥିଲେ। ଏହାପରେ ନାବାଳିକାଙ୍କ ମା' ଗତ ୧୬ ତାରିଖରେ ଲିଖିତ ଭାବେ ଟୁଡୁଙ୍କ ନିକଟରେ ଅଭିଯୋଗ କରିଥିଲେ। ତଦନୁଯାୟୀ ୩ ଦିନ ମଧ୍ୟରେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରି ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ଟୁଡୁ ତାଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ହେଲେ ୩ ଦିନ ଅତିକ୍ରାନ୍ତ ହୋଇ ସାରିଥିଲେ ବି ଜିଲା କ୍ରୀଡ଼ାଧିକାରୀ କୌଣସି ପ୍ରକାର ପଦକ୍ଷେପ ନ ନେଇ ନୀରବି ଯାଇଥିଲେ। ଏପରିକି ପୀଡିତା ଏକାଧିକ ଥର ଟୁଡୁଙ୍କୁ ଫୋନ୍ କରିଥିଲେ ବି ସେ କଲ୍ ଗ୍ରହଣ କରି ନ ଥିଲେ ବୋଲି ନାବାଳିକାଙ୍କ ମା' ଅଭିଯୋଗ କରିଛନ୍ତି। ଏ ସଂକ୍ରାନ୍ତରେ ଜିଲା କ୍ରୀଡାଧିକାରୀ ଟୁଡୁଙ୍କ ମତାମତ ନେବାକୁ ସୋମବାର ସନ୍ଧ୍ୟାରେ ତାଙ୍କ ମୋବାଇଲକୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ କଲ୍ ଗ୍ରହଣ କରି ନ ଥିଲେ।

ଯାଜପୁର,୨୧।୭(ହର୍ଷବର୍ଦ୍ଧନ ବେହେରା)

ଯାଜପୁର ସହର ମାନସାପୋଲ ନିକଟରେ ରହୁଥିବା ଜଣେ ନାବାଳିକା ହକି ଖେଳାଳିଙ୍କୁ ୨ ଜଣ କୋଚ୍ ଓ ସେମାନଙ୍କ ଜଣେ ସହଯୋଗୀ ଉପହାର ଦେବା ବାହାନାରେ ଏକ ହୋଟେଲକୁ ନେଇ ଗଣବଳାତ୍କାର କରିଛନ୍ତି। ଏନେଇ ନାବାଳିକା ଜଣକ ରବିବାର ରାତି ୧୧ଟାରେ ଯାଜପୁର ଟାଉନ ଥାନାରେ ଲିଖିତ ଅଭିଯୋଗ କରିବା ପରେ ବିଏନ୍‌ଏସ୍ ଦଫା ୭୦(୨), ୩୫୧(୨), ୭୪, ୩(୫) ଏବଂ ପ୍ରୋଟେକ୍ସନ ଅଫ୍ ଚିଲ୍ଡ୍ରେନ ଫ୍ରମ୍ ସେକ୍ସୁଆଲ ଅଫେନ୍ସ (ପୋକ୍‌ସୋ) ଆକ୍ଟ-୨୦୧୨ ଅନୁଯାୟୀ ଏକ ମାମଲା(ନଂ. ୩୪୧/୨୦୨୫) ରୁଜୁ ହୋଇଛି। ସୋମବାର ଯାଜପୁର କୋର୍ଟରେ ନାବାଳିକାଙ୍କ ବୟାନ ରେକର୍ଡ କରାଯାଇଛି। ଘଟଣାରେ ୪ ଜଣଙ୍କୁ ପୋଲିସ ଅଟକ ରଖିଥିବାବେଳେ ଅନ୍ୟ ଜଣେ ଫେରାର ଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି।


ଅଭିଯୋଗ ଅନୁଯାୟୀ ପୀଡ଼ିତା ଗତ ୭ ବର୍ଷ ହେଲା ଯାଜପୁର ହକି ପ୍ରଶିକ୍ଷଣ କେନ୍ଦ୍ରରେ ତାଲିମ ନେଉଥିଲେ। ☞ପୃଷ୍ଠା-୪

# ଇଡି ସବୁ ସୀମା ଟପୁଛି: ସୁପ୍ରିମ୍‌କୋର୍ଟ

ନୂଆଦିଲ୍ଲୀ,୨୧।୭

ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ସବୁ ସୀମା ଟପୁଛି ବୋଲି ସୋମବାର ସୁପ୍ରିମକୋର୍ଟ ଭର୍ତ୍ସନା କରିଛନ୍ତି। ତଦନ୍ତ ବେଳେ ଆଇନଗତ ପରାମର୍ଶ ଦେବା କିମ୍ବା ମହକିଲଙ୍କ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଓକିଲମାନଙ୍କୁ ଇଡି ସମନ୍ କରୁଥିବାରୁ ଏହା ଉପରେ ସର୍ବୋଚ୍ଚ ଅଦାଲତ ଗମ୍ଭୀର ଚିନ୍ତାବ୍ୟକ୍ତ କରିଛନ୍ତି। ଏଥିସହ ଏହି ପ୍ରସଙ୍ଗରେ ଗାଇଡ୍‌ଲାଇନ ପ୍ରସ୍ତୁତ କରାଯିବା ଆବଶ୍ୟକ ବୋଲି କହିଛନ୍ତି। ବରିଷ୍ଠ ଆଇନଜୀବୀ ଅରବିନ୍ଦ ଦତାର ଓ ପ୍ରତାପ ବେଣୁଗୋପାଳଙ୍କୁ ଇଡି ପକ୍ଷରୁ ସମନ କରାଯିବା ପରେ ଲିଗାଲ ପ୍ରଫେଶନର ସ୍ୱାଧୀନତା ଉପରେ ଏପରି କାର୍ଯ୍ୟାନୁଷ୍ଠାନର ପ୍ରଭାବ ସମ୍ପର୍କରେ ସୁପ୍ରିମକୋର୍ଟ ନିଜ ଆଡୁ ଏକ ମାମଲାର ଶୁଣାଣି କରୁଛନ୍ତି। ସିଜେଆଇ ବି.ଆର୍. ଗବଇ ଏବଂ ଜଷ୍ଟିସ୍ କେ. ବିନୋଦଚନ୍ଦ୍ରନ୍‌ଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହାର ଶୁଣାଣି ବେଳେ କହିଛନ୍ତି, ଜଣେ ଆଇନଜୀବୀ ଓ ତାଙ୍କ ମହକିଲଙ୍କ ମଧ୍ୟରେ ଯୋଗାଯୋଗ ଏକ ଅଗ୍ରାଧିକାର। ☞ପୃଷ୍ଠା-୪

# ଉପରାଷ୍ଟ୍ରପତିଙ୍କ ଇସ୍ତଫା



ଜଗଦୀପ ଧନକର

ନୂଆଦିଲ୍ଲୀ,୨୧।୭

ଉପରାଷ୍ଟ୍ରପତି ଜଗଦୀପ ଧନକର ସୋମବାର ରାତିରେ ନିଜ ପଦରୁ ଇସ୍ତଫା ଦେଇଛନ୍ତି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ନିକଟକୁ ପଠାଇଥିବା ଇସ୍ତଫାପତ୍ରରେ ଧନକର ସ୍ୱାସ୍ଥ୍ୟଗତ କାରଣରୁ ପଦ ଛାଡ଼ିଥିବା ଦର୍ଶାଇଛନ୍ତି। ଧନକର ନିଜ ଇସ୍ତଫାପତ୍ରରେ ଉଲ୍ଲେଖ କରିଛନ୍ତି, ସ୍ୱାସ୍ଥ୍ୟଗତ କାରଣରୁ ଓ ଡାକ୍ତରଙ୍କ ପରାମର୍ଶକ୍ରମେ ସେ ସମ୍ବିଧାନ ଅନୁଚ୍ଛେଦ ୬୭(ଏ) ଅନୁସାରେ ଭାରତର ଉପରାଷ୍ଟ୍ରପତି ପଦରୁ ତତ୍କାଳ ଇସ୍ତଫା ଦେଇଛନ୍ତି। ୨୦୨୨ ଅଗଷ୍ଟ ୧୧ରେ ଦେଶର ଚତୁର୍ଦ୍ଦଶ ଉପରାଷ୍ଟ୍ରପତି ଭାବେ ଦାୟିତ୍ୱ ଗ୍ରହଣ କରିଥିବା ଧନକରଙ୍କ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ଏହା ଇତିହାସ ନୁହେଁ**

# ଥାନାରେ ବିଷ ପିଇଲେ ଯୁବତୀ

- କୋହଳ ଦଫା ଲଗାଇ ପ୍ରେମିକଙ୍କୁ ପୋଲିସ ଖସାଇବାର ପ୍ରତିବାଦ
- ବିବାହ ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ପରେ ପ୍ରତାରଣା

ନୟାଗଡ଼,୨୧।୭(ଲୋକନାଥ ମିଶ୍ର)

ନୟାଗଡ଼ ଜିଲାର ଇଟାମାଟି ଥାନାରେ ସୋମବାର ପୂର୍ବାହ୍ନରେ ନ୍ୟାୟ ନ ମିଳିବାରୁ ଜଣେ ଯୁବତୀ ବିଷ ପିଇ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ବିବାହର ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିବା ପରେ ପ୍ରତାରଣା କରି ଜେଲ ଯାଇଥିବା ପ୍ରେମିକଙ୍କୁ ଜାମିନ ମିଳିଛି। ତେବେ ଅଭିଯୁକ୍ତଙ୍କ ବିରୋଧରେ ପୋଲିସ କୋହଳ ଦଫା ଲଗାଇଥିବାରୁ ତାଙ୍କୁ ଜାମିନ ମିଳିଥିବା ଅଭିଯୋଗ କରି ଯୁବତୀ ଜଣକ ତାହାର ପ୍ରତିବାଦରେ ଥାନାରେ ବିଷ ପିଇ ଦେଇଛନ୍ତି। ଯୁବତୀଙ୍କୁ ଗୁରୁତର ଅବସ୍ଥାରେ ପୋଲିସ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛି। ପରିବାର ପକ୍ଷରୁ ଭୁବନେଶ୍ୱର ରେଫର କରିବାକୁ କୁହାଯାଉଥିବାବେଳେ ପୀଡିତାଙ୍କ ଅବସ୍ଥା ନିୟନ୍ତ୍ରଣାଧୀନ ରହିଥିବା ଡାକ୍ତର କହିଛନ୍ତି। ଜିଲା ମୁଖ୍ୟ ଚିକିତ୍ସାଳୟରେ ନୟାଗଡ଼ ତହସିଲଦାର ରାକେଶ ସ୍ୱାଇଁ ପହଞ୍ଚି ମାଜିଷ୍ଟ୍ରେଟ ଭାବେ ଯୁବତୀଙ୍କ ବୟାନ ରେକର୍ଡ କରିଛନ୍ତି।

ଅଭିଯୋଗ ଅନୁସାରେ, ଇଟାମାଟି ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ଶରଧାପୁର ଗାଁର ସିଆର୍‌ପିଏଫ୍ ସିପାହି ଚାକିରି କରିଥିବା ଆଲୋକ ସ୍ୱାଇଁ ଭଲ ପାଉଥିଲେ। ବିବାହ କରିବାକୁ ପ୍ରତିଶ୍ରୁତି ଦେଇ ତାଙ୍କ ସହ ଆଲୋକ ଶାରୀରିକ ସମ୍ପର୍କ ରଖିଥିଲେ। ପରେ ବିବାହ କରିବାକୁ ରାଜି ହୋଇ ନ ଥିଲେ। ବାରମ୍ବାର ବୁଝାଇବା ପରେ ଅସଫଳ ହେବାରୁ ଗତ ଫେବୃଆରୀରେ ଇଟାମାଟି ଥାନାରେ ଯୁବତୀ ଜଣକ ଅଭିଯୋଗ କରିଥିଲେ। ପୋଲିସ ବିଏନ୍‌ଏସ୍ ଦଫା ୬୯ ଏବଂ ୩୫୧(୨) ଅନୁଯାୟୀ ମାମଲା (୪୨/୨୦୨୫) ରୁଜୁକରି ଆଲୋକଙ୍କୁ କୋର୍ଟ ଚାଲାଣ କରିଥିଲା। ଇତିମଧ୍ୟରେ ଆଲୋକ ଜାମିନରେ ମୁକୁଳିଥିବାବେଳେ ତାଙ୍କ ପରିବାର ପକ୍ଷରୁ ପୀଡ଼ିତାଙ୍କ ପରିବାର ଉପରେ ନିର୍ଯାତନା ବଢ଼ିଯାଇଥିଲା। ରବିବାର ଆଲୋକ ଓ ପୀଡ଼ିତାଙ୍କ ପରିବାର ମଧ୍ୟରେ ବିବାହ ପ୍ରସଙ୍ଗକୁ ନେଇ ଗଣ୍ଡଗୋଳ ହୋଇଥିଲା। ଥାନାରେ ଅଭିଯୋଗ ପରେ ପୋଲିସ ୨ଟି ମାମଲା ରୁଜୁ କରି ତଦନ୍ତ କରିଥିଲା। ସୋମବାର ପୋଲିସ ପୀଡ଼ିତାଙ୍କୁ ଥାନାକୁ ଡକାଇ ☞ପୃଷ୍ଠା-୪

# ସ୍କୁଲ ଉପରେ ଖସିପଡ଼ିଲା ପ୍ରଶିକ୍ଷଣ ବିମାନ

**ବାଂଲାଦେଶ: ଦୁର୍ଘଟଣାରେ ୨୦ ମୃତ, ଶତାଧିକ ଆହତ**


ଢାକା,୨୧।୭

ବାଂଲାଦେଶ ବାୟୁସେନାର ଏଫ୍-୭ ବିଜିଆଇ ପ୍ରଶିକ୍ଷଣ ବିମାନ ସୋମବାର ସ୍ଥାନୀୟ ସମୟ ଦ୍ୱିପହର ୧.୩୦ ସମୟରେ ଉତ୍ତର ଢାକାର ଦିଆବାରି ଅଞ୍ଚଳରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ସ୍ଥାନୀୟ ମାଇଲଷ୍ଟୋନ ସ୍କୁଲ ଆଣ୍ଡ୍ କଲେଜ କ୍ୟାମ୍ପସର ୪ ମହଲା କୋଠାରେ ବିମାନଟି ଖସିପଡ଼ିଛି, ଫଳରେ ସ୍କୁଲ ଏବଂ ଏହାର ଆଖପାଖ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ଦୁର୍ଘଟଣାରେ ୨୦ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଶତାଧିକ ଆହତ ହୋଇଛନ୍ତି। ଏହି ପ୍ଲେନ୍ କ୍ରାଶର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି, ଯେଉଁଥିରେ ସ୍କୁଲ ଛାତ୍ରୀଛାତ୍ରମାନେ ଜୀବନ ବିକଳରେ ଏଣେତେଣେ ଦୌଡୁଥିବାର ଦେଖିବାକୁ ମିଳିଛି।

ସ୍ଥାନୀୟ ଗଣମାଧ୍ୟମର ରିପୋର୍ଟ ଅନୁଯାୟୀ, ଏଫ୍-୭ ଟ୍ରେନର ବିମାନ ସୋମବାର ଦ୍ୱିପହର ୧.୦୬ରେ ଉଡ଼ାଣ ଆରମ୍ଭ କରିଥିଲା। ଏହାର ୨୪ ମିନିଟ୍ ପରେ ଏହା କ୍ରାଶ ହୋଇଯାଇଥିଲା। ତେବେ ଦୁର୍ଘଟଣାର କାରଣ ସମ୍ପର୍କରେ ବର୍ତ୍ତମାନ ସୁଦ୍ଧା ଜଣାପଡ଼ିନାହିଁ। ଏଫ୍-୭ ଏକ ଚାଇନିଜ୍ ବିମାନ ହୋଇଥିବା ନେଇ ଢାକାସ୍ଥିତ ହାଜରତ ଶାହଜଲାଲ ଇଣ୍ଟରନ୍ୟାଶନାଲ ଏୟାରପୋର୍ଟରେ ଜଣେ ବରିଷ୍ଠ ଅଧିକାରୀ ☞ପୃଷ୍ଠା-୪



ମାଇଲଷ୍ଟୋନ ସ୍କୁଲର କ୍ୟାମ୍ପସ ମଧ୍ୟରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି।

# ମୋଦିଙ୍କ ବିବୃତି ଦାବିରେ ବିରୋଧୀ ଅଟଳ


## ଅଧିବେଶନ ଆରମ୍ଭରୁ ସଂସଦରେ ହଟ୍ଟଗୋଳ

**ନୂଆଦିଲ୍ଲୀ, ୨୧।୭**

ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ଓ ଅପରେଶନ ସିନ୍ଦୂର ଉପରେ ଲୋକ ସଭାରେ ୧୬ ଘଣ୍ଟା ଆଲୋଚନା ପାଇଁ କେନ୍ଦ୍ର ସରକାର ସହମତି ପ୍ରକାଶ କରିଛନ୍ତି। ବିରୋଧୀ ଦଳଗୁଡ଼ିକ ଏହି ପ୍ରସଙ୍ଗରେ ଚଳିତ ସପ୍ତାହରେ ଆଲୋଚନା କରାଯାଉ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିଜେ ବିବୃତି ରଖନ୍ତୁ ବୋଲି ଦାବି କରିଥିବାବେଳେ ଆସନ୍ତା ସପ୍ତାହରେ ଏନେଇ ଆଲୋଚନା ହୋଇପାରେ।

ଲୋକ ସଭା ବାଚସ୍ପତି ଓମ୍ ବିର୍ଲାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବିଜ୍‌ନେସ୍ ଆଡ୍‌ଭାଇଜରି କମିଟି (ବିଏସି)ର ଏକ ବୈଠକରେ ବିଭିନ୍ନ ଦଳ ସଦସ୍ୟମାନେ ଯୋଗଦେଇଥିଲେ। ପ୍ରଧାନମନ୍ତ୍ରୀ ଚଳିତ ସପ୍ତାହରେ ବିଦେଶ ଗସ୍ତ କରିବାକୁ ଥିବାରୁ ଆସନ୍ତା ସପ୍ତାହରେ ସେ ଫେରିବା ପରେ ଏହା ଉପରେ ବିତର୍କ ହେଉ ବୋଲି ସରକାରଙ୍କ ପ୍ରତିନିଧିମାନେ ମତ ଦେଇଥିଲେ। ତେବେ ଏହି ପ୍ରସଙ୍ଗରେ ସରକାରଙ୍କ ଆଭିମୁଖ୍ୟ ସମ୍ପର୍କରେ ପ୍ରଧାନମନ୍ତ୍ରୀ ବକ୍ତବ୍ୟ ରଖିବେ କି ବୋଲି ପ୍ରଶ୍ନ କରାଯିବାରୁ ଏନେଇ ନିଷ୍ପତ୍ତି ହୋଇ ନ ଥିବା ସରକାରୀ ସୂତ୍ରରୁ ପ୍ରକାଶ।

ପ୍ରଧାନମନ୍ତ୍ରୀ ମୋଦି ତାଙ୍କ କ୍ୟାବିନେଟ୍‌ର ବରିଷ୍ଠ ସହଯୋଗୀମାନଙ୍କୁ



ରାଜ୍ୟ ସଭାରେ ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖାର୍ଗେ।

ଭେଟିଛନ୍ତି। ସେମାନେ ଶାସକ ମେଣ୍ଟର ରଣନୀତି ଉପରେ ନିଜ ନିଜ ମଧ୍ୟରେ ଆଲୋଚନା କରିଛନ୍ତି। ତେବେ ବିରୋଧୀ ସଦସ୍ୟମାନେ ସେମାନଙ୍କ ଦାବି ମୁତାବକ ଏହି ପ୍ରସଙ୍ଗ ବିତର୍କ ଚଳିତ ସପ୍ତାହରେ ସରକାରଙ୍କ କାର୍ଯ୍ୟସୂଚୀରେ ସ୍ଥାନ ପାଇ ନ ଥିବାରୁ ବିଏସି ବୈଠକରେ ପ୍ରତିବାଦ ଜଣାଇଛନ୍ତି। ପ୍ରଧାନମନ୍ତ୍ରୀ ବିବୃତି ରଖିବେ ଏବଂ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଓ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ମଧ୍ୟ ଉପସ୍ଥିତ ରହିବା ଉଚିତ ବୋଲି ସେମାନେ କହିଛନ୍ତି। ଏପରି କି କେତେଜଣ ବିରୋଧୀ ସଦସ୍ୟ ବିହାର ବିଧାନସଭା ଭୋଟ ପୂର୍ବରୁ ନିର୍ବାଚନ କମିଶନ (ଇସି) ଚଳାଇଥିବା ଭୋଟର ତାଲିକାର ସ୍ୱତନ୍ତ୍ର ସଂଶୋଧନ (ଏସ୍‌ଆଇଆର୍) ଏବଂ ମଣିପୁର ସ୍ଥିତି ଉପରେ ମଧ୍ୟ ଆଲୋଚନା ପାଇଁ ଦାବି କରିଛନ୍ତି। ଲୋକ ସଭା ଓ ରାଜ୍ୟ ସଭାରେ ଅଧିବେଶନ ଆରମ୍ଭରୁ ବିରୋଧୀଙ୍କ ହଟ୍ଟଗୋଳ ଯୋଗୁ ସଂସଦୀୟ କାର୍ଯ୍ୟ ବାଧାପ୍ରାପ୍ତ ହୋଇ ଅଚଳାବସ୍ଥା ସୃଷ୍ଟିହେବାରୁ ଉଭୟ ଗୃହକୁ ବାରମ୍ବାର ମୁଲତବୀ ଘୋଷଣା କରାଯାଇଥିଲା। ଶେଷରେ ଲୋକ ସଭା ଓ ରାଜ୍ୟ ସଭାକୁ ଦିନକ ପାଇଁ ମୁଲତବୀ କରାଯାଇଛି।

ସଂସଦର ମୌସୁମୀ ଅଧିବେଶନ ସୋମବାର ଆରମ୍ଭ ହେବା ମାତ୍ରେ ଅପରେଶନ ସିନ୍ଦୂର ଓ ଅନ୍ୟ ପ୍ରସଙ୍ଗଗୁଡ଼ିକ

### ପହଲଗାମ୍, ଅପରେଶନ ସିନ୍ଦୂର ଉପରେ ୧୬ ଘଣ୍ଟା ଆଲୋଚନା ପାଇଁ ସରକାର ରାଜି

ଉପରେ ଲୋକ ସଭାରେ ବିରୋଧୀ ବିତର୍କ ଦାବିକରି ହଙ୍ଗାମା କରିଥିଲେ। ଅପରାହ୍ନ ୪ଟା ପରେ ଗୃହକାର୍ଯ୍ୟ ପୁଣି ଆରମ୍ଭ ହେବାରୁ ବିରୋଧୀ ସଦସ୍ୟ ସରକାର ବିରୋଧୀ ସ୍ଲୋଗାନ ଦେଇଥିଲେ। ସରକାର ଏହି ପ୍ରସଙ୍ଗରେ ଦୀର୍ଘ ଆଲୋଚନା ପାଇଁ ପ୍ରସ୍ତୁତ ବୋଲି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଆଶ୍ୱାସନା ଦେଇଥିଲେ। ସେହିପରି ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ ବିରୋଧୀ ସଦସ୍ୟମାନଙ୍କୁ ସେମାନଙ୍କ ଦାବି ଅପରାହ୍ନ ୨ଟା ୩୦ରେ ଆରମ୍ଭ ହେବାକୁ ଥିବା ବିଏସି ବୈଠକରେ ଉପସ୍ଥାପନ କରିବାକୁ ଅନୁରୋଧ କରିଥିଲେ। କିନ୍ତୁ ବିରୋଧୀ ସଦସ୍ୟମାନେ ହଟ୍ଟଗୋଳ ଜାରି ରଖିଥିଲେ। ଉଚ୍ଚ ସଦନ ରାଜ୍ୟ ସଭାରେ ମଧ୍ୟ ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖାର୍ଗେ ଏହି ପ୍ରସଙ୍ଗ ଉଠାଇ କେନ୍ଦ୍ର ସରକାରଙ୍କୁ ଘେରିଥିଲେ। ଅପରେଶନ ସିନ୍ଦୂର ବେଳେ ଭାରତ-ପାକିସ୍ତାନ ଉପରେ ଚାପ ପକାଇ ଅସ୍ତ୍ରବିରତି କରାଇଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦାବି ପ୍ରସଙ୍ଗ ସେ ଉଠାଇଥିଲେ। ଖାର୍ଗେ କହିଥିଲେ, ଟ୍ରମ୍ପଙ୍କ ବାରମ୍ବାର ମଧ୍ୟସ୍ଥତା ଦାବି ଭାରତ ପାଇଁ ଅପମାନଜନକ। ସରକାର ଏହା ଉପରେ ସ୍ପଷ୍ଟୀକରଣ ଦିଅନ୍ତୁ। ଖାର୍ଗେଙ୍କ ସହ କଂଗ୍ରେସର ଅନ୍ୟ ସଦସ୍ୟମାନେ ମଧ୍ୟ ପ୍ରଧାନମନ୍ତ୍ରୀଙ୍କଠାରୁ ଉତ୍ତର ଦାବି କରିଥିଲେ। ଅନେକ ବିରୋଧୀ ସଦସ୍ୟ ପହଲଗାମ୍ ଓ ଅପରେଶନ ସିନ୍ଦୂର ଉପରେ ଆଲୋଚନା ପାଇଁ ରୁଲ୍ ୨୬୭ ଅଧୀନରେ ମୁଲତବୀ ନୋଟିସ ଦେଇଛନ୍ତି। ଏନେଇ ୨ ଦିନ ପାଇଁ ବିତର୍କ ହେଉ ଏବଂ ପ୍ରଧାନମନ୍ତ୍ରୀ ଉତ୍ତର ରଖନ୍ତୁ ବୋଲି ଖାର୍ଗେ ଦାବି କରିଛନ୍ତି। ଖାର୍ଗେ କହିଛନ୍ତି, ଏପ୍ରିଲ ୨୨ ପହଲଗାମ୍ ଆକ୍ରମଣର ଆତଙ୍କବାଦୀମାନଙ୍କୁ ଧରାଯାଇ ପାରିନାହିଁ କିମ୍ବା ମରାଯାଇ ପାରିନାହିଁ। ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ (ସିଡିଏସ୍) ଜେନେରାଲ ଅନିଲ ଚୌହାନ ଏବଂ ଜଣେ ବରିଷ୍ଠ କ୍ୟାପ୍‌ଟେନ୍ ଅପରେଶନ୍ ସିନ୍ଦୂର ସମ୍ପର୍କରେ କିଛି ପ୍ରଘଟ କରିଛନ୍ତି। ଏହା ବ୍ୟତୀତ ଟ୍ରମ୍ପ ମଧ୍ୟ ଅସ୍ତ୍ରବିରତି କରାଇଥିବା ନେଇ ୨୪ ଥର ଦାବି କଲେଣି। ଖାର୍ଗେଙ୍କ ଦାବି ଉପରେ ଗୃହର ନେତା ଜେ.ପି. ନଡ୍ଡା କହିଥିଲେ, ସରକାର ଏହି ସମସ୍ତ ପ୍ରସଙ୍ଗ ଉପରେ ଆଲୋଚନା ପାଇଁ ପ୍ରସ୍ତୁତ। ତେବେ ହଟ୍ଟଗୋଳ ମଧ୍ୟରେ ରାଜ୍ୟ ସଭା ଅଧ୍ୟକ୍ଷ ଜଗଦୀପ ଧନକର ଶେଷରେ ଗୃହକୁ ଦିନକ ପାଇଁ ମୁଲତବୀ ଘୋଷଣା କରିଥିଲେ।



ପାର୍ଲାମେଣ୍ଟ ମୌସୁମୀ ଅଧିବେଶନର ପ୍ରଥମ ଦିନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗଣମାଧ୍ୟମକୁ ସମ୍ବୋଧନ କରୁଛନ୍ତି। ତାଙ୍କ ସହ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ, ରାଷ୍ଟ୍ରମନ୍ତ୍ରୀ ଜିତେନ୍ଦ୍ର ସିଂ, ଅର୍ଜୁନରାମ ମେଘୱାଲ ଏବଂ ଏଲ୍. ମୁରୁଗାନ୍ ଉପସ୍ଥିତ।

## ସଂକ୍ଷେପରେ

### ଷ୍ଟାଲିନ୍ ଅସୁସ୍ଥ, ହସ୍ପିଟାଲରେ ଭର୍ତ୍ତି



**ଚେନ୍ନାଇ, ୨୧।୭(ପି.ଟି.)**

ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ ହଠାତ୍ ଅସୁସ୍ଥ ହୋଇପଡ଼ିବାରୁ ତାଙ୍କୁ ଚେନ୍ନାଇସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଷ୍ଟାଲିନ୍ ସବୁଦିନ ଭଳି ସୋମବାର ସକାଳେ ପ୍ରାତଃଭ୍ରମଣ କରୁଥିବାବେଳେ ଦୁର୍ବଳ ଅନୁଭବ କରିଥିଲେ। ପରେ ତାଙ୍କୁ ଆପୋଲୋ ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ସେ ଚିକିତ୍ସାଧୀନ ଥିବା ଓ ଆରୋଗ୍ୟ ଲାଭ କରୁଥିବା ନେଇ ରାଜ୍ୟ ଜଳସମ୍ପଦ ମନ୍ତ୍ରୀ ଦୁରାଇମୁରୁଗାନ୍ ସୂଚନା ଦେଇଛନ୍ତି।

### ଆନ୍ଧ୍ର ମଦ ଦୁର୍ନୀତି ଚାର୍ଜଶିଟ୍‌ରେ ଜଗନମୋହନଙ୍କ ନାଁ

**ମାସକୁ ୫୦ରୁ ୬୦ କୋଟି ପାଉଥିଲେ**

**ଅମରାବତୀ, ୨୧।୭**

ଆନ୍ଧ୍ରପ୍ରଦେଶରେ ହୋଇଥିବା ୩,୫୦୦ କୋଟି ଟଙ୍କାର ମଦ ଦୁର୍ନୀତି ମାମଲାରେ ରାଜ୍ୟ ପୋଲିସ ଶନିବାର ସ୍ଥାନୀୟ ଅଦାଲତରେ ଚାର୍ଜଶିଟ୍ ଦାଖଲ କରିଛି। ଏହି ଦୁର୍ନୀତିରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ୱାଇ.ଏ. ଜଗନମୋହନ ରେଡ୍ଡୀ ମାସିକ ହାରାହାରି ୫୦ରୁ ୬୦ କୋଟି ଟଙ୍କା ଲାଞ୍ଚ ପାଉଥିଲେ ବୋଲି ଅଭିଯୋଗ ଫର୍ଦ୍ଦରେ ଦର୍ଶାଯାଇଛି। ତେବେ ୩୦୫ ପୃଷ୍ଠାର ଏହି ଚାର୍ଜଶିଟ୍‌ରେ ଜଗନମୋହନଙ୍କୁ ଅଭିଯୁକ୍ତ ଦର୍ଶାଯାଇ ନାହିଁ। ସଂଗୃହୀତ ଟଙ୍କାକୁ ପ୍ରଥମ ଅଭିଯୁକ୍ତ କେସିରେଡ୍ଡୀ ରାଜଶେଖର ରେଡ୍ଡୀଙ୍କୁ ହସ୍ତାନ୍ତର କରାଯାଉଥିଲା। ସେ ଏହାକୁ ଅନ୍ୟ ଅଭିଯୁକ୍ତ ବିଜୟ ସାଇ ରେଡ୍ଡୀ, ମିଥୁନ ରେଡ୍ଡୀ ଏବଂ ବାଲାଜୀଙ୍କ ପାଖକୁ ପଠାଉଥିଲେ।



ୱାଇ.ଏ. ଜଗନମୋହନ ରେଡ୍ଡୀ

ସେମାନେ ଉକ୍ତ ଟଙ୍କାକୁ ଜଗନମୋହନଙ୍କ ପାଖକୁ ଟ୍ରାନ୍ସଫର କରୁଥିଲେ ବୋଲି ଚାର୍ଜଶିଟ୍‌ରେ ଉଲ୍ଲେଖ ରହିଛି। ରାଜଶେଖର ହେଉଛନ୍ତି ମଦ ଦୁର୍ନୀତିର ମାଷ୍ଟରମାଇଣ୍ଡ ଏବଂ ଅନ୍ୟତମ ଷଡ଼ଯନ୍ତ୍ରକାରୀ। ଅବକାରୀ ନୀତିରେ ଜାଲିଆତି କରିବାରେ ସେ ପ୍ରଭାବ ପକାଇବା ସହ ଓଏଫ୍‌ଏସ୍(ଯୋଗାଣ ନିର୍ଦ୍ଦେଶ) ବଦଳାଇବାରେ ସାମିଲ ଥିଲେ ଏବଂ ଆନ୍ଧ୍ରପ୍ରଦେଶ ରାଜ୍ୟ ପାନୀୟ ନିଗମ ଲିଃରେ ନିଜ ଅନୁଗତଙ୍କୁ ରଖାଇଥିଲେ।

## ବୋଟ୍‌ରେ ନିଆଁ ଲାଗି ୫ ମୃତ



**ମନାଡୋ(ଇଣ୍ଡୋନେସିଆ), ୨୧।୭**

ଇଣ୍ଡୋନେସିଆର ସୁଲାୱେସି ଦ୍ୱୀପ ନିକଟବର୍ତ୍ତୀ ସମୁଦ୍ରରେ ରବିବାର ଏକ ଯାତ୍ରୀବାହୀ ବୋଟ୍‌ରେ ନିଆଁ ଲାଗିଯାଇ ଅନ୍ୟୁନ ୫ ଜଣଙ୍କ ମୃତ୍ୟୁ ଘଟିଛି। ବୋଟ୍‌ରୁ ୨୮୪ ଜଣଙ୍କୁ ଉଦ୍ଧାର କରାଗଲାଣି। କେଏମ୍ ବାର୍ସେଲୋନା୫ ନାମକ ଏହି ବୋଟ୍‌ଟି ତଲାଉଦ୍‌ରୁ ଉତ୍ତର ସୁଲାୱେସି ପ୍ରଦେଶର ରାଜଧାନୀ ମନାଡୋ ଅଭିମୁଖେ ଯାଉଥିବାବେଳେ ଟାଲିସେ ନିକଟରେ ନିଆଁ ଲାଗିଯାଇଥିଲା। ଉଦ୍ଧାର କାର୍ଯ୍ୟରେ ନୌସେନାର ୩ଟି ଜାହାଜକୁ ନିୟୋଜିତ କରାଯାଇଛି। ସ୍ଥାନୀୟ ମତ୍ସ୍ୟଜୀବୀମାନେ ମଧ୍ୟ କେତେଜଣ ଯାତ୍ରୀଙ୍କୁ ଉଦ୍ଧାର କରିଛନ୍ତି। ବୋଟ୍‌ରେ ମୋଟ କେତେ ଯାତ୍ରୀ ଓ କର୍ମଚାରୀ ଥିଲେ ତାହା ସ୍ପଷ୍ଟ ହୋଇନାହିଁ।

## କେରଳର ପୂର୍ବତନ ମୁଖ୍ୟମନ୍ତ୍ରୀ ଭି.ଏସ୍. ଅଚ୍ୟୁତାନନ୍ଦନଙ୍କ ପରଲୋକ

**ଥିରୁଭାନନ୍ତପୁରମ, ୨୧।୭**

ଭେଟାରାନ ବାମପନ୍ଥୀ ନେତା ତଥା ପୂର୍ବତନ କେରଳ ମୁଖ୍ୟମନ୍ତ୍ରୀ ଭି.ଏସ୍. ଅଚ୍ୟୁତାନନ୍ଦନଙ୍କର ସୋମବାର ୧୦୧ ବର୍ଷ ବୟସରେ ପରଲୋକ ହୋଇଯାଇଛି। ଥିରୁଭାନନ୍ତପୁରମର ଏକ ଘରୋଇ ହସ୍ପିଟାଲରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ଗତ ଜୁନ୍ ୨୩ରେ ଥିରୁଭାନନ୍ତପୁରମରେ ନିଜ ପୁଅଙ୍କ ବାସଭବନରେ ଥିବା ସମୟରେ ତାଙ୍କର ହୃଦ୍‌ଘାତ ହୋଇଥିଲା। ଏହାପରଠାରୁ ସେ ହସ୍ପିଟାଲର ଇଣ୍ଟେନ୍‌ସିଭ କେୟାର ୟୁନିଟ(ଆଇସିୟୁ)ରେ ଭେଣ୍ଟିଲେଟର



ସପୋର୍ଟରେ ଥିଲେ। କେରଳ ରାଜନୀତିରେ ତାଙ୍କର ବହୁ ପ୍ରଭାବ ରହିଥିଲା। ୨୦୦୧ରୁ ୨୦୦୬ ମଧ୍ୟରେ ଅଚ୍ୟୁତାନନ୍ଦନ କେରଳ ବିଧାନସଭାରେ ବିରୋଧୀ ଦଳ ନେତା ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ୨୦୦୬ରେ ତାଙ୍କ ନେତୃତ୍ୱରେ କେରଳରେ ଲେଫ୍ଟ ଡେମୋକ୍ରାଟିକ୍ ଫ୍ରଣ୍ଟ(ଏଲ୍‌ଡିଏଫ୍) ସରକାର ଗଠନ କରିଥିଲା। ୨୦୦୬ରୁ ୨୦୧୧ ଯାଏ ରାଜ୍ୟର ମୁଖ୍ୟମନ୍ତ୍ରୀ ଭାବେ ସେ ଦାୟିତ୍ୱ ନିର୍ବାହ କରିଥିଲେ। ୨୦୧୧ରେ ତାଙ୍କ ନେତୃତ୍ୱାଧୀନ ଏଲ୍‌ଡିଏଫ୍ ଅଳ୍ପ ବ୍ୟବଧାନରେ କଂଗ୍ରେସ ନେତୃତ୍ୱାଧୀନ ୟୁନାଇଟେଡ୍ ଡେମୋକ୍ରାଟିକ୍ ଫ୍ରଣ୍ଟ(ୟୁଡିଏଫ୍)ଠାରୁ ପରାସ୍ତ ହୋଇଥିଲା। କେରଳ ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନ୍ ଅଚ୍ୟୁତାନନ୍ଦନଙ୍କ ମୃତ୍ୟୁକୁ ନେଇ ଶୋକ ପ୍ରକଟ କରିଛନ୍ତି।

## ସିବିଏସ୍‌ଇ ସ୍କୁଲରେ ସିସିଟିଭି ବାଧ୍ୟତାମୂଳକ


**ନୂଆଦିଲ୍ଲୀ, ୨୧।୭**

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ) ସ୍କୁଲଗୁଡ଼ିକରେ ଛାତ୍ରୀଛାତ୍ରଙ୍କ ସୁରକ୍ଷା ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବା ପାଇଁ ସିସିଟିଭି କ୍ୟାମେରା ସଂଯୋଗକୁ ବାଧ୍ୟତାମୂଳକ କରିଛି। ବୋର୍ଡ ପକ୍ଷରୁ ଏହାର ଆଫିଲିଏଶନ୍ ବାଇଲଜ୍-୨୦୧୮ରେ ଥିବା ଚାପ୍ଟର ୪ (ଫିଜିକାଲ ଇନ୍‌ଫ୍ରାଷ୍ଟ୍ରକ୍ଚର)ରେ ସଂଶୋଧନ ଅଣାଯାଇଛି। ସ୍କୁଲଗୁଡ଼ିକରେ ପିଲାଙ୍କ ନିରାପତ୍ତା ଓ ସୁରକ୍ଷା ସମ୍ପର୍କିତ ଏନ୍‌ସିପିସିଆର୍ ମାନୁଆଲ କ୍ଲଜ୍ ୧(୫) ଅନୁସାରେ ବିଦ୍ୟାଳୟଗୁଡ଼ିକରେ ସିସିଟିଭି ସଂଲଗ୍ନ ସହ ଏହାକୁ ନିୟମିତ ଭାବେ ପରିଚାଳନା ଓ ଅନୁଧ୍ୟାନ କରାଯିବ। ଏହି ଆଧାରରେ ସିବିଏସ୍‌ଇ ସମସ୍ତ ସହଅନୁବନ୍ଧିତ ସ୍କୁଲରେ ହାଇ-ରେଜୋଲ୍ୟୁଶନ୍ ସିସିଟିଭି କ୍ୟାମେରା ସଂଲଗ୍ନ କରିବାକୁ ନିର୍ଦ୍ଦେଶ ଦେଇଛି। ସିସିଟିଭି କ୍ୟାମେରାଗୁଡ଼ିକ ଜରିଆରେ ସମସ୍ତ ଗୁରୁତ୍ୱପୂର୍ଣ୍ଣ ସ୍ଥାନର ରିଅଲ୍-ଟାଇମ୍ ଅଡିଓ-ଭିଜୁଆଲ ରେକର୍ଡିଂ ରହିବ। ସମସ୍ତ ପ୍ରବେଶ ଓ ପ୍ରସ୍ଥାନ ଦ୍ୱାର, ଲବି ଓ କରିଡର, ଶିଡ଼ି, ଶ୍ରେଣୀଗୃହ, ଲାଇବ୍ରେରି, ଲାବରେଟୋରି, କ୍ୟାଣ୍ଟିନ୍, ଷ୍ଟୋର ରୁମ୍, ଖେଳପଡ଼ିଆ ଏବଂ ଅନ୍ୟ କମନ୍ ଏରିଆରେ ସିସିଟିଭି କ୍ୟାମେରା ରହିବା ଜରୁରୀ। ତେବେ ଟଏଲେଟ୍, ୱାଶ୍‌ରୁମ୍ ଭଳି ସ୍ଥାନକୁ ଏଥିରୁ ବାଦ୍ ଦିଆଯାଇଛି। ପ୍ରତ୍ୟେକ ସିସିଟିଭି ସିଷ୍ଟମ୍‌ରେ ଅନ୍ୟୁନ ୧୫ ଦିନ ଧରି ଫୁଟେଜ୍ ମହଜୁଦ ରହିବା ଭଳି ସାମର୍ଥ୍ୟ ଥିବା ଜରୁରୀ, ଯାହାକୁ ଆବଶ୍ୟକ ସ୍ଥଳେ କର୍ତ୍ତୃପକ୍ଷ ଯାଞ୍ଚ କରିପାରିବେ। ଛାତ୍ରୀଛାତ୍ରଙ୍କ ସୁରକ୍ଷା ଓ ନିରାପତ୍ତାକୁ ସୁନିଶ୍ଚିତ କରିବା ପାଇଁ ପ୍ରତ୍ୟେକ ଆଫିଲିଏଟେଡ୍ ସ୍କୁଲ ଏହାକୁ କଡ଼ାକଡ଼ି ଭାବେ ପାଳନ କରିବେ ବୋଲି ବୋର୍ଡ ଗୁରୁତ୍ୱାରୋପ କରିଛି।

## ପରିବା ବିକାଳିଙ୍କୁ ୨୯ ଲକ୍ଷର ଜିଏସ୍‌ଟି ନୋଟିସ

**ହାଭେରୀ, ୨୧।୭**

କର୍ନାଟକରେ ଜଣେ ପନିପରିବା ବିକ୍ରେତା ଶଙ୍କରଗୌଡ଼ା ହଦିମନି ଏବେ ଚର୍ଚ୍ଚାରେ ରହିଛନ୍ତି। ତାଙ୍କୁ ଜିଏସ୍‌ଟି ଅଧିକାରୀଙ୍କ ପକ୍ଷରୁ ୨୯ ଲକ୍ଷ ଟଙ୍କାର ଜିଏସ୍‌ଟି ନୋଟିସ୍ ଆସିଛି। ସ୍ଥାନୀୟ ହାଭେରି ମୁନିସିପାଲିଟି ହାଇସ୍କୁଲ ନିକଟରେ ତାଙ୍କର ଏକ ପନିପରିବା ଦୋକାନ ରହିଛି। ସେହି ଦୋକାନରେ ସେ ଗତ ୪ ବର୍ଷ ଧରି ପନିପରିବା ବିକ୍ରି କରି ନିଜ ଜୀବିକା ନିର୍ବାହ କରୁଛନ୍ତି। ତାଙ୍କର ଅଧିକାଂଶ ଗ୍ରାହକ ୟୁପିଆଇ କିମ୍ବା ଅନ୍ୟାନ୍ୟ ଡିଜିଟାଲ ପ୍ଲାଟଫର୍ମ ମାଧ୍ୟମରେ ପେମେଣ୍ଟ କରୁଥିବାରୁ ଏହା ତାଙ୍କ ପାଇଁ ବଡ଼ ସମସ୍ୟା ପାଲଟିଛି। ଜିଏସ୍‌ଟି ଅଧିକାରୀ ଶଙ୍କରଗୌଡ଼ାଙ୍କୁ ଏକ ନୋଟିସ୍ ପଠାଇଛନ୍ତି, ଯେଉଁଥିରେ



କୁହାଯାଇଛି, ଗତ ୪ ବର୍ଷ ମଧ୍ୟରେ ତାଙ୍କ ବ୍ୟାଙ୍କ ଆକାଉଣ୍ଟରୁ ୧.୬୩ କୋଟି ଟଙ୍କାର କାରବାର ହୋଇଛି। ଏହି ଅନୁଯାୟୀ, ତାଙ୍କୁ ୨୯ ଲକ୍ଷ ଟଙ୍କାର ଜିଏସ୍‌ଟି ଦେବାକୁ ପଡ଼ିବ। ଏହି ନୋଟିସ୍ ପାଇ ଶଙ୍କରଗୌଡ଼ା କହିଛନ୍ତି, ସେ କୃଷକଙ୍କଠାରୁ ତାଜା ପନିପରିବା କିଣି ନିଜର ଛୋଟ ଦୋକାନରେ ଏହାକୁ ବିକ୍ରି କରିଥାନ୍ତି। ଅଧିକାଂଶ ଗ୍ରାହକ କିଣିଥିବା ପନିପରିବାର ପେମେଣ୍ଟ ୟୁପିଆଇ ଜରିଆରେ କରିଥାନ୍ତି। ସମ୍ପ୍ରତି ନଗଦ ଟଙ୍କା କାରବାର କମ୍ ହୋଇଛି ଏବଂ ଅଧିକାଂଶ କାରବାର ଡିଜିଟାଲ ମାଧ୍ୟମରେ ହେଉଥିବା ସେ ସ୍ୱୀକାର କରିଛନ୍ତି। ପ୍ରତିବର୍ଷ ସେ ଆୟକର ରିଟର୍ନ ଫାଇଲ କରନ୍ତି ଏବଂ ଏହାର ରେକର୍ଡ ମଧ୍ୟ ରଖନ୍ତି ବୋଲି ଶଙ୍କରଗୌଡ଼ା କହିଛନ୍ତି। ୨୯ ଲକ୍ଷ ଟଙ୍କା ଭରିବା ତାଙ୍କ ପକ୍ଷେ ଅସମ୍ଭବ ବୋଲି ସେ କହିଛନ୍ତି। କର୍ନାଟକରେ ଏହି ମାମଲା ସାମ୍ନାକୁ ଆସିବା ପରେ କିଛି ଛୋଟ ବିକ୍ରେତା ଗ୍ରାହକଙ୍କଠାରୁ ୟୁପିଆଇ ପେମେଣ୍ଟ ସ୍ୱୀକାର କରିବା ବନ୍ଦ କରିବା ସହ କେବଳ ନଗଦ କାରବାର କରୁଛନ୍ତି।

## ୟୁଏଇ ଆପାର୍ଟମେଣ୍ଟରୁ ମିଳିଲା ଭାରତୀୟ ମହିଳାଙ୍କ ମୃତଦେହ

**ଶାରଜା, ୨୧।୭**

ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ରେ ଜଣେ ଭାରତୀୟ ମହିଳାଙ୍କର ମୃତ୍ୟୁ ହୋଇଯାଇଛି। ମୃତ ମହିଳା ହେଉଛନ୍ତି କେରଳର ଅତୁଲ୍ୟା ଶେଖର। ରବିବାର ଶାରଜାସ୍ଥିତ ନିଜ ଆପାର୍ଟମେଣ୍ଟରୁ ତାଙ୍କ ମୃତଦେହ ଜବତ ହୋଇଛି। ଅତୁଲ୍ୟାଙ୍କ ଗଳା ଚିପି ସ୍ୱାମୀ ସତୀଶ ହତ୍ୟା କରିଥିବା ନେଇ କେରଳରେ ଥିବା ତାଙ୍କ ବାପଘର ଲୋକେ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ କେରଳ ପୋଲିସ ଅତୁଲ୍ୟାଙ୍କ ସ୍ୱାମୀଙ୍କ ବିରୋଧରେ ମାମଲା ରୁଜୁ କରିଛି।



ଅତୁଲ୍ୟା ଶେଖର

## ଫୁରସତ୍

# ୩୦ ଲକ୍ଷ ଗଲା, ପ୍ରେମିକାଙ୍କୁ ବି ପାଇଲେନି

**ପ୍ୟାରିସ୍**

ବେଲଜିୟମର ମିଚେଲ ନାମକ ଜଣେ ବ୍ୟକ୍ତି ତାଙ୍କ ଭାବୀ ସ୍ତ୍ରୀ ସୋଫି ଭୁଜେଲାଉଡ୍‌ଙ୍କୁ ଫ୍ରାନ୍ସରେ ଥିବା ତାଙ୍କ ଘରେ ଭେଟିବା ପାଇଁ ୪୭୨ ମାଇଲ (ପ୍ରାୟ ୭୫୬ କି.ମି.) ଯାତ୍ରା କରିଥିଲେ। ତେବେ ସେ ସୋଫିଙ୍କ ବାସଭବନରେ ପହଞ୍ଚିବା ପରେ ସର୍ବପ୍ରଥମେ ତାଙ୍କ ସ୍ୱାମୀ ଫାବିଏନ୍ ବୁଟାମାଇନଙ୍କୁ ଭେଟିଥିଲେ। ତାଙ୍କ ଭାବୀ ସ୍ତ୍ରୀ ବିବାହିତ ଥିବା ଏବଂ ସେ ଠକାମିରେ ପଡ଼ିଥିବା ଜାଣି ମିଚେଲ ନିରାଶ ହୋଇ ଫେରିଥିଲେ।

ଜଣେ ଲୋକପ୍ରିୟ ଫ୍ରେଞ୍ଚ୍ ମଡେଲ ଭାବେ ସୋଫି ବେଶ୍ ପରିଚିତ। ସେ ମିସ୍ ଫ୍ରାନ୍ସ ୨୦୦୭ ପ୍ରତିଯୋଗିତାରେ ପ୍ରଥମ ରନର୍ ଅପ୍ ହୋଇଥିଲେ। ନିକଟରେ ସେ ତାଙ୍କ ଇନ୍‌ଷ୍ଟାଗ୍ରାମରେ ଏକ ଭିଡିଓ ଅପ୍‌ଲୋଡ କରିଛନ୍ତି, ଯେଉଁଥିରେ ତାଙ୍କ ସ୍ୱାମୀ ଫାବିଏନ୍ କହୁଛନ୍ତି, ମିଚେଲ



ଫ୍ରେଞ୍ଚ୍ ମଡେଲ ସୋଫି ଭୁଜେଲାଉଡ୍

ନାମକ ଜଣେ ବ୍ୟକ୍ତି ତାଙ୍କ ଘରକୁ ଆସି ସୋଫିଙ୍କର ଭାବୀ ସ୍ୱାମୀ ବୋଲି ନିଜକୁ ଦାବି କରୁଛନ୍ତି। ଚାଲନ୍ତୁ କ୍ୟାମେରା ସମ୍ମୁଖରେ ତାଙ୍କୁ ପଚାରିବା ଘଟଣା କ’ଣ। ଏହାପରେ ଫାବିଏନ୍ ଯାଇ ମିଚେଲଙ୍କୁ କହିଥିଲେ, ସେ ହେଉଛନ୍ତି ସୋଫିଙ୍କର ସ୍ୱାମୀ ଫାବିଏନ୍। ଏହାକୁ ମିଚେଲ ବିଶ୍ୱାସ କରିପାରି ନ ଥିଲେ। କିଛି ସମୟର କଥାବାର୍ତ୍ତା ପରେ ସୋଫିଙ୍କ ଫଟୋ ଥିବା ଏକ ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟ ସହ ସେ ଦୀର୍ଘ ଦିନ ଧରି ଚାଟିଂ କରି ଆସୁଛନ୍ତି ଏବଂ ଉଭୟେ ପରସ୍ପରକୁ ପ୍ରେମ କରୁଥିବା ନେଇ ମିଚେଲ କହିଥିଲେ। ଏପରିକି ସୋଫି ତାଙ୍କୁ ବିବାହ କରିବା ପାଇଁ ରାଜି ହୋଇଥିଲେ ଏବଂ ତାଙ୍କୁ ନିଜ ବାସଭବନକୁ ଡକାଇଥିଲେ ବୋଲି ମିଚେଲ କହିଥିଲେ। ଏହାପରେ ମିଚେଲ ସୋଫିଙ୍କ ସହ ତାଙ୍କ ଚାଟିଂକୁ ଫାବିଏନ୍‌ଙ୍କୁ ଦେଖାଇଥିଲେ। ଉକ୍ତ ଚାଟିଂ ଦେଖି ଫାବିଏନ୍ କହିଥିଲେ, ଏହା ସୋଫିଙ୍କ ଆକାଉଣ୍ଟ ନୁହେଁ। ଏହା ତାଙ୍କ ନାମରେ ଖୋଲା ଯାଇଥିବା କୌଣସି ଫେକ୍ ଆକାଉଣ୍ଟ। ଏପରି ବୋକା କିପରି ହୋଇ ପାରିଲ ବୋଲି ସେ ମିଚେଲଙ୍କୁ ପ୍ରଶ୍ନ କରିଥିଲେ। ଠକାମିର ଶିକାର ହୋଇଥିବା ଜାଣି ମିଚେଲ ଦୁଃଖ ପ୍ରକାଶ କରିଥିଲେ। ସେ ସୋଫିଙ୍କ ସହ ଚାଟିଂ କରୁଥିବା ଭାବି ଫେକ୍ ଆକାଉଣ୍ଟ କରିଥିବା ବ୍ୟକ୍ତିଙ୍କୁ ବର୍ତ୍ତମାନ ସୁଦ୍ଧା ମୋଟ ୩୫ ହଜାର ଡଲାର (ପ୍ରାୟ ୩୦ ଲକ୍ଷ ଟଙ୍କା) ଦେଇ ସାରିଥିବା ପ୍ରକାଶ କରିଥିଲେ। ଶେଷରେ ନିଜେ ସୋଫି ମିଚେଲଙ୍କୁ ଦେଖା କରିଥିଲେ। ତାଙ୍କ ନାଁରେ ମିଚେଲ ସମ୍ମୁଖୀନ ହୋଇଥିବା ଠକେଇ ପାଇଁ ସୋଫି ଦୁଃଖ ପ୍ରକାଶ କରିଥିଲେ। ଉକ୍ତ ନକଲି ଆକାଉଣ୍ଟ ସହ କରିଥିବା ସମସ୍ତ ଚାଟିଂ ଏବଂ ଅନ୍ୟ ସମସ୍ତ ପ୍ରମାଣକୁ ସୁରକ୍ଷିତ ରଖି ପୋଲିସ ନିକଟରେ ଅଭିଯୋଗ କରିବା ପାଇଁ ସେ ମିଚେଲଙ୍କୁ ପରାମର୍ଶ ଦେଇଥିଲେ। ସେହିପରି ବିଭିନ୍ନ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମର ବ୍ୟବହାର ସମୟରେ ସତର୍କ ରହିବାକୁ ସେ ମିଚେଲଙ୍କୁ ସତର୍କ କରାଇଥିଲେ। ସୋଫି ତାଙ୍କ ପୋଷ୍ଟର କ୍ୟାପ୍‌ଶନ୍‌ରେ ଲେଖିଛନ୍ତି, ଏହି ବ୍ୟକ୍ତି ଜଣକ ପାଇଁ ମୁଁ ଦୁଃଖିତ। ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମରେ ଫେକ୍ ଆକାଉଣ୍ଟ ପ୍ରତି ସତର୍କ ରୁହନ୍ତୁ। ବିଭିନ୍ନ ନକଲି ଆକାଉଣ୍ଟ ମାଧ୍ୟମରେ ଲୋକମାନେ କିପରି ଠକାମିର ଶିକାର ହେଉଛନ୍ତି, ତାହା ଜଣାଇବା ପାଇଁ ଏହି ଭିଡିଓ ଶେୟାର କରିଛି।

# ୧୦୦ କୋଟି କ୍ଲବ୍‌ରେ ‘ସୈୟାରା’

**ମୁମ୍ବାଇ**

ମୋହିତ ସୁରୀଙ୍କ ନିର୍ଦ୍ଦେଶିତ ‘ସୈୟାରା’ ଫିଲ୍ମ ବକ୍ସ ଅଫିସ୍‌ରେ ଲୋକପ୍ରିୟ ହେବାରେ ଲାଗିଛି। ଏହି ଫିଲ୍ମ ଯୋଗେ ଅଭିନେତା ଅହାନ ପାଣ୍ଡେ ଏବଂ ଅଭିନେତ୍ରୀ ଅନୀତ ପଡ୍ଡା ବଲିଉଡ୍‌ରେ ଡେବ୍ୟୁ କରିଛନ୍ତି। ଫିଲ୍ମରେ ଉଭୟଙ୍କ ଲଭ୍ କେମେଷ୍ଟ୍ରିକୁ ଦର୍ଶକ ଖୁବ୍ ପସନ୍ଦ କରୁଛନ୍ତି। ବିଭିନ୍ନ ରିପୋର୍ଟ ଅନୁଯାୟୀ, ରିଲିଜ୍ ହେବାର ପ୍ରଥମ ୩ ଦିନ ମଧ୍ୟରେ ‘ସୈୟାରା’ ଫିଲ୍ମ ୧୦୦ କୋଟି କ୍ଲବ୍‌ରେ ପହଞ୍ଚିଛି। ସାକ୍‌ନିଲ୍କର ରିପୋର୍ଟ ଅନୁଯାୟୀ, ରବିବାର ମଧ୍ୟରାତ୍ରି ସୁଦ୍ଧା ଏହି ଫିଲ୍ମ କେବଳ ଭାରତୀୟ ସିନେମା ହଲଗୁଡ଼ିକରୁ ୮୩ କୋଟି ଟଙ୍କା ସଂଗ୍ରହ କରିଥିବା ବେଳେ ବିଶ୍ୱବ୍ୟାପୀ ଏହା ୧୧୫ କୋଟିର ବ୍ୟବସାୟ କରିଛି। ଏହି ଫିଲ୍ମ କେବଳ ରବିବାର ଭାରତୀୟ ସିନେମାହଲ୍‌ଗୁଡ଼ିକରୁ ୩୭ କୋଟିର ବ୍ୟବସାୟ କରିଛି। ସେହିପରି ପିଙ୍କଭିଲାର ରିପୋର୍ଟ ଅନୁଯାୟୀ, ଏହି ଫିଲ୍ମ ରିଲିଜ୍



ହେବାର ପ୍ରଥମ ୩ ଦିନ ମଧ୍ୟରେ ଘରୋଇ ବକ୍ସ ଅଫିସ୍‌ରୁ ୯୬.୭୫ କୋଟି ଏବଂ ବିଦେଶରୁ ୧୨.୨୫ କୋଟି ଟଙ୍କାର ବ୍ୟବସାୟ କରିଛି। ଏହିପରି ଭାବେ ପ୍ରଥମ ୩ ଦିନରେ ‘ସୈୟାରା’ ଫିଲ୍ମ ୧୦୯ କୋଟି ଟଙ୍କାର ବ୍ୟବସାୟ କରିଥିବା ନେଇ ପିଙ୍କଭିଲ୍ଲା କହିଛି। ପ୍ରକାଶ ଯେ, ‘ସୈୟାରା’ ଫିଲ୍ମର କାହାଣୀକୁ ସଂକଳ୍ପ ସଦାନହ ଏବଂ ରୋହନ ଶଙ୍କର ଲେଖିଛନ୍ତି।




# ୭ ସାଇକେଲକୁ ନେଇ ତନାଘନା

**ବାଲେଶ୍ୱର,୨୧।୭(ବାଞ୍ଛାନିଧି ଦେ)**

ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଇଣ୍ଟିଗ୍ରେଟେଡ୍ ବିଏଡ୍ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମାହୁତି ଘଟଣାର ପ୍ରକୃତ ରହସ୍ୟ ଜାଣିବା ପାଇଁ ଚାଲିଛି ଜୋର୍‌ଦାର ତନାଘନା। ୟୁଜିସି ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍, କ୍ରାଇମବ୍ରାଞ୍ଚ ଟିମ୍ ଓ ଉଚ୍ଚଶିକ୍ଷା ବିଭାଗର ଉଚ୍ଚସ୍ତରୀୟ ତଦନ୍ତ କମିଟି ପକ୍ଷରୁ ଖୋଳତାଡ଼ ଜାରି ରହିଛି। ବିଶେଷକରି କ୍ରାଇମବ୍ରାଞ୍ଚ ଟିମ୍ ଘଟଣା ଉପରୁ ପରଦା ହଟାଇବା ଦିଗରେ ବିଭିନ୍ନ ଦିଗକୁ ନେଇ ତଦନ୍ତ ଜାରି ରଖିଛି।

ସୋମବାର କ୍ରାଇମବ୍ରାଞ୍ଚର ସିଏଡବ୍ଲ୍ୟୁ ଆଣ୍ଡ ସିଡବ୍ଲ୍ୟୁ ଶାଖା ଡିଏସ୍‌ପି ଇମାନ କଲ୍ୟାଣ ନାୟକ, ଇନ୍ସପେକ୍ଟର ପାଞ୍ଚାଳି ରାଉତ ପୁଣି ମହାବିଦ୍ୟାଳୟରେ ପହଞ୍ଚି ୨ଘଣ୍ଟା ଧରି ଘଟଣାର ବିଭିନ୍ନ ଦିଗ ଉପରେ ତଦନ୍ତ କରିଥିଲେ। ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର ଫିରୋଜ ପାଢ଼ୀ, ଆଇସିସି ସଦସ୍ୟା ଓ କେତେଜଣ ଛାତ୍ରୀଛାତ୍ରଙ୍କୁ ପଚରାଉଚରା କରିଥିଲେ। ଅପରପକ୍ଷରେ



ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ ସମ୍ମୁଖରେ କ୍ରାଇମବ୍ରାଞ୍ଚ ଟିମ୍।

**ସୌମ୍ୟାଶ୍ରୀ ଆତ୍ମାହୁତି ମାମଲା**

- ବଢୁଛି ସସପେନ୍ସ, ହଟୁନି ପରଦା
- ପୁଣି ପହଞ୍ଚିଲେ କ୍ରାଇମବ୍ରାଞ୍ଚ ଟିମ୍

କଲେଜ ଷ୍ଟୋର୍ ରୁମ୍‌ରେ ଥିବା ୭ଟି ସାଇକେଲକୁ ନେଇ ସନ୍ଦେହ ଦେଖାଦେଇଛି। ଘଟଣା ଘଟିବା ଦିନ ଠାରୁ ଛାତ୍ରୀଛାତ୍ର ଏହି ୭ଟି ସାଇକେଲ କଲେଜରୁ ନ ନେଇ ପଳାଇଥିବା ଦେଖିବାକୁ ମିଳିଥିଲା। ଏହାପରେ କଲେଜ କର୍ତ୍ତୃପକ୍ଷ ଷ୍ଟୋର ରୁମ୍‌ରେ ସାଇକେଲଗୁଡ଼ିକୁ ନେଇ ରଖିଥିଲେ। ସେବେଠାରୁ ସାଇକେଲଗୁଡ଼ିକ କାହାର, କାହିଁକି ନେଉ ନାହାନ୍ତି, ହୁଏତ ସେମାନେ ଘଟଣାର ପ୍ରତ୍ୟକ୍ଷଦର୍ଶୀ ଥାଇପାରନ୍ତି ବୋଲି ଆଶା କରାଯାଉଛି। ଏହି ସାଇକେଲ ସମ୍ପର୍କରେ ମଧ ତଦନ୍ତକାରୀ ଟିମ୍ ଗୁରୁତ୍ୱ ଦେଇଛନ୍ତି। ଆଇସିସିର ସଦସ୍ୟାଙ୍କ ଭୂମିକା ଉପରେ ସନ୍ଦେହ ଦେଖାଦେଇଛି। ବାରମ୍ବାର ୩ ତଦନ୍ତକାରୀ ଟିମ୍ ପକ୍ଷରୁ ସେମାନଙ୍କୁ ପଚରାଉଚରା ଜାରି ରହିଛି। ସୌମ୍ୟାଶ୍ରୀଙ୍କ ଅଭିଯୋଗ ବେଳର ଆଇସିସି ପକ୍ଷରୁ ଦିଆଯାଇଥିବା ରିପୋର୍ଟକୁ ନେଇ କ୍ରାଇମବ୍ରାଞ୍ଚ ଟିମ୍ ପକ୍ଷରୁ ଗୁରୁତ୍ୱ ଦିଆଯାଇଛି। କ୍ରାଇମବ୍ରାଞ୍ଚ ଡିଏସ୍‌ପି ନାୟକ ଗଣମାଧ୍ୟମକୁ ପ୍ରତିକ୍ରିୟାରେ କହିଛନ୍ତି, ଠିକ୍ ଭାବରେ ତଦନ୍ତ ଚାଲିଛି। ଏ ଯାଏ କାହାକୁ ଅଟକ ରଖାଯାଇନାହିଁ। ସମସ୍ତେ ତଦନ୍ତରେ ସହଯୋଗ କରୁଛନ୍ତି।

ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର ପାଢ଼ୀ କହନ୍ତି, କଲେଜରେ ଏବେ ପାଠ ପଢ଼ା ସ୍ୱାଭାବିକ ହୋଇଛି। ଘଟଣା ଯୋଗୁ କୌଣସି ପିଲା ଏଠାରୁ ଟିସି ନେଇ ଅନ୍ୟତ୍ର ଯିବା ମୋ ନଜରକୁ ଆସି ନାହିଁ। ଫକୀରମୋହନ ମହାବିଦ୍ୟାଳୟର ଗରିମା ବଜାୟ ରଖିବା ପାଇଁ ସମସ୍ତଙ୍କ ଉଦ୍ୟମ ଓ ସହଯୋଗ ଆବଶ୍ୟକ। ଘଟଣା ଦିନଠାରୁ ଏହି ସାଇକେଲଗୁଡ଼ିକ କଲେଜରେ ଅଛି। କଲେଜ ବନ୍ଦ ଥିବାରୁ ହୁଏତ ଛାତ୍ରୀଛାତ୍ର ସାଇକେଲ ନେବା ପାଇଁ ଆସିପାରି ନ ଥାନ୍ତି। ଯେଉଁ ପିଲା ସାଇକେଲ ନେବାକୁ ଆସିବେ ତାଙ୍କୁ ଦିଆଯିବ ବୋଲି ସେ କହିଛନ୍ତି।

# ଲିଜ୍ ଜମିରୁ ହଟିବ ସ୍ଥିତିବାନ୍

**ଭୁବନେଶ୍ୱର,୨୧।୭**
**(ରବିନାରାୟଣ ଜେନା)**

- ଅଣଚାଷ ଲିଜ୍ ଜମିର ସ୍ୱତ୍ୱରେ ଲେଖାଯିବ ‘ପଟ୍ଟାଦାର’
- ସରକାରୀ ଜମି ସୁରକ୍ଷା ଲାଗି ସବୁ ଜିଲାପାଳଙ୍କୁ ଏସିଏସ୍‌ଙ୍କ ନିର୍ଦ୍ଦେଶ

ରାଜସ୍ୱ କ୍ଷେତ୍ରରେ କିଭଳି ଅଧିକ ସଂସ୍କାର ଆସିବ ସେନେଇ ବିଭାଗ ପକ୍ଷରୁ ଗୁରୁତ୍ୱ ଦିଆଯାଉଛି। ଏହି କ୍ରମରେ ସରକାରୀ ଜମିକୁ ସୁରକ୍ଷାଦେବା ପାଇଁ ଲିଜ୍ ଜମିରେ କେତେକ ପରିବର୍ତ୍ତନ ଅଣାଯାଇଛି। ସରକାରଙ୍କ ପକ୍ଷରୁ ସମସ୍ତ ଅଣଚାଷ ଲାଗି ପ୍ରଦାନ କରାଯିବା ଲିଜ୍ ଜମିରେ ‘ପଟ୍ଟାଦାର’ ବୋଲି ସ୍ୱତ୍ୱରେ ଉଲ୍ଲେଖ ରହିବ। ଅଣଚାଷ ଜମି ପାଇଁ ଆଉ ସ୍ଥିତିବାନ୍ ଲେଖାଯିବ ନାହିଁ। ଏହି ନିୟମକୁ କଡ଼ାକଡ଼ି ଭାବେ ପାଳନ କରିବା ଲାଗି ନିକଟରେ ରାଜସ୍ୱ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ(ଏସିଏସ୍) ଦେଓରଞ୍ଜନ କୁମାର ସିଂ ସବୁ ଜିଲାପାଳଙ୍କୁ ଏକ ନିର୍ଦ୍ଦେଶନାମା ଜାରି କରିଛନ୍ତି।

ଏସିଏସ୍ ଜିଲାପାଳମାନଙ୍କୁ ପ୍ରଦାନ କରିଥିବା ପତ୍ରରେ ଦର୍ଶାଇଛନ୍ତି, ବିଭିନ୍ନ କ୍ଷେତ୍ରରେ ସରକାରୀ ଜମି ବିଭିନ୍ନ ବ୍ୟକ୍ତିବିଶେଷ କିମ୍ବା ଅନୁଷ୍ଠାନକୁ ଲିଜ୍ ସୂତ୍ରରେ ପ୍ରଦାନ କରାଯାଇଛି। ସେଥିମଧ୍ୟରେ ଶିଳ୍ପ, ବାଣିଜ୍ୟ, ନିଗମ, ସ୍ଥାନୀୟ କର୍ତ୍ତୃପକ୍ଷ ଏବଂ ଉଦ୍ୟୋକ୍ତା ମଧ୍ୟ ରହିଛନ୍ତି। ତେବେ ଅଣଚାଷ, ବାଣିଜ୍ୟ ଓ ଶିଳ୍ପ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଥିବା ଜମି ସ୍ୱତ୍ୱରେ ଭୁଲ୍‌ବଶତଃ ସ୍ଥିତିବାନ୍ ବୋଲି ଉଲ୍ଲେଖ ରହିଛି। ଏହି ବେଆଇନ ଓ ଅନିୟମିତ କାର୍ଯ୍ୟ ଯୋଗୁ ସରକାରଙ୍କୁ ବିଭିନ୍ନ ସମୟରେ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ଏହି ପରିପ୍ରେକ୍ଷୀରେ ସରକାରୀ ଜମି ରେକର୍ଡ କରିବା ପ୍ରଣାଳୀକୁ ଅନୁସରଣ କରିବାକୁ ପଡ଼ିବ। ସରକାରଙ୍କ ପକ୍ଷରୁ ଯଦି ଚାଷକ୍ଷେତ୍ରରେ ଜମି ପ୍ରଦାନ କରାଯାଇଛି କିମ୍ବା କରାଯିବ, ସେକ୍ଷେତ୍ରରେ ସ୍ୱତ୍ୱରେ ସ୍ଥିତିବାନ୍/ରୟତି ଉଲ୍ଲେଖ କରାଯିବ। କିନ୍ତୁ ଅଣଚାଷ ଉଦ୍ଦେଶ୍ୟରେ ଜମି ଦିଆଗଲେ ତା’ର ସ୍ୱତ୍ୱରେ ଆଉ ସ୍ଥିତିବାନ୍ ଉଲ୍ଲେଖ ରହିବ ନାହିଁ। ଏହି କ୍ଷେତ୍ରରେ ବିଧିବଦ୍ଧ ଭାବେ ସରକାରୀ ଜମି ଲିଜ୍ ପ୍ରଦାନବେଳେ ସଂପୃକ୍ତ ପଟ୍ଟାଦାରଙ୍କ ନାମରେ ଏକ ସ୍ୱତନ୍ତ୍ର ଖାତା ପ୍ରସ୍ତୁତ ହେବ। ଜମିର ସ୍ୱତ୍ୱରେ ‘ପଟ୍ଟାଦାର’ ବୋଲି ଉଲ୍ଲେଖ ରହିବ। ପଟ୍ଟାର ଶେଷ ଅବଧି ମଧ୍ୟ ସେଥିରେ ଉଲ୍ଲେଖ କରିବାକୁ ଏସିଏସ୍ ଦର୍ଶାଇଛନ୍ତି।

ଏଥିସହ ବିଭିନ୍ନ କ୍ଷେତ୍ରରେ ସରକାରୀ ଜମି ଲିଜ୍ ପ୍ରଦାନ ବେଳେ ଭୁଲ୍‌ବଶତଃ ସ୍ଥିତିବାନ୍ ଉଲ୍ଲେଖ ରହିଛି। ସେସବୁ କ୍ଷେତ୍ରରେ ସ୍ୱତନ୍ତ୍ର ଭାବେ ଯାଞ୍ଚ କରାଯାଇ ସଂଶୋଧନ କରାଯିବା ଆବଶ୍ୟକ। ଏହାକୁ ଦୃଷ୍ଟିରେ ରଖି ସମସ୍ତ ତହସିଲଦାରଙ୍କୁ ଏକ ନିର୍ଦ୍ଦେଶନାମା ଜାରି କରନ୍ତୁ, ଯେଉଁଥିରେ ବେଆଇନ ଭାବେ ଉଲ୍ଲେଖଥିବା ସ୍ଥିତିବାନ୍ ସ୍ୱତ୍ୱକୁ ପଟ୍ଟାଦାରରେ ପରିବର୍ତ୍ତନ କରିବା ଦିଗରେ ପଦକ୍ଷେପ ନେବେ। ଏହିସବୁ କାର୍ଯ୍ୟକୁ ଅତିରିକ୍ତ ଜିଲାପାଳ ତଦାରଖ କରିବେ ଏବଂ ନିଜେ କାଉଣ୍ଟର ଦସ୍ତଖତ କରିବେ। ଏ କ୍ଷେତ୍ରରେ ଜିଲାପାଳଙ୍କ ପକ୍ଷରୁ କି ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା ତା’ର ରିପୋର୍ଟ ମାସକ ମଧ୍ୟରେ ପ୍ରଦାନ କରିବାକୁ ଏସିଏସ୍ ଦର୍ଶାଇଛନ୍ତି।

# ଶପଥ ନେଲେ ହାଇକୋର୍ଟ ବିଚାରପତି ମାନସ ରଞ୍ଜନ ପାଠକ



ହାଇକୋର୍ଟ ମୁଖ୍ୟ ବିଚାରପତି ହରିଶ୍ ଟଣ୍ଡନ ବିଚାରପତି ମାନସ ରଞ୍ଜନ ପାଠକଙ୍କୁ ଶପଥ ପାଠ କରାଉଛନ୍ତି।

**କଟକ,୨୧।୭(କାର୍ତ୍ତିକ ସାହୁ)**

ଗୁଆହାଟୀ ହାଇକୋର୍ଟରୁ ଓଡ଼ିଶା ହାଇକୋର୍ଟକୁ ବଦଳି ହୋଇ ଆସିଥିବା ବିଚାରପତି ମାନସ ରଞ୍ଜନ ପାଠକ ସୋମବାର ଆନୁଷ୍ଠାନିକ ଭାବେ ଶପଥ ଗ୍ରହଣ କରିଛନ୍ତି। ହାଇକୋର୍ଟ ପୁରୁଣା ବିଲ୍ଡିଂର ନିଉ କନ୍‌ଫରେନ୍ସ ହଲ୍‌ରେ ସୋମବାର ପୂର୍ବାହ୍ନ ୧୦ଟାରେ ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହୋଇଛି। ରାଷ୍ଟ୍ରପତି ଭବନରୁ ଆସିଥିବା ବିଚାରପତି ପାଠକଙ୍କ ବଦଳି ସମ୍ପର୍କିତ ପତ୍ର ପ୍ରଥମେ ପାଠ କରାଯିବା ପରେ ହାଇକୋର୍ଟ ମୁଖ୍ୟ ବିଚାରପତି ହରିଶ୍ ଟଣ୍ଡନ ବିଚାରପତି ପାଠକଙ୍କୁ ଶପଥ ପାଠ କରାଇଛନ୍ତି। ଶପଥ ଗ୍ରହଣ ଉତ୍ସବରେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ହାଇକୋର୍ଟ ସମସ୍ତ କାର୍ଯ୍ୟରତ ବିଚାରପତି, ପୂର୍ବତନ ବିଚାରପତି, ଆଡ୍‌ଭୋକେଟ୍ ଜେନେରାଲ୍ ପୀତାମ୍ବର ଆଚାର୍ଯ୍ୟ, ହାଇକୋର୍ଟ ବାର୍ ଆସୋସିଏଶନ୍ କର୍ମକର୍ତ୍ତା, ବରିଷ୍ଠ ଆଇନଜୀବୀ, ହାଇକୋର୍ଟ ରେଜିଷ୍ଟ୍ରାର, ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ରାଜ୍ୟପାଳଙ୍କୁ ଭେଟିଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୨୧।୭(ସୁନିତ୍ ମିଶ୍ର)**

**ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ନେଇ ବଢ଼ିଲା ଚର୍ଚ୍ଚା**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ରାଜ୍ୟପାଳ ହରିବାବୁ କମ୍ଭମ୍ପାଟିଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ରାଜ୍ୟପାଳଙ୍କ ସହ ପ୍ରାୟ ଘଣ୍ଟାଏରୁ ଅଧିକ ସମୟ ଧରି ସେ ଆଲୋଚନା କରିବା ପରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ନେଇ ଚର୍ଚ୍ଚା ଜୋର୍ ଧରିବା ଆରମ୍ଭ ହୋଇଛି। ରାଜ୍ୟରେ ଭାଜପା ଶାସନକୁ ଆସିବା ପରେ ମନ୍ତ୍ରିମଣ୍ଡଳର ୬ଟି ପଦବୀ ଖାଲି ପଡ଼ିଥିଲା। ସରକାର ଗଠନକୁ ବର୍ଷେ ପୂରଣ ହୋଇଥିଲେ ମଧ ଏପର୍ଯ୍ୟନ୍ତ ଉକ୍ତ ୬ ମନ୍ତ୍ରୀ ପଦ ଖାଲି ରହିଛି। ଅନ୍ୟପଟେ ମନ୍ତ୍ରୀମଣ୍ଡଳରେ କିଛି ପରିବର୍ତ୍ତନ କରାଯାଇପାରେ ବୋଲି ମଧ କିଛିଦିନ ହେଲା ଚର୍ଚ୍ଚା ଜୋର୍ ଧରିଛି। ତେଣୁ ରାଜ୍ୟପାଳଙ୍କ ସହ ମୁଖ୍ୟମନ୍ତ୍ରୀଙ୍କ ଏହି ଭେଟଘାଟ ଉକ୍ତ ଚର୍ଚ୍ଚାକୁ ଆହୁରି ବଢାଇ ଦେଇଛି।

ସୂଚନାଯୋଗ୍ୟ, କିଛିଦିନ ତଳେ ମୁଖ୍ୟମନ୍ତ୍ରୀ ନୂଆଦିଲ୍ଲୀ ଗସ୍ତରେ ଯାଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟିଥିଲେ। ଏହି ସମୟରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ନେଇ ପ୍ରଧାନମନ୍ତ୍ରୀଙ୍କ ସହ ଆଲୋଚନା ହୋଇଥାଇପାରେ ବୋଲି ରାଜନୈତିକ ମହଲରୁ ଶୁଣିବାକୁ ମିଳୁଛି। ସେହିପରି ମନମୋହନ ସାମଲ ଭାଜପା ରାଜ୍ୟ ସଭାପତି ହେବାପରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ନେଇ ତାଙ୍କର ପ୍ରତିକ୍ରିୟା ରଖିଥିଲେ। ପୂର୍ବରୁ ଭାଜପା ରାଜ୍ୟ ପ୍ରଭାରୀ ବିଜୟ ପାଲ ସିଂ ତୋମାର ଦଳର ରାଜ୍ୟ ସଭାପତି ଚୟନ ପରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ କରାଯିବ ବୋଲି କହିଥିଲେ। ତେଣୁ ମନମୋହନ ୪ର୍ଥ ଥର ଲାଗି ସଭାପତି ହେବାପରେ ଲିଙ୍ଗରାଜ ମନ୍ଦିରରୁ ଦର୍ଶନ ସାରି ଫେରିବା ପରେ ଗଣମାଧ୍ୟମ ପ୍ରତିନିଧିମାନେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ହେବ ନା ନାହିଁ ବୋଲି ପ୍ରଶ୍ନ କରିଥିଲେ। ସେ ତାଙ୍କ ପ୍ରତିକ୍ରିୟାରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ଖୁବଶୀଘ୍ର ହେବ ବୋଲି କହିଥିଲେ।



ରାଜ୍ୟପାଳ ହରିବାବୁ କମ୍ଭମ୍ପାଟିଙ୍କୁ ସାକ୍ଷାତ କରୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

# ପ୍ରକାଶ ପାଇଲା ଯୁକ୍ତ୨ ଦ୍ୱିତୀୟ ମେଧା ତାଲିକା

**ଭୁବନେଶ୍ୱର,୨୧।୭**
**(ସୁଚିସ୍ମିତା ସାହୁ)**

**୨ଲକ୍ଷ ୧୩ହଜାର ୫୪୭ଟି ସିଟ୍ ଖାଲି**

ଯୁକ୍ତ୨ ନାମଲେଖା ପାଇଁ ପ୍ରଥମ ପର୍ଯ୍ୟାୟ ଦ୍ୱିତୀୟ ଚୟନ ମେଧା ତାଲିକା ସୋମବାର ଗଣଶିକ୍ଷା ବିଭାଗ ପକ୍ଷରୁ ପ୍ରକାଶ ପାଇଛି। ଏହି ପର୍ଯ୍ୟାୟ ନାମଲେଖା ପାଇଁ ୫୨ହଜାର ୯୫୫ ଜଣ ଚୟନ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ପ୍ରଥମ ଚୟନରେ ସ୍ଲାଇଡ୍ ଅପ୍ କରିଥିବା ୨୮ହଜାର ୩୧୩ ଛାତ୍ରୀଛାତ୍ର ରହିଛନ୍ତି। କଳାରେ ସର୍ବାଧିକ ୩୮ହଜାର ୧୬୫ ଛାତ୍ରୀଛାତ୍ର ଚୟନ ହୋଇଥିବା ବେଳେ ବିଜ୍ଞାନରେ ୧୧ ହଜାର ୮୭୭ଜଣ ଚୟନ ହୋଇଛନ୍ତି। ସେହିପରି ବାଣିଜ୍ୟରେ ୨ହଜାର ୪୦୩, ସଂସ୍କୃତରେ ୧୭୧ ଏବଂ ଧନ୍ଦାମୂଳକରେ ୩୩୯ ଛାତ୍ରୀଛାତ୍ର ଚୟନ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ୨୬ ହଜାର ୮୬୧ ଛାତ୍ରୀ ଓ ୨୬ ହଜାର ୯୨ ଜଣ ଛାତ୍ର ଓ ୨ଜଣ ଅନ୍ୟ ଜେଣ୍ଡର ରହିଥିବା ଗଣଶିକ୍ଷା ବିଭାଗ ତଥ୍ୟରୁ ଜଣାଯାଇଛି। ସୂଚନାଯୋଗ୍ୟ, ୫ଲକ୍ଷ ୬୮ହଜାର ୬୧୫ ସିଟ୍‌ରେ ନାମଲେଖାଇବାକୁ ପ୍ରଥମ ପର୍ଯ୍ୟାୟ ପ୍ରଥମ ଚୟନରେ ୩ଲକ୍ଷ ୫୫ହଜାର ୬୮ ଛାତ୍ରୀଛାତ୍ର ନାମଲେଖାଇଛନ୍ତି। ପ୍ରଥମ ଚୟରେ ମୋଟ ୬୨.୪୫% ସିଟ୍ ପୂରଣ ହୋଇଥିବାବେଳେ ୨ଲକ୍ଷ ୧୩ହଜାର ୫୪୭ଟି ସିଟ୍ ଫାଙ୍କା ପଡିଛି।

# ପ୍ଲାଷ୍ଟିକ ବୋତଲରେ ମିଳିବନି ପେଟ୍ରୋଲ, ଡିଜେଲ

**ଭୁବନେଶ୍ୱର,୨୧।୭(ସୁନିତ୍ ମିଶ୍ର)**


- ବିନା ଲାଇସେନ୍ସରେ ଖୋଲାରେ ବିକିଲେ ଚଢ଼ଉ
- କାଚ, ଆଲୁମିନିୟମ କିମ୍ବା ଷ୍ଟିଲ୍ ଜାର୍‌ରେ ମିଳିବ
- ପେଟ୍ରୋଲିୟମ ରୁଲ୍ ଅନୁପାଳନ ଉପରେ ଗୁରୁତ୍ୱ ବଢ଼ିବ

କୌଣସି ପେଟ୍ରୋଲ ପମ୍ପ ପକ୍ଷରୁ ଏଣିକି ପ୍ଲାଷ୍ଟିକ ବୋତଲରେ ପେଟ୍ରୋଲ କିମ୍ବା ଡିଜେଲ ଦିଆଯିବ ନାହିଁ। ପେଟ୍ରୋଲିୟମ ଆଇନ ଅନୁଯାୟୀ କୌଣସି ତେଲଟାଙ୍କି ପ୍ଲାଷ୍ଟିକ ବୋତଲରେ ତେଲ ବିକିବାର ପ୍ରାବଧାନ ମଧ ନାହିଁ। ଏହି ନିୟମକୁ ଅଧିକ କଡ଼ାକଡ଼ି କରାଯିବ। ହେଲେ ଗ୍ରାହକଙ୍କ ସମସ୍ୟାକୁ ଦେଖି ଏହି ନିୟମକୁ କଡ଼ାକଡ଼ି ଭାବେ ଲାଗୁ କରାଯାଉ ନ ଥିଲା। ହେଲେ ଏଣିକି ଏହା ଉପରେ ରୋକ ଲାଗିବ। ପେଟ୍ରୋଲିୟମ ଆଇନ ଅନୁଯାୟୀ ଗ୍ରାହକମାନେ ଚାହିଁଲେ କାଚ ବୋତଲରେ ପେଟ୍ରୋଲ ନେଇପାରିବେ। ଯେଉଁମାନେ ୨୦ରୁ ୨୫ ଲିଟର ପର୍ଯ୍ୟନ୍ତ ପେଟ୍ରୋଲ କିମ୍ବା ଡିଜେଲ ନେବାକୁ ଚାହୁଁଛନ୍ତି ସେମାନେ ଆଲୁମିନିୟମ କିମ୍ବା ଷ୍ଟିଲ୍ ପାତ୍ର ଯେଉଁଥିରେ ମୁହଁ ବନ୍ଦ କରିବାର ଠିକ୍ ବ୍ୟବସ୍ଥା ରହିଥିବ ସେଥିରେ ନେଇପାରିବେ।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଯେଉଁମାନେ ରାସ୍ତାକଡ଼ରେ ଖୋଲାରେ ବିନା ଲାଇସେନ୍ସରେ ପେଟ୍ରୋଲ ଓ ଡିଜେଲ ବିକ୍ରି କରୁଛନ୍ତି ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ରାସ୍ତାକଡ଼ରେ ଆଉ ଯେପରି ପେଟ୍ରୋଲ କିମ୍ବା ଡିଜେଲ ବିକ୍ରି ନ ହେବ ସେଥିପ୍ରତି ଚଢ଼ାଉ କରାଯିବ ବୋଲି ଯୋଗାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ସୂଚନା ଦେଇଛନ୍ତି।

ଯୋଗାଣ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ସୋମବାର ରାଜ୍ୟର ୩ ପ୍ରମୁଖ ତୈଳ କମ୍ପାନୀର ଅଧିକାରୀ ଏବଂ ଡିଲର ସଂଘର ସଦସ୍ୟମାନେ ଉପସ୍ଥିତ ରହି ଏହା ଉପରେ ଆଲୋଚନା ହୋଇଛି। ଏହି ଅବସରରେ ତୈଳ କମ୍ପାନୀ ଏବଂ ଡିଲର ସଂଘ ପକ୍ଷରୁ ମନ୍ତ୍ରୀଙ୍କୁ ପେଟ୍ରୋଲିୟମ ଆଇନ ଯାହା ରହିଛି ସେନେଇ ବୁଝାଇଥିଲେ। ମନ୍ତ୍ରୀ ମଧ ସମସ୍ତ କଥା ଜାଣିବା ପରେ କେନ୍ଦ୍ର ସରକାରଙ୍କ ଅଧୀନ ତୈଳ ମନ୍ତ୍ରଣାଳୟର ନିୟମ ଜାଣିବା ପରେ ଏହାକୁ ପରିବର୍ତ୍ତନ କରି ପେଟ୍ରୋଲ ପମ୍ପଗୁଡିକରୁ ସମ୍ପୂର୍ଣ୍ଣ ଖୋଲାରେ ତେଲ ବିକ୍ରି ବନ୍ଦ କରାଯାଇପାରିବ ନାହିଁ ବୋଲି ବୁଝିଛନ୍ତି। କାରଣ ଚାଷୀମାନେ ସେମାନଙ୍କ ଜେନେରେଟର ଚଳାଇବା ଏବଂ ଅନ୍ୟ ଯନ୍ତ୍ରପାତିର ବ୍ୟବହାର ଯେପରିକି ବିଭିନ୍ନ ଅଫିସ୍‌ରେ ଚାଲୁଥିବା ଜେନେରେଟରର ବ୍ୟବହାର ଲାଗି ପେଟ୍ରୋଲ ପମ୍ପରୁ ଖୋଲାରେ ତେଲ ନେବା ଏକ ଜରୁରୀ କାର୍ଯ୍ୟ। ତେଣୁ ପେଟ୍ରୋଲିୟମ ରୁଲ୍ ଅନୁଯାୟୀ ଏଣିକି ପେଟ୍ରୋଲ ପମ୍ପଗୁଡିକ କାଚ ବୋତଲରେ ନ ହେଲେ ଆଲୁମିୟିମ ଏବଂ ଷ୍ଟିଲ ବୋତଲରେ ତେଲ ବିକ୍ରି କରିବେ ବୋଲି ମନ୍ତ୍ରୀ ସ୍ପଷ୍ଟ କରିଛନ୍ତି। ମନ୍ତ୍ରୀ ଆହୁରି କହିଛନ୍ତି, ଯେଉଁମାନେ ଆଇନ ବିରୋଧରେ ଯାଇ କାର୍ଯ୍ୟ କରିବେ ଏହା ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ। ଏନେଇ ସମସ୍ତ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବାହାରେ ବିନା ଲାଇସେନ୍ସରେ ପେଟ୍ରୋଲ ବିକ୍ରି କରିଲେ ସିଜ୍ କରିବା ଲାଗି ଅଧିକାରୀମାନଙ୍କୁ କୁହାଯାଇଛି। ଉତ୍କଳ ପେଟ୍ରୋଲିୟମ ଡିଲର ଆସୋସିଏଶନ ସାଧାରଣ ସମ୍ପାଦକ ସଞ୍ଜୟ ଲାଠ କହିଛନ୍ତି, ନିୟମ କିଛି ବଦଳାଯାଇ ନାହିଁ। ଯାହା ନିୟମ ରହିଛି ତାକୁ କିପରି କଡ଼ାକଡ଼ି କରାଯିବ ସେନେଇ ଆଲୋଚନାରେ ନିଷ୍ପତ୍ତି ହୋଇଛି। ପ୍ଲାଷ୍ଟିକରେ ଇଲେକ୍ଟ୍ରିସିଟି ଫର୍ମେଶନ ହେବାର ଅଧିକ ସମ୍ଭାବନା ରହିଛି, ସେଥିଲାଗି ପେଟ୍ରୋଲିୟମ ଜିନିଷ ସେଥିରେ ବ୍ୟବହାର କରାଯିବା ନେଇ ବାରଣ ହୋଇଥାଏ। କେଉଁଠାରେ କିଛି ଅସୁବିଧା ହୋଇନାହିଁ ବୋଲି ଲୋକମାନେ ଏହା ଉପରେ ଗୁରୁତ୍ୱ ଦେଉନାହାନ୍ତି ମାତ୍ର ଏଥିରେ ସମ୍ଭାବନା ଅଧିକ ଥାଏ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶି ପେଟ୍ରୋଲ ଢାଳିହୋଇ ନିଜ ଦେହରେ ନିଆଁ ଲଗାଇ ଆତ୍ମହତ୍ୟା କରିବା ପରେ ଏନେଇ ଯାଞ୍ଚ ଆରମ୍ଭ ହୋଇଛି। ପ୍ରଥମେ ସେ କେଉଁଠାରୁ ପେଟ୍ରୋଲ ଆଣିଥିଲେ ନା ତାଙ୍କୁ କିଏ ଦେଇଥିଲା ତାକୁ ନେଇ ବହୁ ଚର୍ଚ୍ଚା ଚାଲିଲା। ପରବର୍ତ୍ତୀ ସମୟରେ ସେ ଏକ ପମ୍ପରୁ ପେଟ୍ରୋଲ ଆଣିଥିବା ଜଣାପଡିବା ପରେ ଏହି ନିୟମକୁ କଡ଼ାକଡ଼ି କରାଯାଇଛି।

କ୍ଲିନିକ ଦ୍ୱାରା ପ୍ରମାଣିତ
ମୂତ୍ରରୋଗଜନିତ ରୋଗ° >୯୩%* ଉପଶମ କରେ


ବୈଦ୍ୟନାଥ ପ୍ରୋସ୍‌ଟେଡ
- ସାଧାରଣ ପ୍ରବାହକୁ ଫେରାଇ ଆଣେ
- ବ୍ଲାଡର ନିୟନ୍ତ୍ରଣରେ ଉନ୍ନତି ଆଣେ
Scan to buy online
www.baidyanath.com
amazon Flipkart TATA 1mg
1800 102 1855 (10 am - 6 pm)
°Urinary problems like Frequent Urination, Burning Sensation of Urine, Painful Micturition & Discomfort in the urinary tract.
*As per Randomized Placebo Control Clinical Study for 90 days on subjects suffering from urinary problems.

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
“ନୈନଂ ଛିନ୍ଦନ୍ତି ସସ୍ତ୍ରାଣୀ ନୈନଂ ଦହତି ପାବକଃ
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ”

ଆବିର୍ଭାବ
୧୯୩୦
ତିରୋଧାନ
୧୨.୦୭.୨୦୨୫
୰ ସୀତା ଆପଟ
ଗୁଆଲି, ବଡ଼ବିଲ, କେନ୍ଦୁଝର
ଆପଣଙ୍କ ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟନିଷ୍ଠା ଆମ୍ଭମାନଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇରହିବ। ଶ୍ରୀଜଗନ୍ନାଥଙ୍କ କୃପାରୁ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରୁଛୁ।
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ସହ
ହତଭାଗ୍ୟ ପୁତ୍ର/ପୁତ୍ରବଧୂ:ଭୀମସେନ, ରଙ୍ଗ, ନବ, ରସାନନ୍ଦିନୀ, କୁଶ, ଆଦ୍ରମଣୀ,
ଝିଅ/ଜ୍ୱାଇଁ: ରାଧା, ଦୁଃଖୀ, ସୁରେନ୍ଦ୍ର
ନାତିନାତୁଣୀ:ମିଟୁ, ଜିତୁ, ଗୁରୁ, ବ୍ରହ୍ମା, ଅମିତ, ସ୍ୱପ୍ନା, ମୀନାକ୍ଷୀ ଏବଂ ଆପଟ ପରିବାରବର୍ଗ।

# ଆଜି କ'ଣ କେଉଁଠି

### ଭୁବନେଶ୍ୱର
- ସାହିତ୍ୟ ଅକାଦେମି ଏବଂ ଓଡ଼ିଶା ସାହିତ୍ୟ ଏକାଡେ଼ମି ପକ୍ଷରୁ ପୂର୍ବାଞ୍ଚଳୀୟ ଲେଖକ ସମ୍ମିଳନୀ, ସ୍ଥାନ: ସମ୍ମିଳନୀ କକ୍ଷ, ସଂସ୍କୃତି ଭବନ(ଭଞ୍ଜକଳା ମଣ୍ଡପ ପଛପଟ), ସମୟ: ପୂର୍ବାହ୍ନ ୧୦ଟା ୩୦।
- ଜାତୀୟ ଅଭିଲେଖାଗାର ପକ୍ଷରୁ ଷୋଡ଼ଶ ମାସିକ ଆଲୋଚନାଚକ୍ର, ସ୍ଥାନ: କନ୍‌ଫରେନ୍ସ ହଲ୍, ସମୟ: ଅପରାହ୍ନ ୫ଟା

### ବାଲେଶ୍ୱର
- ସୌମ୍ୟାଶ୍ରୀଙ୍କ ଉଦ୍ଦେଶ୍ୟରେ ରାଜ୍ୟସ୍ତରୀୟ ସ୍ମୃତିଚାରଣ ସଭା,ସ୍ଥାନ: ବାଇତପୁର ଗଣ୍ଡ ଯାତ୍ରା ପଡ଼ିଆ, ଭୋଗରାଇ,
- ସମୟ: ପୂର୍ବାହ୍ନ ୧୦ଟା।

### ଭଦ୍ରକ
- ସ୍ମୃତିସଭା ଓ ସ୍ମରଣିକା ଉନ୍ମୋଚନ, ସ୍ଥାନ: ଭଗବାନପୁର, ଧାମନଗର, ସମୟ: ପୂର୍ବାହ୍ନ ୧୦ଟା।
- ରମା ଦେବୀଙ୍କ ଶ୍ରାଦ୍ଧୋତ୍ସବ, ସ୍ଥାନ: ଭଦ୍ରକ ମହିଳା ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।

### ମୟୂରଭଞ୍ଜ
- ରକ୍ତଦାନ ଶିବିର, ସ୍ଥାନ: ପିଆର୍‌ଏମ୍ ମେଡିକାଲ କଲେଜ, ରଙ୍ଗାମାଟିଆ, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ଜିଲା ସମନ୍ୱୟ କମିଟି ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ବାରିପଦା, ସମୟ: ଅପରାହ୍ନ ୪ଟା।

### ବ୍ରହ୍ମପୁର
- ବିଇଏମ୍‌ସି କର୍ପୋରେଶନ ବୈଠକ, ସ୍ଥାନ: ବିଇଏମସି ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।

### କେନ୍ଦ୍ରାପଡ଼ା
- ରାଜ୍ୟସ୍ତରୀୟ ସାହାଣୀ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ, ସ୍ଥାନ: ମିନି ଷ୍ଟାଡିୟମ, ରାଜକନିକା, ସମୟ: ସକାଳ ୮ଟା।
- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ସାନମଙ୍ଗ, ଆଳି, ସମୟ: ପୂର୍ବାହ୍ନ ୧୦ଟା।
- ମା' ମଙ୍ଗଳା କମିଟି ପକ୍ଷରୁ ନାମଯଜ୍ଞ, ସ୍ଥାନ: କଳାବୁଦା, ଗରଦପୁର, ସମୟ: ସନ୍ଧ୍ୟା ୬ଟା।

### ନୟାଗଡ଼
- ଅଙ୍ଗଦାନ କରିଥିବା ଯୁବକଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ସମାରୋହ, ସ୍ଥାନ: କଣ୍ଟିଲୋ ପଞ୍ଚାୟତ କଲ୍ୟାଣ ମଣ୍ଡପ, ସମୟ: ଅପରାହ୍ନ ୫ଟା।

### ରାୟଗଡ଼ା
- ବିଶ୍ୱ ଆଦିବାସୀ ଦିବସ ପାଳନ ନେଇ ପ୍ରସ୍ତୁତି ବୈଠକ, ସ୍ଥାନ: ସୌଣ୍ଡିକ ଭବନ, ମୁନିଗୁଡା, ସମୟ: ପୂର୍ବାହ୍ନ ୧୦ଟା।

### କୋରାପୁଟ
- ଜିଲା ପରିଷଦର ବିଭିନ୍ନ ଯୋଜନା ଉପରେ ସମୀକ୍ଷା, ସ୍ଥାନ:ସଦ୍‌ଭାବନା ସଭାଗୃହ, କୋରାପୁଟ, ସମୟ: ପୂର୍ବାହ୍ନ ୧୦ଟା।
- ଶିଶୁ ଅଧିକାର ସମ୍ପର୍କିତ ବୈଠକ, ସ୍ଥାନ: ଦକ୍ଷତା ବିକାଶ ତାଲିମ କେନ୍ଦ୍ର ସଭାଗୃହ, କୋରାପୁଟ,
- ସମୟ: ପୂର୍ବାହ୍ନ ୧୧ଟା ୩୦।

### ସମ୍ବଲପୁର
- ନିଃଶୁଳ୍କ ଯୋଗ ଶିବିର, ସ୍ଥାନ : ହୀରାକୁଦ କଲୋନୀ ସ୍ଥିତ ଯୋଗ କେନ୍ଦ୍ର, ସମୟ : ସକାଳ ୬ଟା।
- ଯୋଗ ପରିବାର ଆୟୋଜନରେ ଯୋଗ ଶିବର, ସ୍ଥାନ: ହାୱା ମଇଦାନ ସ୍ଥିତ ଗାନ୍ଧୀ ପାର୍କ, ସମୟ ସକାଳ ୬ଟା।
- ରାଧା ଶ୍ରୀନିବାସ ସେବା ଟ୍ରଷ୍ଟ ଆୟୋଜନରେ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର, ସ୍ଥାନ: ହାଉସିଂ ବୋର୍ଡ କଲୋନୀସ୍ଥିତ ଆରୋଗ୍ୟ ନିକେତନ, ସମୟ : ସକାଳ ୮ଟା।

### ବଲାଙ୍ଗୀର
- ଉପମୁଖ୍ୟମନ୍ତ୍ରୀଙ୍କ ପୋଷଣ କିଟ୍ ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ: ଖପ୍ରାଖୋଲ ପଞ୍ଚାୟତ ସମିତି ସଭାଗୃହ, ସମୟ: ମଧ୍ୟାହ୍ନ ୧୨ଟା।

### ବରଗଡ଼
- ସଂଯୁକ୍ତ କୃଷକ ସଂଗଠନର ଦାବିପତ୍ର ପ୍ରଦାନ, ସ୍ଥାନ: ତହସିଲ କାର୍ଯ୍ୟାଳୟ, ବରଗଡ଼,ସମୟ: ପୂର୍ବାହ୍ନ ୧୧ଟା।

### କଳାହାଣ୍ଡି
- ପିସିସି ସଭାପତିଙ୍କ ବିରୋଧରେ ଭାଜପାର ବିକ୍ଷୋଭ, ସ୍ଥାନ: ଭବାନୀପାଟଣା ଗାନ୍ଧୀ ଛକ, ସମୟ: ପୂର୍ବାହ୍ନ ୧୦ଟା।
- ପ୍ରଧାନଶିକ୍ଷକ ସମ୍ମିଳନୀ, ସ୍ଥାନ: ଭବାନୀପାଟଣା ଟାଉନ ହଲ, ସମୟ: ପୂର୍ବାହ୍ନ ୧୦ଟା।

### ବୌଦ୍ଧ
- ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି ବୈଠକ, ସ୍ଥାନ: ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହ, ବୌଦ୍ଧ, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ଆନ୍ତଃ ଜିଲା ସାହାଣୀ କପ୍ ଫୁଟବଲର ଷଷ୍ଠ ଦିବସ, ସ୍ଥାନ: ଜିଲା ଷ୍ଟାଡିୟମ ବୌଦ୍ଧ, ସମୟ: ଅପରାହ୍ନ ୧ଟା ୩୦।

### ଦେବଗଡ଼
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠ ସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ଼ ପଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୭ଟା।

### ସୁବର୍ଣ୍ଣପୁର
- ସୁବର୍ଣ୍ଣପୁରର ମା' ସୁରେଶ୍ୱରୀ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଓ ସନ୍ଧ୍ୟା ଆଳତି, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା ୩୦।
- ତରଭା ମା' ପାଟ ମାହେଶ୍ୱରୀ ମନ୍ଦିରରେ ବିଶେଷ ପୂଜାର୍ଚ୍ଚନା ଓ ମଙ୍ଗଳ ଆଳତୀ, ସ୍ଥାନ: ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୬ଟା ୪୫।

### ନୂଆପଡ଼ା
- ମୁଖ୍ୟମନ୍ତ୍ରୀ ବାୟୁସେବା ଯୋଜନାରେ ଉତ୍ତମ ସ୍ୱାସ୍ଥ୍ୟସେବା କାର୍ଯ୍ୟକ୍ରମ, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟ ନୂଆପଡ଼ା, ସମୟ: ପୂର୍ବାହ୍ନ ୧୦ଟା।

# ଆୟୁଷ ଇଣ୍ଟର୍ନଶିପ୍ ଭତ୍ତା ବୃଦ୍ଧି ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଦାବି

ଭୁବନେଶ୍ୱର,୨୧।୭(ବନ୍ଦନା ସେଠୀ)

ରାଜ୍ୟ ସରକାରଙ୍କ ଅଧୀନରେ ଥିବା ୭ଟି ସରକାରୀ ଆୟୁଷ ମହାବିଦ୍ୟାଳୟ ଓ ହସ୍ପିଟାଲରେ କାର୍ଯ୍ୟ କରୁଥିବା ହାଉସ ସର୍ଜନଙ୍କ ଭତ୍ତା ବୃଦ୍ଧି ପାଇଁ ରାଜ୍ୟ ସରକାର ପାଖରେ ବହୁଦିନରୁ ଦାବି ହୋଇଆସୁଛି। ରାଜ୍ୟ ସରକାର ଏମ୍‌ବିବିଏସ୍ ଓ ବିଡିଏସ୍ ଛାତ୍ରୀଛାତ୍ରଙ୍କ ଭତ୍ତାକୁ ୪୨ ହଜାର ଟଙ୍କାକୁ ବୃଦ୍ଧି କରିଥିବାବେଳେ ଆୟୁଷ ହାଉସ ସର୍ଜନଙ୍କ କ୍ଷେତ୍ରରେ ସମ୍ପୂର୍ଣ୍ଣ ଚୁପ୍ ରହିଛନ୍ତି। ଏଭଳି ମନୋଭାବ ସହିତ ହାଉସ ସର୍ଜନଙ୍କୁ ଉପେକ୍ଷା କରାଯାଉଥିବା ଅଭିଯୋଗ ହୋଇଛି। ଏହିକ୍ରମରେ ଓଡ଼ିଶା ଆୟୁଷ ବିକାଶ ପରିଷଦ ପକ୍ଷରୁ ଡା. ତ୍ରୈଲୋକ୍ୟନାଥ ମହାରଣା ସୋମବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ସ୍ୱାସ୍ଥ୍ୟ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ସ୍ୱାସ୍ଥ୍ୟ ସଚିବ, କେନ୍ଦ୍ର ସରକାରଙ୍କ ଆୟୁଷ ବିଭାଗ ମନ୍ତ୍ରୀ, ସଚିବ ଓ ରାଜ୍ୟ ସରକାରଙ୍କ ଆୟୁଷ ନିର୍ଦ୍ଦେଶକଙ୍କୁ ମେଲ୍ ମାଧ୍ୟମରେ ଦାବିପତ୍ର ପ୍ରଦାନ କରିଛନ୍ତି। ପୂର୍ବରୁ ଅଲ୍ ଓଡ଼ିଶା ଆୟୁଷ ଷ୍ଟୁଡେଣ୍ଟ ଆସୋସିଏଶନ ପକ୍ଷରୁ ଆୟୁଷ ହାଉସ ସର୍ଜନଙ୍କ ୧୭ହଜାର ଟଙ୍କା ଭତ୍ତାକୁ ଆୟୁଷ ମେଡ଼ିକାଲ ଅଫିସରଙ୍କ ମାସିକ ବେତନର ୫୦% ହାରରେ ବୃଦ୍ଧି କରି ଡାଇନାମିକ ଷ୍ଟାଇପେଣ୍ଡ ଦେବାକୁ ମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟମନ୍ତ୍ରୀ, ସଚିବ ଓ ଆୟୁଷ ନିର୍ଦ୍ଦେଶକଙ୍କ ସହିତ ଆଲୋଚନା କରାଯାଇଥିଲା। ଏନେଇ ଆୟୁଷ ନିର୍ଦ୍ଦେଶକ ରାଜ୍ୟର ୭ଟି ସରକାରୀ ଆୟୁଷ କଲେଜ ଅଧ୍ୟକ୍ଷଙ୍କୁ ୨୦୨୪ ନଭେମ୍ବର ୧୮ରେ ପତ୍ର ସଂଖ୍ୟା – ୭୬୯୯ ଲେଖି ଆୟୁଷ ଇଣ୍ଟର୍ନଶିପ୍ ଭତ୍ତା ବୃଦ୍ଧି ପାଇଁ ମତାମତ ଲୋଡିଥିଲେ। ଶେଷରେ ଆୟୁଷ ନିର୍ଦ୍ଦେଶକ ରାଜ୍ୟ ଆୟୁଷ ଛାତ୍ର ସଂସଦ ପ୍ରତିନିଧିଙ୍କ ସହିତ ଆଲୋଚନା କରି ଅତିଶୀଘ୍ର ବର୍ଦ୍ଧିତ ହାରରେ ଆୟୁଷ ହାଉସ ସର୍ଜନ ଛାତ୍ରୀଛାତ୍ରଙ୍କୁ ଡାଇନାମିକ୍ ଷ୍ଟାଇପେଣ୍ଡ ଦେବା ପାଇଁ ଫାଇଲ ସରକାରଙ୍କୁ ପଠାଇବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏପରିକି ଏହା ଅତିଶୀଘ୍ର କାର୍ଯ୍ୟକାରୀ ହେଉଥିବା ନେଇ ବିଭିନ୍ନ ଆୟୁଷ ମହାବିଦ୍ୟାଳୟରେ ଯୋଗଦେଇ ସ୍ୱାସ୍ଥ୍ୟମନ୍ତ୍ରୀ ସୂଚନା ଦେଇଥିଲେ। ଇତି ମଧ୍ୟରେ ୩ମାସ ବିତିଯାଇଥିଲେ ମଧ୍ୟ ଭତ୍ତା ବୃଦ୍ଧି କ୍ଷେତ୍ରରେ କୌଣସି ପ୍ରକାର ପଦକ୍ଷେପ ନେଇ ନ ଥିବାରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଶାଗ ଭିତରେ ମଦରଙ୍ଗା**
**ନଈ ଭିତରେ ଗଙ୍ଗା**
**ପର୍ବତ ଭିତରେ ହିମାଳୟ**
**ଲୟ ଭିତରେ ଜୟ।**

ଶାଗ ଭିତରେ ମଦରଙ୍ଗା ଶାଗ ଶ୍ରେଷ୍ଠ ହୋଇଥିବା ବେଳେ ନଈ ଭିତରେ ଗଙ୍ଗା ଓ ପର୍ବତ ଭିତରେ ହିମାଳୟ ନିଜ ନିଜର ଶୀର୍ଷତ୍ୱ ପ୍ରତିପାଦନ କରିଥାନ୍ତି। ସେହିପରି ଏକାନ୍ତ ଚିତ୍ତରେ କୌଣସି କାର୍ଯ୍ୟ କଲେ ସେଥିରେ ସଫଳତା ମିଳିଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ଷୋଳ ଚାଷେ ମୂଳା,**
**ତା'ର ଅର୍ଦ୍ଧେକ ତୁଳା,**
**ତା'ର ଅର୍ଦ୍ଧେକ ଧାନ,**
**ବିନା ଚାଷେ ପାନ।**

ଚାଷ ପାଇଁ ପରିଶ୍ରମ ଲୋଡ଼ା। ଏଠାରେ ମୂଳା, ତୁଳା, ଧାନ ଓ ପାନ ଚାଷର ବିଧି ବର୍ଣ୍ଣନା କରାଯିବା ସହ ପାନ ଏକ ଲାଭଜନକ ବ୍ୟବସାୟ ହୋଇଥାଏ ବୋଲି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରାଃଲିଃ



ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ନାରୀ ନିର୍ଯାତନା ପ୍ରସଙ୍ଗରେ ସାଲିସ୍‌ର ପ୍ରଶ୍ନ ଉଠୁନାହିଁ: ଭକ୍ତ

ଭୁବନେଶ୍ୱର,୨୧।୭(ରବିନାରାୟଣ ଜେନା)

- ବାଲେଶ୍ୱର ଦିବଂଗତ ଛାତ୍ରୀଙ୍କୁ ନ୍ୟାୟ ପାଇଁ ଆନ୍ଦୋଳନ ଜାରି ରହିବ
- ନିମାପଡ଼ା ପ୍ରସଙ୍ଗରେ ପୋଲିସ ହାତ ଖାଲି


ଖବରଦାତା ସମ୍ମିଳନୀରେ ପିସିସି ସଭାପତି ଭକ୍ତ ଦାସ ଓ ଦଳୀୟ ନେତୃବୃନ୍ଦ।

ନାରୀ ନିର୍ଯାତନା ପ୍ରସଙ୍ଗରେ କୌଣସି ପରିସ୍ଥିତିରେ ବି ସାଲିସ୍‌ର ପ୍ରଶ୍ନ ଉଠୁନାହିଁ ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି। ସୋମବାର କଂଗ୍ରେସ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଭକ୍ତ କହିଛନ୍ତି, ବାଲେଶ୍ୱର ଫକୀର ମୋହନ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମହତ୍ୟା ଏବଂ ବଳଙ୍ଗାରେ ଜଣେ ଝିଅକୁ ନିଆଁ ଲଗାଇ ପୋଡ଼ିବା ଘଟଣା ରାଜ୍ୟ ସରକାରଙ୍କ ନିଷ୍କ୍ରିୟତାକୁ ସ୍ପଷ୍ଟ କରୁଛି। ଏପର୍ଯ୍ୟନ୍ତ ପୋଲିସ ସୌମ୍ୟାଶ୍ରୀଙ୍କ ଘଟଣାର ନିର୍ଯାସରେ ପହଞ୍ଚିପାରି ନ ଥିବାବେଳେ ବଳଙ୍ଗା ଘଟଣାରେ ଅପରାଧୀ ଖୋଲାରେ ବୁଲୁଛନ୍ତି। ସରକାରଙ୍କ ନିଷ୍କ୍ରିୟତାରୁ ଅପରାଧୀମାନେ ବଳ ପାଉଛନ୍ତି।

ଏହି ପରିପ୍ରେକ୍ଷୀରେ ଚଳିତ ମାସ ୨୪ରେ ସୌମ୍ୟାଶ୍ରୀଙ୍କ ଏକାଦଶାହକୁ ସମସ୍ତ ଓଡ଼ିଶାବାସୀ ଶ୍ରଦ୍ଧାଞ୍ଜଳି ଦିବସ ରୂପେ ପାଳନ କରିବା ଲାଗି ଭକ୍ତ ନିବେଦନ କରିଛନ୍ତି। ଏହାସହ ନିମାପଡ଼ା ପୋଡ଼ି ଘଟଣାରେ ଚିକିତ୍ସିତ ହେଉଥିବା ଛାତ୍ରୀଙ୍କ ଆଶୁଆରୋଗ୍ୟ କାମନା କରିଛନ୍ତି। ରାଜ୍ୟର ବିଭିନ୍ନ ବିଶ୍ୱବିଦ୍ୟାଳୟ, କଲେଜରେ ୧ ମିନିଟ୍ ନୀରବ ପ୍ରାର୍ଥନା ସହ ଗୋଟିଏ ଦିନ ଶିକ୍ଷାନୁଷ୍ଠାନ ବନ୍ଦ କରିବାକୁ ସେ ଅନୁରୋଧ କରିଛନ୍ତି।

ସେ ପୁଣି କହିଛନ୍ତି, ରାଜ୍ୟରେ ନାରୀ ନିର୍ଯାତନା ବନ୍ଦ ନ ହେବା ଯାଏ ଆମ ସଂଗ୍ରାମ ଜାରି ରହିବ। ବାଲେଶ୍ୱର ପୀଡ଼ିତା ମୁଖ୍ୟମନ୍ତ୍ରୀ, ରାଜ୍ୟ ଶିକ୍ଷାମନ୍ତ୍ରୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ, ସାଂସଦ, ବିଧାୟକ, ଜିଲା ଆରକ୍ଷୀ ଅଧୀକ୍ଷକ ସମସ୍ତଙ୍କୁ ନିବେଦନ କରିବା ସତ୍ତ୍ୱେ ସାହାଯ୍ୟ ତ ଦୂରେ ଥାଉ, କେହିବି କର୍ଣ୍ଣପାତ କରି ନ ଥିଲେ। ଏଥିପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଜବାବ ଦେବାକୁ ପଡ଼ିବ। ଏହି ଘଟଣାକୁ ନେଇ କଂଗ୍ରେସ ଜୁଡିସିଆଲ କମିଟି ଦ୍ୱାରା ଅନୁସନ୍ଧାନ କରିବାକୁ ଦାବି କରିଥିଲା, କିନ୍ତୁ ସରକାର କ୍ରାଇମବ୍ରାଞ୍ଚ ତଦନ୍ତ କରୁଛନ୍ତି। ଏହି ତଦନ୍ତର ମୁଖିଆ ଭାବେ ଏଭଳି ଜଣେ ଅଫିସରଙ୍କୁ ରଖାଯାଇଛି, ଯାହାଙ୍କ ବିରୁଦ୍ଧରେ ନିର୍ଯାତନାର ବିରାଟ ଇତିହାସ ରହିଛି।

ଏହି ଅବସରରେ ଭକ୍ତ ସାମ୍ବାଦିକଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତରରେ କହିଥିଲେ, ନାରୀ ସମ୍ମାନ ହେଉଛି ସାମାଜିକ ନ୍ୟାୟ ଏବଂ ଆମର ଲଢ଼େଇ ନାରୀ ନ୍ୟାୟ ପାଇଁ। ସରକାର ଆଜିପର୍ଯ୍ୟନ୍ତ ରାଜ୍ୟ ମହିଳା କମିଶନ ନିଯୁକ୍ତ କରିପାରିନାହାନ୍ତି। ଯଦି ନିଜ ଦଳର ଏବିଭିପି ଛାତ୍ରୀଙ୍କୁ ନ୍ୟାୟ ଦେବାରେ ସରକାରଙ୍କ ପକ୍ଷେ ସମ୍ଭବ ହେଲାନାହିଁ ତେବେ ଏ ସରକାର କ୍ଷମତାରେ ରହିବା କୌଣସି ଅଧିକାର ନାହିଁ ବୋଲି ସେ କହିଥିଲେ। ଏବିଭିପି ନିଜ ଛାତ୍ରୀନେତ୍ରୀଙ୍କୁ ମଧ୍ୟ ସୁରକ୍ଷା ଦେଇପାରିଲା ନାହିଁ। କିନ୍ତୁ ରାଜ୍ୟ କଂଗ୍ରେସ ଛାତ୍ର ସଭାପତି ଗିରଫ ହେବାର କେଇଘଣ୍ଟା ଭିତରେ ତାଙ୍କୁ ଦଳରୁ ନିଲମ୍ବନ କରାଗଲା। ନାରୀ ପ୍ରତି ଅନ୍ୟାୟ କ୍ଷେତ୍ରରେ କୌଣସି ପ୍ରକାର ସାଲିସ୍ କରାଯିବ ନାହିଁ ବୋଲି ଭକ୍ତ କହିଛନ୍ତି। ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା, ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ପ୍ରସାଦ ହରିଚନ୍ଦନ, ପିସିସି ଉପସଭାପତି ତଥା ବିଧାୟକ ତାରାପ୍ରସାଦ ବାହିନୀପତି, ରମେଶ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

ପ୍ରଥମ ପୃଷ୍ଠାରୁ...

## ନାବାଳିକା ହକି...

ସେ ୩।୭।୨୦୨୫ ସନ୍ଧ୍ୟା ସମୟରେ ଘରକୁ ଫେରୁଥିବା ବେଳେ ହକି କୋଚ୍ ସାର୍ଥକ ଓ ସନ୍ଦୀପ ସ୍ୱାଇଁ ତାଙ୍କୁ ଫୋନ କରି ଏକ ଉପହାର ଅଛି ଆସି ନେଇଯିବାକୁ କହିଥିଲେ। କିନ୍ତୁ ବିଳମ୍ବ ହୋଇ ଯାଇଥିବାରୁ ନାବାଳିକା ଆଉ ଉପହାର ନେବାକୁ ଯାଇ ନ ଥିଲେ। ହେଲେ ଯାଜପୁର ଗାନ୍ଧୀ ଛକ ନିକଟରେ ନାବାଳିକା ଅନ୍ୟ ସାଙ୍ଗମାନଙ୍କ ସହ ଠିଆ ହୋଇ କଥା ହେଉଥିଲେ। ଏହାକୁ କୋଚ୍ ସାର୍ଥକ ଓ ସନ୍ଦୀପ ନିରୀକ୍ଷଣ କରିଥିଲେ। ସେଠାରୁ ନାବାଳିକା ଘରକୁ ଯିବା ବାଟରେ ତାଙ୍କୁ ସାର୍ଥକ, ସନ୍ଦୀପ ଓ ସେମାନଙ୍କ ସହଯୋଗୀ ସାଗର ଅଟକାଇ ଜବରଦସ୍ତ ବାଇକରେ ବସାଇ ସହରର ଜ୍ୟୋତି ହୋଟେଲକୁ ନେଇ ଯାଇଥିଲେ। ସେଠାରେ ୩ ଜଣ ନାବାଳିକାଙ୍କୁ ଗଣବଳାତ୍କାର କରିଥିଲେ। ଏହାପରେ ନାବାଳିକା କାନ୍ଦି କାନ୍ଦି ଲଜ୍‌ର କବାଟ ବାଡ଼େଇ ଥିଲେ। ଏହା ଶୁଣି ଲଜ୍‌ର ଜଣେ କର୍ମଚାରୀ ରୁମ୍ ଭିତରପଟୁ କବାଟ ଖୋଲିବାକୁ କହିଥିଲେ। ନାବାଳିକାଙ୍କ ହାତ ନ ପାଇବାରୁ ସାଗର କବାଟ ଖୋଲିଥିଲେ। ଏହାପରେ ଯେଉଁଠୁ ଉଠେଇଥିଲ ସେଠାରେ ଛାଡି ଦେବାକୁ ନାବାଳିକା ଅନୁରୋଧ କରିବାରୁ ଦୁଇ ଜଣ ନେଇ ତାଙ୍କୁ ଛାଡ଼ିଥିଲେ। ଏହି ଘଟଣା ସମ୍ପର୍କରେ କାହାରିକୁ କହିଲେ ଜୀବନରୁ ମାରିଦେବୁ ବୋଲି ଅଭିଯୁକ୍ତମାନେ ନାବାଳିକାଙ୍କୁ ଧମକ ଦେଇଥିଲେ। ଏନେଇ ନାବାଳିକା ସମସ୍ତ ବିଷୟ ତାଙ୍କ ମା'ଙ୍କୁ କହିଥିଲେ। ଘଟଣାର ପ୍ରାୟ ୧୭ ଦିନ ଅତିକ୍ରାନ୍ତ ହେବା ପରେ ନାବାଳିକା ଜଣକ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଯାଜପୁର ଟାଉନ ଥାନାଧିକାରୀ ଶରତ ଚନ୍ଦ୍ର ପାତ୍ରଙ୍କୁ ପଚାରିବାରୁ ସେ କହିଛନ୍ତି, ଅଭିଯୋଗ ଅନୁସାରେ ତଦନ୍ତ ଚାଲିଛି। ଏଯାଏ କାହାରିକୁ ଗିରଫ କରାଯାଇନାହିଁ। ଖୁବ୍‌ଶୀଘ୍ର ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ। ଅନ୍ୟପକ୍ଷରେ ପୋଲିସ ପୀଡ଼ିତାଙ୍କୁ ଡାକ୍ତରୀ ମାଇନା କରିବା ନିମନ୍ତେ ଯାଜପୁର ମେଡିକାଲକୁ ପଠାଇବା ସହ ବିଚାରପତିଙ୍କ ନିକଟରେ ନାବାଳିକାକୁ ହାଜର କରାଯାଇ ତାଙ୍କ ବୟାନ ରେକର୍ଡ଼ କରାଯାଇଛି।

## ଇଡି ସବୁ ସୀମା...

ସେମାନଙ୍କ ବିରୋଧରେ ନୋଟିସ କିପରି ଜାରି କରାଯାଇପାରିବ? ଏଥିପାଇଁ କେତେକ ଗାଇଡ୍‌ଲାଇନ୍ ରହିବା ଉଚିତ। ଇଡି ସବୁ ସୀମା ଲଙ୍ଘୁଛି। ବରିଷ୍ଠ ଆଇନଜୀବୀ ଦତାରଙ୍କ ଭଳି ଲିଗାଲ ପ୍ରଫେଶନାଲଙ୍କୁ ଇଡି ନୋଟିସ ପଠାଇବା ଦ୍ୱାରା ସେମାନଙ୍କ ବୃତ୍ତି ପ୍ରଭାବିତ ହୋଇପାରେ ବୋଲି ସିଜେଆଇ ଗବଇ କହିଛନ୍ତି। ଇଡି ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଆର୍ଟର୍ନି ଜେନେରାଲ ଆର୍. ଭେଙ୍କଟରମଣି ଏବଂ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ମଧ୍ୟ ସିଜେଆଇଙ୍କ ସହ ଏଥିରେ ସହମତି ପ୍ରକାଶ କରିଛନ୍ତି। ଆଇନଗତ ପରାମର୍ଶ ଦେଉଥିବା ଓକିଲଙ୍କୁ ସମନ କରାଯାଇପାରିବ ନାହିଁ ବୋଲି ଉଭୟେ କହିଛନ୍ତି।

## ଉପରାଷ୍ଟ୍ରପତିଙ୍କ ଇସ୍ତଫା...

କାର୍ଯ୍ୟକାଳ ୨୦୨୭ ଅଗଷ୍ଟ ୧୦ରେ ଶେଷ ହୋଇଥାନ୍ତା। ତେବେ ସଂସଦ ମୌସୁମୀ ଅଧିବେଶନର ପ୍ରଥମ ଦିନରେ ରାଜ୍ୟ ସଭାରେ ଅଧ୍ୟକ୍ଷତା କରିବା ପରେ ସେ ହଠାତ୍ କାହିଁକି ଇସ୍ତଫା ଦେଲେ ସେନେଇ କିଛି ଜଣାପଡ଼ିନାହିଁ।

## ଥାନାରେ ବିଷ...

ତାଙ୍କ ଭାଇଙ୍କୁ ଗିରଫ କରାଯିବ ବୋଲି ପୋଲିସ କହିଥିଲା। ଭାଇଙ୍କୁ ଗିରଫ କରାଯିବା କଥା ଶୁଣିବା ପରେ ପୀଡ଼ିତା ଥାନା ଭିତରେ ବିଷ ପିଇ ଦେଇଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ପୀଡ଼ିତା କହିଛନ୍ତି, ଆଲୋକ ତାଙ୍କୁ ପ୍ରତାରଣା କରିଛନ୍ତି। ପୋଲିସ ତାଙ୍କୁ ସହଯୋଗ ନ କରି ଆଲୋକଙ୍କୁ ଅନୁକମ୍ପା ଦେଖାଇ କୋହଳ ଦଫା ଲଗାଇଥିବାରୁ ସେ ଜାମିନରେ ଆସି ଅୟସ କରୁଛନ୍ତି। ହେଲେ ତାଙ୍କୁ ନର୍କ ଯନ୍ତ୍ରଣା ଭୋଗିବାକୁ ପଡୁଛି। ତାଙ୍କୁ ଏବେ କିଏ ବାହା ହେବ। ତାଙ୍କ ଇଜ୍ଜତ ସେ କ'ଣ ଫେରି ପାଇବେ କି ବୋଲି ପୀଡ଼ିତା କହିଛନ୍ତି। ଏହାସହିତ ଆଲୋକଙ୍କ ପରିବାର ସବୁବେଳେ ନିର୍ଯାତନା ଦେଉଛନ୍ତି। ରବିବାର ଆଲୋକଙ୍କ ପରିବାର ପକ୍ଷରୁ ତାଙ୍କ ଭାଇଙ୍କୁ ମାରପିଟକରି କେସ୍ ଦେଲେ। ତଦନୁଯାୟୀ ପୋଲିସ ମାମଲା ରୁଜୁ କରି ଭାଇଙ୍କ ଗିରଫ କରିବାକୁ କହିଲା। ପୋଲିସଠାରୁ ନିରାଶ ହେବା ପରେ ଜୀବନକୁ ତୁଚ୍ଛ ମନେ କରି ବିଷ ପିଇଦେଲି ବୋଲି ଯୁବତୀ କହିଛନ୍ତି।

ଏନେଇ ନୟାଗଡ଼ ଏସ୍‌ଡିପିଓ ଜ୍ୟୋତି ସାମନ୍ତରାୟ ଓ ଇଟାମାଟି ଥାନା ଆଇଆଇସି ପ୍ରିୟବ୍ରତ ରାଉତଙ୍କୁ ପଚାରିବାରେ ପୀଡିତାଙ୍କୁ ପୋଲିସ ଅବହେଳା କରିନାହିଁ। ଫେବୃଆରୀରେ ପୀଡ଼ିତାଙ୍କ ଅଭିଯୋଗକ୍ରମେ ନଂ.୪୨/୨୫ରେ ମାମଲା କରାଯାଇ ଆଲୋକଙ୍କୁ ରାୟପୁରରୁ ଗିରଫକରି ଜେଲ ପଠାଯାଇଛି। ରବିବାର ମାରପିଟ ଘଟଣାରେ ଆଲୋକଙ୍କ ବାପାଙ୍କ ଅଭିଯୋଗକ୍ରମେ ନଂ.୨୬୪/୨୫ରେ ମାମଲା ହୋଇଛି। ଏଥିରେ ପୀଡିତାଙ୍କ ଭାଇଙ୍କ ନାଁ ମୁଖ୍ୟ ଅଭିଯୁକ୍ତ ରହିଛି। ସେପଟେ ପୀଡ଼ିତାଙ୍କ ପରିବାର ଅଭିଯୋଗ କ୍ରମେ ୨୬୫/୨୫ ନମ୍ବରରେ ମାମଲା ହୋଇଛି। ବଳାତ୍କାର ମାମଲାରେ ପୋଲିସ ଚାର୍ଜଶିଟ ଦାଖଲ କରିନାହିଁ। କୋର୍ଟରେ ମାମଲା ଥିବାବେଳେ ପୀଡ଼ିତା ବୋହୂ ହେବାକୁ ଜିଦ୍ କରିବା ପରେ ପୋଲିସ କିଭଳି ନ୍ୟାୟ ଦେବ। ଥାନାରେ ପୀଡ଼ିତା ବିଷ ପିଇବା ଘଟଣାକୁ ଆମେ ଅଣଦେଖା ମଧ୍ୟ କରିନାହୁଁ। ବିଷ ପିଇବାର ଦୃଶ୍ୟ ସିସିଟିଭି ଫୁଟେଜ୍‌ରେ ଅଛି ବୋଲି ସେମାନେ କହିଛନ୍ତି।

## ସ୍କୁଲ ଉପରେ...

ସୂଚନା ଦେଇଛନ୍ତି। ଦୁର୍ଘଟଣାରେ ୨୦ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଶତାଧିକ ଆହତ ହୋଇଥିବା ନେଇ ଢାକାସ୍ଥିତ ଅଗ୍ନିଶମ ସେବା ଏବଂ ନାଗରିକ ପ୍ରତିରକ୍ଷାର ମହାନିର୍ଦ୍ଦେଶକ ବ୍ରିଗେଡିଅର ଜେନେରାଲ ଜାହେଦ କମଲ ସୂଚନା ଦେଇଛନ୍ତି। ଆହତଙ୍କ ମଧ୍ୟରୁ ୫୦ ଜଣଙ୍କ ଅବସ୍ଥା ଗୁରୁତର ଥିବା ବେଳେ ଅଧିକାଂଶ ଛାତ୍ରୀଛାତ୍ର ରହିଛନ୍ତି। ସେମାନଙ୍କୁ ଢାକାସ୍ଥିତ କମ୍ବାଇନଡ୍ ମିଲିଟାରୀ ହସ୍ପିଟାଲ (ସିଏମ୍‌ଏଚ୍), ଢାକା ମେଡିକାଲ କଲେଜ ହସ୍ପିଟାଲ, ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ବର୍ନ ଆଣ୍ଡ ପ୍ଲାଷ୍ଟିକ ସର୍ଜରି (ଏନ୍‌ଆଇବିପିଏସ୍)ରେ ଭର୍ତ୍ତି କରାଯାଇଛି। ଘଟଣାସ୍ଥଳରେ ବାଂଲାଦେଶ ସେନା, ଅଗ୍ନିଶମ ବାହିନୀ,ସିଭିଲ ଡିଫେନ୍ସର ୮ଟି ୟୁନିଟ୍, ଏୟାରଫୋର୍ସ ହେଲିକପ୍ଟର ଆଦି ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି। ଉଦ୍ଧାର କାର୍ଯ୍ୟ ତତ୍ପରତାର ସହ ଜାରି ରହିଛି ଏବଂ ଦୁର୍ଘଟଣାର ତଦନ୍ତ କରାଯିବ ବୋଲି ବାଂଲାଦେଶ ଅନ୍ତରୀଣ ସରକାରଙ୍କ ମୁଖ୍ୟ ପରାମର୍ଶଦାତା ମହମ୍ମଦ ୟୁନୁସ୍ କହିଛନ୍ତି। ସେହିପରି ସେ ଘଟଣାକୁ ନେଇ ଶୋକ ପ୍ରକଟ ମଧ୍ୟ କରିଛନ୍ତି। ଏହି ବିମାନ ଦୁର୍ଘଟଣା ପାଇଁ ବାଂଲାଦେଶରେ ଦିନକ ପାଇଁ ଶୋକ ଘୋଷଣା କରାଯାଇଛି। ମାଇଲ୍‌ଷ୍ଟୋନ ସ୍କୁଲ ଆଣ୍ଡ କଲେଜରେ କିଣ୍ଡରଗାର୍ଟେନଠାରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ୨୦୦୦ରୁ ଅଧିକ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବା ନେଇ ସ୍ଥାନୀୟ ଗଣମାଧ୍ୟମରେ ପ୍ରକାଶ ପାଇଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**: ପରିବାରର ଖର୍ଚ୍ଚ ବୃଦ୍ଧି ପାଇଲେ ମଧ୍ୟ ଯାତ୍ରା, ବାଣିଜ୍ୟ, ବ୍ୟବସାୟ ପାଇଁ ଦିନଟି ବହୁତ ଭଲ। ଆଲୋଚନା କ୍ରମରେ ଘରର କେତେକ ରହିଯାଇଥିବା କାମ କରିବା ସକାଶେ ଚିନ୍ତା କରିପାରନ୍ତି। ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ। ବନ୍ଧୁ ଓ ପଡ଼ୋଶୀଙ୍କ ସହ ବିଭିନ୍ନ ପ୍ରକାର ଆଲୋଚନାରେ ସମୟ କଟାଇପାରନ୍ତି।

**ବୃଷ**: ଆଜିର ଯାତ୍ରା ଖର୍ଚ୍ଚ ସକାଶେ ପୂର୍ବ ପ୍ରତିଶ୍ରୁତି ଅନୁଯାୟୀ ବନ୍ଧୁଙ୍କ ନିକଟରୁ ଅର୍ଥ ସାହାଯ୍ୟ ଲାଭକରି ଖୁସି ହେବେ। କର୍ମକ୍ଷେତ୍ରରେ ଉପରିସ୍ଥ କର୍ମଚାରୀଙ୍କ ନିକଟରୁ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ୍ୟ ସାଧନ କରିପାରନ୍ତି। ପରିସ୍ଥିତିକୁ ଲକ୍ଷ୍ୟକରି ପ୍ରଶାସନିକ ସ୍ତରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିନେବାକୁ ପଡ଼ିପାରେ। ଘରୋଇ କଳହକୁ ନେଇ ଅଶାନ୍ତି ଲାଗିରହିବ।

**ମିଥୁନ**: ବିଭିନ୍ନ ସମସ୍ୟା ମଧ୍ୟରେ ଗତି କରୁଥିବା କାରଣରୁ ବ୍ୟସ୍ତତା ବୃଦ୍ଧିପାଇବ। ବନ୍ଧୁଙ୍କ ସାହାଯ୍ୟରେ ନୂତନ କର୍ମାରମ୍ଭକରି ଉତ୍ସାହିତ ହେବେ ଓ ସଫଳତା ହାସଲ କରିବେ। ଦୂରଯାତ୍ରା, ଶିଳ୍ପ, ବାଣିଜ୍ୟ, ବ୍ୟବସାୟରେ ସାମାନ୍ୟ ପ୍ରତିବନ୍ଧକ ଦେଖାଦେଇପାରେ। ନିଜର ସ୍ୱାର୍ଥ କିମ୍ବା ସମ୍ମାନହାନି କାରଣରୁ ବନ୍ଧୁଙ୍କ ଉପରେ ଖପ୍ପା ହୋଇପାରନ୍ତି।

**କର୍କଟ**: କୌଣସି ବନ୍ଧୁଙ୍କ ପରୋକ୍ଷ ଶତ୍ରୁତା କର୍ମକ୍ଷେତ୍ର ପାଇଁ ପ୍ରତିକୂଳତା ସୃଷ୍ଟିକରିବ। ତଥାପି ଅପରାହ୍ନରେ ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁମିଳନରୁ ଉତ୍ସାହିତ ହେବେ। ଶତ୍ରୁମାନଙ୍କ ସକ୍ରିୟତା ବୃଦ୍ଧି ପାଇବା ହେତୁ ସାମୟିକ ବ୍ୟସ୍ତ ରହିପାରନ୍ତି। ସାମାଜିକ ସ୍ତରରେ ମନ ବୁଝିଲା ଭଳି କଥା କହି ଅନ୍ୟକୁ ଆପଣାର କରିପାରନ୍ତି।

**ସିଂହ**: ରବିଙ୍କ ପ୍ରଭାବରୁ ଆରୋଗ୍ୟ, ସରକାରୀ ଅନୁକମ୍ପା, ବିଶିଷ୍ଟ ବ୍ୟକ୍ତିଙ୍କ ସଙ୍ଗଲାଭର ସୁଯୋଗ ପ୍ରାପ୍ତ ହେବ। ପରିସ୍ଥିତିରେ ପଡ଼ି ଇଚ୍ଛା ନ ଥାଇ ମଧ୍ୟ ସମ୍ପର୍କୀୟଙ୍କ ସକାଶେ ବ୍ୟୟ କରିବାକୁ ବାଧ୍ୟହେବେ। ବକେୟା ଅର୍ଥ ଆଦାୟ କରିବାରେ ବନ୍ଧୁଙ୍କ ସହ ଉଚ୍ଚବାଚ ଘଟିପାରେ। ପାରିବାରିକ ସମସ୍ୟା ସୁଧାରିବାକୁ ଯାଇ ବ୍ୟସ୍ତ ବିବ୍ରତ ହୋଇପାରନ୍ତି।

**କନ୍ୟା**: ଆଜି ଯାହା ମନକୁ ଆସୁଛି କଲେ କୌଣସି ଅସୁବିଧା ହେବନାହିଁ। ଆଲୋଚନା ପରିସରରେ, ବନ୍ଧୁଗହଣରେ, ଯାତ୍ରା କାଳରେ ସୁସମ୍ପର୍କ ଓ ସହାନୁଭୂତି ଲାଭକରିବେ। ପାରିବାରିକ କ୍ଷେତ୍ରକୁ ଶନିଙ୍କ ଦୃଷ୍ଟି ସନ୍ଦେହ କିମ୍ବା ଭୁଲ୍ ବୁଝାମଣାଜନିତ କଳହ ସୃଷ୍ଟିକରିବ। ଯାନବାହନରେ ଯାନ୍ତ୍ରିକ ତ୍ରୁଟି ଆପଣଙ୍କ ଯାତ୍ରାକୁ ବିଳମ୍ବିତ କିମ୍ବା ସ୍ଥଗିତ କରିଦେଇପାରେ।

**ତୁଳା**: ପାରିବାରିକ ଜୀବନରେ କେତେକ ବ୍ୟତିକ୍ରମ ରହିଥିଲେ ମଧ୍ୟ ଆଜିର କାମ ସକାଶେ ଅସୁବିଧା ହେବନାହିଁ। ଶିଳ୍ପ, ବ୍ୟବସାୟରେ ସଫଳତା ମିଳିବ। ଯାତ୍ରା, ଆନୁଷ୍ଠାନିକ କାମ ଓ ଆଲୋଚନା ପରିସରରେ କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରୁହନ୍ତୁ। କ୍ରୀଡ଼ା, ସାହିତ୍ୟାଦି କ୍ଷେତ୍ର ଶୁକ୍ରଙ୍କ ବିଳାସ ସ୍ଥାନାରୋହଣରୁ ଭଲ ରହିବ।

**ବିଛା**: ଭାଗ୍ୟସ୍ଥାନରେ ଏକାଧିକ ଗ୍ରହ ରହି ଆପଣଙ୍କୁ ଦେହରେ ବଳ ଓ ମନରେ ଧୈର୍ଯ୍ୟ ପ୍ରଦାନ କରିବେ। ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ, କିନ୍ତୁ ଅତ୍ୟଧିକ ଖର୍ଚ୍ଚାନ୍ତ ହେବାକୁ ପଡ଼ିପାରେ। ଶିଳ୍ପ, ବାଣିଜ୍ୟ, ପରିବହନ ତଥା ପ୍ରଶାସନିକ ସ୍ତରରେ ବ୍ୟସ୍ତତା ଦୂର ହେବ। ପାଖ ଲୋକ ଈର୍ଷାପରାୟଣ ହୋଇ ଅପପ୍ରଚାର କରିପାରନ୍ତି।

**ଧନୁ**: କେନ୍ଦ୍ରରେ ବୃହସ୍ପତିଙ୍କ ସ୍ଥିତି ହେତୁ ସମସ୍ୟା ଆସିଲେ ମଧ୍ୟ ଅସୁବିଧା ହେବନାହିଁ। କେତେକ କ୍ଷେତ୍ରରେ ଠିକ୍ ନିଷ୍ପତ୍ତି ନେବାରେ ସମସ୍ୟା ଦେଖାଦେବ। ଭଲ ସମ୍ପର୍କ ଥିବା ବ୍ୟକ୍ତିଟି ଭୁଲ୍ ଧାରଣା ପୋଷଣକରି ଦୂରେଇ ରହିବ। ରପ୍ତାନି ବାଣିଜ୍ୟରେ ଉନ୍ନତି ଘଟିବ, କିନ୍ତୁ ରାଜନୀତିରେ ନେତୃତ୍ୱ ନେଇ ପ୍ରଶଂସିତ ହୋଇପାରନ୍ତି।

**ମକର**: ପାରିବାରିକ ସ୍ତରରେ ସ୍ୱାର୍ଥସାଧନ ପରିପ୍ରେକ୍ଷୀରେ ନିଜ ଲୋକମାନେ ଶତ୍ରୁତା କରିପାରନ୍ତି। ପୂର୍ବ ସ୍ଥିରୀକୃତ ଯୋଜନା ଠିକ୍ ଭାବରେ ବଦଳାଇବା କଷ୍ଟକର ହେବ। ସମସ୍ୟା ଆସିଲେ ମଧ୍ୟ ପ୍ରତ୍ୟେକ କ୍ଷେତ୍ରରେ ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟକଲେ ଉପକୃତ ହେବେ। ସାମାଜିକ କ୍ଷେତ୍ରରେ କିମ୍ବା ଗଠନମୂଳକ କାର୍ଯ୍ୟରୁ ପ୍ରଶଂସିତ ହୋଇପାରନ୍ତି।

**କୁମ୍ଭ**: ସାମାଜିକ ସ୍ତରରେ ସମ୍ମାନ ପ୍ରଶଂସାରେ ନିଜକୁ ଭାଗ୍ୟବାନ୍ ମନେକରିବେ। ଆତ୍ମୀୟଙ୍କ ସହଯୋଗରେ ଯାତ୍ରା, ନୂତନ ସମ୍ପର୍କ ଓ ଅର୍ଥପ୍ରାପ୍ତି ସୂଚନା ରହିଛି। ବୁଝାମଣାର ଅଭାବଜନିତ ଛୋଟ କଥାକୁ ନେଇ କଳହ ସୃଷ୍ଟି ହୋଇପାରେ। ପରିବାରରେ ପୁତ୍ରକନ୍ୟାଙ୍କ ଆବଶ୍ୟକତା କିମ୍ବା ଇଚ୍ଛା ପୂରଣ ଅଭାବରୁ ଚିନ୍ତିତ ରହିପାରନ୍ତି।

**ମୀନ**: ପୂର୍ବର ସମସ୍ୟା ଧୀରେ ଧୀରେ ଦୂରେଇଯାଉଥିବା ଅନୁଭବକରି ଉତ୍ସାହିତ ହେବେ। କ୍ରୀଡ଼ା, ସାହିତ୍ୟ, ସାମ୍ବାଦିକତା, ସଙ୍ଗୀତ କ୍ଷେତ୍ରରେ ସଫଳତା ଅର୍ଜନ କରିବେ। ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ମଧ୍ୟ ସୁଫଳ ମିଳିବ। କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପରିବାର ସହ ଆଲୋଚନା କରିବା ଭଲ।

ଆଜି ଜୁଲାଇ ୨୨ତାରିଖ,ଶ୍ରାବଣ କୃଷ୍ଣ ଦ୍ୱାଦଶୀଯୁକ୍ତ ତ୍ରୟୋଦଶୀ ମଙ୍ଗଳବାର। ରାଶିନକ୍ଷତ୍ର-ମୃଗଶିରା/ବୃଷ, ଦିବା ଘ. ୦୮।୧୫ ମି. ଗତେ ମିଥୁନ ଚନ୍ଦ୍ର, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ। ଘ.୦୮।୩୭ ଗତେ, ଘ. ୧୦।୩୪ ମଧ୍ୟେ, ଘ.୦୧।୧୧ ଗତେ, ଘ.୦୧।୩୦ ମଧ୍ୟେ ଶୁଦ୍ଧ ଶୁଭବେଳା । ଅପରାହ୍ନ ଘ.୦୩।୦୮ ଗତେ, ଘ.୦୪।୪୫ ମଧ୍ୟେ ରାହୁକାଳ।

# ଅଧ୍ୟକ୍ଷ, ଗଣିତ ଅଧ୍ୟାପକ ନିଲମ୍ବିତ

**ସ୍ୱାମୀ ଅରୂପାନନ୍ଦ ଜୁନିୟର କଲେଜ**

ଛାତ୍ରୀଙ୍କୁ ଅସଦାଚରଣ ଅଭିଯୋଗ ପ୍ରସଙ୍ଗ

ରଘୁନାଥପୁର,୨୧।୭
(ରାଜେନ୍ଦ୍ର ନାରାୟଣ ସିଂହ)

ଛାତ୍ରୀଙ୍କୁ ଅସଦାଚରଣ ଅଭିଯୋଗରେ ଜଗତ୍‌ସିଂହପୁର ଜିଲା ରଘୁନାଥପୁର ବ୍ଲକ୍ କୃତ୍ତାଙ୍ଗସ୍ଥିତ ସ୍ୱାମୀ ଅରୁପାନନ୍ଦ ଜୁନିୟର କଲେଜ ଅଧ୍ୟକ୍ଷ ରମେଶ ଚନ୍ଦ୍ର ସାହୁ ଓ ଗଣିତ ଅଧ୍ୟାପକ ଶାଶ୍ୱତ ମହାନ୍ତିଙ୍କୁ ସୋମବାର ନିଲମ୍ବନ କରାଯାଇଛି। ଜିଲାପାଳଙ୍କ ଜରିଆରେ ଉପଜିଲାପାଳ ପ୍ରଶାନ୍ତ କୁମାର ତରାଇଙ୍କ ପକ୍ଷରୁ ଏହି ନିର୍ଦ୍ଦେଶନାମା ପ୍ରକାଶ ପାଇଛି।

ସୂଚନାଯୋଗ୍ୟ, ୨୦୨୫ ଜାନୁଆରୀ ୧୫ରେ ଏହି କଲେଜର ଜଣେ ଛାତ୍ରୀ ଗଣିତ ଅଧ୍ୟାପକ ମହାନ୍ତିଙ୍କ ବିରୋଧରେ ଅସଦାଚରଣ ଅଭିଯୋଗ କରିଥିଲେ। ଏନେଇ ସମ୍ପୃକ୍ତା ଛାତ୍ରୀ ଅଧ୍ୟକ୍ଷଙ୍କ ନିକଟରେ ଅଭିଯୋଗ କରିଥିଲେ। ଛାତ୍ରୀଙ୍କ ଅଭିଯୋଗ ଅନୁଯାୟୀ ଅଧ୍ୟକ୍ଷ ସାହୁ ତୁରନ୍ତ ଏକ କମିଟି ଗଠନକରି ସମ୍ପୃକ୍ତ ଅଧ୍ୟାପକ ମହାନ୍ତିଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଥିଲେ। ଏହାଛଡା କମିଟି ମଧ୍ୟ ଏ ସମ୍ପର୍କରେ ତଦନ୍ତ କରି ଅଧ୍ୟକ୍ଷଙ୍କୁ ରିପୋର୍ଟ ପ୍ରଦାନ କରିଥିଲେ। ୨୦୨୫ ଏପ୍ରିଲ ୨ରେ ଛାତ୍ରୀ ଜଣକ ଅଧ୍ୟକ୍ଷ ସାହୁଙ୍କୁ ଏକ ଲିଖିତ ଦରଖାସ୍ତ କରିଥିଲେ। ସେଥିରେ ଅଧ୍ୟାପକ ମହାନ୍ତି ତାଙ୍କର ଭୁଲ୍ ବୁଝିପାରି କ୍ଷମା ପ୍ରାର୍ଥନା କରିଥିବା ଏବଂ ଆପୋସ ସମାଧାନ ହୋଇଥିବା ସମ୍ପର୍କରେ ଦର୍ଶାଇଥିଲେ। ଏଣୁ ଉକ୍ତ ଅଭିଯୋଗକୁ ଆଉ ଆଗକୁ ନନେଇ ପରିସମାପ୍ତି କରିବାପାଇଁ ଛାତ୍ରୀ ଜଣକ ଅଧ୍ୟକ୍ଷଙ୍କୁ ଲିଖିତ ଭାବେ ଜଣାଇଥିଲେ। ଗତ କିଛିଦିନ ତଳେ ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣି ଅଭିଯୋଗ ପ୍ରକୋଷ୍ଠରେ ଜଣେ ସାମାଜିକ କର୍ମୀ ଏନେଇ ଅଭିଯୋଗ କରିଥିଲେ। ୨୦୨୫ ଜୁଲାଇ ୧୯ରେ ଜିଲାପାଳଙ୍କ ପକ୍ଷରୁ ଅଧ୍ୟକ୍ଷ ସାହୁଙ୍କୁ ୩ ଦିନ ମଧ୍ୟରେ ଏହି ଘଟଣା ସମ୍ପର୍କିତ ରିପୋର୍ଟ ପ୍ରଦାନ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ମାତ୍ର ଅଧ୍ୟକ୍ଷ ସାହୁଙ୍କ ରିପୋର୍ଟ ସନ୍ତୋଷଜନକ ନ ହେବାରୁ ଉଭୟ ଅଧ୍ୟକ୍ଷ ଓ ଅଧ୍ୟାପକଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଅନ୍ୟପକ୍ଷେ ଛାତ୍ରୀଙ୍କ ବାପାଙ୍କ ପକ୍ଷରୁ ସୋମବାର କଲେଜ କର୍ତ୍ତୃପକ୍ଷଙ୍କୁ ଏକ ଦରଖାସ୍ତ ଦିଆଯାଇଛି। ସେଥିରେ ସେ ତାଙ୍କ ଜ୍ଞାତସାରରେ ଏହି ଘଟଣାର ସମାଧାନ ତଥା ପରିସମାପ୍ତି ହୋଇଥିବା ଉଲ୍ଲେଖ କରିଛନ୍ତି।

# ଉଦିତ୍ ଗିରଫ ହେବା ପରେ ଭକ୍ତଙ୍କ ଇସ୍ତଫା ଦାବି କଲା ଯୁବମୋର୍ଚ୍ଚା

ଭୁବନେଶ୍ୱର,୨୧।୭(ସୁନିତ୍ ମିଶ୍ର)

ଜଣେ ଛାତ୍ରୀଙ୍କୁ ବଳାତ୍କାର କରିବା ଅଭିଯୋଗରେ ରାଜ୍ୟ ଛାତ୍ର କଂଗ୍ରେସ ସଭାପତି ଉଦିତ୍ ପ୍ରଧାନ ଗିରଫ ହୋଇଛନ୍ତି। ଗତ କିଛିଦିନ ତଳେ ଅଭିଯୁକ୍ତ ଉଦିତ ପ୍ରଧାନ ନାରୀ ସୁରକ୍ଷା ପ୍ରସଙ୍ଗରେ ରାଜରାସ୍ତାକୁ ଓହ୍ଲାଇ କୁମ୍ଭୀର କାନ୍ଦଣା କାନ୍ଦୁଥିଲେ, ଏହାସହ ମୁଖ୍ୟମନ୍ତ୍ରୀ, ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବିକରି କୁଶପୁତ୍ତଳିକା ଦାହ କରୁଥିଲେ। ରାଜରାସ୍ତା ବନ୍ଦ କରି ଜନସାଧାରଣଙ୍କୁ ହଇରାଣ କରୁଥିଲେ। ଏବେ ତାଙ୍କ ଅସଲ ଚେହେରା ପଦାରେ ପଡ଼ିଯାଇଛି। ଏହି ଘଟଣାରେ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଭକ୍ତ ଚରଣ ଦାସ ଇସ୍ତଫା ଦିଅନ୍ତୁ ବୋଲି ଭାଜପା ଯୁବମୋର୍ଚ୍ଚା ସଭାପତି ଅଭିଲାଷ ପଣ୍ଡା କହିଛନ୍ତି।



ବିଜେପି ଯୁବମୋର୍ଚ୍ଚା ପକ୍ଷରୁ ମାଷ୍ଟର କ୍ୟାଣ୍ଟିନ୍ ଛକଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଅଭିଲାଷ କହିଛନ୍ତି, ମହିଳାଙ୍କୁ ନ୍ୟାୟ ଦେବା ପାଇଁ ଆନ୍ଦୋଳନ କରୁଥିବା ବ୍ୟକ୍ତି ନିଜେ ବଳାତ୍କାରୀ ବୋଲି ଜଣାପଡ଼ିଛି। କଂଗ୍ରେସ ବର୍ତ୍ତମାନ ସୁଦ୍ଧା ଉଦିତ୍‌ଙ୍କୁ ଖାଲି ସଭାପତି ପଦରୁ ନିଲମ୍ବିତ କରି ନିଜ କର୍ତ୍ତବ୍ୟ ଶେଷ କରିଦେଇଛି ବୋଲି ଭାବୁଛି। ଆଉ ତାଙ୍କ ଦଳ ଉପରେ କେହି ଆଙ୍ଗୁଠି ଉଠାଇବେ ନାହିଁ ବୋଲି ସେମାନେ ଭାବିଛନ୍ତି। ଏହାକୁ ଯେତେ ନିନ୍ଦା କଲେ ତାହା କମ୍ ହେବ। ଉଦିତ୍ ଛାତ୍ର କଂଗ୍ରେସ ସଭାପତି ହେବାର ବହୁ ପୂର୍ବରୁ ମଧ୍ୟ ବିଭିନ୍ନ ଆପରାଧିକ କାର୍ଯ୍ୟକଳାପରେ ଜଡ଼ିତ ଥିଲେ। ୨୭ ମେ ୨୦୨୪ରେ ଖଣ୍ଡଗିରି ଥାନାରେ ଉଦିତ୍‌ଙ୍କ ନାମରେ ଡକାୟତି ଅଭିଯୋଗ ହୋଇଥିଲା। କେବଳ ସେତିକି ନୁହେଁ ଟଙ୍କା ଠକେଇ, ଆପରାଧିକ ମାନସିକତା ରଖି ମାରଧର କରିବା ଭଳି ଅଭିଯୋଗ ମଧ୍ୟ ତାଙ୍କ ନାମରେ ରହିଛି। ଏସବୁ ଅପରାଧ ବିଷୟରେ ଜାଣିବା ସତ୍ତ୍ୱେ ଥାନାରେ ଏଫଆଇଆର୍ ହେବାର ମାତ୍ର ୩ ମାସ ପରେ ଅର୍ଥାତ୍ ୧୩ ଅଗଷ୍ଟ ୨୦୨୪ରେ କଂଗ୍ରେସ ତାଙ୍କୁ ପୁରସ୍କାର ଦେଇ ରାଜ୍ୟ ଛାତ୍ର କଂଗ୍ରେସ ସଭାପତି ଭାବେ ଦାୟିତ୍ୱ ଦେଇଛି। ଏଭଳି ଅପରାଧୀଙ୍କୁ କାହିଁକି ନିଯୁକ୍ତି ଦିଆଯାଇଥିଲା ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କିଛିଦିନ ତଳେ ପିସିସି ସଭାପତି ଭକ୍ତ ଦାସ ବାଲେଶ୍ୱର ଏଫ୍‌ଏମ୍ କଲେଜ ଘଟଣାରେ ରାଜ୍ୟ ସରକାରଙ୍କୁ ଦାୟୀ କରୁଥିଲେ। ନୈତିକତା ଆଧାରରେ ମୁଖ୍ୟମନ୍ତ୍ରୀ ଓ ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବି କରୁଥିଲେ। ଏବେ ତାଙ୍କ ଦଳର ନେତା ଯାହାଙ୍କ ନାଁରେ ବଳାତ୍କାରଠାରୁ ଆରମ୍ଭକରି ଅନ୍ୟାନ୍ୟ ଆପରାଧିକ ମାମଲା ରହିଛି, ସେଭଳି ବ୍ୟକ୍ତିଙ୍କୁ ଗୁରୁତ୍ୱପୂର୍ଣ୍ଣ ପଦରେ ନିଯୁକ୍ତି ଦେଇଥିବାରୁ ନୈତିକତା ଦୃଷ୍ଟିରୁ ଭକ୍ତ ଦାସ ନିଜେ ଇସ୍ତଫା ଦିଅନ୍ତୁ। କଂଗ୍ରେସ ତାଙ୍କ ଦଳୀୟ ନେତାଙ୍କ କାର୍ଯ୍ୟକଳାପରେ କିଭଳି କାର୍ଯ୍ୟାନୁଷ୍ଠାନ ନେବ ତାକୁ ଦେଖିବା ବାକି ରହିଲା। ତେବେ ଏହି ଘଟଣାକୁ ନେଇ ଯୁବମୋର୍ଚ୍ଚା ପକ୍ଷରୁ ମାଷ୍ଟର କ୍ୟାଣ୍ଟିନ ଛକଠାରେ କଂଗ୍ରେସ ବିରୋଧରେ ଆନ୍ଦୋଳନ କରାଯିବା ସହିତ ପିସିସି ସଭାପତିଙ୍କ ଇସ୍ତଫା ଦାବିରେ କୁଶପୁତ୍ତଳିକା ଦାହ କରାଯାଇଛି।

# ନିରପେକ୍ଷ ତଦନ୍ତ କରାନ୍ତୁ ସରକାର: ବିଜେଡି

**ଉଦିତ୍ ପ୍ରଧାନଙ୍କ ଗିରଫ ଘଟଣା**

ଭୁବନେଶ୍ୱର,୨୧।୭(ସୁନିତ୍ ମିଶ୍ର)

ଜଣେ ଯୁବତୀଙ୍କୁ ବଳାତ୍କାର ଅଭିଯୋଗରେ ଛାତ୍ର କଂଗ୍ରେସ ସଭାପତିଙ୍କ ଗିରଫ ପ୍ରସଙ୍ଗରେ ବିଜେଡି ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛି। ଶଙ୍ଖ ଭବନଠାରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ମୁଖପାତ୍ର ଇପ୍ସିତା ସାହୁ କହିଛନ୍ତି, ଛାତ୍ର କଂଗ୍ରେସ ସଭାପତି ଥିବା ଉଦିତ ପ୍ରଧାନଙ୍କ ବିରୋଧରେ ଯେଉଁ ଅଭିଯୋଗ ଆସିଛି, ତାହା ଅତ୍ୟନ୍ତ ସଙ୍ଗିନ। ପୀଡ଼ିତା ମହିଳାଙ୍କ ଅଭିଯୋଗ ଆଧାରରେ ସରକାର ନିରପେକ୍ଷ ତଦନ୍ତ କରି ଦୋଷୀଙ୍କୁ ଉପଯୁକ୍ତ ଦଣ୍ଡ ଦେବାର ବ୍ୟବସ୍ଥା କରନ୍ତୁ। କେବଳ ଏହି ଘଟଣା ନୁହେଁ, ସମଗ୍ର ରାଜ୍ୟରେ ଯେଉଁଠି ନାରୀମାନଙ୍କ ଉପରେ ଅତ୍ୟାଚାର ହେଉଛି, ପ୍ରତ୍ୟେକ କ୍ଷେତ୍ରରେ ସରକାର ଶୂନ୍ୟ ସହନଶୀଳତା ନୀତି ଅବଲମ୍ବନ କରିବା ସହିତ ନିରପେକ୍ଷ ତଦନ୍ତ କରି ଦୋଷୀମାନଙ୍କୁ ଦୃଷ୍ଟାନ୍ତମୂଳକ ଦଣ୍ଡ ବ୍ୟବସ୍ଥା କରନ୍ତୁ ବୋଲି ସେ କହିଛନ୍ତି।

# ବାହୁଙ୍ଗିରେ ରେଟ୍ରୋ ରିଫ୍ଲେକ୍ଟିଭ୍ ଟ୍ୟାପ ଲଗାଇବାକୁ ପରାମର୍ଶ

**କାଉଡ଼ିଆଙ୍କ ପାଇଁ ସତର୍କ ସୂଚନା ଜାରି**

କଟକ,୨୧।୭(କାର୍ତ୍ତିକ ସାହୁ)

ଶ୍ରାବଣ ମାସରେ ମହାଦେବଙ୍କୁ ଜଳଲାଗି ପାଇଁ କାଉଡ଼ିଆ (ଶ୍ରଦ୍ଧାଳୁ)ମାନେ ପାଣିଭାର ନେଇ ଶୈବପୀଠ ଅଭିମୁଖେ ଯାତ୍ରା କରୁଛନ୍ତି। ସେମାନେ ରାଜ୍ୟ ରାଜପଥ ଅଥବା ଜାତୀୟ ରାଜପଥରେ ଯିବା ବେଳେ ବିପଦର ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ପରିବହନ କର୍ତ୍ତୃପକ୍ଷ (ଏସ୍‌ଟିଏ) ପକ୍ଷରୁ ସତର୍କ ସୂଚନା ଜାରି ହୋଇଛି। ଶୈବପୀଠକୁ ଜଳାଭିଷେକ ପାଇଁ ଯାଉଥିବା କାଉଡ଼ିଆ ଭକ୍ତଙ୍କ ସୁରକ୍ଷିତ ଯାତ୍ରା କାମନା କରି ଏସ୍‌ଟିଏ ପକ୍ଷରୁ ସୂଚନା ସର୍ବସାଧାରଣଙ୍କ ଗୋଚରାର୍ଥେ ସୋସିଆଲ ମିଡିଆ 'ଏକ୍ସ' ଜରିଆରେ ପ୍ରଦାନ କରାଯାଇଛି। ସୂଚନା ଅନୁସାରେ, ଜଳ ଲାଗି ପାଇଁ ଯିବା ସମୟରେ ସୁରକ୍ଷିତ ଯାତ୍ରା ଉପରେ ଗୁରୁତ୍ୱ ଦିଅନ୍ତୁ। ରାସ୍ତାରେ ପଥଚାରୀଙ୍କ ପାଇଁ ଉଦ୍ଦିଷ୍ଟ ବାଟରେ ଯାଆନ୍ତୁ। ସୁରକ୍ଷିତ ଭାବେ ଏକଦମ ରାସ୍ତାକଡ଼ରେ ଚାଲନ୍ତୁ। ଅତ୍ୟନ୍ତ ସତର୍କତାର ସହ ରାସ୍ତା ପାର ହୁଅନ୍ତୁ। ଉଭୟ ପାର୍ଶ୍ୱ ରାସ୍ତା ଭଲ ଭାବେ ଦେଖି ଗାଡ଼ି ଚଳାଚଳ ହେଉ ନ ଥିବା ସମୟରେ ଆଗକୁ ବଢ଼ନ୍ତୁ। ବାହୁଙ୍ଗିରେ ରେଟ୍ରୋ ରିଫ୍ଲେକ୍ଟିଭ୍ ଟ୍ୟାପ ଲଗାଇବାକୁ ପରାମର୍ଶ ଦିଆଯାଇଛି। ଗ୍ରୁପ୍ ବା ଗୋଷ୍ଠୀରେ ପଛକୁ ପଛ ଧାଡ଼ିରେ ଚାଲନ୍ତୁ। ଏହାଦ୍ୱାରା ଗାଡ଼ି ଚାଳକ ଆପଣଙ୍କୁ ସହଜରେ ଦେଖିପାରିବେ। କୌଣସି ସମୟରେ ମଝି ରାସ୍ତାରେ ଚାଲନ୍ତୁ ନାହିଁ କିମ୍ବା ଅଟକନ୍ତୁ ନାହିଁ। ରାତିରେ ଚାଲିବା ବେଳେ ଟର୍ଚ୍ଚ ଲାଇଟ ବ୍ୟବହାର କରନ୍ତୁ। ଥକ୍କା ଲାଗିଲେ ବିଶ୍ରାମ ନିଅନ୍ତୁ। ସତେଜ ଅନୁଭବ କଲେ ସଡ଼କରେ ଯାତ୍ରା କରନ୍ତୁ। ମହାଦେବଙ୍କ କୃପାରୁ କାଉଡ଼ିଆମାନଙ୍କ ଯାତ୍ରା ନିରାପଦ ଓ ମଙ୍ଗଳମୟ ହେଉ ବୋଲି କୁହାଯାଇଛି।

ଉଲ୍ଲେଖଯୋଗ୍ୟ ଯେ, ନିକଟରେ ବୈପାରୀଗୁଡ଼ାରେ କାଉଡ଼ିଆମାନେ ସଡ଼କରେ ଚାଲିଚାଲି ପାଣିଭାର ନେଇ ଯାଉଥିବା ବେଳେ ଏକ ଦୁର୍ଘଟଣା ଘଟିଥିଲା, ଯଦ୍ୱାରା ଜଣେ କାଉଡ଼ିଆଙ୍କ ମୃତ୍ୟୁ ଘଟିଥିଲା। ଏହାପରେ ଏଭଳି ଅଘଟଣ ଆଗାମୀ ଦିନରେ ନ ଘଟିବା ପାଇଁ ଏସ୍‌ଟିଏ ପକ୍ଷରୁ ଏଭଳି ସତର୍କତା ସୂଚନା ଜାରି କରାଯାଇଥିବା ଜଣାଯାଇଛି।

# ନିଷ୍ଠାର ସହ ସରକାରୀ କାର୍ଯ୍ୟ କର: ବାଚସ୍ପତି

**ନବାଗତ ଉପବିଭାଗୀୟ ଅଧିକାରୀଙ୍କ କର୍ମଶାଳା**

ଭୁବନେଶ୍ୱର,୨୧।୭
(ରବିନାରାୟଣ ଜେନା)

ସରକାରୀ କର୍ମଚାରୀଙ୍କ କର୍ତ୍ତବ୍ୟନିଷ୍ଠ ତଥା ଜନସହଯୋଗ ଦ୍ୱାରା ରାଜ୍ୟ ତଥା ଦେଶର ପ୍ରତ୍ୟେକ କାର୍ଯ୍ୟକ୍ରମ ତ୍ୱରାନ୍ୱିତ ହୋଇପାରିବ ବୋଲି ବାଚସ୍ପତି ସୁରମା ପାଢ଼ୀ କହିଛନ୍ତି। ସୋମବାର ରାଜ୍ୟ ସଚିବାଳୟର ନବନିଯୁକ୍ତ ତାଲିମ ଗ୍ରହଣକାରୀ ଉପବିଭାଗୀୟ ଅଧିକାରୀମାନେ ବିଧାନସଭାର କାର୍ଯ୍ୟାବଳୀ ଓ କାର୍ଯ୍ୟଧାରା ସମ୍ପର୍କରେ ଜ୍ଞାନ ଆହରଣ ଅବସରରେ ବାଚସ୍ପତି କହିଲେ, ପ୍ରତ୍ୟେକ ଅଧିକାରୀ ସରକାରଙ୍କ କାର୍ଯ୍ୟକୁ ସୁଚାରୁରୂପେ ପରିଚାଳନା କରିବା ଦ୍ୱାରା ଆମ ରାଜ୍ୟର ଅଶେଷ ଉପକାର ସାଧିତ ହୋଇପାରିବ। ଅଧିକାରୀମାନଙ୍କ କର୍ତ୍ତବ୍ୟ, ମହତ୍ ଚିନ୍ତାଧାରା କାର୍ଯ୍ୟରେ ରୂପାନ୍ତରିତ ହୋଇପାରିଲେ ସମାଜର ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିବ। ବିଧାନସଭାର କାର୍ଯ୍ୟାବଳୀକୁ ସୁନିଶ୍ଚିତ ତଥା ଶୃଙ୍ଖଳିତ କରିବା ପାଇଁ ଓଡ଼ିଶା ବିଧାନସଭା କାର୍ଯ୍ୟବିଧି ଓ କାର୍ଯ୍ୟ ପରିଚାଳନା ନିୟମାବଳୀ ପ୍ରଣୀତ ହୋଇଛି। ଗଣତନ୍ତ୍ରର ମୂଳମନ୍ତ୍ର ହେଉଛି ଶାସନ ବ୍ୟବସ୍ଥାର ବିକେନ୍ଦ୍ରୀକରଣ। ଶାସକ ଓ ଶାସିତମାନଙ୍କ ମଧ୍ୟରେ ସୁନ୍ଦର ସମନ୍ୱୟ କ୍ଷେତ୍ରରେ ଅଧିକାରୀମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଚାକିରି ଜୀବନରେ ଅନୁଭୂତି ଓ ଅଭିଜ୍ଞତା ଅର୍ଜନ କରିବା ପାଇଁ ସୁଯୋଗ ମିଳିଥାଏ। ଏହି ସୁଯୋଗର ସଦ୍‌ବ୍ୟବହାର କରି ଜନସାଧାରଣଙ୍କ ନିକଟରେ ଯୋଜନାର ସୁଫଳ ପହଞ୍ଚାଇବାରେ ସମସ୍ତେ ଦାୟିତ୍ୱବାନ୍ ହୋଇ କାର୍ଯ୍ୟ କରିବା ଦରକାର ବୋଲି ବାଚସ୍ପତି କହିଥିଲେ।

କାର୍ଯ୍ୟକ୍ରମରେ ବିଧାନସଭାର ସଚିବ ସତ୍ୟବ୍ରତ ରାଉତ, ଗବେଷଣା ଶାଖାର ନିର୍ଦ୍ଦେଶକ ଡ. ତ୍ରିବିକ୍ରମ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ଆର୍‌ଡିସି କାର୍ଯ୍ୟାଳୟ ଘେରାଉ କଲା ବିଜେଡି

**ନାରୀ ସୁରକ୍ଷା, ଏଫ୍‌ଏମ୍ କଲେଜ ଛାତ୍ରୀଙ୍କୁ ନ୍ୟାୟ ଦାବି**



କଟକରେ ବିଜୁ ଜନତା ଦଳ ପକ୍ଷରୁ ଆର୍‌ଡିସି କାର୍ଯ୍ୟାଳୟ ଘେରାଉ କରି ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

କଟକ,୨୧।୭(ଶିଳ୍ପା ପ୍ରିୟଦର୍ଶିନୀ)

ରାଜ୍ୟରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତି, ଅସୁରକ୍ଷିତ ନାରୀ ସମାଜ, ଓଡ଼ିଶାରେ ନାରୀମାନଙ୍କ ଉପରେ ହେଉଥିବା ଅତ୍ୟାଚାର ଆଦି ବିଭିନ୍ନ ପ୍ରସଙ୍ଗ ନେଇ ସୋମବାର କଟକରେ ବିଜୁ ଜନତା ଦଳ ଆର୍‌ଡିସି କାର୍ଯ୍ୟାଳୟ ଘେରାଉ କରି ଏକ ଦାବିପତ୍ର ପ୍ରଦାନ କରିଛି। ବିଜେଡି ବରିଷ୍ଠ ନେତା ଦେବୀ ପ୍ରସାଦ ମିଶ୍ରଙ୍କ ନେତୃତ୍ୱରେ କଟକ ରିଂରୋଡସ୍ଥିତ ସନସାଇନ ପଡିଆଠାରେ ସମାବେଶ କରାଯାଇଥିଲା। ଏଥିରେ ରାଜ୍ୟ ସଭା ସଦସ୍ୟ ଦେବାଶିଷ ସାମନ୍ତରାୟ, ଆଠଗଡ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ପୂର୍ବତନ ବିଧାୟକ ପ୍ରତାପ ଜେନା, ବରିଷ୍ଠ ନେତା ଅଶୋକ ପଣ୍ଡା, କଟକ ମେୟର ସୁବାସ ସିଂ, ଭୁବନେଶ୍ୱର ମେୟର ସୁଲୋଚନା ଦାସ, ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ, ଚୌଦ୍ୱାର କଟକ ବିଧାୟକ ସୌଭିକ ବିଶ୍ୱାଳ, ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା, ବରିଷ୍ଠ ନେତା ଅତନୁ ସବ୍ୟସାଚୀ ନାୟକ, ଲେଖାଶ୍ରୀ ସାମନ୍ତସିଂହାର ଓ ଅନ୍ୟାନ୍ୟ ନେତାମାନେ ଏକଜୁଟ ହୋଇ ମୁଖ୍ୟତଃ ବାଲେଶ୍ୱର ଏଫ୍‌ଏମ୍ କଲେଜ ଛାତ୍ରୀ ଆତ୍ମାହୁତି ଘଟଣା, ପୁରୀ ବଳଙ୍ଗାରେ ଦୁର୍ବୃତ୍ତମାନେ ପୋଡିଦେଇଥିବା ନାବାଳିକା ଘଟଣା ଏବଂ ରାଜ୍ୟରେ ସବୁଦିନ ଘଟୁଥିବା ଆପରାଧିକ ଘଟଣାକୁ ବିରୋଧ କରି ସ୍ୱର ଉଠାଇଛନ୍ତି। ଭାଜପା ସରକାର ଯୋଗୁ ଓଡ଼ିଶା ଆଜି ସାରା ବିଶ୍ୱରେ ନିନ୍ଦିତ ହୋଇଛି। ଏହି ଦୁଇଟି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରାଯାଉ ଏବଂ ତୁରନ୍ତ ନ୍ୟାୟ ପ୍ରଦାନ କରାଯାଉ ବୋଲି ଦଳ ଦାବି କରିଛି। ସରକାର ଶାସନ କରିବାରେ ବିଫଳ ହୋଇଛନ୍ତି। ବିଜେଡି ସରକାର ସମୟରେ ଏଭଳି ଛାତ୍ରୀ କେବେ ଦେହରେ ନିଆଁ ଲଗାଇବା ଉଦ୍ୟମ କରିନାହିଁ। ହେଲେ ଭାଜପା ସରକାରର ୧ ବର୍ଷ ଶାସନରେ ଏଭଳି ଅଘଟଣ ଘଟିଛି। ଯଦି ଭାଜପା ସରକାର ଶାସନ କରି ପାରୁନାହାନ୍ତି ତେବେ ମୁଖ୍ୟମନ୍ତ୍ରୀ ଇସ୍ତଫା ଦିଅନ୍ତୁ ବୋଲି ଦଳ ଦାବି କରିଛି। ସନସାଇନ ପଡିଆଠାରୁ ଏକ ବିଶାଳ ପ୍ରତିବାଦ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରି ଆର୍‌ଡିସି କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲା। ପରେ ଏକ ପ୍ରତିନିଧି ମଣ୍ଡଳୀ ଆର୍‌ଡିସି ବି. ପରମେଶ୍ୱରନଙ୍କୁ ଦାବିପତ୍ର ପ୍ରଦାନ କରିଥିବାବେଳେ ରାଜ୍ୟ ସରକାରଙ୍କୁ ଅବଗତ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିବା ସୂଚନା ମିଳିଛି। ପ୍ରତିବାଦ ଓ ସମାବେଶରେ ବିଜେଡିର ଶତାଧିକ କର୍ମୀ ଯୋଗଦେଇଥିଲେ।

# ଆର୍‌ଏସ୍‌ପିରେ ଦୁର୍ଘଟଣା, ଠିକା ଶ୍ରମିକ ମୃତ

ରାଉରକେଲା,୨୧।୭(ସଙ୍ଗୀତା ଜେନା)

ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି)ର ଷ୍ଟିଲ୍ ମେଲ୍ଟିଂ ଶପ୍(ଏସ୍‌ଏମ୍‌ଏସ୍)-୨ରେ ପାଇପ୍ ସଫେଇ କରୁଥିବାବେଳେ ଲୁହା ପିଣ୍ଡୁଳା ପଡିବାରୁ ଜଣେ ଠିକା ଶ୍ରମିକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ବିଶ୍ରା ବ୍ଲକ ଭାଲୁଲତା ଜରେଇକେଲା ଗ୍ରାମର ଅଭିରାମ ମହତୋ(୫୨)। ଖବର ପାଇ ବିଭିନ୍ନ ଶ୍ରମିକ ସଙ୍ଗଠନର କର୍ମକର୍ତ୍ତା ଘଟଣାସ୍ଥଳରେ ପହଞ୍ଚି ମୃତକ ପରିବାରକୁ ଅନୁକମ୍ପାମୂଳକ ଚାକିରି ଏବଂ କ୍ଷତିପୂରଣ ଦାବି କରିଛନ୍ତି। ତେବେ ଖବର ଲେଖାଯିବା ସୁଦ୍ଧା (ସନ୍ଧ୍ୟା ୬ଟା) ଦାବି ପୂରଣ ହୋଇ ନ ଥିବାରୁ ମୃତଦେହକୁ ସେଲ୍ ପରିଚାଳିତ ଆଇଜିଏଚ୍ ଶବ ବ୍ୟବଚ୍ଛେଦ ଗୃହରେ ରଖାଯାଇଛି।

ସୂଚନା ଅନୁସାରେ, ଅଭିରାମ ଏସ୍‌ଏମ୍‌ଏସ୍-୨ରେ କାର୍ଯ୍ୟ କରୁଥିବା ଠିକା ସଂସ୍ଥା ମେସର୍ସ ଲକି କନ୍‌ଷ୍ଟ୍ରକ୍ସନ ଅଧୀନରେ ଦୀର୍ଘ ୮ ବର୍ଷ ହେଲା କାମ କରିଆସୁଥିଲେ। ସୋମବାର ସକାଳ 'ଏ' ଶିଫ୍ଟରେ ସେ କାମକୁ ଆସି କନଭର୍ଟର 'ବି' ନିକଟରେ ଶାବଳ ଦ୍ୱାରା ପାଇପ୍ ସଫେଇ କରୁଥିଲେ। ଏହି ସମୟରେ ଉକ୍ତ ପାଇପରୁ ଜାମ୍ ଲୁହା ପିଣ୍ଡୁଳା ହଠାତ୍ ବାହାରି ଆସି ତାଙ୍କ ଉପରେ ପଡ଼ିବାରୁ ସେ ଚାପି ହୋଇଯାଇଥିଲେ। ତାଙ୍କୁ ତୁରନ୍ତ ଆର୍‌ଏସ୍‌ପି ଫାଷ୍ଟ ଏଡ୍‌କୁ ନିଆଯାଇଥିଲା। ପରେ ଆଇଜିଏଚ୍‌କୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ନିୟମ ଅନୁଯାୟୀ ପରିବାର ଲୋକଙ୍କୁ ଅନୁକମ୍ପାମୂଳକ ଚାକିରି ସହ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ରାଶି ପ୍ରଦାନ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ମୃତଦେହ ଗ୍ରହଣ କରାଯିବ ନାହିଁ ବୋଲି ଶ୍ରମିକ ନେତା ନୀହାର ଦାସ କହିଥିଲେ। ଅନ୍ୟପକ୍ଷେ ଏହି ଘଟଣାକୁ ନେଇ ଆର୍‌ଏସ୍‌ପିର ଭାରପ୍ରାପ୍ତ ଡିଆଇସି ଆଲୋକ ବର୍ମା ଦୁଃଖ ପ୍ରକାଶ କରିବା ସହ ମୃତକଙ୍କ ପରିବାରକୁ କାରଖାନା ପକ୍ଷରୁ ଯଥାସମ୍ଭବ ସହଯୋଗ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

# ରନ୍ଧନ ଗ୍ୟାସ୍ ନିଆଁରେ ପୋଡ଼ିଗଲେ

ବ୍ରହ୍ମପୁର,୨୧।୭
(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ନିମଖଣ୍ଡି ଥାନା ଅନ୍ତର୍ଗତ ନୀଳାଞ୍ଚଳ ନଗର ୫ମ ଲାଇନ୍‌ରେ ସୋମବାର ସନ୍ଧ୍ୟାରେ ଏକ ଅଭାବନୀୟ ଘଟଣା ଘଟିଛି। ଘରେ ରନ୍ଧନ ଗ୍ୟାସ୍ ନିଆଁରେ ପୋଡ଼ିହୋଇ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ହରିଶଙ୍କର ରଥଙ୍କ ସ୍ତ୍ରୀ ନମିତା(୫୫)। ସେ ଘରେ ଏକା ଥିବାବେଳେ ଏହି ଅଘଟଣ ଘଟିଛି। ଖବରପାଇ ଅଗ୍ନିଶମ କର୍ମଚାରୀ ପହଞ୍ଚି ତାଙ୍କୁ ଅର୍ଦ୍ଧଦଗ୍ଧ ଅବସ୍ଥାରେ ଉଦ୍ଧାର କରି ଏମ୍‌କେସିଜି ମେଡିକାଲ ପଠାଇଥିଲେ। ସେଠାରେ ନମିତାଙ୍କୁ ଡାକ୍ତର ମୃତ ଘୋଷଣା କରିଛନ୍ତି। ମାନସିକ ଅନଗ୍ରସର ନମିତା ଗ୍ୟାସ୍ ଲଗାଇ କିଛି ଖାଦ୍ୟ ପ୍ରସ୍ତୁତ କରୁଥିବା ବେଳେ ଅସାବଧାନତାରୁ ନିଆଁ ଲାଗି ଯାଇଥିବା ପ୍ରାଥମିକ ତଦନ୍ତରୁ ଅନୁମାନ କରାଯାଉଥିବା ପୋଲିସ କହିଛି। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ସନ୍ଧ୍ୟା ହୋଇଯାଇଥିବାରୁ ଜବତ ମୃତଦେହ ବ୍ୟବଚ୍ଛେଦ ନ ହୋଇ ସଂରକ୍ଷିତ ରଖାଯାଇଛି।

ସୂଚନା ଅନୁଯାୟୀ, ହରିଶଙ୍କର ସ୍ତ୍ରୀ ନମିତା ଓ ଝିଅ ସହ ନୀଳାଞ୍ଚଳ ନଗରରେ ଏକ ଘର ଭଡ଼ା ନେଇ ରହୁଥିଲେ। ନମିତା ମାନସିକ ଅନଗ୍ରସର ଥିଲେ। ସୋମବାର ହରିଶଙ୍କର ଓ ତାଙ୍କ ଝିଅ ଘରେ ତାଲା ପକାଇ କୌଣସି କାମରେ ବାହାରକୁଯାଇଥିଲେ। ନମିତା ତାଲା ବନ୍ଦ ଘର ଭିତରେ ରହିଯାଇଥିଲେ। ସନ୍ଧ୍ୟାରେ ଘରୁ ଧୂଆଁ ବାହାରୁଥିବା ଦେଖି ଘର ମାଲିକ ପୋଲିସ ଓ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ତେବେ ନିଆଁ କିପରି ଲାଗିଲା ସେ ନେଇ ତଦନ୍ତ ଚାଲିଥିବା ପୋଲିସ କହିଛି।



ତୁମେ ଯେତେବେଳେ ଲୋକମାନଙ୍କୁ ତୁଷ୍ଟ କରିବାକୁ ଚାହିଁ- ସେତେବେଳେ ତୁମେ ସବୁ କିଛିକୁ ତା'ବାଟରେ ଯିବା ପାଇଁ ଛାଡିଦିଅ। ଏବଂ ଅପେକ୍ଷା କରି ବସ- କେତେବେଳେ ପ୍ରକୃତି ମନୁଷ୍ୟ ଉପରେ ପ୍ରଗତିକୁ ଜବରଦସ୍ତି ଲଦି ଦେବ। କିନ୍ତୁ ଏହା ସୃଷ୍ଟିର ସତ୍ୟ ନୁହେଁ। ମଣିଷର ଯଥାର୍ଥ କର୍ତ୍ତବ୍ୟ ହେଲା- ତା'ର ପ୍ରଗତି ଲାଗି ପ୍ରକୃତିକୁ ବାଧ୍ୟ କରିବା। -ଶ୍ରୀମା



# ଏହା ଇତିହାସ ନୁହେଁ

କେନ୍ଦ୍ର ସରକାରଙ୍କ ଅଧୀନ ନ୍ୟାଶନାଲ କାଉନ୍‌ସିଲ ଅଫ୍ ଏଜୁକେଶନାଲ ରିସର୍ଚ୍ଚ ଆଣ୍ଡ୍ ଟ୍ରେନିଂ (ଏନ୍‌ସିଇଆର୍‌ଟି) ମୁଖ୍ୟତଃ ସେଣ୍ଟ୍ରାଲ ବୋର୍ଡ ଅଫ୍ ସେକେଣ୍ଡାରୀ ଏଜୁକେଶନ (ସିବିଏସ୍‌ଇ) ଅନୁବନ୍ଧିତ ସ୍କୁଲଗୁଡ଼ିକ ପାଇଁ ପାଠ୍ୟପୁସ୍ତକ ପ୍ରସ୍ତୁତ କରିଥାଏ। ଏହି କ୍ରମରେ ବିଶେଷକରି ସିଲାବସ ବଦଳାଯିବା ସହ ବିଭିନ୍ନ ଶ୍ରେଣୀର ପାଠ୍ୟ ପୁସ୍ତକର ବିଷୟଗୁଡ଼ିକରେ ପରିବର୍ତ୍ତନ କିମ୍ବା ସଂଶୋଧନକୁ ନେଇ ଏହା ୭୦ ଦଶକରୁ ଅଧିକାଂଶ ସମୟରେ ବିବାଦରେ ରହିଆସିଛି। ଚଳିତ ଶିକ୍ଷାବର୍ଷ ପ୍ରାରମ୍ଭରେ ଏନ୍‌ସିଇଆର୍‌ଟି ଇଂଲିଶ ନାମ ଥିବା କେତେକ ବହିର ହିନ୍ଦୀ ନାମକରଣ କରିଥିଲା ଏବଂ ଏହାକୁ ନେଇ ଭାଷାବିତ୍‌ମାନେ ପ୍ରଶ୍ନ ଉଠାଇଥିଲେ। ଉଦାହରଣ ସ୍ୱରୂପ, ସିବିଏସ୍‌ଇ ଷଷ୍ଠ ଶ୍ରେଣୀର ଇଂଲିଶ ପୁସ୍ତକର ନାମ 'ହନିସକଲ୍'କୁ ବଦଳାଇ ହିନ୍ଦୀରେ ପୂର୍ବୀ ଏବଂ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ଇଂଲିଶ ପୁସ୍ତକ 'ମେରିଗୋଲ୍ଡ ୱାନ୍ ଆଣ୍ଡ୍ ଟୁ'ର ନାମ 'ମୃଦଙ୍ଗ' ଏବଂ ତୃତୀୟ ଶ୍ରେଣୀ ଇଂଲିଶ ବହି 'ମେରିଗୋଲ୍ଡ-ଥ୍ରି'ର ନାମ 'ସନ୍ତୁର' କରାଯାଇଥିଲା। ପୂର୍ବୀ ଶାସ୍ତ୍ରୀୟ ସଙ୍ଗୀତ ରାଗର ନାମ ହୋଇଥିବାବେଳେ ଓ ଅନ୍ୟସବୁ ବାଦ୍ୟଯନ୍ତ୍ରର ନାମ। ଏହାସହ ଅତୀତରେ ଦ୍ୱାଦଶ ଶ୍ରେଣୀର ଇତିହାସ ବହିର ଗୋଟିଏ ଅଧ୍ୟାୟରେ ମହାତ୍ମା ଗାନ୍ଧୀଙ୍କ ହତ୍ୟା ବିଷୟରେ ଏବଂ ସପ୍ତମ ଶ୍ରେଣୀ ଇତିହାସ ବହିରେ ମୋଗଲ ସମ୍ରାଟଙ୍କ ସଫଳତାର କାହାଣୀରେ ପରିବର୍ତ୍ତନ କରାଯାଇଥିଲା। ଦଶମ ଶ୍ରେଣୀର ପାଠ୍ୟପୁସ୍ତକରୁ 'ଇଭୋଲ୍ୟୁଶନ' ବା କ୍ରମବିବର୍ତ୍ତନ ବିଷୟକୁ ବଦଳାଯାଇ ଇତିହାସର ବିକୃତୀକରଣ କରାଯାଇଥିଲା। ଦ୍ୱାଦଶ ଶ୍ରେଣୀ ରାଜନୀତି ବିଜ୍ଞାନ ବହିରୁ ଗୁଜରାଟ ଦଙ୍ଗା ଓ ବାବ୍ରୀ ମସ୍‌ଜିଦ ଭଙ୍ଗ ବିଷୟକୁ ମଧ୍ୟ ବାଦ୍ ଦିଆଯାଇଥିଲା।

ଏବେ ଏନ୍‌ସିଆରଟି ଦ୍ୱାରା ପ୍ରକାଶିତ ଅଷ୍ଟମ ଶ୍ରେଣୀର ନୂଆ ଇତିହାସ ବହି 'ଏକ୍ସପ୍ଲୋରିଂ ସୋସାଇଟି: ଇଣ୍ଡିଆ ଆଣ୍ଡ୍ ବିଅଣ୍ଡ୍'ରେ ଓଡ଼ିଶାର ପାଇକ ବିଦ୍ରୋହ ସମ୍ପର୍କିତ ଲେଖାକୁ ସମ୍ପୂର୍ଣ୍ଣ ଭାବେ ବାଦ୍ ପକାଇ ଦିଆଯାଇଛି, ଯେଉଁଥିପାଇଁ ଭବିଷ୍ୟତ ପିଢ଼ି ଓଡ଼ିଆ ଜାତି ସମ୍ପର୍କରେ ଏକ ଭ୍ରମ ଧାରଣା ପାଇବେ। ସତେଯେମିତି ଏହି ଉପମହାଦେଶର ଇତିହାସରେ ଓଡ଼ିଆ ଜାତିର କୌଣସି ଅବଦାନ ନାହିଁ। ପାଠ୍ୟପୁସ୍ତକରୁ ପାଇକ ବିଦ୍ରୋହ ବିଷୟ ବାଦ୍ ପଡ଼ିବାକୁ ନେଇ ବିଭିନ୍ନ ମହଲରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବା ପରେ ୨୧ ଜୁଲାଇ ୨୦୨୫ରେ ଏନ୍‌ସିଇଆର୍‌ଟି ସ୍ପଷ୍ଟୀକରଣ ଦେଇଛି। ସଂସ୍ଥା ପକ୍ଷରୁ କୁହାଯାଇଛି ଯେ, ଆସନ୍ତା ସେପ୍ଟେମ୍ବର ଆଡ଼କୁ ଆସିବାକୁ ଥିବା 'ଏକ୍ସପ୍ଲୋରିଂ ସୋସାଇଟି: ଇଣ୍ଡିଆ ଆଣ୍ଡ୍ ବିଅଣ୍ଡ୍'ର ଦ୍ୱିତୀୟ ଭାଗରେ ପାଇକ ବିଦ୍ରୋହକୁ ସ୍ଥାନିତ କରାଯିବ। ଉଲ୍ଲେଖଯୋଗ୍ୟ ଯେ, ଏନ୍‌ସିଇଆର୍‌ଟି ୨୦୧୭ରେ ଅଷ୍ଟମ ଶ୍ରେଣୀ ଇତିହାସ ବହିରେ ପାଇକ ବିଦ୍ରୋହକୁ ସ୍ଥାନିତ କରିଥିଲା। ଏବେ କ'ଣ ଏମିତି ହେଲା ଯେ, ଗତ ସପ୍ତାହରେ ପ୍ରକାଶ ପାଇଥିବା ଅଷ୍ଟମ ଶ୍ରେଣୀ ନୂଆ ଇତିହାସ ବହିରେ ବଙ୍ଗଳାର ସନ୍ନ୍ୟାସୀ ବିଦ୍ରୋହ, ବିହାରର କୋଲ ଓ ସାନ୍ତାଳ ବିଦ୍ରୋହ ଥିବାବେଳେ ଓଡ଼ିଶାର ପାଇକ ବିଦ୍ରୋହକୁ ବାଦ୍ ଦିଆଗଲା ବୋଲି ପ୍ରଶ୍ନ ଉଠିବା ସ୍ୱାଭାବିକ। ଏହା ପାଇକଙ୍କ ବଳିଦାନ ପ୍ରତି ଚରମ ଉପହାସ ବୋଲି କେତେକେ କହୁଥିବା ବେଳେ ଆଉ କିଛି ଓଡ଼ିଆ ଅସ୍ମିତା କଥା ଉଠାଇଲେଣି। ୧୮୧୭ର ପାଇକ ବିଦ୍ରୋହରେ ଖୋର୍ଦ୍ଧାର ପାଇକମାନେ ଇଂରେଜ ବିରୋଧରେ ରକ୍ତାକ୍ତ ସଂଗ୍ରାମ କରିଥିଲେ। ଏଠାରେ ମନେ ପକାଇ ଦିଆଯାଇପାରେ ଯେ, ଓଡ଼ିଶାରେ ବିଗତ ବର୍ଷଗୁଡ଼ିକରୁ ପାଇକ ବିଦ୍ରୋହକୁ ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମର ସ୍ୱୀକୃତି ଲାଗି ଦାବି କରାଯାଇଆସୁଛି। କେବଳ ଏତିକି ନୁହେଁ, ୨୪ ଡିସେମ୍ବର ୨୦୧୮ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଇଆଇଟି ଭୁବନେଶ୍ୱର ଗସ୍ତ ବେଳେ ସେଠିାରୁ ପାଇକ ବିଦ୍ରୋହ ସମ୍ପର୍କିତ ସ୍ମାରକ ଡାକ ଟିକେଟ ଓ ମୁଦ୍ରା ଉନ୍ମୋଚନ କରିଥିଲେ। ବିଦ୍ରୋହର ସ୍ମୃତି ଉଜାଗର କରିବା ସକାଶେ ଏଥିଲାଗି ଆର୍ଥିକ ଅନୁଦାନ ପ୍ରଦାନ କରାଯାଇଛି। କେନ୍ଦ୍ର ସରକାର ଏଥିପାଇଁ ୧୦୦ କୋଟି ଟଙ୍କା ଓ ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀ ଆଇଓସିଏଲ୍ ୯୦ କୋଟି ଟଙ୍କା ଦେଇଥିବା ବେଳେ ଓଡ଼ିଶା ସରକାର ପାଇକ ବିଦ୍ରୋହ ସ୍ମୃତି ସ୍ମାରକୀ ପ୍ରତିଷ୍ଠା ସକାଶେ ବରୁଣେଇ ପାଦଦେଶରେ ୧୦ ଏକର ଜାଗା ଦେଇଛନ୍ତି। ଏପରି କି ତତ୍କାଳୀନ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଡିସେମ୍ବର ୨୦୧୯ରେ ବରୁଣେଇ ପାହାଡ଼ ପାଦଦେଶରେ ପାଇକ ବିଦ୍ରୋହ ସ୍ମାରକୀର ଶିଳାନ୍ୟାସ କରିଥିଲେ। ପାଇକ ବିଦ୍ରୋହ ଉପରେ ଅଧିକ ଗୁରୁତ୍ୱ ଦିଆଯାଇ ଆସୁଥିବା ବେଳେ ଏନ୍‌ସିଇଆର୍‌ଟି ପ୍ରସ୍ତୁତ ଅଷ୍ଟମ ଶ୍ରେଣୀ ଇତିହାସ ବହିରୁ ତାହାକୁ ବାଦ୍ ଦିଆଯିବା ଓ ବିରୋଧ ପରେ ତାହାକୁ ସାମିଲ କରିବା ନେଇ ଦିଆଯାଇଥିବା ସ୍ପଷ୍ଟୀକରଣ ସୂଚାଉଛି ଯେ, ସଂସ୍ଥାର ଏଭଳି ମାନସିକତା ବାସ୍ତବ ଇତିହାସକୁ ନିଶ୍ଚିହ୍ନ କରିବା ଲାଗି ଗୋଟେ ଷଡ଼ଯନ୍ତ୍ର ଚାଲିଛି। ମନେହେଉଛି ଯେପରି କିଛି ଲୋକଙ୍କ ଇଚ୍ଛା ଅନୁଯାୟୀ ଓଡ଼ିଶାର ଅତୀତକୁ ନୂତନ ଭାବେ ସୃଷ୍ଟି କରାଯିବାର ପ୍ରୟାସ ହେଉଛି। ପୁଣି ଯାହାକୁ ଯାହା ସୁହାଉଛି ସେହି ଅନୁଯାୟୀ ଇତିହାସର ବିକୃତୀକରଣ କରାଯାଉଛି। ଲାଗୁଛି ଯେମିତି ଏନ୍‌ସିଇଆର୍‌ଟି ଏସବୁ ପାଇଁ ମାଧ୍ୟମ ପାଲଟି ଯାଇଛି। ଓଡ଼ିଶାର ଏହି ବିଦ୍ରୋହକୁ ପ୍ରଥମ ସ୍ୱାଧୀନତା ସଂଗ୍ରାମ ବୋଲି ଦାବି କରାଯାଉଥିବାବେଳେ ଏହାକୁ ସମ୍ପୂର୍ଣ୍ଣ ଭାବେ ଇତିହାସ ପୃଷ୍ଠାରୁ ନିଶ୍ଚିହ୍ନ କରିଦେବାର ପ୍ରୟାସ ଏକ ମନ୍ଦ ଉଦ୍ଦେଶ୍ୟର ପରିଚୟ ଦେଉଛି। ଯଦି ଜଣାଶୁଣା ଏବଂ ତଥ୍ୟ ଥିବା ଭଳି ପାଇକ ବିଦ୍ରୋହର ଇତିହାସକୁ ଏଭଳି କରାଯାଉଛି, ସେଥିରୁ ବୁଝିବାକୁ ହେବ ଦେଶବ୍ୟାପୀ ଅନେକ ବିଷୟକୁ ଏହିପରି ବିକୃତ କରାଯାଇଛି। ଏହା କରିକୁଲମ୍ ପ୍ରସ୍ତୁତକର୍ତ୍ତାଙ୍କ ମୂର୍ଖାମିର ପରିଚୟ ହୋଇପାରେ, ନଚେତ୍ ଦୁଷ୍ଟ ଓ କ୍ଷତିକାରକ ମାନସିକତାର ଲକ୍ଷଣ ଦର୍ଶାଉଛି।

## su | do | ku
Puzzles by Srikant Ghosh

## ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | | | | | | 7 | | 9 |
| | | | | 3 | 2 | | | |
| | | | 8 | | | | 1 | |
| 7 | | 2 | | | 8 | | | |
| | 1 | 6 | | | 9 | | 5 | |
| | | | | | 4 | | 6 | |
| | 2 | 1 | | | | 6 | | |
| | | | | 9 | | 2 | 7 | |
| | | 9 | 5 | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 1 | 2 | 6 | 4 | 3 | 9 | 8 | 5 |
| 9 | 4 | 8 | 5 | 2 | 1 | 3 | 6 | 7 |
| 6 | 3 | 5 | 7 | 8 | 9 | 4 | 1 | 2 |
| 5 | 7 | 1 | 8 | 6 | 4 | 2 | 9 | 3 |
| 3 | 6 | 4 | 2 | 9 | 5 | 1 | 7 | 8 |
| 2 | 8 | 9 | 3 | 1 | 7 | 5 | 4 | 6 |
| 4 | 2 | 3 | 1 | 7 | 6 | 8 | 5 | 9 |
| 1 | 5 | 7 | 9 | 3 | 8 | 6 | 2 | 4 |
| 8 | 9 | 6 | 4 | 5 | 2 | 7 | 3 | 1 |

ଗତକାଲିର ଉତ୍ତର

# ଆଇନର ସାମ୍ପ୍ରତିକ ମୂଲ୍ୟବୋଧ



ହରେକୃଷ୍ଣ ପଣ୍ଡା

ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀଙ୍କ ମୃତ୍ୟୁ ପରେ ସରକାର କହୁଛନ୍ତି ଦୋଷୀଙ୍କୁ କଠୋରରୁ କଠୋର ଦଣ୍ଡ ଦିଆଯିବ, ପୋଲିସ କହୁଛି ନିରପେକ୍ଷ ତଦନ୍ତ ହେବ। ଏଇଭଳି ଲୋମହର୍ଷଣକାରୀ ଘଟଣା ଓଡ଼ିଶାରେ ନୂଆ ନୁହେଁ। ଅତୀତ ଛବିରାଣୀ, ଅଞ୍ଜନା, ପରୀ, ପିଙ୍କୁ, ମମିତା, ଇତିଶ୍ରୀ, ବେବିନା, ସସ୍ମିତା, ରୁଚିକା, ସ୍ମିତାରାଣୀ, ମାଧବୀଲତାଙ୍କ ମୃତ୍ୟୁ ଜନ ମାନସରୁ ଉଭେଇ ଯାଇଛି। ଏହିସବୁ ଘଟଣା ସାରା ଓଡ଼ିଶା କାହିଁକି ଭାରତରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଥିଲା। ଏବେ ସେହିଭଳି ଏକ ମର୍ମନ୍ତୁଦ ଘଟଣା ଆମ ହୃଦୟକୁ ବିଦାରିତ କରିପକାଉଛି। ସମ୍ବେଦନଶୀଳ ଗୋଷ୍ଠୀ ଚିନ୍ତା କରିବା କଥା ଜଣକ ମୃତ୍ୟୁ ପରେ ଆଉ ଏଭଳି ଘଟଣାର ପୁନରାବୃତ୍ତି ନ ହେଉ। କିନ୍ତୁ କାହିଁକି ଏକାଧିକ ସମ୍ଭବ ହୋଇପାରିଲା? ଏହାର ନିରାକରଣ ଦିଗରେ ଯଦି ଚିନ୍ତା କରାଯାଇ ପାରିଥାଆନ୍ତା ତେବେ ଆଜି ଏଭଳି ମର୍ମନ୍ତୁଦ ଘଟଣା ଘଟି ନ ଥାଆନ୍ତା। ଆମ୍ଭେମାନେ ଗୋଟିଏ ପଟେ ଆଇନ ଓ ଆଇନର ରକ୍ଷକ, ଅନ୍ୟପଟେ ଆଜିର ସମାଜରେ ବଡ଼ପଣିଆ ଅର୍ଜନ କରିଥିବା ବହୁ ବ୍ୟକ୍ତିଙ୍କଠାରେ ମଣିଷପଣିଆର ଅଭାବ। ଭାବ ଓ ସମ୍ବେଦନାରେ ପରିପୂର୍ଣ୍ଣ ବ୍ୟକ୍ତି ହିଁ ଏହି ରୀତିନୀତିକୁ ବୁଝନ୍ତି। ଆମ ସମାଜରେ ଉଦ୍ଦୀପ୍ତ ବାସନା, ଅନିୟନ୍ତ୍ରିତ ତୃଷ୍ଣା ବହନ କରିଚାଲୁଥିବା ଗୋଟିଏ ବଡ଼ମଣିଷ ସମାଜ ରହିଛି। ସେମାନେ ସବୁ କ୍ଷେତ୍ରରେ କିଛି ଶକ୍ତି ଆହରଣ କରି ଭଦ୍ରମୁଖା ତଳେ ବଞ୍ଚିଛନ୍ତି। ଏହିଭଳି ଗୋଟିଏ ଗୋଷ୍ଠୀ ଶିକ୍ଷା, ସ୍ୱାସ୍ଥ୍ୟ, ଶାସନ, ପ୍ରଶାସନ, ରାଜନୀତି ଓ ସାମାଜିକ ସ୍ତରରେ ବହୁ ଦିନରୁ ପ୍ରତିପତ୍ତି ବିସ୍ତାର କରିଆସିଛନ୍ତି। ଏମାନେ ସବୁପ୍ରକାର ବେଆଇନ କାର୍ଯ୍ୟ, ପ୍ରତିଶୋଧର ବାଟ ତିଆରି କରିଥାଆନ୍ତି। ଦୁର୍ନୀତି କିପରି କରାହୁଏ ଏମାନେ ତା'ର କୌଶଳ ତିଆରି କରି ଶୋଷକମାନଙ୍କୁ ବାଟ ବତାଇ ଦିଅନ୍ତି। ଏମାନେ ହେଉଛନ୍ତି ଅଦୃଶ୍ୟ ଇଲାକାର ଅଦୃଶ୍ୟ ରାଜା। ଅଦ୍ୟାବଧି ଏମାନଙ୍କ ପାଖକୁ ଆଇନ ଯାଇ ପାରିନାହିଁ, କି ସ୍ପର୍ଶ କରିପାରିନାହିଁ।

ଦୁଃଖର କଥା ନିର୍ଦ୍ଦୋଷ ନାରୀ ସତ୍ୟ ପ୍ରତିଷ୍ଠା କରିବାକୁ ଚାହୁଁଥିବା ବେଳେ ସମାଜରେ ନିର୍ଯାତନାର ଶିକାର ହେଉଛନ୍ତି। ଏଥିପାଇଁ ଆମ ବ୍ୟବସ୍ଥା ଦାୟୀ ନୁହେଁ ତ? ସରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଦୋଷୀକୁ ଧରିଦେଇ ପାରନ୍ତି। କିନ୍ତୁ ଏପରି ଯେ ଆଉ ନ ହେବ ସେଥିପାଇଁ ଗ୍ୟାରେଣ୍ଟି ଦେଇ ପାରିବେ କି? ସବୁ କ୍ଷେତ୍ରରେ ଏକ ସତ୍ୟ ପ୍ରତିଷ୍ଠା କରିପାରିବେ କି? ଆଜି ଆମ ସମାଜରେ ସତ୍ୟର ପ୍ରତିଷ୍ଠା ପାଇଁ ବିବେକୀମାନେ ଉଦ୍ୟମ କରୁଛନ୍ତି କିନ୍ତୁ ତାହା ପ୍ରତିଷ୍ଠା ହୋଇ ପାରୁ ନାହିଁ କାହିଁକି?

ପ୍ରଥମେ ଦେଖିବା ଆମ ଆଇନଗତ ଦିଗ। ଆମ ଆଇନରେ ଅଛି "ହଜାରେ ଦୋଷୀ ବରଂ ଖସି ଯାଆନ୍ତୁ କିନ୍ତୁ ଜଣେ ହେଲେ ନିର୍ଦ୍ଦୋଷ ଦଣ୍ଡ ନ ପାଆନ୍ତୁ"। ତେବେ ଏହି ଆଇନର ପରିବର୍ତ୍ତନର ଆବଶ୍ୟକତା ରହିଛି। ଏଭଳି ଏକ ସନ୍ଦେହାତ୍ମକ ପ୍ରଶ୍ନବାଚୀ ଏବେ ଆଇନରେ ସୃଷ୍ଟି ନ ହେବା ପାଇଁ ଆଇନ ବିଶେଷଜ୍ଞମାନେ ନିଜ ଗବେଷଣା ଦ୍ୱାରା ସାବ୍ୟସ୍ତ କରି ଆଉ ଏକ ନୂତନ ଆଇନ ବା ଜନତାଙ୍କ ପାଇଁ ଆଶା ଭରସା ଯଦି ସୃଷ୍ଟି କରନ୍ତେ ତେବେ ସମାଜରେ ଠିକ୍ ନ୍ୟାୟ ବ୍ୟବସ୍ଥା ପ୍ରତିଷ୍ଠା ହୋଇପାରନ୍ତା। ଆଉ ଏକ ଆଇନଗତ ଦ୍ୱନ୍ଦ୍ୱ ରହିଛି, ତା'ହେଲା ହତ୍ୟା, ବଳାତ୍କାର କ୍ଷେତ୍ରରେ 'ଆଇ ୱିଟ୍‌ନେସ' ବା ସ୍ୱଚକ୍ଷୁରେ ଦେଖିଥିବା ସାକ୍ଷୀ ବିହୁନେ ଦଣ୍ଡ ବ୍ୟବସ୍ଥା ଆଇନରେ ନାହିଁ। ଏହା ବିଗତ ଶତାବ୍ଦୀରେ ଆବଶ୍ୟକ ଥିଲା। କିନ୍ତୁ ଏବେ ନାଗରିକମାନଙ୍କ ଚରିତ୍ର ଯେତେବେଳେ ବଦଳି ଯାଇଛି, ଯାବତୀୟ କୁକର୍ମକୁ ଚାପିଦିଆଯିବା ପାଇଁ ଶକ୍ତିଗୁଡ଼ିଏ ସୃଷ୍ଟି ହୋଇଗଲେଣି। ଏ କ୍ଷେତ୍ରରେ ରାଜନୀତି ଯେତେବେଳେ ନିଜ ଦଳ ଓ ଦଳୀୟ କର୍ମୀଙ୍କ ସୁରକ୍ଷା ପାଇଁ କାମ କରୁଥିବା ଦେଖାଗଲାଣି, ସେତେବେଳେ ଜଣେ ବଳାତ୍କାରୀ ଯଦି ତାଙ୍କ ଦଳର ହୋଇଥିବେ ତେବେ ସେମାନେ ତା' ପଛରେ ଏକ ଶକ୍ତିରୂପେ ଠିଆ ହେବେ ନାହିଁ କି? ଏପରି କ'ଣ ଓଡ଼ିଶା କାହିଁକି ସାରା ଭାରତବର୍ଷରେ ଉଦାହରଣର ଅଭାବ ରହିଛି? ଅତୀତରେ ଓଡ଼ିଶାରେ ମମିତା ମେହେରଙ୍କ ଭଳି ଲୋମଟାଙ୍କୁରା ଘଟଣାରେ ଅଦୃଶ୍ୟ ଶକ୍ତିମାନେ କ'ଣ କେହି ଦଣ୍ଡ ପାଇଲେ? ଏଠାରେ ଅନୁଭୂତ ହେଲା ଯେ ନ୍ୟାୟିକ ବ୍ୟବସ୍ଥାରେ ଅଭାବନୀୟ ସ୍ଥିତି ଲାଗି ରହିଛି।



ଆମେ ଜାଣୁ ଆମ ଦେଶରେ ବିଚାରପତିମାନେ ଆଇନରେ ବନ୍ଧା। ସେମାନେ ପ୍ରକୃତରେ ଦୋଷୀ କିଏ ଜାଣୁଥିଲେ ହେଁ ତାଙ୍କୁ ବିନା ସାକ୍ଷୀ ପ୍ରମାଣରେ କାଠଗଡ଼ାରେ ଠିଆ କରାଇବା କ୍ଷମତା ବା ସ୍ୱାଧୀନତା ସମ୍ବିଧାନରେ ଦିଆଯାଇ ନାହିଁ। ଏବେ ବେଳ ଆସିଛି ଭାରତ ସରକାର ୧୮୬୦ର ଆଇନକୁ ଯେଉଁଭଳି ଗୋଟିଏ ଗୋଟିଏ ପରିବର୍ତ୍ତନ କରି ଚାଲିଛନ୍ତି ସେହିଭଳି ସମ୍ବିଧାନରେ ଥିବା ନ୍ୟାୟିକ ବ୍ୟବସ୍ଥାକୁ ସୁଦୂରପ୍ରସାରୀ କରିବା ପାଇଁ ଅପରାଧ ଆଉ ବୃଦ୍ଧି ନ ଘଟିବା ଲାଗି ସମ୍ବିଧାନ ପରିବର୍ତ୍ତନ ନ କରି ଆଇନର ଧାରାରେ ଏଥିପାଇଁ ସଂଯୁକ୍ତ କରାଯାଇ ପାରିବ। ମୋଟ ଉପରେ କହିବାକୁ ଗଲେ ତାଟିତଳେ ରହି ଗୁଳି ମାରୁଥିବା, ହିଂସାକୁ ଭିଆଉଥିବା, ସମର୍ଥନ ଓ ପ୍ରୋତ୍ସାହନ ଦେଉଥିବା ବ୍ୟକ୍ତିର ମୁଖା ଖୋଲିଦେବା ପାଇଁ ସିଏ ଯିଏ ହେଉନା କାହିଁକି ତାଙ୍କୁ ଯେତେବେଳେ ଆଇନର କାଠଗଡ଼ାକୁ ଅଣାଯାଇପାରିବ ସେତେବେଳେ ସବୁଠି ନ୍ୟାୟ ପ୍ରତିଷ୍ଠା ହୋଇପାରିବ। ଆମେ ଦେଖୁଛେ ଆମ ଦେଶରେ ନ୍ୟାୟ ପ୍ରତିଷ୍ଠା ପାଇଁ ବହୁ ମହିଳା, ଯୁବକ, ସାମ୍ବାଦିକ, ସାମାଜିକ କର୍ମୀ, ମାନବାଧିକାର କର୍ମୀ ରାଜନୈତିକ ଆକ୍ରୋଶର ଶିକାର ହୋଇ ମୃତ୍ୟୁବରଣ କରୁଛନ୍ତି। କିନ୍ତୁ ସେମାନଙ୍କ ମୃତ୍ୟୁର କାରଣ ଜଣାପଡ଼େନି। ଏଭଳି ଏକ ବ୍ୟବସ୍ଥା ହୁଅନ୍ତା ଯେଉଁଥିରେ ହିଂସା ଭିଆଉଥିବା ଅଦୃଶ୍ୟ ଶକ୍ତିକୁ ସହଜରେ ଦୋଷୀ ବୋଲି ସାବ୍ୟସ୍ତ କରଯାଇ ପାରନ୍ତା। ଦେଖନ୍ତୁ ହିଂସା, ଅପରାଧ ଭଳି କାର୍ଯ୍ୟର ଅନୁସନ୍ଧାନ କରି ନ୍ୟାୟ ଦେବା ପାଇଁ ଆମ ଦେଶରେ ପୋଲିସ ବିଭାଗ, କ୍ରାଇମ ବ୍ରାଞ୍ଚ ବିଭାଗ, ଆହୁରି ଅନେକ ବିଭାଗ ଗଠନ କରାଯାଇଛି। କିନ୍ତୁ ଏମାନେ କ'ଣ ମାନବିକ ଦୃଷ୍ଟିକୋଣରୁ ବିଚାର କରି ନିରପେକ୍ଷ ନା ଅନୁରକ୍ତ ହୋଇ ଥାଆନ୍ତି? କିନ୍ତୁ ତ୍ୱରିତ ଦଣ୍ଡଦେବା ବ୍ୟବସ୍ଥା ଦିଗରେ ଆଇନର ବାଟ ସିଧା ନ ଥାଏ। ତେବେ ଏକବିଂଶ ଶତାବ୍ଦୀରେ ଆଇନର ଉପଧାରାଗୁଡିକ ପରିବର୍ଦ୍ଧିତ ହେବା ଆବଶ୍ୟକ କରୁ ନାହିଁ କି? ବର୍ତ୍ତମାନର ଆଇନ ସମ୍ପର୍କରେ ପଣ୍ଡିତ ମହେଶ୍ୱର କହିଛନ୍ତି ଯେ, ଆଇନ ବର୍ତ୍ତମାନ ବହୁରୂପୀ ଏଣ୍ଡୁଅରେ ରୂପାନ୍ତରିତ। ସାର୍ବଭୌମ ସାମାଜିକ ଜୀବନର ଅନ୍ତରାୟ। ରାଜା ମହାରାଜା ଦୁଇଟି ଆଇନ ପ୍ରଣୟନ କରିଥିଲେ ଗୋଟିଏ ହେଉଛି କଚ୍ଛିମାହାଲ ଓ ଅନ୍ୟଟି ହେଉଛି ପକ୍କିମାହାଲ। ପ୍ରଥମଟି ହେଉଛି ରାଜକର୍ମଚାରୀମାନେ ବିଚାର କରି ଦଣ୍ଡ ଦେବାର ବ୍ୟବସ୍ଥା ଓ ଅନ୍ୟଟି ହେଉଛି ରାଜା ନିଜେ ବିଚାର କରି ଦଣ୍ଡଦେବା। ବର୍ତ୍ତମାନ ଆଇନ ଦରବାରୀ ନଚେତ୍ ରାଜନୈତିକ ଦଳର ଇସ୍ତାହାର ବୋଲି ସେ ଆଖ୍ୟା ଦେଇଛନ୍ତି। ବାସ୍ତବରେ ଦେଖିବାକୁ ଗଲେ ଦଣ୍ଡ ବ୍ୟବସ୍ଥା ଦୃଷ୍ଟାନ୍ତମୂଳକ ହୋଇ ପାରୁ ନ ଥିବାରୁ ତାହା ଅପରାଧୀଙ୍କୁ ସଚେତନ କରି ପାରୁନାହିଁ। ଜନଚରିତ୍ର ଏଭଳି ହୋଇ ଯାଇଛି ଯେ ତାହା ବଦଳାଇବା ଖୁବ୍ କଷ୍ଟକର। ବର୍ତ୍ତମାନ ପ୍ରତ୍ୟେକ କ୍ଷେତ୍ରରେ ପ୍ରବେଶ କରିଥିବା ସମସ୍ୟା, ଅବାଞ୍ଛନୀୟତା, ବିଡ଼ମ୍ବନା ଏଥିପାଇଁ ଦୋଷ କାହାକୁ ଦେବା? ପ୍ରତ୍ୟକ୍ଷବାଦ ପୃଷ୍ଠଭୂମିରେ ଜନ୍ମ ନେଇଥିବା ଭୌତିକବାଦ ପ୍ରାୟ ସମସ୍ତ ନୈତିକ ମୂଲ୍ୟର ଉପଯୋଗିତା ଆବଶ୍ୟକତାକୁ ମାନିବା ପାଇଁ ରାଜି ନୁହେଁ। ଆଇନ ଅଛି କିନ୍ତୁ ସେ ଅଦୃଶ୍ୟ ଶକ୍ତିକୁ ଭେଦ କରି ସେମାନଙ୍କୁ ଦଣ୍ଡିତ କରି ପାରୁନାହିଁ। ଏଠି ବିଷକୁ ଅମୃତ ମାନ୍ୟତା, କ୍ଷତିକୁ ଲାଭ ବୋଲି ମନେକରି ତାକୁ ପାଇବା ପାଇଁ ସମସ୍ତେ ଲାଳାୟିତ। ଯାହାଫଳରେ ଆଇନ ଆଖିରେ ଲୁହ ନୁହେଁ ତା' ପରିବର୍ତ୍ତେ ଲହୁ ଝରୁଛି। ନ୍ୟାୟକୁ ଠିକ୍ ଏବଂ ଅଦୃଶ୍ୟ ଜାଗାରେ ପହଞ୍ଚାଇବା ପାଇଁ, ଆଇନ ବିଶାରଦ ଓ ଆଇନ ଗବେଷକମାନେ ଗବେଷଣା ଉପଲବ୍ଧ ଜ୍ଞାନକୁ ପ୍ରସାରିତ କରବା ଉଚିତ।

ସୟଦପୁର, ଯାଜପୁର
ମୋ: ୯୪୩୭୩୧୫୬୨୩

# ଭୁଲ୍ ବୁଝାମଣା



ରାଧାଶ୍ୟାମ ରାଉଳ

କେତେକ କ୍ଷେତ୍ରରେ କୌଣସି ନା କୌଣସି କାରଣରୁ ତ କେତେକ କ୍ଷେତ୍ରରେ କୌଣସି କାରଣ ନ ଥାଇ ଭୁଲ୍ ବୁଝାମଣା ସୃଷ୍ଟି ହୁଏ। ତେବେ ଭୁଲ୍ ବୁଝାମଣା ସୃଷ୍ଟି ଓ ବଢିବା ହେବା ମୂଳରେ ରହୁଛି ଜଣେ ଅନ୍ୟଜଣଙ୍କୁ କିମ୍ବା ପରସ୍ପରକୁ ବୁଝି ନ ପାରିବାର ଅଦୂରଦର୍ଶୀ ମାନସିକତା। ଘୃଣା, ବିଦ୍ୱେଷ, ସନ୍ଦେହ, ଅସୂୟା, ଗର୍ବ, ଅହଂକାର, ଔଦ୍ଧତ୍ୟ ଭଳି ତତ୍ତ୍ୱ ଭୁଲ୍ ବୁଝାମଣା ଉତ୍ପତ୍ତିର ପ୍ରମୁଖ କାରଣ।

ଭଲ କଥାବାର୍ତ୍ତା କରୁଥିବା, ଭଲ ବ୍ୟବହାର ପ୍ରଦର୍ଶନ କରୁଥିବା ବ୍ୟକ୍ତିଟି ଅନ୍ୟର ପ୍ରରୋଚନାରେ ହେଉ କିମ୍ବା ନିଜର ଅହଂକାର ଯୋଗୁ ହେଉ, ହଠାତ୍ ଯଦି ଆପଣଙ୍କୁ ଭୁଲ୍ ବୁଝିବେ, ଆପଣଙ୍କ ସହ ଅବାନ୍ତର ଯୁକ୍ତିତର୍କ କରିବସିବେ, ଅସମ୍ମାନ ପ୍ରଦର୍ଶନ କରିବେ ତ ତାଙ୍କର ସେଭଳି ଅମାର୍ଜିତ ଆଚରଣରେ ଆପଣ ସ୍ତବ୍ଧ, ଚକିତ ହେବେ ହିଁ ହେବେ। କଥା ଆଉ ଆଗକୁ ନ ବଢ଼େଇ ସୃଷ୍ଟ ପରିସ୍ଥିତିକୁ ନିଜ ନିୟନ୍ତ୍ରଣରେ ରଖିବାକୁ ଆପଣ ନାନା ଚେଷ୍ଟାକରି ହୁଏତ ବିଫଳ ହେବେ। ସେଇଠୁ ଅନନ୍ୟୋପାୟ ହୋଇ ଅଗତ୍ୟା ନୀରବରେ ହେଜିବା ସାର ହେବ, 'ଓଃ ଥରେ ନୁହେଁ, ଦୁଇଥର ନୁହେଁ,ବାରମ୍ବାର ଜୀବନରେ ଏମିତି ମଣିଷ ଚିହ୍ନିବାରେ କେଉଁଠି ନା କେଉଁଠି ଭୁଲ ହୋଇଯାଉଛି, ସତରେ!'

ସବୁ ସମୟରେ, ସବୁକ୍ଷେତ୍ରରେ ଭୁଲ ବୁଝାମଣା ବିଗାଡିଦିଏ ସମ୍ପର୍କକୁ, ଉଜାଡିଦିଏ ସଂସାରକୁ! ପ୍ରେମରେ, ଭକ୍ତିରେ, କର୍ମରେ, ଧର୍ମରେ, ଭାବ ବିନିମୟରେ, ନୀତିନିୟମ ବ୍ୟବସ୍ଥାରେ, କଳା, ସାହିତ୍ୟ, ସଂସ୍କୃତି, ଶିକ୍ଷା, କ୍ରୀଡା, ରାଜନୀତି ଇତ୍ୟାଦି ପ୍ରାୟ ସବୁକ୍ଷେତ୍ରକୁ ଭୁଲ ବୁଝାମଣା ଏମିତି ଆବୋରି ବସିଛି ଯେ ଯାହାର ପ୍ରଭାବରେ ବଢିଚାଲିଛି ସଂଘର୍ଷ, ସଂଘାତ, ସନ୍ତ୍ରାସ, ତିକ୍ତତା, ଶତ୍ରୁତା, ହିଂସ୍ରତା, ବିଶୃଙ୍ଖଳା, ବ୍ୟଭିଚାର, ଅରାଜକତା।

ବାଲ୍ୟାବସ୍ଥାରୁ ବର୍ତ୍ତମାନ ପର୍ଯ୍ୟନ୍ତ ଆମେ ବିଭିନ୍ନ ପର୍ଯ୍ୟାୟ ଦେଇ ଆସିବା ଭିତରେ ବିଭିନ୍ନ ସମୟରେ କାହାର ନା କାହାର ଭୁଲ୍ ବୁଝାମଣାର ଶିକାର ହୋଇଆସୁଛୁ। ଘରେ, ବାହାରେ, ସାହିବସ୍ତିରେ, ରାସ୍ତାଘାଟରେ, ହାଟବଜାରରେ, ସଭାସମିତିରେ, ବୃତ୍ତିକ୍ଷେତ୍ରରେ, ପ୍ରବୃତ୍ତିକ୍ଷେତ୍ରରେ, ସାଙ୍ଗସାଥୀ, ବନ୍ଧୁମହଲରେ କେତେବେଳେ ନା କେତେବେଳେ ଭୁଲ ବୁଝାମଣା ସୃଷ୍ଟି ହେଉଛି। କେଉଁଠି ଏହାର ପ୍ରଭାବ ଓ ଭୋଗକାଳ କିଛିକ୍ଷଣ, କିଛିଦିନ, କିଛିବର୍ଷ। ତା'ପରେ ଭୁଲ୍ ବୁଝାମଣାର କୁଝଟିକା ଅପସରି ଯାଇ ସମ୍ପର୍କ ପୁଣି ସହଜ, ସ୍ୱଚ୍ଛନ୍ଦ ହୁଏ। କେଉଁଠି ପୁଣି ଏହାର ପ୍ରଭାବ ଭୟଙ୍କର ହୋଇ ଜୀବନଧାରାକୁ ଏମିତି ଆଚ୍ଛନ୍ନ, ଆକ୍ରାନ୍ତ କରିରଖେ ଯେ ସେଥିରୁ ମୁକ୍ତି ମିଳିବା ଅସମ୍ଭବ ସାବ୍ୟସ୍ତ ହୁଏ।

ଜୀବନରେ ଦୈବାତ୍ ପ୍ରେମରେ ପଡିବା ବିଚିତ୍ର କଥା ନୁହେଁ। ହେଲେ ପ୍ରେମ ବ୍ୟାପାରରେ ଦୁଇ ଅଂଶୀଦାର ଅର୍ଥାତ୍ ପ୍ରେମିକ ଓ ପ୍ରେମିକା ମଧ୍ୟରେ ଉତ୍ତମ ବୁଝାମଣା ଯଦି ରହିଲା, ତେବେ ପ୍ରେମରେ ସଫଳତା ମିଳିବ। ଆଉ ଯଦି ଭୁଲ୍ ବୁଝାମଣା ମୁଣ୍ଡଟେକିଲା, ତେବେ ଅବସ୍ଥା ହେବ



ଅସମ୍ଭାଳ, ପରିସ୍ଥିତି ଅଣାୟତ୍ତ ହେବା ଥୟ। ପ୍ରେମ ପରି ବନ୍ଧୁତା ମଧ୍ୟ ପବିତ୍ର ସମ୍ପର୍କର ନମୁନା। ବନ୍ଧୁତା ଭିତରେ ଯଦି ଭୁଲ୍ ବୁଝାମଣା ପଶିବ, ତେବେ ତାହା ଶତ୍ରୁତାର ରୂପ ନେବ ନିଶ୍ଚୟ।

ନିଜର କର୍ତ୍ତବ୍ୟନଷ୍ଠା, ପରିଶ୍ରମ, ଅଧ୍ୟବସାୟ, ସାଧନା, ପରାକାଷ୍ଠା ଥିବା ସତ୍ତ୍ୱେ କର୍ମକ୍ଷେତ୍ରରେ ହେଉ ଅବା ସାଧନା କ୍ଷେତ୍ରରେ,ଯେଉଁମାନଙ୍କୁ ମୁଁ ଗ୍ରହଣ କରିଆସିଛି,ଯେଉଁମାନେ ମୋ ଦୈନନ୍ଦିନ କାର୍ଯ୍ୟଶୈଳୀ ଓ ଜୀବନଚର୍ଯ୍ୟାକୁ ଭୂୟସୀ ପ୍ରଶଂସା କରିଆସିଛନ୍ତି, ସେମାନେ କୌଣସି ନା କୌଣସି ଭିତ୍ତିହୀନ, ଅବାସ୍ତବ କାରଣ ପାଇଁ ମୋତେ ଭୁଲ୍ ବୁଝିଛନ୍ତି। ସେଇ ଦାୟରେ, ମୋ ଦୀର୍ଘ ଛତିଶବର୍ଷର କର୍ମମୟ ଜୀବନରେ ମୁଁ ସହକର୍ମୀଙ୍କର ଚୁଗୁଲି,ଷଡଯନ୍ତ୍ରର ଶିକାର ହୋଇଛି। କର୍ତ୍ତୃପକ୍ଷଙ୍କ ଆକ୍ରୋଶର ଶିକାର ହୋଇ ଅନ୍ୟତ୍ର ବଦଳିହେବାର ମାନସିକ ଚାପ ଓ ଉତ୍ପୀଡ଼ନକୁ ନୀରବରେ ସହିଛି। ଜଣେ କର୍ତ୍ତୃପକ୍ଷ ନିଜ କ୍ଷମତାର ଅପପ୍ରୟୋଗ କରି ମୋର ପ୍ରାପ୍ୟ ଟଙ୍କାରୁ ମୋତେ ବଞ୍ଚିତ କରିଛନ୍ତି। ଅନୁରୂପ ଭାବେ ହାଇସ୍କୁଲ ପଢିବା ସମୟର ସାଙ୍ଗ ପ୍ରଦୀପ ମାତ୍ରାଧିକ ବାହାଦୁରିର ପ୍ରଭାବରେ ଏବେ ଏ ପରିଣତ ବୟସରେ ମୋତେ ହୃଦୟହୀନ କହିବା, ଯୁକ୍ତ୩ ପଢୁଥିବା ସମୟର ସାଙ୍ଗ ଅନିଲ ନିଜକୁ ମାନ୍ୟଗଣ୍ୟ ମନେକରି ମୋତେ ବଦରାଗୀ, ବେସରମ କହିବା, ସମବୟସ୍କ ସାହିତ୍ୟିକ ବନ୍ଧୁ ମକରନ୍ଦ ବାବୁ ଏକ ସମ୍ଭ୍ରାନ୍ତ ସାହିତ୍ୟାନୁଷ୍ଠାନରେ ଶୀର୍ଷ ପଦବୀରେ ରହିବା ପରେ ଆମ ଦୀର୍ଘବର୍ଷର ବନ୍ଧୁତାକୁ ଭୁଲିଯାଇ ମୋତେ ଅବଜ୍ଞା, ଅବହେଳା କରିବା, ନିଜ କଲୋନୀରେ ଦୁର୍ନୀତି, ଭ୍ରଷ୍ଟାଚାର ବିରୋଧରେ ସ୍ୱରୋତ୍ତୋଳନ କରି ନ୍ୟସ୍ତସ୍ୱାର୍ଥଗୋଷ୍ଠୀର ଆହ୍ୱାନ, ଅଦଉତିକୁ ସାମ୍ନା କରିବା ଇତ୍ୟାଦି ବାସ୍ତବରେ ମୋ ଜୀବନରେ ଅତ୍ୟନ୍ତ ଦୁଃଖଦାୟକ ଓ ଦୁର୍ଭାଗ୍ୟଜନକ ଅନୁଭୂତି !

ମନରେ ସ୍ୱତଃ ପ୍ରଶ୍ନ ଆସିବା ସ୍ୱାଭାବିକ, ଭୁଲ ବୁଝାମଣା କ'ଣ ଏମିତି ଦୟନୀୟତା ଓ ଦୁର୍ଗତିପ୍ରାପ୍ତ ହୁଏ ସବୁବେଳେ ? ଏଇ ଯେମିତି ନୀତିଭ୍ରଷ୍ଟ,ଦୁର୍ନୀତିଗ୍ରସ୍ତଙ୍କୁ ସଦାଚାରୀ, ନୀତିନିଷ୍ଠ, ସତ୍ୟନିଷ୍ଠ; ଅନାଡ଼ି, ଅକାଳକୁଷ୍ମାଣ୍ଡମାନଙ୍କୁ ମହାଜ୍ଞାନୀ; ଅସାହିତ୍ୟିକଙ୍କୁ ବିଶିଷ୍ଟ ସାହିତ୍ୟିକ; କର୍ମକୋଡ଼ି ବାହାଦୁରିଆଙ୍କୁ କର୍ମଯୋଗୀ; ଭ୍ରଷ୍ଟାଚାରୀ, ଟାଉଟରଙ୍କୁ ସୁଧାରକ, ସଂସ୍କାରକ ଉପାଧିରେ ଭୂଷିତ କରିବା। ଆଉ ସବୁ ତ୍ରୁଟିବିଚ୍ୟୁତି, ବିଲକ୍ଷଣ,ବ୍ୟତିକ୍ରମ, ବିରୋଧାଭାସକୁ ବରଦାସ୍ତ କରୁଥିବା, ମୁଣ୍ଡପାତି ସହୁଥିବା ସହୃଦୟ ମଣିଷଙ୍କୁ ଇତର,ନଗଣ୍ୟ ମନେକରି ସେମାନଙ୍କ ସହ ଅନୁଚିତ ଆଚରଣ ଓ ବେପରୁଆ ବ୍ୟବହାର ପ୍ରଦର୍ଶନ କରିବା?

ନିଜ ସପକ୍ଷରେ ନିଜର ଯୁକ୍ତି,'ମୋର ଆଜ୍ଞା,କିଛି ଭୁଲ ନାହିଁ। ଦୟାକରି ମୋତେ ଭୁଲ ବୁଝନ୍ତୁନାହିଁ'ର ଭାବାର୍ଥ କି ଶବ୍ଦାର୍ଥ କିଏ ବୁଝୁଛି, ଆଜିର ସଙ୍କଟପୂର୍ଣ୍ଣ ସମୟରେ। ଭୁଲ ବୁଝାମଣା ଏକ ନକାରାତ୍ମକ ଅନୁଚିନ୍ତା। ଏହାର ପାର୍ଶ୍ୱପ୍ରତିକ୍ରିୟା ପ୍ରବଳ। ଏହାକୁ ପ୍ରତିହତ କରିବା ସାଧ୍ୟାତୀତ ନିଶ୍ଚୟ। ଆମେ ସେଇ ଭୁଲ୍ ବୁଝାମଣାର ପାପଚକ୍ର ଭିତରେ ଅହରହ ଧନ୍ଦିହେଉଛୁ।

ବୀମାବିହାର,ମର୍କତନଗର,
ସେକ୍ଟର-୬, କଟକ
ମୋ:୯୪୩୭୦୯୦୯୮୫

## ଏଇ ଭାରତରେ

ଭାରତ ସ୍ୱାଧୀନତା ପାଇବା ପରଠାରୁ ଏଯାବତ୍ ଅଧିକାଂଶ ଗାଁର ଇତିହାସକୁ ଖୋଜିଲେ ଜଣେ ଆଇଏଏସ୍ କିମ୍ବା ଆଇପିଏସ୍ ଅଧିକାରୀ ମିଳିବେ ନାହିଁ। ହେଲେ ଉତ୍ତରପ୍ରଦେଶର ମାଧପଟି ଗାଁ ଆଇଏଏସ୍ ଫ୍ୟାକ୍ଟ୍ରି ଭାବେ ଜଣାଶୁଣା। ଅର୍ଥାତ୍ ଏହି ଗାଁରୁ ଏଯାବତ୍ କେନ୍ଦ୍ର ଲୋକସେବା ଆୟୋଗ(ୟୁପିଏସ୍‌ସି) ଦ୍ୱାରା ପରିଚାଳିତ ସିଭିଲ ସର୍ଭିସ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ୪ ଆଇଏଏସ୍‌ଙ୍କ ସମେତ ମୋଟ ୫୦ ଜଣ ଆଇଏଏସ୍, ଆଇପିଏସ୍ ଓ ଆଇଆର୍‌ଏସ୍ ହେବାର ସୌଭାଗ୍ୟ ଲାଭ କରିପାରିଛନ୍ତି। କେବଳ ଏତିକି ନୁହେଁ, ଏହି ଗାଁରୁ ଅନେକେ ମଧ୍ୟ ମହାକାଶ ବିଜ୍ଞାନୀ, ଆଣବିକ ଗବେଷଣା, ନ୍ୟାୟିକ ସେବା ଏବଂ ବ୍ୟାଙ୍କିଙ୍ଗ୍‌ର ଉଚ୍ଚ ପଦପଦବୀରେ ଆସୀନ ହୋଇଛନ୍ତି। ଜଉନପୁର ଜିଲାର ଏହି ଗାଁରେ ୭୫ଟି ପରିବାର ରହୁଛନ୍ତି। ବଡ଼ କଥା ହେଉଛି, ଏଠାରେ କୌଣସି କୋଚିଂ ସେଣ୍ଟର ନାହିଁ। ତଥାପି ପ୍ରତିବର୍ଷ ଜଣଙ୍କ ପରେ ଜଣେ ସିଭିଲ ସର୍ଭିସ୍ ପରୀକ୍ଷାରେ କୃତକାର୍ଯ୍ୟ ହୋଇଚାଲିଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୨୨ ଜୁଲାଇ ୧୯୭୬

- ଭାରତ ଓ ପାକିସ୍ତାନ ମଧ୍ୟରେ ବିମାନ ଚଳାଚଳ ଆରମ୍ଭ କରାଯାଇଥିବା ବେଳେ ପ୍ରଥମଥର ପାଇଁ ଭାରତର ଏକ ବିମାନରେ ପାକିସ୍ତାନ ପାଇଁ ମନୋନୀତ ଭାରତର ରାଷ୍ଟ୍ରଦୂତ କେ.ଏସ୍. ବାଜପେୟୀ ନୂଆଦିଲ୍ଲୀରୁ ଇସଲାମାବାଦ ଅଭିମୁଖେ ଲାହୋର ଯାତ୍ରା କରିଛନ୍ତି।
- ଆମେରିକା ଦ୍ୱାରା ପ୍ରେରିତ ଅମାନବ ମହାକାଶଯାନ ଭାଇକିଂ-୧ ନିରାପଦରେ ମଙ୍ଗଳ ଗ୍ରହ ପୃଷ୍ଠରେ ଅବତରଣ କରିଛି।

## ଚିରନ୍ତନୀ

ବିଶ୍ୱର ତରଙ୍ଗେ ଭାସି
ଅଭାବର ରାଶି ରାଶି
ଜମିଅଛି କେତେ ଶତ ମୋର ଏ
ଅନ୍ତରେ,
ନିବିଡ଼ ସେ ଆଲିଙ୍ଗନେ
ଉଠିବ ପୂରି ସଘନେ
ନୀରବ ନିଭୃତ ଏହି ନିଶୀଥ ରାତ୍ରରେ ।
-(ଆଶ୍ଳେଷ ସ୍ୱର୍ଗ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଆୟକର ଲାଗୁ ହେଉ

ମହାଶୟ,

ରାଜ୍ୟରେ ଯାତ୍ରା କଳାକାରମାନେ ବାର୍ଷିକ ୬୦ରୁ ୭୦ ଲକ୍ଷ ଟଙ୍କା ଆୟ କରୁଥିବାରୁ ସେମାନେ ଆୟକର ଦେବାକୁ ବାଧ୍ୟ। ଯଦି ଦେଉ ନ ଥିବେ ତେବେ ସେମାନଙ୍କ ପାଇଁ ନୂଆ ନିୟମ ଲାଗୁ କରାଯାଉ। ସେହିପରି ଚଳଚ୍ଚିତ୍ରରେ ମଧ୍ୟ ବାର୍ଷିକ ଆୟ ଥାଇ ବି ଆୟକରରୁ ରିହାତି ପାଉଛନ୍ତି। କିନ୍ତୁ ଗାଡ଼ି ମାଲିକମାନେ ଆୟକର ପରିସରଭୁକ୍ତ। ଯାତ୍ରା ମାଲିକମାନଙ୍କୁ କଳାକାରଙ୍କ ତାଲିକା ମଗାଯାଉ। ସେମାନଙ୍କଠାରୁ ସରକାର ରାଜସ୍ୱ ପାଇପାରିବେ। ନିୟମ ସମସ୍ତଙ୍କ ପାଇଁ ସମାନ ହେଉ, ଯେପରି ଏହାକୁ କେହି ଖିଲାପ ନ କରନ୍ତି। ଏହା କଡ଼ାକଡ଼ି ପାଳନ କରାଯାଉ।

-ରମେଶ ଚନ୍ଦ୍ର ବେହେରା, ଆୟତପୁର,କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ସଡ଼କ ଦୁର୍ଘଟଣାରେ କାଉଡ଼ିଆଙ୍କ ମୃତ୍ୟୁ, ୨ ଗୁରୁତର

**ଚମ୍ପୁଆ,୨୧।୭(ମହେଶ୍ୱର ଦାସ)**

କେନ୍ଦୁଝର ଜିଲା ଚମ୍ପୁଆ ଥାନା ଅଧୀନ ଡଉଆବାହାଲଠାରେ ରବିବାର ରାତିରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଯାଇଛି। ବୋଲେରୋ କାଉଡ଼ିଆ ଗାଡ଼ିକୁ ଅଜଣା ଗାଡ଼ି ଧକ୍କାଦେଇଛି। ଫଳରେ ଜଣେ ଭକ୍ତଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ୨ ଜଣ ଗୁରୁତର ହୋଇଛନ୍ତି। ମୃତକ ସୁନ୍ଦରଗଡ଼ ଜିଲାର ବିଶ୍ରା ଥାନା ଅଧୀନ ଗଞ୍ଜର ଗ୍ରାମର ସଞ୍ଜିତ ଲାଗୁଆ। ଗୁରୁତରଙ୍କ ପରିଚୟ ମିଳିପାରିନାହିଁ।

## ଅଧା ରହିଗଲା ତାରିଣୀ ଦର୍ଶନ

ସୂଚନା ଅନୁଯାୟୀ, ସଞ୍ଜିତ ସାଙ୍ଗମାନଙ୍କ ସହ ଟାଟାଯୋଷ୍ଟ ଗାଡ଼ିରେ ଯୋଡ଼ା ଥାନା ଅଧୀନ ବିଲେଇପଦାସ୍ଥିତ ମୁର୍ଗା ମହାଦେବ ମନ୍ଦିରରେ ଜଳାଭିଷେକ କରିବା ପାଇଁ ବାହାରିଥିଲେ। ଜଳାଭିଷେକ ପରେ ଘଟଗାଁସ୍ଥିତ ମା' ତାରିଣୀଙ୍କ ଦର୍ଶନକରି ଫେରିବାର ଯୋଜନା ଥିଲା। ମାତ୍ର ଡଉଆବାହାଲ ନିକଟରେ କୌଣସି କାମରେ ଅଟକିଥିଲେ। ସେ ସମୟରେ ପଛ ଆଡୁ ଏକ ଟ୍ରକ ଧକ୍କା ଦେଇଥିଲା। ଫଳରେ ଗାଡ଼ିଟି ରାସ୍ତାକଡ଼କୁ ଖସିଯାଇଥିଲା। ସଞ୍ଜିତ ଓ ୨ ସାଙ୍ଗ ଗୁରୁତର ହୋଇଥିଲେ। ସମସ୍ତଙ୍କୁ ନିକଟସ୍ଥ ବାସୁଦେବପୁର ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ସଞ୍ଜିତଙ୍କୁ ମୃତ ଘୋଷଣା କରିଥିଲେ। ଗୁରୁତରଙ୍କ ମଧ୍ୟରୁ ଜଣଙ୍କୁ ଭୁବନେଶ୍ୱର ଓ ଅନ୍ୟ ଜଣଙ୍କୁ ରାଉରକେଲା ଚିକିତ୍ସାର୍ଥେ ପଠାଯାଇଥିବା ଜଣାଯାଇଛି। ଚମ୍ପୁଆ ପୋଲିସ ଏକ ମାମଲା (ନଂ. ୨୦୦/୨୫) ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିଛି।

# ଇନ୍‌ଫର୍ମର ସନ୍ଦେହରେ ୨ଜଣଙ୍କୁ ହତ୍ୟାକଲେ ମାଓବାଦୀ

**ମାଲକାନଗିରି,୨୧।୭(ଦୁର୍ଯ୍ୟୋଧନ ପାତ୍ର)**

ଛତିଶଗଡ଼ ବିଜାପୁର ଜିଲା ଛତୁଆର ଓ ତୋରେମ ଗାଁର ୨ଜଣ ବ୍ୟକ୍ତିଙ୍କୁ ମାଓବାଦୀମାନେ ଇନ୍‌ଫର୍ମର ସନ୍ଦେହରେ ରବିବାର ରାତିରେ ହତ୍ୟାକରି ଗାଁ ଦାଣ୍ଡରେ ଫୋପାଡ଼ି ଚାଲି ଯାଇଛନ୍ତି। ମୃତକ ହେଲେ କବାସୀ ଜେମା ଓ ମଙ୍ଗଳ କର୍ଣ୍ଣମ। ସୂଚନା ଅନୁଯାୟୀ, ଛତୁଆର ଓ ତୋରେମ ଗାଁର ୨ଜଣ ବ୍ୟକ୍ତିଙ୍କୁ ରବିବାର ରାତିରେ ୧୫ରୁ ଊର୍ଦ୍ଧ୍ୱ ସଶସ୍ତ୍ର ମାଓବାଦୀ ତାଙ୍କ ଘରୁ ଅପହରଣକରି ନେଇ ହତ୍ୟା କରିଥିଲେ। ପରେ ଗାଁ ଦାଣ୍ଡରେ ମୃତଦେହ ଫିଙ୍ଗି ଚାଲିଯାଇଥିଲେ। ମୃତଦେହ ନିକଟରୁ ମିଳିଥିବା ପୋଷ୍ଟରରେ ଉଲ୍ଲେଖ କରିଥିଲେ, ଏହି ୨ଜଣ ପୋଲିସ ସୂଚନାଦାତା ଥିବାରୁ ଏମାନଙ୍କୁ ହତ୍ୟା କରାଯାଇଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତକରିବା ସହ ଉକ୍ତ ଅଞ୍ଚଳରେ କୋମ୍ବିଂକୁ ଜୋର୍‌ଦାର କରିଛି। ବିଜାପୁର ପୋଲିସ ସୂଚନା ଦେଇଛି, ଗ୍ରାମ ଲୋକମାନଙ୍କୁ ସୁରକ୍ଷା ଦେବା ଆମର ମୂଳଲକ୍ଷ୍ୟ। ଆଗାମୀ ଦିନରେ ଆହୁରି ଅଧିକ କ୍ୟାମ୍ପ ପ୍ରତିଷ୍ଠା କରି ଗ୍ରାମକୁ ସୁରକ୍ଷା ଯୋଗାଇବା ସହ ଛତିଶଗଡ଼କୁ ସମ୍ପୂର୍ଣ୍ଣ ମାଓବାଦୀମୁକ୍ତ କରାଯିବ।

# ସ୍ୱଚ୍ଛ ସହର ସର୍ଭେରେ ମିଳିଥିବା ପୁରସ୍କାର ମୁଖ୍ୟମନ୍ତ୍ରୀଙ୍କ ନିକଟରେ ପ୍ରଦର୍ଶିତ

## ସ୍ୱଚ୍ଛ ସହର ସର୍ଭେରେ ଆସ୍କା ବିଜ୍ଞାପିତ ଅଞ୍ଚଳ ଦେଶରେ ୨ୟ

**ଭୁବନେଶ୍ୱର,୨୧।୭(ସୁନିତ୍ ମିଶ୍ର)**

ଦେଶର ସ୍ୱଚ୍ଛ ସହର ସର୍ଭେରେ ଗଞ୍ଜାମ ଜିଲାର ଆସ୍କା ବିଜ୍ଞାପିତ ଅଞ୍ଚଳ ପରିଷଦ ୨ୟ ସ୍ଥାନ ହାସଲ କରିଛି। ଗତ ୧୭ ତାରିଖରେ ନୂଆଦିଲ୍ଲୀର ବିଜ୍ଞାନ ଭବନ ଠାରେ ଗୃହ ଓ ସହରାଞ୍ଚଳ ବ୍ୟାପାର ମନ୍ତ୍ରଣାଳୟ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କୁ ଏଥି ନିମନ୍ତେ ସ୍ୱଚ୍ଛ ସର୍ବେକ୍ଷଣ ପୁରସ୍କାର ୨୦୨୪-୨୫ ପ୍ରଦାନ କରିଥିଲେ। ସୋମବାର ଲୋକସେବା ଭବନଠାରେ ଆସ୍କା ବିଧାୟକ ସରୋଜ କୁମାର ପାଢ଼ୀ ଏବଂ ଅଧକ୍ଷା ବିନିତା ସ୍ୱାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିକଟରେ ଏହି ସାର୍ଟିଫିକେଟ ଓ ଟ୍ରଫି ପ୍ରଦର୍ଶନ କରିଛନ୍ତି। ମୁଖ୍ୟମନ୍ତ୍ରୀ ଏହିସଫଳତା ପାଇଁ ଖୁସିବ୍ୟକ୍ତ କରିବା ସହିତ ଉଭୟ ବିଧାୟକ ଓ ଅଧ୍ୟକ୍ଷାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଏହିପରି ସ୍ୱଚ୍ଛ ଅଭିଯାନ ଜାରି ରଖି ୧ମ ସ୍ଥାନ ହାସଲ କରିବା ପାଇଁ ଉଦ୍ୟମ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ସୂଚନାଯୋଗ୍ୟ, ୨୦ ହଜାରରୁ ୫୦ ହଜାର ଜନସଂଖ୍ୟା ବିଶିଷ୍ଟ କ୍ୟାଟେଗୋରିରେ ଗଞ୍ଜାମ ଜିଲାର ଆସ୍କା ଦେଶରେ ସ୍ୱଚ୍ଛ ସହର ଭାବେ ୨ୟ ସ୍ଥାନ ହାସଲ କରି ଏହି ପୁରସ୍କାର ପାଇଛି।

# ହତ୍ୟା ମାମଲା: ବାପ, ପୁଅଙ୍କୁ ଆଜୀବନ ଜେଲ

**ଅନୁଗୋଳ,୨୧।୭ (ଜ୍ୟୋତିରଞ୍ଜନ ସାହୁ)**

ଏକ ହତ୍ୟା ମାମଲାର ବିଚାର କରି ଅନୁଗୋଳ ଅତିରିକ୍ତ ସେସନ ଜଜ୍ ତଥା ସ୍ୱତନ୍ତ୍ର ଜଜ୍ ଭିଜିଲାନ୍ସ ସୋମବାର ଅଭିଯୁକ୍ତ ବନ୍ତଲା ଥାନା ବଡ଼କନ୍ତକୁଲୁ ଗ୍ରାମର ବିଶ୍ୱନାଥ ସାହୁ ଏବଂ ତାଙ୍କ ପୁଅ ଶିଶିର ସାହୁଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ମାମଲାରୁ ପ୍ରକାଶ, ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଅନୁଗୋଳ ଜିଲା ବନ୍ତଲା ଥାନା ବଡ଼କନ୍ତକୁଲୁ ଗ୍ରାମରେ ୨୦୨୧ ଜୁନ ୩୦ରେ ଏକ ହତ୍ୟାକାଣ୍ଡ ଘଟିଥିଲା। ଅଭିଯୁକ୍ତ ବିଶ୍ୱନାଥ ସାହୁ ଏବଂ ତାଙ୍କ ପୁଅ ଶିଶିର ସାହୁ ସେହି ଗ୍ରାମର ଟୁଟୁ ବେହେରା ଏବଂ ତାଙ୍କ ପରିବାର ଲୋକଙ୍କୁ ହତ୍ୟା କରିବା ଉଦ୍ଦେଶ୍ୟରେ ଘରେ ପଶିଥିଲେ। ଟୁଟୁ ବେହେରାଙ୍କ ପୁତୁରା ଅଖିଳ ବେହେରା ଏହାର ପ୍ରତିବାଦ କରିବାରୁ ଶିଶିର ଗୁଳି ଚଳାଇଥିଲା। ଫଳରେ ଅଖିଳଙ୍କ ମୃତ୍ୟୁ ହୋଇଥିଲା। ଏହାପରେ ବିଶ୍ୱନାଥ ଟାଙ୍ଗିଆରେ ଟୁଟୁଙ୍କୁ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ଏ ନେଇ ଟୁଟୁ ବନ୍ତଲା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମମଲା ରୁଜୁ କରି ଉଭୟ ବାପ ଓ ପୁଅଙ୍କୁ ଗିରଫ କରିଥିଲା। ଏହି ମାମଲାର ବିଚାର କରୁଥିବା ଅତିରିକ୍ତ ସେସନ ଜଜ୍ ତଥା ସ୍ୱତନ୍ତ୍ର ଜଜ୍ ଭିଜିଲାନ୍ସ ଅଭିଯୁକ୍ତ ବିଶ୍ୱନାଥ ଏବଂ ପୁଅ ଶିଶିରଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ସରକାରଙ୍କ ପକ୍ଷରୁ ଏହି ମାମଲାକୁ ଆଡିଶିନାଲ ପି.ପି. ତାପସ ରଞ୍ଜନ ମିଶ୍ର ଏବଂ ଧ୍ରୁବ ଚରଣ ସାହୁ ପରିଚାଳନା କରିଥିଲେ।

# ଅସଦାଚରଣ ଅଭିଯୋଗରେ ଶିକ୍ଷକ ନିଲମ୍ବିତ

**ବଲଙ୍ଗା,୨୧।୭ (ପରିକ୍ଷିତ ସାହୁ)**

ଅନୁଗୋଳ ଜିଲା କିଶୋରନଗର ବ୍ଲକ ଅଞ୍ଚଳର ଜଣେ ୫ମ ଶ୍ରେଣୀ ଛାତ୍ରୀଙ୍କୁ ଅସଦାରଣ କରିଥିବା ଅଭିଯୋଗରେ ଅଭିଯୁକ୍ତ ଶିକ୍ଷକଙ୍କୁ ଶନିବାର କିଶୋରନଗର ଶିକ୍ଷା ବିଭାଗ ପକ୍ଷରୁ ନିଲମ୍ବନ କରାଯାଇଛି। ନିଲମ୍ବିତ ଶିକ୍ଷକ ହେଲେ କିଶୋରନଗର ଅଞ୍ଚଳରେ ରହି ଶିକ୍ଷକତା କରୁଥିବା କେନ୍ଦ୍ରାପଡ଼ା ଜିଲା ମୁଣ୍ଡିଲୋ ଗ୍ରାମର ସୁକାନ୍ତ ଜେନା (୪୫)। ଏଥିସହ ରବିବାର ତାଙ୍କୁ ହଣ୍ଡପା ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ଶ୍ରେଣୀଗୃହ ମଧ୍ୟରେ ଶିକ୍ଷକ ଜେନା ସମ୍ପୃକ୍ତା ଛାତ୍ରୀଙ୍କୁ ଅସଦାଚରଣ ସହ ବଳାତ୍କାର ଉଦ୍ୟମ କରିଥିବା ବିଇଓ ଅରୁଣ କୁମାର ସେଠୀ ଓ ହଣ୍ଡପା ଥାନାରେ ଅଭିଯୋଗ ହୋଇଥିଲା। ଏହାର ତଦନ୍ତ କରି ବିଇଓ ସେଠୀ ସମ୍ପୃକ୍ତ ଶିକ୍ଷକଙ୍କୁ ନିଲମ୍ବନ କରିଛନ୍ତି।


# ଓଡ଼ିଶା ସରକାର
## ଜଙ୍ଗଲ ଏବଂ ପରିବେଶ ବିଭାଗ

### ଏନ୍‌ଟିପିସି ଲିଃ, ଦର୍ଲିପାଲି ଏସ୍‌ଟିପିପି ଦ୍ୱାରା ମେକ୍ ଅପ୍ ୱାଟର (ଏମ୍‌ୟୁଡବ୍ଲ୍ୟୁ) ପାଇପଲାଇନ୍ ଏବଂ ୧୩୨ କେଭି ବୈଦ୍ୟୁତିକ ଟ୍ରାନ୍ସମିଶନ୍ ଲାଇନ୍‌ର ପର୍ଯ୍ୟାୟ-୧/୨ ଜଙ୍ଗଲ ଜମିର ପରିବର୍ତ୍ତନ ମଞ୍ଜୁରୀ

**ପରିଶିଷ୍ଟ-୧**

Government of India/ଭାରତ ସରକାର
Ministry of Environment, Forest & Climate Change/
ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ
Eastern Regional Office/ପୂର୍ବାଞ୍ଚଳ କ୍ଷେତ୍ରୀୟ କାର୍ଯ୍ୟାଳୟ
A/3, Chandrasekharpur/ଏ/୩, ଚନ୍ଦ୍ରଶେଖରପୁର
Bhubaneswar-751023/ଭୁବନେଶ୍ୱର-୭୫୧୦୨୩
ଟେଲିଫୋନ୍: ୦୬୭୪-୨୩୦୧୨୧୩, ୨୩୦୧୨୪୮, ୨୩୦୨୪୫୨, ୨୩୦୨୪୫୩
ଫାକ୍ସ: ୦୬୭୪-୨୩୦୨୪୩୨, ଇ-ମେଲ୍: roez.bsr-mef@nic.in

ନଂ. ୫-ଓଆର୍‌ସି୨୭୯/୨୦୧୬-ବିଏଚ୍‌ୟୁ ୧ ନଭେମ୍ବର, ୨୦୧୬

ପ୍ରାପ୍ତେଷୁ,
ପ୍ରଧାନ ସଚିବ,
ଜଙ୍ଗଲ ଏବଂ ପରିବେଶ ବିଭାଗ,
ଓଡ଼ିଶା ସରକାର,
ଭୁବନେଶ୍ୱର

ବିଷୟ:- ଏନ୍‌ଟିପିସି ଲିମିଟେଡ୍ ଦ୍ୱାରା ସୁନ୍ଦରଗଡ଼ ଜିଲ୍ଲାରେ ଏହାର ଦର୍ଲିପାଲି ସୁପର ଥର୍ମାଲ ପାୱାର ପ୍ରୋଜେକ୍ଟ ପାଇଁ ହୀରାକୁଦ ଜଳଭଣ୍ଡାରରୁ ଜଳ ଉଠାଇବା ନିମନ୍ତେ ମେକ୍ ଅପ୍ ୱାଟର (ଏମ୍‌ୟୁଡବ୍ଲ୍ୟୁ) ପାଇପଲାଇନ୍ ଓ ୧୩୨ କେଭି ବୈଦ୍ୟୁତିକ ଟ୍ରାନ୍ସମିଶନ ଲାଇନ୍ ବିଛାଇବା ନିମନ୍ତେ ଓଡ଼ିଶାର ଝାରସୁଗୁଡ଼ା ଓ ସୁନ୍ଦରଗଡ଼ ଜିଲ୍ଲାରେ ୨୫.୫୬ ହେକ୍ଟର ଜଙ୍ଗଲ ଜମି (ମୂଳତଃ ପ୍ରସ୍ତାବିତ ୨୫.୭୬ ହେକ୍ଟର)ର ପରିବର୍ତ୍ତନ କରିବା।

ମହାଶୟ,

ଜଙ୍ଗଲ (ସଂରକ୍ଷଣ) ଅଧିନିୟମ, ୧୯୮୦ର ଧାରା ୨ ଅଧୀନରେ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ଆଗୁଆ ଅନୁମୋଦନ ଲୋଡ଼ିବା ପାଇଁ ଉପରଦର୍ଶିତ ବିଷୟରେ ରାଜ୍ୟ ସରକାରଙ୍କ ଚିଠି ସଂ.୧୦ଏଫ(ସିଓଏନଏସ)୨୯୨/୨୦୧୫-୯୮୭୩/ଏଫ୍ ଆଣ୍ଡ ଇ, ତାରିଖ ୨୩.୦୫.୨୦୧୬ ଏବଂ ସଂ.୧୭୮୧୭/ଏଫ୍ ଆଣ୍ଡ ଇ, ତାରିଖ: ୨୪.୦୯.୨୦୧୬କୁ ସନ୍ଦର୍ଭକୁ ନେବା ପାଇଁ ମୋତେ ନିର୍ଦ୍ଦେଶ ଦିଆଯାଇଛି।

ରାଜ୍ୟ ସରକାରଙ୍କ ପ୍ରସ୍ତାବ ଉପରେ ଯଥେଷ୍ଟ ବିଚାର କରିବା ପରେ ଏବଂ ୨୫.୧୦.୨୦୧୬ରେ ଅନୁଷ୍ଠିତ ଆଞ୍ଚଳିକ କ୍ଷମତାସମ୍ପନ୍ନ କମିଟିର ନିଷ୍ପତ୍ତି ଆଧାରରେ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଏନ୍‌ଟିପିସି ଲିମିଟେଡ୍ ଦ୍ୱାରା ସୁନ୍ଦରଗଡ଼ ଜିଲ୍ଲାରେ ଏହାର ଦର୍ଲିପାଲି ସୁପର ଥର୍ମାଲ ପାୱାର ପ୍ରୋଜେକ୍ଟ ପାଇଁ ହୀରାକୁଦ ଜଳଭଣ୍ଡାରରୁ ଜଳ ଉଠାଇବା ନିମନ୍ତେ ମେକ୍ ଅପ୍ ୱାଟର (ଏମ୍‌ୟୁଡବ୍ଲ୍ୟୁ) ପାଇପଲାଇନ୍ ଓ ୧୩୨ କେଭି ବୈଦ୍ୟୁତିକ ଟ୍ରାନ୍ସମିଶନ ଲାଇନ୍ ବିଛାଇବା ନିମନ୍ତେ ଓଡ଼ିଶାର ଝାରସୁଗୁଡ଼ା ଓ ସୁନ୍ଦରଗଡ଼ ଜିଲ୍ଲାରେ ୨୫.୫୬ ହେକ୍ଟର ଜଙ୍ଗଲ ଜମି (ମୂଳତଃ ପ୍ରସ୍ତାବିତ ୨୫.୭୬ ହେକ୍ଟର)ର ପରିବର୍ତ୍ତନ କରିବା ଲାଗି ଏତଦ୍ୱାରା 'ସୈଦ୍ଧାନ୍ତିକ ରୂପେ' ଅନୁମୋଦନ ପ୍ରଦାନ କରୁଅଛି, ଯାହା ନିମ୍ନଲିଖିତ ସର୍ତ୍ତାବଳୀ ପୂରଣ ଉପରେ ନିର୍ଭର କରିବ:

(i) ପରିବର୍ତ୍ତନ ପାଇଁ ପ୍ରସ୍ତାବିତ ଜଙ୍ଗଲ ଜମିର ଆଇନଗତ ସ୍ଥିତି ଅପରିବର୍ତ୍ତିତ ରହିବ।
(ii) ଭାରତର ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ରିଟ୍ ପିଟିସନ (ସିଭିଲ) ନଂ.୨୦୨/୧୯୯୫ରେ ତା୨୮.୦୩.୨୦୦୮, ୨୪.୦୪.୨୦୦୮ ଏବଂ ୦୯.୦୫.୨୦୦୮ରିଖର ଆଦେଶ ଏବଂ ଏ ବାବଦରେ ମନ୍ତ୍ରଣାଳୟ ଦ୍ୱାରା ଏହାର ଚିଠି ସଂ. ୫-୩/୨୦୦୭-ଏଫ୍‌ସି, ତାରିଖ ୦୫.୦୨.୨୦୦୯ ଜରିଆରେ ଜାରି ନିର୍ଦ୍ଦେଶାବଳୀ ଅନୁଯାୟୀ ରାଜ୍ୟ ସରକାର ୟୁଜର ଏଜେନ୍ସିଠାରୁ ଏହି ପ୍ରସ୍ତାବ ଅଧୀନରେ ପରିବର୍ତ୍ତିତ ହେବା ଲାଗି ପ୍ରସ୍ତାବିତ ଜଙ୍ଗଲ କ୍ଷେତ୍ରର ନେଟ୍ ପ୍ରେଜେଣ୍ଟ ମୂଲ୍ୟ (ଏନ୍‌ପିଭି) ଆଦାୟ କରିବେ। ଏହି ସର୍ତ୍ତର ଅନୁପାଳନ ସମ୍ପର୍କରେ ଅବଗତ କରାଇବା ସମୟରେ ଯେଉଁ ଜଙ୍ଗଲ ପାଇଁ ଏନ୍‌ପିଭି ଆଦାୟ କରାଯାଉଛି ତାହାର ଜୈବ-ଶ୍ରେଣୀ ଏବଂ ଘନତ୍ୱକୁ ଦର୍ଶାଯିବ।
(iii) ବର୍ତ୍ତମାନ ଦରରେ ନେଟ୍ ପ୍ରେଜେଣ୍ଟ ମୂଲ୍ୟ (ଏନ୍‌ପିଭି) ପରିଶୋଧ କରିବା ସମୟରେ, ଭାରତର ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିଷ୍ପତ୍ତି ଅନୁଯାୟୀ ଯଦି ଏନ୍‌ପିଭି ଲାଗି ଅତିରିକ୍ତ ଅର୍ଥରାଶି ପୈଠ କରିବାର ଆବଶ୍ୟକତା ପଡ଼େ ତେବେ ତାହାକୁ ପୈଠ କରିବା ପାଇଁ ୟୁଜର ଏଜେନ୍ସି ଏକ ପ୍ରତିଜ୍ଞାପତ୍ର ଦାଖଲ କରିବ।
(iv) ପରିବର୍ତ୍ତିତ ହେବା ପାଇଁ ପ୍ରସ୍ତାବିତ ଜଙ୍ଗଲ ଜମି କ୍ଷେତ୍ର ଅର୍ଥାତ୍ ୨୫.୫୬ ହେକ୍ଟର ବଦଳରେ ରାଜ୍ୟ ସରକାରଙ୍କ ଦ୍ୱାରା ଝାରସୁଗୁଡ଼ା ବନଖଣ୍ଡ ଅଧୀନରେ କୋଲାବିରା ରେଞ୍ଜର ଗୁଡ଼ିଗାଁ ଗ୍ରାମରେ ଚିହ୍ନଟ ହୋଇଥିବା ୫୧.୫୨ ହେକ୍ଟର ଅବକ୍ଷୟିତ ଜଙ୍ଗଲ ଜମିରେ ଦୁଇଗୁଣା କ୍ଷତିପୂରଣମୂଳକ ବନୀକରଣ କରିବେ ଓ ତାହାର ରକ୍ଷଣାବେକ୍ଷଣ କରିବେ, ଯାହାର ଖର୍ଚ୍ଚ ୟୁଜର ଏଜେନ୍ସି ବହନ କରିବ।
(v) ୟୁଜର ଏଜେନ୍ସି ସାମ୍ପ୍ରତିକ ମଜୁରି ଦରରେ ୧୦ ବର୍ଷ ଲାଗି କ୍ଷତିପୂରଣମୂଳକ ବନୀକରଣ ଲାଗି ବନୀକରଣ ଓ ରକ୍ଷଣାବେକ୍ଷଣ ଖର୍ଚ୍ଚକୁ ରାଜ୍ୟ ଜଙ୍ଗଲ ବିଭାଗକୁ ସ୍ଥାନାନ୍ତର କରିବ।
(vi) ପ୍ରକଳ୍ପ ଅଧୀନରେ ୟୁଜର ଏଜେନ୍ସିଠାରୁ ପ୍ରାପ୍ତ ହୋଇଥିବା ସମସ୍ତ ପାଣ୍ଠିକୁ ଅସ୍ଥାୟୀ ସିଏମ୍‌ପିଏକୁ ସ୍ଥାନାନ୍ତର କରାଯିବ, ଯାହାକୁ କର୍ପୋରେଶନ ବ୍ୟାଙ୍କ, ସିଜିଓ କମ୍ପ୍ଲେକ୍ସ, ଲୋଧି ରୋଡ୍, ନୂଆଦିଲ୍ଲୀ-୧୧୦୦୦୩ରେ ଅସ୍ଥାୟୀ ସିଏମ୍‌ପିଏର ସଞ୍ଚୟ ବ୍ୟାଙ୍କ ଖାତାରେ ଜମା କରାଯିବ।
(vii) ୟୁଜର ଏଜେନ୍ସି ରାଜ୍ୟ ସରକାରଙ୍କ ଦ୍ୱାରା ଚିଠି ସଂ. ୧୦(ସିଏନ୍‌ଏସ୍)୨୯୨/୨୦୧୫-୯୮୭୩/ଏଫ୍ ଆଣ୍ଡ ଇ, ତାରିଖ: ୨୩.୦୫.୨୦୧୬ ରେ ନିର୍ଦ୍ଧାରିତ ସର୍ତ୍ତାବଳୀର ଅନୁପାଳନ କରିବ।
(viii) ୟୁଜର ଏଜେନ୍ସି ମନ୍ତ୍ରଣାଳୟ ଦ୍ୱାରା ଚିଠି ସଂ. ୭-୨୫/୨୦୧୨-ଏଫ୍‌ସି, ତାରିଖ: ୦୫.୦୫.୨୦୧୪ ଏବଂ ୧୯.୧୧.୨୦୧୪ରେ ଜାରି ଜଙ୍ଗଲ ଅଞ୍ଚଳ ମଧ୍ୟ ଦେଇ ଟ୍ରାନ୍ସମିଶନ୍ ଲାଇନ ବିଛାଇବା ପାଇଁ ନିର୍ଦ୍ଦେଶାବଳୀର ଅନୁପାଳନ କରିବ।
(ix) ୟୁଜର ଏଜେନ୍ସି ରାଜ୍ୟ ଜଙ୍ଗଲ ବିଭାଗର ପରାମର୍ଶ ସହ ଟ୍ରାନ୍ସମିଶନ୍ ଲାଇନ୍ ତଳେ ପ୍ରଥମ ଅଧିକାରରେ ଛୋଟ ପ୍ରଜାତି (ସମ୍ଭବତଃ ଔଷଧୀୟ ଜାତୀୟ ବୃକ୍ଷ)ର ରୋପଣ ପାଇଁ ଏକ ସବିଶେଷ ସୃଜନ ଓ ରକ୍ଷଣାବେକ୍ଷଣ ଯୋଜନା ପ୍ରସ୍ତୁତ କରିବ ଏବଂ ରାଜ୍ୟ ଜଙ୍ଗଲ ବିଭାଗ ଦ୍ୱାରା ଉକ୍ତ ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ ପାଣ୍ଠି ପ୍ରଦାନ କରିବ।
(x) ପରିବର୍ତ୍ତିତ ହେଉଥିବା ଜଙ୍ଗଲ ଜମିର ପରିସୀମାକୁ ପ୍ରକଳ୍ପ ଖର୍ଚ୍ଚରେ ଚାରି ଫୁଟ ଉଚ୍ଚ ରିଇନ୍‌ଫୋର୍ସଡ୍ ସିମେଣ୍ଟ କଂକ୍ରିଟ୍ ସ୍ତମ୍ଭ ଉଠାଯାଇ ଚିହ୍ନିତ କରାଯିବ, ପ୍ରତ୍ୟେକ ସ୍ତମ୍ଭରେ ତାହାର କ୍ରମିକ ସଂଖ୍ୟା, ଡିଜିପିଏସ୍ ନିର୍ଦ୍ଦେଶାଙ୍କ, ଫରୱାର୍ଡ ଓ ବ୍ୟାକ୍ ବିୟରିଂ ଏବଂ ସ୍ତମ୍ଭରୁ ସ୍ତମ୍ଭ ମଧ୍ୟରେ ଦୂରତା ଖୋଦିତ କରାଯିବ ଏବଂ ଡିଜିପିଏସ୍ ନକ୍ସା ସହ ସଫ୍ଟ କପି ଶେପ୍ ଫାଇଲରେ ଦାଖଲ କରାଯିବ।
(xi) ରାଜ୍ୟ ଜଙ୍ଗଲ ବିଭାଗ/ୟୁଏ ସିଏ ନିମନ୍ତେ ପ୍ରସ୍ତାବିତ ହୋଇଥିବା ଝାରସୁଗୁଡ଼ା ବନଖଣ୍ଡ ଅଧୀନରେ କୋଲାବିରା ରେଞ୍ଜର ଗୁଡ଼ିଗାଁ ଗ୍ରାମରେ ଚିହ୍ନଟ ହୋଇଥିବା ୫୧.୫୨ ହେକ୍ଟର ପତିତ ଜଙ୍ଗଲ ଜମିର ଡିଜିପିଏସ୍ ନକ୍ସା ସହିତ ଶେପ୍ ଫାଇଲ୍ସରେ ସଫ୍ଟ କପି ଦାଖଲ କରିବେ, ଯେଉଁଥିରେ ପ୍ରତ୍ୟେକ ସୀମା ସ୍ତମ୍ଭର ଫରୱାର୍ଡ ଓ ବ୍ୟାକୱାର୍ଡ ବିୟରିଂ ଏବଂ ସେଗୁଡ଼ିକ ମଧ୍ୟରେ ଦୂରତା ଦର୍ଶାଯାଇଥିବ।
(xii) ପ୍ରକଳ୍ପର ଭୂତଳ ପାଇପଲାଇନ ସମ୍ବନ୍ଧୀୟ ବସ୍ତୁଗତ ପ୍ରଭାବକୁ ନିୟମିତ ଭାବେ ତଦାରଖ କରାଯିବ ଏବଂ ଅଞ୍ଚଳ ଉପରେ କୌଣସି ପ୍ରତିକୂଳ ପ୍ରଭାବ ସମ୍ପର୍କରେ ତୁରନ୍ତ ସୂଚନା ଦିଆଯିବ ଏବଂ ପ୍ରକଳ୍ପ ସମ୍ବନ୍ଧୀୟ ଗତିବିଧିକୁ ତୁରନ୍ତ ବନ୍ଦ କରାଯିବ।
(xiii) ଜଙ୍ଗଲ ଜମିରେ କୌଣସି ଶ୍ରମ ଶିବିର ପ୍ରତିଷ୍ଠା କରାଯିବ ନାହିଁ।
(xiv) ୟୁଜର ଏଜେନ୍ସି ଉକ୍ତ ସ୍ଥାନରେ କାର୍ଯ୍ୟରତ ଶ୍ରମିକ ଓ କର୍ମଚାରୀମାନଙ୍କୁ ବିକଳ୍ପ ଇନ୍ଧନ ଯୋଗାଇଦେବ ଯାହାଦ୍ୱାରା ଆଖପାଖ ଜଙ୍ଗଲ ଅଞ୍ଚଳରେ କୌଣସି କ୍ଷୟକ୍ଷତି ଏବଂ ଚାପକୁ ଏଡ଼ାଇ ହେବ।
(xv) ପ୍ରକଳ୍ପ କାର୍ଯ୍ୟ ସମ୍ବନ୍ଧୀୟ କୌଣସି କାର୍ଯ୍ୟ ପାଇଁ ଜଙ୍ଗଲ ଭିତରେ କୌଣସି ଅତିରିକ୍ତ କିମ୍ବା ନୂତନ ପଥ ନିର୍ମାଣ କରାଯିବ ନାହିଁ।
(xvi) ୟୁଜର ଏଜେନ୍ସି ଦ୍ୱାରା ସଂଲଗ୍ନ ଜଙ୍ଗଲ ଅଞ୍ଚଳରୁ ମାଟି କିମ୍ବା କୌଣସି ପଦାର୍ଥ ଅଣାଯିବ ନାହିଁ କିମ୍ବା ନିର୍ମାଣ ସମୟରେ ସୃଷ୍ଟି ହୋଇଥିବା ଆବର୍ଜନାକୁ ସଂଲଗ୍ନ ଜଙ୍ଗଲ ଅଞ୍ଚଳରେ ନିଷ୍କାସନ କରାଯିବ ନାହିଁ।
(xvii) ଉପଭୋକ୍ତା ଏଜେନ୍ସି କାର୍ଯ୍ୟ ସମ୍ପାଦନ କରିବା ସମୟରେ ଆଖପାଖ ଜଙ୍ଗଲ ଅଞ୍ଚଳରେ କୌଣସି ପ୍ରକାର ଗଛ କାଟିବେ ନାହିଁ କିମ୍ବା ଜଙ୍ଗଲ ବୃଦ୍ଧିକୁ କୌଣସି ପ୍ରକାରେ କ୍ଷତି ପହଞ୍ଚାଇବେ ନାହିଁ।
(xviii) ଜଙ୍ଗଲ ଜମି ପ୍ରସ୍ତାବରେ ନିର୍ଦ୍ଧାରିତ ହୋଇଥିବା କାର୍ଯ୍ୟ ବ୍ୟତୀତ ଅନ୍ୟ କୌଣସି ଉଦ୍ଦେଶ୍ୟରେ ବ୍ୟବହୃତ ହେବ ନାହିଁ ଏବଂ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପୂର୍ବ ଅନୁମୋଦନ ବିନା କୌଣସି ପରିସ୍ଥିତିରେ ଅନ୍ୟ କୌଣସି ଉପଭୋକ୍ତା ଏଜେନ୍ସି, ବିଭାଗ କିମ୍ବା ବ୍ୟକ୍ତିଙ୍କୁ ହସ୍ତାନ୍ତର କରାଯିବ ନାହିଁ।
(xix) ଅନୁସୂଚିତ ଜନଜାତି ଓ ପାରମ୍ପରିକ ଜଙ୍ଗଲ ବାସିନ୍ଦା (ଜଙ୍ଗଲ ଅଧିକାରର ସ୍ୱୀକୃତି) ଆଇନ, ୨୦୦୬ ଅନୁଯାୟୀ ରାଜ୍ୟ ସରକାର ଜମିର ଅଧିକାରର ବନ୍ଦୋବସ୍ତକୁ ସମ୍ପୂର୍ଣ୍ଣ କରିବେ ଏବଂ ତା' ସପକ୍ଷରେ ଏହି ମନ୍ତ୍ରଣାଳୟର ଚିଠି ସଂ. ୧୧-୯/୧୯୯୮-ଏଫ୍‌ସି (ଅଂଶ), ତାରିଖ: ୦୩.୦୮.୨୦୦୯ ସହିତ ପଠନପୂର୍ବକ ଚିଠି ସଂ. ୧୧-୯/୧୯୯୮-ଏଫ୍‌ସି (ଅଂଶ), ତାରିଖ: ୦୫.୦୨.୨୦୧୩ରେ ନିର୍ଦ୍ଧାରିତ ହୋଇଥିବା ଅନୁଯାୟୀ ପ୍ରାମାଣିକ ତଥ୍ୟ ଦାଖଲ କରିବେ।
(xx) ଜଙ୍ଗଲ ଓ ବନ୍ୟପ୍ରାଣୀ ସଂରକ୍ଷଣ, ସୁରକ୍ଷା ଓ ବିକାଶ ପାଇଁ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ସମୟ ସମୟରେ ଧାର୍ଯ୍ୟ କରିଥିବା ଅନ୍ୟ କୌଣସି ସର୍ତ୍ତକୁ ୟୁଜର ଏଜେନ୍ସି ଦ୍ୱାରା ପାଳନ କରାଯିବ।
(xxi) ୟୁଜର ଏଜେନ୍ସି ଏବଂ ରାଜ୍ୟ ସରକାର ପ୍ରକଳ୍ପ ପାଇଁ ସମ୍ପ୍ରତି ବଳବତ୍ତର ଥିବା ପ୍ରଯୁଜ୍ୟ ସମସ୍ତ ଆଇନ, ନିୟମାବଳୀ, ବିନିୟମ ଏବଂ ମାର୍ଗଦର୍ଶିକାର ବ୍ୟବସ୍ଥାର ଅନୁପାଳନକୁ ସୁନିଶ୍ଚିତ କରିବେ।

ଉପରୋକ୍ତ ସର୍ତ୍ତାବଳୀ ପାଳନ ସମ୍ପର୍କିତ ରିପୋର୍ଟ ଓଡ଼ିଶା ସରକାରଙ୍କଠାରୁ ମିଳିବା ପରେ ଏହି ମନ୍ତ୍ରଣାଳୟ ଦ୍ୱାରା ଜଙ୍ଗଲ (ସଂରକ୍ଷଣ) ଆଇନ, ୧୯୮୦ର ଧାରା ୨ ଅଧୀନରେ ଉକ୍ତ ଜଙ୍ଗଲ ଜମିର ପରିବର୍ତ୍ତନ ପାଇଁ ଚୂଡ଼ାନ୍ତ/ପର୍ଯ୍ୟାୟ-II ଅନୁମୋଦନ ପ୍ରଦାନ କରାଯିବ। **ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ତରଫରୁ ଜଙ୍ଗଲ ଜମି ହସ୍ତାନ୍ତର ପାଇଁ ଚୂଡ଼ାନ୍ତ/ପର୍ଯ୍ୟାୟ-୨ ଅନୁମୋଦନ ନ ମିଳିବା ପର୍ଯ୍ୟନ୍ତ ଓଡ଼ିଶା ରାଜ୍ୟ ସରକାର ଏହାକୁ ୟୁଜର ଏଜେନ୍ସିକୁ ହସ୍ତାନ୍ତର କରିପାରିବେ ନାହିଁ।** ତଥାପି, ରାଜ୍ୟ ସରକାର ଚାହିଁଲେ ଚିଠି ସଂ. ୧୧-୩୦୬/୨୦୧୪-ଏଫ୍‌ସି, ତାରିଖ: ୨୮.୦୮.୨୦୧୫ ଜରିଆରେ ଜାରି ହୋଇଥିବା ମନ୍ତ୍ରଣାଳୟ ନିର୍ଦ୍ଦେଶାବଳୀ ଅନୁଯାୟୀ ୟୁଜର ଏଜେନ୍ସିକୁ କାର୍ଯ୍ୟ ଆରମ୍ଭ କରିବାକୁ ଅନୁମତି ଦେଇପାରିବେ।

ଆପଣଙ୍କର ବିଶ୍ୱସ୍ତ,
(ଆର୍.କେ. ସାମଲ)
ଜଙ୍ଗଲ ସଂରକ୍ଷକ (କେନ୍ଦ୍ରୀୟ)
ତାରିଖ: ୧.୧୧.୨୦୧୬

ନିମ୍ନଲିଖିତଙ୍କୁ ନକଲ:-
୧. ଜଙ୍ଗଲ ମହାନିରୀକ୍ଷକ (ଏଫ୍‌ସି), ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ, ଇନ୍ଦିରା ପର୍ଯ୍ୟାବରଣ ଭବନ, ଆଲିଗଞ୍ଜ, ଜୋରବାଗ ରୋଡ୍, ନୂଆଦିଲ୍ଲୀ - ୧୧୦୦୦୩।
୨. ଉପସଚିବ, ଆର୍‌ଓଏଚ୍‌କ୍ୟୁ, ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ, ଇନ୍ଦିରା ପର୍ଯ୍ୟାବରଣ ଭବନ, ଅଗ୍ନି ବ୍ଲକ୍, ଆଲିଗଞ୍ଜ, ଜୋରବାଗ ରୋଡ୍, ନୂଆଦିଲ୍ଲୀ - ୧୧୦୦୦୩।
୩. ପ୍ରଧାନ ମୁଖ୍ୟ ଜଙ୍ଗଲ ସଂରକ୍ଷକ, ଜଙ୍ଗଲ ବିଭାଗ, ଓଡ଼ିଶା ସରକାର, ଅରଣ୍ୟ ଭବନ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର - ୭୫୧୦୨୩।
୪. ଅତିରିକ୍ତ ପିସିସିଏଫ୍ ଏବଂ ନୋଡାଲ ଅଧିକାରୀ (ଏଫ୍‌ସି), ପିସିସିଏଫ୍‌ଙ୍କ କାର୍ଯ୍ୟାଳୟ, ଜଙ୍ଗଲ ବିଭାଗ, ଓଡ଼ିଶା ସରକାର, ଅରଣ୍ୟ ଭବନ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର - ୭୫୧୦୨୩।
୫. ବନଖଣ୍ଡ ଅଧିକାରୀ, ସୁନ୍ଦରଗଡ଼/ଝାରସୁଗୁଡ଼ା, ଜିଲ୍ଲା: ସୁନ୍ଦରଗଡ଼/ଝାରସୁଗୁଡ଼ା, ଓଡ଼ିଶା।
୬. ମହାପ୍ରବନ୍ଧକ (ଭାରପ୍ରାପ୍ତ), ଦର୍ଲିପାଲି ଏସଟିପିପି, ନ୍ୟାସନାଲ ଥର୍ମାଲ ପାୱାର କର୍ପୋରେଶନ୍ ଲିଃ, ସ୍ଥାନ/ପୋଷ୍ଟ: ଦର୍ଲିପାଲି, ଜିଲ୍ଲା: ସୁନ୍ଦରଗଡ଼ - ୭୭୦୦୭୨, ଓଡ଼ିଶା।
୭. ଗାର୍ଡ ଫାଇଲ୍

ଜଙ୍ଗଲ ସଂରକ୍ଷକ (କେନ୍ଦ୍ରୀୟ)

**ପରିଶିଷ୍ଟ-୨**

Government of India/ଭାରତ ସରକାର
Ministry of Environment, Forest & Climate Change/ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ
Eastern Regional Office/ପୂର୍ବାଞ୍ଚଳ କ୍ଷେତ୍ରୀୟ କାର୍ଯ୍ୟାଳୟ
A/3, Chandrasekharpur/ଏ/୩, ଚନ୍ଦ୍ରଶେଖରପୁର
Bhubaneswar-751023/ଭୁବନେଶ୍ୱର-୭୫୧୦୨୩

ନଂ. ୫-ଓଆର୍‌ସି୨୭୯/୨୦୧୬-ବିଏଚ୍‌ୟୁ ୨୪ ଏପ୍ରିଲ, ୨୦୨୫

ପ୍ରାପ୍ତେଷୁ,
ଅତିରିକ୍ତ ମୁଖ୍ୟ ସଚିବ,
ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ,
ଓଡ଼ିଶା ସରକାର,
ଭୁବନେଶ୍ୱର - ୭୫୧୦୦୧

ବିଷୟ:- ଏନ୍‌ଟିପିସି ଲିମିଟେଡ୍ ଦ୍ୱାରା ସୁନ୍ଦରଗଡ଼ ଜିଲ୍ଲାରେ ଏହାର ଦର୍ଲିପାଲି ସୁପର ଥର୍ମାଲ ପାୱାର ପ୍ରୋଜେକ୍ଟ ପାଇଁ ହୀରାକୁଦ ଜଳଭଣ୍ଡାରରୁ ଜଳ ଉଠାଇବା ନିମନ୍ତେ ମେକ୍ ଅପ୍ ୱାଟର (ଏମ୍‌ୟୁଡବ୍ଲ୍ୟୁ) ପାଇପଲାଇନ୍ ଓ ୧୩୨ କେଭି ବୈଦ୍ୟୁତିକ ଟ୍ରାନ୍ସମିଶନ ଲାଇନ୍ ବିଛାଇବା ନିମନ୍ତେ ଓଡ଼ିଶାର ଝାରସୁଗୁଡ଼ା ଓ ସୁନ୍ଦରଗଡ଼ ଜିଲ୍ଲାରେ ୨୫.୫୬ ହେକ୍ଟର ଜଙ୍ଗଲ ଜମି (ମୂଳତଃ ପ୍ରସ୍ତାବିତ ୨୫.୭୬ ହେକ୍ଟର)ର ପରିବର୍ତ୍ତନ କରିବା।

ମହାଶୟ,

ମୋତେ ରାଜ୍ୟ ସରକାରଙ୍କ ଚିଠି ସଂ.୧୦ଏଫ୍(ସିଓଏନ୍‌ଏସ୍) ୨୯୨/୨୦୧୫-୯୮୭୩/ଏଫ୍ ଆଣ୍ଡ ଇ, ତାରିଖ: ୨୩.୦୫.୨୦୧୬ ଏବଂ ସଂ. ୧୭୮୧୭/ଏଫ୍ ଆଣ୍ଡ ଇ, ତାରିଖ: ୨୪.୦୯.୨୦୧୬କୁ ସନ୍ଦର୍ଭିତ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି, ଯେଉଁଥିରେ ବନ (ସଂରକ୍ଷଣ ଏବଂ ସମ୍ବର୍ଦ୍ଧନ) ଅଧିନିୟମ, ୧୯୮୦ର ଧାରା-୨ ଅନୁଯାୟୀ ଏନ୍‌ଟିପିସି ଲିମିଟେଡ୍ ଦ୍ୱାରା ସୁନ୍ଦରଗଡ଼ ଜିଲ୍ଲାରେ ଏହାର ଦର୍ଲିପାଲି ସୁପର ଥର୍ମାଲ ପାୱାର ପ୍ରୋଜେକ୍ଟ ପାଇଁ ହୀରାକୁଦ ଜଳଭଣ୍ଡାରରୁ ଜଳ ଉଠାଇବା ନିମନ୍ତେ ମେକ୍ ଅପ୍ ୱାଟର (ଏମ୍‌ୟୁଡବ୍ଲ୍ୟୁ) ପାଇପଲାଇନ୍ ଓ ୧୩୨ କେଭି ବୈଦ୍ୟୁତିକ ଟ୍ରାନ୍ସମିଶନ ଲାଇନ୍ ବିଛାଇବା ନିମନ୍ତେ ଓଡ଼ିଶାର ଝାରସୁଗୁଡ଼ା ଓ ସୁନ୍ଦରଗଡ଼ ଜିଲ୍ଲାରେ ୨୫.୫୬ ହେକ୍ଟର ଜଙ୍ଗଲ ଜମି (ମୂଳତଃ ପ୍ରସ୍ତାବିତ ୨୫.୭୬ ହେକ୍ଟର)ର ପରିବର୍ତ୍ତନ କରିବା ଲାଗି ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ଆଗୁଆ ଅନୁମୋଦନ ଲୋଡ଼ାଯାଇଥିଲା। ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଦ୍ୱାରା ପ୍ରସ୍ତାବର ବିହିତ ବିଚାର ପରେ ଏବଂ ୨୫.୧୦.୨୦୧୬ରେ ଅନୁଷ୍ଠିତ ଆଞ୍ଚଳିକ କ୍ଷମତାସମ୍ପନ୍ନ କମିଟି ବୈଠକର ନିଷ୍ପତ୍ତି ଆଧାରରେ ମନ୍ତ୍ରଣାଳୟ ଦ୍ୱାରା ଏହି କାର୍ଯ୍ୟାଳୟର ୦୧.୧୧.୨୦୧୬ର ସମାନ ସଂଖ୍ୟକ ଚିଠି ଜରିଆରେ ଉକ୍ତ ଜଙ୍ଗଲ ଜମିର ପରିବର୍ତ୍ତନ ପାଇଁ ସୈଦ୍ଧାନ୍ତିକ ଅନୁମୋଦନ ଦିଆଯାଇଛି, ଯାହା ନିର୍ଦ୍ଦିଷ୍ଟ ସର୍ତ୍ତାବଳୀର ପୂରଣ ଉପରେ ନିର୍ଭର କରିବ। ସୈଦ୍ଧାନ୍ତିକ ଅନୁମୋଦନରେ ନିର୍ଦ୍ଧାରିତ ସର୍ତ୍ତାବଳୀ ସଂକ୍ରାନ୍ତରେ ରାଜ୍ୟ ସରକାର ଅନୁପାଳନ ରିପୋର୍ଟ ଦାଖଲ କରିଛନ୍ତି ଏବଂ ପ୍ରସ୍ତାବର ଚୂଡ଼ାନ୍ତ ଅନୁମୋଦନକୁ ମଞ୍ଜୁର କରିବା ପାଇଁ ଅନୁରୋଧ କରିଛନ୍ତି।

୨. ଏହି ପରିପ୍ରେକ୍ଷୀରେ, ମୋତେ ଏହା ଦର୍ଶାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ଯେ, ଅତିରିକ୍ତ ପିସିସିଏଫ୍ ଏବଂ ନୋଡାଲ ଅଧିକାରୀ (ଏଫ୍‌ସିଏ), ଓଡ଼ିଶାଙ୍କ ଦ୍ୱାରା ସେମାନଙ୍କର ଚିଠି ସଂ.୭୫୩୫/୯ଏଫ୍ (ଇଟି)-୦୪/୨୦୧୬ ତାରିଖ: ୦୨.୦୪.୨୦୨୫ ଜରିଆରେ ଦାଖଲ କରାଯାଇଥିବା ଅନୁପାଳନ ରିପୋର୍ଟ ଏବଂ ରାଜ୍ୟ ସରକାରଙ୍କ ଦ୍ୱାରା ୨୨.୦୪.୨୦୨୫ରେ ପରିବେଶ ୱେବ୍ ପୋର୍ଟାଲରେ ଅନୁପାଳନ ରିପୋର୍ଟ ଅପଲୋଡ୍ କରାଯିବା ଆଧାରରେ ଏତଦ୍ୱାରା ବନ (ସଂରକ୍ଷଣ ଏବଂ ସମ୍ବର୍ଦ୍ଧନ) ଅଧିନିୟମ, ୧୯୮୦ର ଧାରା ୨ ଅଧୀନରେ ଏନ୍‌ଟିପିସି ଲିମିଟେଡ୍ ଦ୍ୱାରା ସୁନ୍ଦରଗଡ଼ ଜିଲ୍ଲାରେ ଏହାର ଦର୍ଲିପାଲି ସୁପର ଥର୍ମାଲ ପାୱାର ପ୍ରୋଜେକ୍ଟ ପାଇଁ ହୀରାକୁଦ ଜଳଭଣ୍ଡାରରୁ ଜଳ ଉଠାଇବା ନିମନ୍ତେ ମେକ୍ ଅପ୍ ୱାଟର (ଏମ୍‌ୟୁଡବ୍ଲ୍ୟୁ) ପାଇପଲାଇନ୍ ଓ ୧୩୨ କେଭି ବୈଦ୍ୟୁତିକ ଟ୍ରାନ୍ସମିଶନ ଲାଇନ୍ ବିଛାଇବା ନିମନ୍ତେ ଓଡ଼ିଶାର ଝାରସୁଗୁଡ଼ା ଓ ସୁନ୍ଦରଗଡ଼ ଜିଲ୍ଲାରେ ୨୫.୫୬ ହେକ୍ଟର ଜଙ୍ଗଲ ଜମି (ମୂଳତଃ ପ୍ରସ୍ତାବିତ ୨୫.୭୬ ହେକ୍ଟର)ର ପରିବର୍ତ୍ତନ କରିବା ଲାଗି **ପର୍ଯ୍ୟାୟ-୨/ଚୂଡ଼ାନ୍ତ** ଅନୁମୋଦନ ଦିଆଯାଉଛି, ଯାହା ନିମ୍ନଲିଖିତ ସର୍ତ୍ତାବଳୀର ପୂରଣ ଉପରେ ନିର୍ଭର କରିବ:

**କ: ଜଙ୍ଗଲ ଜମିକୁ ହସ୍ତାନ୍ତର କରାଯିବା ପୂର୍ବରୁ ଅନୁପାଳନ କରାଯିବାକୁ ଥିବା ସର୍ତ୍ତାବଳୀ।**

i) ରାଜ୍ୟ ସରକାର ପ୍ରଯୁଜ୍ୟ ହୋଇଥିବା ଅନୁଯାୟୀ ଏଫ୍‌ଆର୍‌ଏ, ୨୦୦୬ର ସମ୍ପୂର୍ଣ୍ଣ ଅନୁପାଳନକୁ ସୁନିଶ୍ଚିତ କରିବେ।
ii) ରାଜ୍ୟ ସରକାର ଏହା ସୁନିଶ୍ଚିତ କରିବେ ଯେ, ସମୟ ସମୟରେ ମନ୍ତ୍ରଣାଳୟର ନିର୍ଦ୍ଦେଶ ଅନୁଯାୟୀ ଉପରୋକ୍ତ ପ୍ରସ୍ତାବ ପାଇଁ ଏନ୍‌ପିଭି ଆଦାୟ କରାଯାଇଛି।
iii) ରାଜ୍ୟ ସରକାର ଏହା ସୁନିଶ୍ଚିତ କରିବେ ଯେ, ୟୁଜର ଏଜେନ୍ସି ପରିବେଶୀୟ (ସୁରକ୍ଷା) ଅଧିନିୟମ, ୧୯୮୬ର ବ୍ୟବସ୍ଥା ଅନୁଯାୟୀ ପରିବେଶୀୟ ମଞ୍ଜୁରୀ ପ୍ରାପ୍ତ କରିବ।
iv) ରାଜ୍ୟ ସରକାର ଏହା ସୁନିଶ୍ଚିତ କରିବେ ଯେ, ୟୁଜର ଏଜେନ୍ସିକୁ ପରିବର୍ତ୍ତିତ ଜଙ୍ଗଲ ଜମି ହସ୍ତାନ୍ତର କରାଯିବା ପୂର୍ବରୁ ଅଞ୍ଚଳର କେଏମ୍‌ଏଲ୍ ଫାଇଲଗୁଡ଼ିକ ପରିବର୍ତ୍ତିତ ହେବ ଏବଂ ସିଏ ଅଞ୍ଚଳକୁ ଇ-ଗ୍ରୀନ୍ ୱାଚ୍ ପୋର୍ଟାଲରେ ସମସ୍ତ ଆବଶ୍ୟକୀୟ ବିବରଣୀ ସହ ଅପଲୋଡ୍ ହେବ।
v) ରାଜ୍ୟ ସରକାର ଏହା ସୁନିଶ୍ଚିତ କରିବେ ଯେ, ପରିବର୍ତ୍ତିତ ଜଙ୍ଗଲ ଜମିକୁ ପ୍ରକଳ୍ପ ଖର୍ଚ୍ଚରେ ଚାରି ଫୁଟ ଉଚ୍ଚ ରିଇନ୍‌ଫୋର୍ସଡ୍ ସିମେଣ୍ଟ କଂକ୍ରିଟ୍ ସ୍ତମ୍ଭ ଦ୍ୱାରା ଭୂମିରେ ସୀମାଙ୍କିତ କରାଯିବ, ପ୍ରତ୍ୟେକ ସ୍ତମ୍ଭରେ ତାହାର କ୍ରମିକ ସଂଖ୍ୟା, ସ୍ତମ୍ଭରୁ ସ୍ତମ୍ଭ ମଧ୍ୟରେ ଦୂରତା ଏବଂ ଜିପିଏସ୍ ନିର୍ଦ୍ଦେଶାଙ୍କ ରହିବ।

**ଖ: ଜମିକୁ ୟୁଜର ଏଜେନ୍ସିକୁ ହସ୍ତାନ୍ତର କରିବା ପରେ ଅନୁପାଳନ କରାଯିବା ପାଇଁ ଜରୁରୀ ସର୍ତ୍ତାବଳୀ।**

i) ରାଜ୍ୟ ସରକାର ଏହା ସୁନିଶ୍ଚିତ କରିବେ ଯେ, ପରିବର୍ତ୍ତିତ ଜଙ୍ଗଲ ଜମିର ଆଇନଗତ ସ୍ଥିତି ଅପରିବର୍ତ୍ତିତ ରହିବ।
ii) ରାଜ୍ୟ ସରକାର ଏହା ସୁନିଶ୍ଚିତ କରିବେ ଯେ, ପର୍ଯ୍ୟାୟ-୨ ମଞ୍ଜୁରୀ ତାରିଖଠାରୁ ଦୁଇ ବର୍ଷ ମଧ୍ୟରେ ରାଜ୍ୟ ଜଙ୍ଗଲ ବିଭାଗ ଝାରସୁଗୁଡ଼ା ବନଖଣ୍ଡ ଅଧୀନରେ କୋଲାବିରା ରେଞ୍ଜର ଗୁଡ଼ିଗାଁ ଗ୍ରାମରେ ଚିହ୍ନଟ ହୋଇଥିବା ୫୧.୫୨ ହେକ୍ଟର ପତିତ ଜଙ୍ଗଲ ଜମିରେ କ୍ଷତିପୂରଣମୂଳକ ଭାବେ ବନୀକରଣ କରାଯିବ ଏବଂ ତତ୍‌ପଶ୍ଚାତ୍ ୟୁଜର ଏଜେନ୍ସିର ବ୍ୟୟରେ ତାହାର ରକ୍ଷଣାବେକ୍ଷଣ କରାଯିବ। ସିଏ ଯୋଜନାରେ ସମ୍ପୃକ୍ତ ଅଞ୍ଚଳର ସ୍ୱଜାତୀୟ ପ୍ରଜାତିର ଉଦ୍ଭିଦ ରୋପଣ କରାଯିବ। ଅତି କମ୍‌ରେ ୧୮ ମାସ ପୁରୁଣା ବିହନ ରୋପଣ କରାଯିବ। ବୃକ୍ଷରୋପଣ କାର୍ଯ୍ୟକୁ ଗହନ ଭାବେ ତଦାରଖ ଓ ଜିଓ ଟ୍ୟାଗିଂ ବ୍ୟବହାର କରି ତଥ୍ୟଭୁକ୍ତ କରାଯିବା ଆବଶ୍ୟକ, ଯାହାଦ୍ୱାରା ନିୟମିତ ବ୍ୟବଧାନରେ ବୃକ୍ଷଗୁଡ଼ିକର କାନୋପି ଘନତ୍ୱ ଓ ଜୀବିତତା ତଥା ବୃଦ୍ଧିର ମୂଲ୍ୟାୟନ କରାଯାଇପାରିବ।
(iii) ରାଜ୍ୟ ସରକାର ଏହା ସୁନିଶ୍ଚିତ କରିବେ ଯେ, ରାଜ୍ୟ ଜଙ୍ଗଲ ବିଭାଗ ଅନୁମୋଦିତ ପ୍ଲାନ୍/ଯୋଜନା ଅନୁଯାୟୀ ପର୍ଯ୍ୟାୟ-୨ ମଞ୍ଜୁରୀ ତାରିଖଠାରୁ ଦୁଇ ବର୍ଷ ଅବଧି ମଧ୍ୟରେ ଟ୍ରାନ୍ସମିଶନ୍ ଲାଇନ୍ ତଳେ ପ୍ରଥମ ଅଧିକାର ଭାବେ ଛୋଟ ପ୍ରଜାତି (ଔଷଧୀୟ ଉଦ୍ଭିଦ ବାଞ୍ଛନୀୟ)ର ବୃକ୍ଷରୋପଣ କାର୍ଯ୍ୟ ସମ୍ପାଦନ କରିବ ଏବଂ ତା'ପରେ ୟୁଜର ଏଜେନ୍ସି ଦ୍ୱାରା ସିଏଏମ୍‌ପିଏ ଖାତାରେ ଜମା କରାଯାଇଥିବା ପାଣ୍ଠିକୁ ବ୍ୟବହାର କରି ତାହାର ରକ୍ଷଣାବେକ୍ଷଣ କରିବ।
(iv) ରାଜ୍ୟ ସରକାର ଏହା ସୁନିଶ୍ଚିତ କରିବେ ଯେ, ୟୁଜର ଏଜେନ୍ସି ମନ୍ତ୍ରଣାଳୟ ଦ୍ୱାରା ଜାରି ଚିଠି ସଂ. ୭-୨୫/୨୦୧୨-ଏଫ୍‌ସି, ତାରିଖ: ୦୫.୦୫.୨୦୧୪ ଓ ୧୯.୧୧.୨୦୧୪ ଜରିଆରେ ଜଙ୍ଗଲ ଅଞ୍ଚଳରେ ଟ୍ରାନ୍ସମିଶନ୍ ଲାଇନ୍ ବିଛାଇବା ସଂକ୍ରାନ୍ତୀୟ ନିର୍ଦ୍ଦେଶାବଳୀକୁ ଅନୁପାଳନ କରିବ।
(v) ରାଜ୍ୟ ସରକାର ଏହା ସୁନିଶ୍ଚିତ କରିବେ ଯେ, ୟୁଜର ଏଜେନ୍ସି ବନ୍ୟପ୍ରାଣୀଙ୍କର ବିଜୁଳି ଆଘାତଜନିତ ମୃତ୍ୟୁକୁ ପ୍ରତିରୋଧ କରିବା ପାଇଁ ଆବଶ୍ୟକୀୟ ଗ୍ରାଉଣ୍ଡ କ୍ଲିୟରାନ୍ସ ସମେତ ଉପଯୁକ୍ତ ସ୍ଥାନଗୁଡ଼ିକରେ ସର୍କିଟ୍ ବ୍ରେକର୍ ସ୍ଥାପନ କରିବ।
(vi) ରାଜ୍ୟ ସରକାର ଏହା ସୁନିଶ୍ଚିତ କରିବେ ଯେ, ୟୁଜର ଏଜେନ୍ସି ହାତୀ କରିଡର୍ ପାଇଁ ସିଇଏ ମାନଦଣ୍ଡ ଅନୁଯାୟୀ ଜଙ୍ଗଲ/ଅଣ-ଜଙ୍ଗଲ ଜମିରେ ଟାୱାର ଓ ଟ୍ରାନ୍ସମିଶନ୍ ଲାଇନର ସୁଦୃଢ଼ୀକରଣ/ରକ୍ଷଣାବେକ୍ଷଣ କରିବା ପାଇଁ ସମସ୍ତ ପଦକ୍ଷେପ ଗ୍ରହଣ କରିବ ଏବଂ ବନ୍ୟପ୍ରାଣୀଙ୍କର ବିଦ୍ୟୁତ୍ ଆଘାତଜନିତ ମୃତ୍ୟୁ ନ ହେବାକୁ ସୁନିଶ୍ଚିତ କରିବା ଲାଗି ସିଡବ୍ଲ୍ୟୁଏଲ୍‌ଡବ୍ଲ୍ୟୁ, ଓଡ଼ିଶାଙ୍କ ଦ୍ୱାରା ବିନିର୍ଦ୍ଦିଷ୍ଟ ଏପରି ଅନ୍ୟାନ୍ୟ ସର୍ତ୍ତାବଳୀର ଅନୁପାଳନ କରିବ।
(vii) ରାଜ୍ୟ ସରକାର ଏହା ସୁନିଶ୍ଚିତ କରିବେ ଯେ, ୟୁଜର ଏଜେନ୍ସି ନିଜ ଖର୍ଚ୍ଚରେ ବାର୍ଡ ଡିଫ୍ଲେକ୍ଟର ଯୋଗାଇବ, ପକ୍ଷୀଙ୍କ ହତାହତକୁ ଏଡ଼ାଇବା ପାଇଁ ଯାହାକୁ ଉପଯୁକ୍ତ ବ୍ୟବଧାନର ଦୂରତାରେ ଟ୍ରାନ୍ସମିଶନର ଉପରିସ୍ଥ କଣ୍ଡକ୍ଟରରେ ସ୍ଥାପନ କରାଯିବ।
(viii) ରାଜ୍ୟ ସରକାର ଏହା ସୁନିଶ୍ଚିତ କରିବେ ଯେ, ପାହାଡ଼ିଆ ତଥା ଢାଲୁ ଅଞ୍ଚଳରେ, ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ତାରିଖ: ୦୫.୦୫.୨୦୧୪ ଓ ୧୯.୧୧.୨୦୧୪ର ବିଦ୍ୟମାନ ନିର୍ଦ୍ଦେଶାବଳୀ ଅନୁଯାୟୀ ବିଦ୍ୟୁତ୍ ଆଘାତଜନିତ ମୃତ୍ୟୁର ଦୁର୍ଭାଗ୍ୟଜନକ ଘଟଣାକୁ ବନ୍ଦ କରିବା ପାଇଁ ତାରଗୁଡ଼ିକର ନୁଆଁଣ ଓ ଦୋଳନକୁ ବିଚାରକୁ ନେଇ ଟାୱାରଗୁଡ଼ିକର ଅତିରିକ୍ତ ଉଚ୍ଚତା ସହିତ ପର୍ଯ୍ୟାପ୍ତ ଗ୍ରାଉଣ୍ଡ କ୍ଲିୟରାନ୍ସର ରକ୍ଷଣାବେକ୍ଷଣ କରାଯିବ।
(ix) ରାଜ୍ୟ ସରକାର ଏହା ସୁନିଶ୍ଚିତ କରିବେ ଯେ, ୟୁଜର ଏଜେନ୍ସି କଟାଯିବା ପାଇଁ ଚିହ୍ନଟ ହୋଇଥିବା ସର୍ବାଧିକ ବୃକ୍ଷଗୁଡ଼ିକୁ ସଫଳ ଭାବେ ପ୍ରତିରୋପଣ କରିବା ଲାଗି ଯଥାସମ୍ଭବ ପ୍ରୟାସ କରିବ ଏବଂ ଏହା ନିଶ୍ଚିତ କରିବ ଯେ କେବଳ ଅପରିହାର୍ଯ୍ୟ ହୋଇଥିବା ସ୍ଥଳରେ ହିଁ ବୃକ୍ଷଗୁଡ଼ିକୁ କଟାଯିବ ଓ ତାହା ମଧ୍ୟ କେବଳ ରାଜ୍ୟ ଜଙ୍ଗଲ ବିଭାଗର କଡ଼ାକଡ଼ି ତତ୍ତ୍ୱାବଧାନ ଅଧୀନରେ କରାଯିବ।
x) ରାଜ୍ୟ ସରକାର ଏବଂ ୟୁଜର ଏଜେନ୍ସି ଏହା ସୁନିଶ୍ଚିତ କରିବେ ଯେ, ପାଇପଲାଇନ୍‌କୁ ଭୂସ୍ତରର ୧.୫ ମିଟର ଗଭୀରତାରେ ବିଛାଯିବ ଏବଂ ଏମ୍‌ୟୁଡବ୍ଲ୍ୟୁ ପାଇପଲାଇନ୍ ସୁଡ଼ଙ୍ଗର ପ୍ରସ୍ଥ ରାଜ୍ୟ ସରକାରଙ୍କ ପ୍ରସ୍ତାବ ଅନୁସାରେ ୩.୫୩୦ ମିଟରରୁ ୭.୧୮୬ ମିଟର ମଧ୍ୟରେ ରହିବ ଏବଂ ପାଇପଲାଇନ୍ ବିଛାଯିବା ପରେ ତୁରନ୍ତ ଭୂମିକୁ ସମତଳ କରାଯିବ।
xi) ରାଜ୍ୟ ସରକାର ଏବଂ ୟୁଜର ଏଜେନ୍ସି ଏହା ସୁନିଶ୍ଚିତ କରିବେ ଯେ, ପ୍ରକଳ୍ପର ଭୂତଳ ଏମ୍‌ୟୁଡବ୍ଲ୍ୟୁ ପାଇପଲାଇନ୍ ସଂକ୍ରାନ୍ତୀୟ ବସ୍ତୁଗତ ପ୍ରଭାବକୁ ନିୟମିତ ଭାବେ ତତ୍ତ୍ୱାବଧାନ କରାଯିବ ଏବଂ ସମ୍ପୃକ୍ତ ଅଞ୍ଚଳ ଉପରେ କୌଣସି ପ୍ରତିକୂଳ ପ୍ରଭାବକୁ ତୁରନ୍ତ ରିପୋର୍ଟ କରାଯିବ ଏବଂ କେବଳ ପ୍ରକଳ୍ପ ସମ୍ବନ୍ଧିତ ଗତିବିଧିଗୁଡ଼ିକୁ ତୁରନ୍ତ ବନ୍ଦ କରାଯିବ।
xii) ରାଜ୍ୟ ସରକାର ଏହା ସୁନିଶ୍ଚିତ କରିବେ ଯେ, ୟୁଜର ଏଜେନ୍ସି ଏମ୍‌ୟୁଡବ୍ଲ୍ୟୁ ପାଇପଲାଇନ୍ ଅପ୍ରତ୍ୟାଶିତ ଲିକେଜ୍ ପାଇଁ ପର୍ଯ୍ୟାପ୍ତ ସୁରକ୍ଷାମୂଳକ ପଦକ୍ଷେପ ଗ୍ରହଣ କରିବ।
xiii) ରାଜ୍ୟ ସରକାର ଏହା ସୁନିଶ୍ଚିତ କରିବେ ଯେ, ଭାରତର ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟଙ୍କ ଚୂଡ଼ାନ୍ତ ନିଷ୍ପତ୍ତି ଅନୁଯାୟୀ ଯଦି ଆବଶ୍ୟକ ହୁଏ ତେବେ ୟୁଜର ଏଜେନ୍ସି ଏନ୍‌ପିଭିର ଅତିରିକ୍ତ ରାଶି ପୈଠ କରିବ।
xiv) ରାଜ୍ୟ ସରକାର ଏହା ସୁନିଶ୍ଚିତ କରିବେ ଯେ, ୟୁଜର ଏଜେନ୍ସି ସମ୍ପୃକ୍ତ ଅଞ୍ଚଳରେ ବନ୍ୟପ୍ରାଣୀଙ୍କ ସୁରକ୍ଷା ଓ ସଂରକ୍ଷଣ ପାଇଁ ସମସ୍ତ ସମ୍ଭବ ପଦକ୍ଷେପ ଗ୍ରହଣ କରିବ।
xv) ରାଜ୍ୟ ସରକାର ଏହା ସୁନିଶ୍ଚିତ କରିବେ ଯେ, ସମ୍ପୃକ୍ତ ଅଞ୍ଚଳରେ ବଣୁଆ ହାତୀଙ୍କ ଚଳପ୍ରଚଳ ସମୟରେ ୟୁଜର ଏଜେନ୍ସି ନିଜର ସମସ୍ତ ନିର୍ମାଣ ଗତିବିଧି ଅର୍ଥାତ୍ ସୁଡ଼ଙ୍ଗ ଖନନ ଓ ପାଇପଲାଇନ୍ ବିଛାଇବା କାର୍ଯ୍ୟକୁ ବନ୍ଦ ରଖିବ। ୟୁଜର ବନ୍ୟପ୍ରାଣୀ, ବିଶେଷକରି ସମ୍ପୃକ୍ତ ଅଞ୍ଚଳର ବଣୁଆ ହାତୀଙ୍କୁ ବିଚଳିତ ନ କରିବା ପାଇଁ ପ୍ରାକ୍-ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିବ।
xvi) ରାଜ୍ୟ ସରକାର ଏହା ସୁନିଶ୍ଚିତ କରିବେ ଯେ, ଜଙ୍ଗଲ ଜମି ଉପରେ କୌଣସି ଶ୍ରମ ଶିବିର ସ୍ଥାପନ କରାଯିବ ନାହିଁ ଏବଂ ଆଖପାଖ ଜଙ୍ଗଲ ଅଞ୍ଚଳ ପ୍ରତି କୌଣସି କ୍ଷୟକ୍ଷତି ଓ ଚାପକୁ ଏଡ଼ାଇବା ପାଇଁ ୟୁଜର ଏଜେନ୍ସି ସାଇଟରେ କାମ କରୁଥିବା ଶ୍ରମିକ ଓ କର୍ମଚାରୀଙ୍କ ପାଇଁ ବୈକଳ୍ପିକ ଇନ୍ଧନ ଯୋଗାଇବା ବାଞ୍ଛନୀୟ।
xvii) ରାଜ୍ୟ ସରକାର ଏବଂ ୟୁଜର ଏଜେନ୍ସି ଏହା ସୁନିଶ୍ଚିତ କରିବେ ଯେ, ପ୍ରକଳ୍ପ କାର୍ଯ୍ୟ ସମ୍ବନ୍ଧୀୟ କୌଣସି ଗତିବିଧି ପାଇଁ ଜଙ୍ଗଲ ଅଞ୍ଚଳ ମଧ୍ୟରେ କୌଣସି ଅତିରିକ୍ତ କିମ୍ବା ନୂଆ ପଥ ନିର୍ମାଣ କରାଯିବ ନାହିଁ।
xviii) ରାଜ୍ୟ ସରକାର ଏବଂ ୟୁଜର ଏଜେନ୍ସି ଏହା ସୁନିଶ୍ଚିତ କରିବେ ଯେ, କାର୍ଯ୍ୟ ସମ୍ପାଦନ ସମୟରେ ୟୁଜର ଏଜେନ୍ସି ଆଖପାଖର ଜଙ୍ଗଲ ଅଞ୍ଚଳରେ କୌଣସି ବୃକ୍ଷ କାଟିବ ନାହିଁ କିମ୍ବା ଜଙ୍ଗଲ ବୃଦ୍ଧିକୁ କୌଣସି ଉପାୟରେ କ୍ଷତିଗ୍ରସ୍ତ କରିବ ନାହିଁ।
xix) ରାଜ୍ୟ ସରକାର ଏବଂ ୟୁଜର ଏଜେନ୍ସି ଏହା ସୁନିଶ୍ଚିତ କରିବେ ଯେ, ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ଆଗୁଆ ଅନୁମୋଦନ ବିନା ପ୍ରସ୍ତାବର ଲେ'ଆଉଟ୍ ପ୍ଲାନକୁ ପରିବର୍ତ୍ତନ କରାଯିବ ନାହିଁ।
xx) ରାଜ୍ୟ ସରକାର ଏବଂ ୟୁଜର ଏଜେନ୍ସି ଏହା ସୁନିଶ୍ଚିତ କରିବେ ଯେ, ୟୁଜର ଏଜେନ୍ସି ଦ୍ୱାରା ସଂଲଗ୍ନ ଜଙ୍ଗଲ ଅଞ୍ଚଳରୁ ମାଟି କିମ୍ବା କୌଣସି ପଦାର୍ଥ ଅଣାଯିବ ନାହିଁ କିମ୍ବା ନିର୍ମାଣ ସମୟରେ ସୃଷ୍ଟି ହୋଇଥିବା ଆବର୍ଜନାକୁ ସଂଲଗ୍ନ ଜଙ୍ଗଲ ଅଞ୍ଚଳରେ ନିଷ୍କାସନ କରାଯିବ ନାହିଁ।
xxi) ରାଜ୍ୟ ସରକାର ଏହା ସୁନିଶ୍ଚିତ କରିବେ ଯେ, ଜଙ୍ଗଲ ଜମିକୁ ପ୍ରସ୍ତାବରେ ବିନିର୍ଦ୍ଦିଷ୍ଟ ହୋଇଥିବା ବ୍ୟତୀତ ଅନ୍ୟ କୌଣସି ଉଦ୍ଦେଶ୍ୟ ପାଇଁ ବ୍ୟବହାର କରାଯିବ ନାହିଁ ଏବଂ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ଆଗୁଆ ଅନୁମୋଦନ ବିନା ତାହାକୁ ଅନ୍ୟ କୌଣସି ୟୁଜର ଏଜେନ୍ସି, ବିଭାଗ କିମ୍ବା ବ୍ୟକ୍ତିଙ୍କୁ ହସ୍ତାନ୍ତର କରାଯାଇପାରିବ ନାହିଁ।
xxii) ରାଜ୍ୟ ସରକାର ଏହା ସୁନିଶ୍ଚିତ କରିବେ ଯେ, ସମୀପବର୍ତ୍ତୀ ଅଞ୍ଚଳର ବୃକ୍ଷରାଜି ଓ ଜୀବଜନ୍ତୁଙ୍କ ପ୍ରତି କୌଣସି କ୍ଷତି କରାଯିବ ନାହିଁ।
xxiii) ରାଜ୍ୟ ସରକାର ଏହା ସୁନିଶ୍ଚିତ କରିବେ ଯେ, ସମ୍ପୃକ୍ତ ବନଖଣ୍ଡ ଅଧିକାରୀ ଆଖପାଖ ଅଞ୍ଚଳରେ ଜଙ୍ଗଲ ଉପରେ ଯେପରି କୌଣସି ପ୍ରତିକୂଳ ପ୍ରଭାବ ନ ପଡ଼େ ତାହା ନିଶ୍ଚିତ କରିବା ପାଇଁ ତତ୍ତ୍ୱାବଧାନ କରିବେ ଓ ଆବଶ୍ୟକୀୟ ପ୍ରଶମନ ପଦକ୍ଷେପ ଗ୍ରହଣ କରିବେ।
xxiv) ରାଜ୍ୟ ସରକାର ଏହା ସୁନିଶ୍ଚିତ କରିବେ ଯେ, ୟୁଜର ଏଜେନ୍ସି ନିୟମିତ ଭାବେ ପ୍ରତିବର୍ଷ ମାର୍ଚ୍ଚ ଶେଷରେ ରାଜ୍ୟର ନୋଡାଲ୍ ଅଧିକାରୀ (ଏଫ୍‌ସିଏ) ଏବଂ ମନ୍ତ୍ରଣାଳୟର ସମନ୍ୱିତ ଆଞ୍ଚଳିକ କାର୍ଯ୍ୟାଳୟରେ ନିର୍ଦ୍ଧାରିତ ସର୍ତ୍ତାବଳୀ ଅନୁପାଳନର ଆତ୍ମ-ତତ୍ତ୍ୱାବଧାନ ରିପୋର୍ଟ ଦାଖଲ କରିବ।
xxv) ରାଜ୍ୟ ସରକାର ଏହା ସୁନିଶ୍ଚିତ କରିବେ ଯେ, ସମ୍ପୃକ୍ତ ଅଞ୍ଚଳରେ ବନୀକରଣ, ଉଦ୍ଭିଦ ଓ ବନ୍ୟଜୀବଙ୍କ ସଂରକ୍ଷଣ ଏବଂ ପ୍ରବନ୍ଧନ ସ୍ୱାର୍ଥରେ ସମୟ ସମୟରେ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଦ୍ୱାରା ଲାଗୁ କରାଯାଇଥିବା ଅନ୍ୟ ଯେକୌଣସି ସର୍ତ୍ତାବଳୀକୁ ୟୁଜର ଏଜେନ୍ସି ଦ୍ୱାରା ଅନୁପାଳନ କରାଯିବ।
xxvi) ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟଙ୍କ ଆଦେଶର ପରିଣତିସ୍ୱରୂପ ମନ୍ତ୍ରଣାଳୟ ଦ୍ୱାରା ଜାରି କରାଯାଇଥିବା ଅନ୍ୟ କୌଣସି ନିର୍ଦ୍ଦେଶ ଏହି ଅନୁମୋଦନକୁ ପ୍ରଭାବିତ କରିବ।
xxvii) ରାଜ୍ୟ ସରକାର ଏବଂ ୟୁଜର ଏଜେନ୍ସି ଏହା ସୁନିଶ୍ଚିତ କରିବେ ଯେ, ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ଏବଂ ଏହି ପ୍ରକଳ୍ପ ସଂକ୍ରାନ୍ତରେ ସମ୍ପୃକ୍ତ ସମୟରେ ବଳବତ୍ତର ରହିଥିବା ସମସ୍ତ ଅଧିନିୟମ, ନିୟମାବଳୀ, ନିୟାମକ, ନିର୍ଦ୍ଦେଶାବଳୀ, ଏନ୍‌ଜିଟି ଆଦେଶ(ମାନ) ଏବଂ ମାନ୍ୟବର ଅଦାଲତଙ୍କ ଆଦେଶ(ମାନ)ର ବ୍ୟବସ୍ଥାବଳୀର ଅନୁପାଳନ କରାଯିବ।
xxviii) ଉପରୋକ୍ତ ଯେକୌଣସି ସର୍ତ୍ତାବଳୀର ଉଲ୍ଲଂଘନ ବନ (ସଂରକ୍ଷଣ ଏବଂ ସମ୍ବର୍ଦ୍ଧନ) ଅଧିନିୟମ, ୧୯୮୦ର ଉଲ୍ଲଂଘନ ଭାବେ ପରିଗଣିତ ହେବ ଏବଂ ବନ (ସଂରକ୍ଷଣ ଏବଂ ସମ୍ବର୍ଦ୍ଧନ ଅଧିନିୟମ), ୧୯୮୦ ତଥା ବନ (ସଂରକ୍ଷଣ ଏବଂ ସମ୍ବର୍ଦ୍ଧନ) ନିୟମାବଳୀ, ୨୦୨୩ ଅଧୀନରେ ମନ୍ତ୍ରଣାଳୟର ୨୯.୧୨.୨୦୨୩ ତାରିଖର ଚିଠି ଜରିଆରେ ଜାରି ଏକୀକୃତ ନିର୍ଦ୍ଦେଶାବଳୀ ଓ ସ୍ପଷ୍ଟୀକରଣର ପରିଚ୍ଛେଦ ୧.୧୬ରେ ନିର୍ଦ୍ଧାରିତ ହୋଇଥିବା ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ଆପଣଙ୍କର ବିଶ୍ୱସ୍ତ,
ପଦ୍ମା ମହାନ୍ତି
(ଡା. ପଦ୍ମା ମହାନ୍ତି)
ଜଙ୍ଗଲ ଉପ ମହାନିରୀକ୍ଷକ (ସି)

ନିମ୍ନଲିଖିତଙ୍କୁ ନକଲ:-
୧. ଜଙ୍ଗଲ ମହାନିରୀକ୍ଷକ (ଆର୍‌ଓଏଚ୍‌କ୍ୟୁ), ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ, ଇନ୍ଦିରା ପର୍ଯ୍ୟାବରଣ ଭବନ, ଜୋରବାଗ ରୋଡ୍, ଆଲିଗଞ୍ଜ, ନୂଆଦିଲ୍ଲୀ - ୧୧୦୦୦୩।
୨. ଅତିରିକ୍ତ ପିସିସିଏଫ୍ ଏବଂ ନୋଡାଲ୍ ଅଧିକାରୀ (ଏଫ୍‌ସିଏ), ଜଙ୍ଗଲ ବିଭାଗ, ଓଡ଼ିଶା ସରକାର, ଅରଣ୍ୟ ଭବନ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର।
୩. ଅତିରିକ୍ତ ମହାପ୍ରବନ୍ଧକ (ଏଚ୍‌ଆର), ଦର୍ଲିପାଲି ଏସ୍‌ଟିପିପି, ନ୍ୟାଶନାଲ ଥର୍ମାଲ ପାୱାର କର୍ପୋରେଶନ ଲିଃ, ସ୍ଥାନ/ପୋଷ୍ଟ: ଦର୍ଲିପାଲି, ଜିଲ୍ଲା: ସୁନ୍ଦରଗଡ଼ - ୭୭୦୦୨୫, ଓଡ଼ିଶା।

ଜଙ୍ଗଲ ଉପ ମହାନିରୀକ୍ଷକ (ସି)

**ପ୍ରକଳ୍ପ: ମେସର୍ସ ଏନ୍‌ଟିପିସି ଲିଃ ଦ୍ୱାରା ମେକ୍ ଅପ୍ ୱାଟର୍ (ଏମ୍‌ୟୁଡବ୍ଲ୍ୟୁ) ପାଇପଲାଇନ୍ ଏବଂ ୧୩୨ କେଭି ଟ୍ରାନ୍ସମିଶନ୍ ଲାଇନ୍**

**ଜଙ୍ଗଲ ଜମି ଅନୁସୂଚୀ - ଝାରସୁଗୁଡ଼ା ଜିଲ୍ଲା - ୨୨.୭୬ ହେକ୍ଟର**

| କ୍ର. ସଂ. | ଗ୍ରାମର ନାମ | ତହସିଲର ନାମ | ଖାତା ସଂ. | ପ୍ଲଟ୍ ସଂ. | ରକବା ଏକରରେ | ରକବା ହେକ୍ଟରରେ | କିସମ |
|---|---|---|---|---|---|---|---|
| ୧ | କେନ୍ଦୋବାହାଲ | ଝାରସୁଗୁଡ଼ା | ୧୦୩/୨୦ | ୧୬୪୨ | ୩.୯୦୩ | ୧.୫୭୯ | ଜଙ୍ଗଲ |
| ୨ | ଚାନ୍ଦିନିମାଳ | ଝାରସୁଗୁଡ଼ା | ୧୨୦ | ୫୨୩ | ୦.୦୧୪ | ୦.୦୦୬ | ଗ୍ରାମ୍ୟ ଜଙ୍ଗଲ |
| ୩ | ଚାନ୍ଦିନିମାଳ | ଝାରସୁଗୁଡ଼ା | ୧୨୦ | ୫୫୨ | ୦.୦୧୫ | ୦.୦୦୬ | ଗ୍ରାମ୍ୟ ଜଙ୍ଗଲ |
| ୪ | ଚାନ୍ଦିନିମାଳ | ଝାରସୁଗୁଡ଼ା | ୧୨୦ | ୫୬୯ | ୨.୫୬୯ | ୧.୦୪୦ | ଗ୍ରାମ୍ୟ ଜଙ୍ଗଲ |
| ୫ | ଚାନ୍ଦିନିମାଳ | ଝାରସୁଗୁଡ଼ା | ୧୨୦ | ୭୧୬/୧୩୫୮ | ୦.୦୨୫ | ୦.୦୧୦ | ଗ୍ରାମ୍ୟ ଜଙ୍ଗଲ |
| ୬ | ଚାନ୍ଦିନିମାଳ | ଝାରସୁଗୁଡ଼ା | ୧୨୦ | ୭୨୫ | ୦.୧୭୧ | ୦.୦୬୯ | ଗ୍ରାମ୍ୟ ଜଙ୍ଗଲ |
| ୭ | ଚାନ୍ଦିନିମାଳ | ଝାରସୁଗୁଡ଼ା | ୧୨୦ | ୭୧୫/୧୩୦୬ | ୦.୦୭୦ | ୦.୦୨୮ | ଗ୍ରାମ୍ୟ ଜଙ୍ଗଲ |
| ୮ | ଚାନ୍ଦିନିମାଳ | ଝାରସୁଗୁଡ଼ା | ୧୨୦ | ୫୨୫ | ୦.୦୦୩ | ୦.୦୦୧ | ଗ୍ରାମ୍ୟ ଜଙ୍ଗଲ |
| ୯ | ଚାନ୍ଦିନିମାଳ | ଝାରସୁଗୁଡ଼ା | ୧୨୦ | ୫୭୦/୧୩୦୭ | ୦.୦୧୭ | ୦.୦୦୭ | ଗ୍ରାମ୍ୟ ଜଙ୍ଗଲ |
| ୧୦ | ଚାନ୍ଦିନିମାଳ | ଝାରସୁଗୁଡ଼ା | ୧୨୦ | ୭୧୭ | ୦.୧୭୬ | ୦.୦୭୧ | ଗ୍ରାମ୍ୟ ଜଙ୍ଗଲ |
| ୧୧ | ଚାନ୍ଦିନିମାଳ | ଝାରସୁଗୁଡ଼ା | ୧୨୦ | ୫୨୬ | ୩.୯୬୦ | ୧.୬୦୩ | ଗ୍ରାମ୍ୟ ଜଙ୍ଗଲ |
| ୧୨ | ରାଜପୁର | ଝାରସୁଗୁଡ଼ା | ୧୮୫ | ୧୬୦/୧୩୪୨ | ୦.୮୪୮ | ୦.୩୪୩ | ଗ୍ରାମ୍ୟ ଜଙ୍ଗଲ |
| ୧୩ | ରାଜପୁର | ଝାରସୁଗୁଡ଼ା | ୧୮୫ | ୧୬୦/୧୩୪୩ | ୦.୪୧୩ | ୦.୧୬୭ | ଗ୍ରାମ୍ୟ ଜଙ୍ଗଲ |
| ୧୪ | ରାଜପୁର | ଝାରସୁଗୁଡ଼ା | ୧୮୫ | ୧୬୦/୧୩୫୪ | ୦.୦୩୨ | ୦.୦୧୩ | ଗ୍ରାମ୍ୟ ଜଙ୍ଗଲ |
| ୧୫ | ରାଜପୁର | ଝାରସୁଗୁଡ଼ା | ୧୮୫ | ୧୬୦/୧୩୫୫ | ୦.୨୪୪ | ୦.୦୯୯ | ଗ୍ରାମ୍ୟ ଜଙ୍ଗଲ |
| ୧୬ | ରାଜପୁର | ଝାରସୁଗୁଡ଼ା | ୧୮୫ | ୧୫୯ | ୦.୨୫୯ | ୦.୧୦୫ | ଗ୍ରାମ୍ୟ ଜଙ୍ଗଲ |
| ୧୭ | ରାଜପୁର | ଝାରସୁଗୁଡ଼ା | ୧୮୫ | ୧୬୧ | ୦.୦୭୩ | ୦.୦୩୦ | ଗ୍ରାମ୍ୟ ଜଙ୍ଗଲ |
| ୧୮ | ଗୌଡମାଳ | ଝାରସୁଗୁଡ଼ା | ୭୨ | ୩୯୦ | ୧.୧୮୯ | ୦.୪୮୧ | ବଡ଼ ଜଙ୍ଗଲ |
| ୧୯ | ବ୍ରଜରାଜନଗର ଟାଉନ୍ ୟୁନିଟ୍ ନଂ.୧ | ଝାରସୁଗୁଡ଼ା | ୬୧୬ | ୩୮୬୮ | ୩.୪୮୦ | ୧.୪୦୮ | ଜଙ୍ଗଲ |
| ୨୦ | ବ୍ରଜରାଜନଗର ଟାଉନ୍ ୟୁନିଟ୍ ନଂ.୧ | ଝାରସୁଗୁଡ଼ା | ୬୧୮ | ୩୬୩୪ | ୨.୪୨୩ | ୦.୯୮୧ | ଜଙ୍ଗଲ |
| ୨୧ | ବ୍ରଜରାଜନଗର ଟାଉନ୍ ୟୁନିଟ୍ ନଂ.୧ | ଝାରସୁଗୁଡ଼ା | ୬୧୮ | ୩୬୬୪ | ୧.୬୬୫ | ୦.୬୭୪ | ଜଙ୍ଗଲ |
| ୨୨ | ବ୍ରଜରାଜନଗର ଟାଉନ୍ ୟୁନିଟ୍ ନଂ.୧ | ଝାରସୁଗୁଡ଼ା | ୬୧୮ | ୩୬୪୭ | ୩.୯୮୨ | ୧.୬୧୧ | ଜଙ୍ଗଲ |
| ୨୩ | ବ୍ରଜରାଜନଗର ଟାଉନ୍ ୟୁନିଟ୍ ନଂ.୧ | ଝାରସୁଗୁଡ଼ା | ୬୧୮ | ୩୬୪୩ | ୦.୧୧୦ | ୦.୦୪୫ | ଜଙ୍ଗଲ |
| ୨୪ | ବ୍ରଜରାଜନଗର ଟାଉନ୍ ୟୁନିଟ୍ ନଂ.୧ | ଝାରସୁଗୁଡ଼ା | ୬୧୮ | ୩୬୬୫ | ୩.୧୮୧ | ୧.୨୮୭ | ଜଙ୍ଗଲ |
| ୨୫ | ବ୍ରଜରାଜନଗର ଟାଉନ୍ ୟୁନିଟ୍ ନଂ.୧ | ଝାରସୁଗୁଡ଼ା | ୬୧୬ | ୪୬୦୭ | ୦.୩୧୬ | ୦.୧୨୮ | ଗ୍ରାମ୍ୟ ଜଙ୍ଗଲ |
| ୨୬ | ବ୍ରଜରାଜନଗର ଟାଉନ୍ ୟୁନିଟ୍ ନଂ.୧ | ଝାରସୁଗୁଡ଼ା | ୬୧୬ | ୪୨୩୨ | ୦.୬୩୨ | ୦.୨୯୬ | ଗ୍ରାମ୍ୟ ଜଙ୍ଗଲ |
| ୨୭ | ବ୍ରଜରାଜନଗର ଟାଉନ୍ ୟୁନିଟ୍ ନଂ.୧ | ଝାରସୁଗୁଡ଼ା | ୬୧୬ | ୪୬୦୮ | ୦.୫୯୩ | ୦.୨୪୦ | ଗ୍ରାମ୍ୟ ଜଙ୍ଗଲ |
| ୨୮ | ବ୍ରଜରାଜନଗର ଟାଉନ୍ ୟୁନିଟ୍ ନଂ.୧ | ଝାରସୁଗୁଡ଼ା | ୬୧୬ | ୪୨୩୮ | ୦.୦୦୫ | ୦.୦୦୨ | ଗ୍ରାମ୍ୟ ଜଙ୍ଗଲ |
| ୨୯ | ବୁନ୍ଦିଆ | ଝାରସୁଗୁଡ଼ା | ୮୧ | ୧୬୭ | ୯.୯୫୮ | ୪.୦୩୦ | ଗ୍ରାମ୍ୟ ଜଙ୍ଗଲ |
| ୩୦ | ବୁନ୍ଦିଆ | ଝାରସୁଗୁଡ଼ା | ୮୩ | ୧୭୦ | ୫.୩୦୦ | ୨.୧୪୫ | ପତ୍ରା ଜଙ୍ଗଲ |
| ୩୧ | ବୁନ୍ଦିଆ | ଝାରସୁଗୁଡ଼ା | ୮୩ | ୧୬୯ | ୧.୧୧୦ | ୦.୪୪୯ | ପତ୍ରା ଜଙ୍ଗଲ |
| ୩୨ | ବାଲିପୁଟ | ଝାରସୁଗୁଡ଼ା | ୩୬ | ୧୫୪ | ୧.୫୯୧ | ୦.୬୪୪ | ପତ୍ରା ଜଙ୍ଗଲ |
| ୩୩ | କିରାରମା | ଲଖନପୁର | ୧୧୧ | ୭୩୩ | ୪.୭୦୯ | ୧.୯୦୬ | ଗ୍ରାମ୍ୟ ଜଙ୍ଗଲ |
| ୩୪ | ବନହରପାଲି | ଲଖନପୁର | ୭୯ | ୬୨୪ | ୧.୨୩୧ | ୦.୪୯୮ | ଗ୍ରାମ୍ୟ ଜଙ୍ଗଲ |
| ୩୫ | ବନହରପାଲି | ଲଖନପୁର | ୮୧ | ୮୦୪ | ୦.୯୮୮ | ୦.୪୦୦ | ଜଙ୍ଗଲ |
| ୩୬ | ବନହରପାଲି | ଲଖନପୁର | ୮୧ | ୬୪୪ | ୦.୩୮୫ | ୦.୧୫୬ | ଜଙ୍ଗଲ |
| ୩୭ | ବନହରପାଲି | ଲଖନପୁର | ୮୧ | ୬୧୮ | ୦.୧୩୫ | ୦.୦୫୫ | ଜଙ୍ଗଲ |
| ୩୮ | ବନହରପାଲି | ଲଖନପୁର | ୮୧ | ୬୦୮ | ୦.୦୮୫ | ୦.୦୩୪ | ଜଙ୍ଗଲ |
| ୩୯ | ବନହରପାଲି | ଲଖନପୁର | ୮୧ | ୬୦୬ | ୦.୨୮୪ | ୦.୧୧୫ | ଜଙ୍ଗଲ |
| | | | | ମୋଟ | ୫୬.୨୪୪ | ୨୨.୭୬ | |

**ଜଙ୍ଗଲ ଜମି ଅନୁସୂଚୀ - ସୁନ୍ଦରଗଡ଼ ଜିଲ୍ଲା - ୨.୮୦ ହେକ୍ଟର**

| କ୍ର. ସଂ. | ଗ୍ରାମର ନାମ | ତହସିଲର ନାମ | ଖାତା ସଂ. | ପ୍ଲଟ୍ ସଂ. | ରକବା ଏକରରେ | ରକବା ହେକ୍ଟରରେ | କିସମ |
|---|---|---|---|---|---|---|---|
| ୧ | ଦର୍ଲିପାଲି | ଲେଫ୍ରିପଡ଼ା | ୫୭୧/୧୫୯ | ୩୫୮୪/୬୫୮୮ | ୦.୩୭୦ | ୦.୧୫୦ | ଗୋଡା - II |
| ୨ | କନକତୋରା | ହେମଗିର | ୧୯୯ | ୧୯୩୭/୨୩୯୩ | ୦.୦୩୦ | ୦.୦୧୨ | ମା.ସା |
| ୩ | କନକତୋରା | ହେମଗିର | ୨୦୧ | ୮୬୭ | ୧.୧୪୨ | ୦.୪୬୨ | ଜଙ୍ଗଲ |
| ୪ | କନକତୋରା | ହେମଗିର | ୨୦୧ | ୮୬୫ | ୦.୪୪୦ | ୦.୧୭୮ | ଜଙ୍ଗଲ |
| ୫ | କନକତୋରା | ହେମଗିର | ୨୦୧ | ୮୬୬ | ୦.୯୯୬ | ୦.୪୦୩ | ଜଙ୍ଗଲ |
| ୬ | କନକତୋରା | ହେମଗିର | ୨୦୧ | ୮୨୨ | ୦.୨୯୦ | ୦.୧୧୭ | ଜଙ୍ଗଲ |
| ୭ | କନକତୋରା | ହେମଗିର | ୨୦୧ | ୭୫୬ | ୦.୩୨୪ | ୦.୧୩୧ | ଜଙ୍ଗଲ |
| ୮ | କନକତୋରା | ହେମଗିର | ୨୦୧ | ୭୪୮ | ୦.୦୪୪୬ | ୦.୦୧୯ | ଜଙ୍ଗଲ |
| ୯ | କନକତୋରା | ହେମଗିର | ୨୦୧ | ୧୦୦୧ | ୦.୫୫୦ | ୦.୨୨୩ | ଜଙ୍ଗଲ |
| ୧୦ | କନକତୋରା | ହେମଗିର | ୨୦୧ | ୧୯୮୧ | ୦.୨୫୨ | ୦.୧୦୨ | ଜଙ୍ଗଲ |
| ୧୧ | କନକତୋରା | ହେମଗିର | ୨୦୧ | ୮୪୫ | ୦.୦୧୪ | ୦.୦୦୬ | ବଡ଼ ଜଙ୍ଗଲ |
| ୧୨ | କନକତୋରା | ହେମଗିର | ୨୦୧ | ୯୭୮ | ୦.୦୨୭ | ୦.୦୧୧ | ପତ୍ରା ଜଙ୍ଗଲ |
| ୧୩ | କନକତୋରା | ହେମଗିର | ୨୦୧ | ୯୮୦ | ୨.୦୨୨ | ୦.୮୧୮ | ପତ୍ରା ଜଙ୍ଗଲ |
| ୧୪ | କନକତୋରା | ହେମଗିର | ୨୦୧ | ୧୮୯୩/୨୩୮୫ | ୦.୦୭୮ | ୦.୦୩୨ | ବଡ଼ ଜଙ୍ଗଲ |
| ୧୫ | କନକତୋରା | ହେମଗିର | ୨୦୧ | ୧୮୯୫ | ୦.୧୮୪ | ୦.୦୭୪ | ବଡ଼ ଜଙ୍ଗଲ |
| ୧୬ | କନକତୋରା | ହେମଗିର | ୨୦୧ | ୭୪୯ | ୦.୦୪୫ | ୦.୦୧୮ | ପତ୍ରା ଜଙ୍ଗଲ |
| ୧୭ | କନକତୋରା | ହେମଗିର | ୨୦୦ | ୮୯୯ | ୦.୧୨୮ | ୦.୦୫୨ | ବଡ଼ ଜଙ୍ଗଲ |
| | | | | ମୋଟ | ୬.୯୩୮ | ୨.୮୦ | |

## ସଂକ୍ଷେପରେ

### ଜଳିଗଲା ୩ ଦୋକାନ, ଗୋଦାମ

ତିହିଡ଼ି,୨୧।୭ (ସଞ୍ଜିତ ବଳ)

ତିହିଡ଼ି ବଜାରରେ ସୋମବାର ସକାଳ ୭ଟା ବେଳେ ଅଗ୍ନିକାଣ୍ଡ ଘଟି ୩ଟି ଦୋକାନ ଏବଂ ଏକ ଗୋଦାମ ଜଳିଯାଇଛି। ଏଥିସହ ଅନ୍ୟ ୨ଟି ଦୋକାନର ଆଂଶିକ କ୍ଷତି ଘଟିଛି। ଅଗ୍ନିକାଣ୍ଡରେ ପୁରଲାଧର ସାହୁଙ୍କ ଜଳଖିଆ ଦୋକାନ ଓ ଗୋଦାମ, ସୁଦାମ ଜେନାଙ୍କ ଫୁଲ ଦୋକାନ, ବିକାଶ କରଙ୍କ ଏକ୍ସ-ରେ ଘର ଜଳିଯାଇଛି। ଚନ୍ଦ୍ରକାନ୍ତ ମହାନ୍ତିଙ୍କ ଷ୍ଟୁଡିଓ ସହ ଅନ୍ୟ ଏକ ଘର ଓ ଦୟାନିଧି ସାହୁଙ୍କ ଫୁଲ ଦୋକାନର ଆଂଶିକ କ୍ଷତି ଘଟିଥିବା ଜଣାଯାଇଛି। ଜଳଖିଆ ଦୋକାନରେ ଥିବା ଗ୍ୟାସ ସିଲିଣ୍ଡରରୁ ଲିକ୍ ହୋଇ ନିଆଁ ଲାଗିବା ଯୋଗୁ ଅଗ୍ନିକାଣ୍ଡ ଘଟିଥିବା କୁହାଯାଉଛି। ତିହିଡ଼ିରୁ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା।

### ଚାଲାଣ ବେଳେ ୧୦ ଗୋରୁ ଉଦ୍ଧାର

ତିହିଡ଼ି, ୨୧।୭ (ସଞ୍ଜିତ ବଳ)

ତିହିଡ଼ି ବଜାରରୁ ସୋମବାର ମଧ୍ୟାହ୍ନରେ ତିହିଡ଼ି ପୋଲିସ ଏକ ପିକଅପ୍ ଭ୍ୟାନରେ ଚାଲାଣ ହେଉଥିବା ୧୦ ଗୋରୁଙ୍କୁ ଉଦ୍ଧାର କରିଛି। ମତୋରୁ ଭଦ୍ରକ ଅଭିମୁଖେ ଗୋରୁ ଚାଲାଣ ହେଉଥିବା ବେଳେ ଖବର ପାଇ ପୋଲିସ ଚଢ଼ାଉ କରିଥିଲା। ପୋଲିସ ଏକ ମାମଲା(ନଂ.୨୪୯/୨୫) ରୁଜୁ କରି ନମ୍ବର ବିହୀନ ପିକଅପ୍ ଭ୍ୟାନ୍କୁ ଜବତ କରିଛି। ଏଥିସହ ଭ୍ୟାନ୍ ଚାଳକ ବାଂଶଡ଼ା ଥାନା ଅଧୀନ ପରମାନନ୍ଦପୁର ଗ୍ରାମର ମଜବୁର ରହେମାନଙ୍କୁ ପୋଲିସ ଗିରଫ କରିଥିବା ବେଳେ ଜଣେ ନାବାଳକଙ୍କୁ ଅଟକ ରଖିଛି। ଉଦ୍ଧାର ଗୋରୁଙ୍କୁ ପୋଲିସ ସୟା ପଞ୍ଚାୟତ ବାଉଁଶବାଗସ୍ଥିତ ପତିତପାବନ ଗୋଶାଳାରେ ଛାଡ଼ିଛି।

# ଜଳଲାଗି କଲେ ଲକ୍ଷାଧିକ କାଉଡ଼ିଆ

■ଭିଡ଼ ନିୟନ୍ତ୍ରଣ କରିବାକୁ ପୋଲିସ ନାକେଦମ୍ ■ଖାଲଖମା ରାସ୍ତାକୁ ନେଇ ଅସନ୍ତୋଷ

**ଶ୍ରାବଣର ଦ୍ୱିତୀୟ ସୋମବାର**



ଆରଡ଼ି ଆଖଣ୍ଡଳମଣି ପୀଠରେ କାଉଡ଼ିଆମାନେ ଧାଡ଼ିରେ ଆସି ଜଳଲାଗି କରୁଛନ୍ତି।

ଧୁଷୁରୀ, ୨୧।୭ (ଦୀପ୍ତିରଞ୍ଜନ ନାୟକ)

ଶ୍ରାବଣ ମାସର ଦ୍ୱିତୀୟ ସୋମବାର ଭଦ୍ରକ ଜିଲାର ପ୍ରସିଦ୍ଧ ଶୈବପୀଠ ଆରଡ଼ି ଆଖଣ୍ଡଳମଣି ପୀଠରେ ଲକ୍ଷାଧିକ କାଉଡ଼ିଆ ଜଳଲାଗି କରିଛନ୍ତି। ରବିବାର ସକାଳଠାରୁ କାଉଡ଼ିଆଙ୍କ ଭିଡ଼ ଲାଗିଥିବା ବେଳେ ବୋଲ୍ବମ୍ ହରହର ବମ୍ ଧ୍ୱନିରେ ପୀଠରେ ପରିସର ପ୍ରକମ୍ପିତ ହୋଇଥିଲା। ସୋମବାର ଭୋର ୪ଟା ୩୦ରେ ମଙ୍ଗଳ ଆଳତି ସରିବା ପରେ କାଉଡ଼ିଆମାନେ ଜଣକ ପରେ ଜଣେ ବାବା ଆଖଣ୍ଡଳମଣିଙ୍କୁ ଦର୍ଶନ କରିଥିଲେ। ପୀଠରେ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଜଳଲାଗି କାର୍ଯ୍ୟ ଚାଲିଥିଲା।

୬ କି.ମି. ଦୂରରୁ ପୀଠକୁ ଆସୁଥିବା ଗାଡ଼ିଗୁଡ଼ିକୁ ପୋଲିସ ଅଟକାଇଥିଲା। କାଉଡ଼ିଆମାନେ ରବିବାର ରାତି ୮ଟାରୁ ମନ୍ଦିର ବେଢ଼ାରେ ଶ୍ରାବଣୀ ମହାଦେବଙ୍କୁ ଜଳଲାଗି କରିଥିଲେ। ପୀଠର ଅନ୍ୟାନ୍ୟ ସ୍ଥାନରେ ମଧ୍ୟ ଭକ୍ତମାନେ ପାଣି ଢାଳି ଫେରିଥିଲେ। ସେମାନେ ଫେରିବା ବେଳେ ନାନା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। କେତେଜଣ କାଉଡ଼ିଆ ଚାଲି ଚାଲି ନିଜ ଗାଡ଼ି ପର୍ଯ୍ୟନ୍ତ ଯାଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଆରଡ଼ି-ଯାଜପୁର, ଆରଡ଼ି-ଭଦ୍ରକ ରାସ୍ତା ୧୦ କି.ମି. ପର୍ଯ୍ୟନ୍ତ ଗୈରିକମୟ ହୋଇଯାଇଥିଲା। ପୀଠ ସନ୍ନିକଟ ବିଭିନ୍ନ ସ୍ଥାନରେ ପାନୀୟ ଜଳର ଅଭାବ ପରିଲକ୍ଷିତ ହୋଇଥିଲା। ଭକ୍ତମାନେ ଗାଧୋଇବା ପାଇଁ ମଧ୍ୟ ଅସୁବିଧା ହୋଇଥିଲା। ପୀଠ ନିକଟ କୟାଁଗୋଲା, ବୋଡ଼କ ଆଦି ସ୍ଥାନରେ କେତେଜଣ ଶ୍ରଦ୍ଧାଳୁ ମଧ୍ୟ ପୋଲିସ ଆକ୍ରୋଶର ଶିକାର ହୋଇଥିଲେ। କାଉଡ଼ିଆଙ୍କ ଭିଡ଼କୁ ଦୃଷ୍ଟିରେ ରଖି ଜିଲା ଓ ମନ୍ଦିର ପ୍ରଶାସନ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ତିନିତର, ମୁଆଁ ଓ ଧାନଖଣିଆ ଘାଟରେ ନଦୀ ପାର୍ ହୋଇ ଆସୁଥିବା କାଉଡ଼ିଆଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ନଦୀଘାଟର ଉଭୟପାର୍ଶ୍ୱରେ ପୋଲିସ ମୁତୟନ କରାଯାଇଥିଲା। ନଦୀଘାଟରେ ଓଡ୍ରାଫ ଏବଂ ଅଗ୍ନିଶମ ବାହିନୀ ସଜାଗ ରହିଥିଲେ। କାଉଡ଼ିଆ ଭକ୍ତମାନେ ଯେପରି ଶୃଙ୍ଖଳିତ ଜଳଲାଗି କରିବେ, ସେଥିପାଇଁ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାରିକେଡ୍ ସହ ମନ୍ଦିର ଭିତରେ ଓ ବାହାରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ସୁରକ୍ଷା ଦୃଷ୍ଟିରୁ ୧୧ ପ୍ଲାଟୁନ ପୋଲିସ ଫୋର୍ସ ପୀଠରେ ମୁତୟନ ଥିଲେ। ହେଲେ ସଙ୍କୁଚିତ ସ୍ଥାନରେ ଏତେସଂଖ୍ୟକ କାଉଡ଼ିଆଙ୍କ ଉପସ୍ଥିତି ପୋଲିସ ପାଇଁ ମୁଣ୍ଡବ୍ୟଥାର କାରଣ ହୋଇଥିଲା। ଭିଡ଼ ନିୟନ୍ତ୍ରଣ କରିବାକୁ ପୋଲିସକୁ ନାକେଦମ୍ ହେବାକୁ ପଡ଼ିଥିଲା। ଦୂରଦୂରାନ୍ତରୁ ଖାଲି ପାଦରେ ଚାଲି ଚାଲି ଆସୁଥିବା କାଉଡ଼ିଆମାନେ ଭଦ୍ରକ-ଆଖଣ୍ଡଳମଣି ମୁଖ୍ୟରାସ୍ତା ସହ ପୀଠକୁ ସଂଯୋଗ କରୁଥିବା ଅନ୍ୟ ରାସ୍ତାରେ ଖାଲଖମା ରହିଥିବାରୁ ଅସନ୍ତୋଷ ବ୍ୟକ୍ତ କରିଥିଲେ। ତେବେ ବୈତରଣୀ ନଦୀରେ କୁମ୍ଭୀର ଥିବା ସତ୍ତ୍ୱେ ବୋଡ଼କ, ସାଠିବାଙ୍କୁଡ଼ା, ଦୋହରାପାଟଣା, ସୁନ୍ଦରପୁର, ସାହୁସାହି କାଉଡ଼ିଆମାନେ ଜଳ ଉଠାଉଥିବା ଦେଖିବାକୁ ମିଳିଥିଲା। ଏସବୁ ସ୍ଥାନରେ ନଦୀରେ ବାଉଁଶ ପୋତି ତାରଜାଲି ଦେବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।

## ସ୍ୱାସ୍ଥ୍ୟକେନ୍ଦ୍ର ଛାତରୁ ଖସିଲା ପ୍ଲାଷ୍ଟର



ଆରଡ଼ି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଛାତରୁ ପ୍ଲାଷ୍ଟର ଖସିପଡ଼ିଛି।

ଧୁଷୁରୀ, ୨୧।୭(ଦୀପ୍ତିରଞ୍ଜନ ନାୟକ)

ଆଖଣ୍ଡଳମଣି ପୀଠ ଆରଡ଼ିରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ସୋମବାର ଅପରାହ୍ନ ୨ଟା ୩୦ ବେଳେ ଛାତରୁ ପ୍ଲାଷ୍ଟର ଖସିଛି। ରୋଗୀ ବିଶ୍ରାମ ନେଉଥିବା ସ୍ଥାନର ଛାତରୁ ପ୍ରାୟ ୩ ଫୁଟ୍ ଲମ୍ବ ଓ ଅଢ଼େଇ ଫୁଟ୍ ଓସାରର ପ୍ଲାଷ୍ଟର ହଠାତ୍ ଖସିପଡ଼ିଥିଲା। ସୌଭାଗ୍ୟବଶତଃ ସେଠାରେ କେହି ରୋଗୀ ଉପସ୍ଥିତ ନ ଥିବାରୁ ରକ୍ଷା ପାଇଯାଇଛନ୍ତି। ଏହି ସ୍ୱାସ୍ଥ୍ୟକେନ୍ଦ୍ରଟି ନୂତନ ଭାବେ ନିର୍ମିତ ହୋଇଥିବା ବେଳେ ପ୍ରାୟ ୧୦ ମାସ ହେବ ଏଠାରେ ରୋଗୀ ସେବା ଚାଲିଛି। ଛାତରୁ ପ୍ଲାଷ୍ଟର ଖସିବାରୁ ଆଗକୁ ଆହୁରି ବଡ଼ଧରଣର ଘଟଣା ଘଟିବାର ଆଶଙ୍କା ଉପୁଜିଛି। ନିର୍ମାଣ କାର୍ଯ୍ୟ ନିମ୍ନମାନର ହୋଇଥିବା ସାଧାରଣରେ ଆଲୋଚନା ହେଉଛି। ଏ ସମ୍ପର୍କରେ ମେଡିକାଲ ଅଫିସର ଡା. ଦୁର୍ଗାପ୍ରସାଦ ମହାନ୍ତି କହିଛନ୍ତି, ଆଜିର ଘଟଣା ପରେ ନୂତନ ଭାବେ ନିର୍ମିତ ସ୍ୱାସ୍ଥ୍ୟକେନ୍ଦ୍ର ଗୃହରେ କାର୍ଯ୍ୟ କରିବାକୁ ଭୟ ଲାଗୁଛି। ଏ ବିଷୟରେ ସେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରିଛନ୍ତି।

## ମହରମରେ ଶାନ୍ତି, ଭାଇଚାରା ପାଇଁ ସମ୍ବର୍ଦ୍ଧନା



ମୁସ୍‌ଲିମ୍ ଜମାତର ମିଡିଆ ସଂଯୋଜକ ଶେଖ୍ ଅନୱାରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଭଦ୍ରକ,୨୧।୭ (ସନାତନ ରାଉତ)

ଭଦ୍ରକରେ ଗତ ୬ ତାରିଖରେ ମହରମ ପର୍ବ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ ହୋଇଥିଲା। ବିନା ଡିଜେରେ କାଫେଲା ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଏହି ପରିପ୍ରେକ୍ଷୀରେ ଭଦ୍ରକ ସ୍ୱାଭିମାନ ମଞ୍ଚ ପକ୍ଷରୁ ରବିବାର ରାତି ୮ଟାରେ ପୁରୁଣାବଜାରସ୍ଥିତ ମଦିନା ମଇଦାନଠାରେ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଭଦ୍ରକର ସମସ୍ତ ମସ୍‌ଜିଦ୍‌ର ମୌଲାନା(ପଣ୍ଡିତ)ମାନେ ଯୋଗ ଦେଇଥିଲେ। ସ୍ୱାଭିମାନ ମଞ୍ଚର ସଭାପତି ତଥା ଆଇନଜୀବୀ ଶେଖ୍ ତାହେର ମହମ୍ମଦଙ୍କ ସଞ୍ଚାଳନରେ ଜାମା ମସ୍‌ଜିଦ୍‌ର ଇମାମ ମହମ୍ମଦ ସାଦିକ ହୋସେନଙ୍କ କୋରାନ ତିଲାୱତରୁ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ମୁଖ୍ୟଅତିଥି ଭାବେ ଭଦ୍ରକ ଅତିରିକ୍ତ ଏସ୍‌ପି ଅଂଶୁମାନ ଦ୍ୱିବେଦୀ, ଅନ୍ୟତମ ଅତିଥି ଭାବେ ପୁରୁଣାବଜାର ଥାନାଧିକାରୀ ସୁଶାନ୍ତ କୁମାର ସାହୁ, ଟାଉନ ଥାନାଧିକାରୀ ପ୍ରଭାଂଶୁ ମିଶ୍ର, ଗ୍ରାମାଞ୍ଚଳ ଥାନା ଅଧିକାରୀ ଦୟାନିଧି ଦାସ, ହିନ୍ଦୁ ସୁରକ୍ଷା ସମିତି ସଭାପତି ବିଦ୍ୟାଧର ସାହୁ, ଭଦ୍ରକ ମୁସ୍‌ଲିମ ଜମାତ ଉପସଭାପତି ମହମ୍ମଦ ଜକାଉଲ୍ଲା, ସାଧାରଣ ସମ୍ପାଦକ ହାଜି ଶେଖ୍ ଇନାମ ମହମ୍ମଦ, ଚୋକା ଗଣେଶ କମିଟି ସଭାପତି ହରି ନନ୍ଦୀ, ବୁଢ଼ା ଗଣେଶ କମିଟି ସଭାପତି ଅଜୟ ସାହୁ ଓ ଇଂ. ହାଜି ମନାୱର ହୋସେନ ଯୋଗ ଦେଇଥିଲେ। ସମସ୍ତ ଅତିଥିଙ୍କୁ ମଞ୍ଚ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଭଦ୍ରକର ପ୍ରତ୍ୟେକ ପର୍ବପର୍ବାଣିରେ ଉଭୟ ସମ୍ପ୍ରଦାୟ ମଧ୍ୟରେ ଭାଇଚାରା ଅତୁଟ ରହିଛି ବୋଲି ଅତିଥିମାନେ କହିଥିଲେ। ସ୍ପେଶାଲ ବ୍ରାଞ୍ଚ୍‌ର ଆବିଦ ହୋସେନ, ମୁସ୍‌ଲିମ୍ ଜମାତର ମିଡିଆ ସଂଯୋଜକ ଶେଖ୍ ଅନୱାର(ବାବୁ), ଶେଖ୍ ଆମିର, ଲୋକମାନ ଖାନ, ଏମ୍‌ଏସ୍‌ଏଫ୍‌ର ସଭାପତି ଶେଖ୍ ଇମଦାଦ ଏବଂ ସମସ୍ତ ବସ୍ତିର ସରଦାରମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ସମ୍ପାଦକ ଓସୀମ ଅଖତର ଖାନ, ଯୁଗ୍ମ ସମ୍ପାଦକ ଯହିରୁଦ୍ଦିନ ଖାନ, କୋଷାଧ୍ୟକ୍ଷ ଶେଖ୍ ଜଲାଲ, ଶେଖ୍ କଲାମ, ୟାସିନ ଖାନ, ହସନ ଖାନ, ଶେଖ୍ ସାବିର, ଶେଖ୍ ରାଜୁ ପ୍ରମୁଖ ସଭାରେ ସହଯୋଗ କରିଥିଲେ। ଉପସଭାପତି ସୁରେଶ ଶର୍ମା ଧନ୍ୟବାଦ ଦେଇଥିଲେ।

## ଭାଜପା ପକ୍ଷରୁ କୁଶପୁତ୍ତଳିକା ଦାହ

**ବଳାତ୍କାର ଅଭିଯୋଗରେ ଛାତ୍ର କଂଗ୍ରେସ ସଭାପତି ଗିରଫ ପ୍ରସଙ୍ଗ**

ବାସୁଦେବପୁର,୨୧।୭ (ନାରାୟଣ ପ୍ରସାଦ ବାରିକ୍)

ଜଣେ ଯୁବତୀଙ୍କୁ ବଳାତ୍କାର ଅଭିଯୋଗରେ ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ଉଦିତ ପ୍ରଧାନ ଗିରଫ ହେବା ପରେ କଂଗ୍ରେସ ଦଳର ଅସଲ ଚେହେରା ପଦାରେ ପଡ଼ିଥିବା ଅଭିଯୋଗ ଆଣିଛି ବାସୁଦେବପୁର ଭାଜପା। ଭାଜପା ପକ୍ଷରୁ ସୋମବାର ସନ୍ଧ୍ୟାରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଓ ପିସିସି ସଭାପତି ଭକ୍ତଚରଣ ଦାସଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ଭାଜପା ଜିଲା ଉପସଭାପତି ଉଦୟ ନାରାୟଣ ମଲିକଙ୍କ ନେତୃତ୍ୱରେ ଶତାଧିକ କର୍ମୀ ଓ ସମର୍ଥକ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିବା ସହ କଂଗ୍ରେସର ଛାତ୍ର ନେତାଙ୍କ ଏପରି ଘୃଣ୍ୟ କାର୍ଯ୍ୟକୁ ନିନ୍ଦା କରିଥିଲେ। ବରିଷ୍ଠ ନେତା ତଥା ପୂର୍ବତନ ଉପନଗରପାଳ ଗଦାଧର ପଲେଇ, ପୂର୍ବତନ ନଗରପାଳ ପଞ୍ଚାନନ ସେନାପତି, ପୂର୍ବତନ କାଉନସିଲର ଭଗବାନ ମହାନ୍ତି, ମଧୁସୂଦନ ପାଢ଼ୀ, ଦିଲୀପ କୁମାର ମହାନ୍ତି, ସୁଶାନ୍ତ କୁମାର ବେହେରା, କାଉନସିଲର ଜଗବନ୍ଧୁ ଦାସ, ପ୍ରତାପ ଚନ୍ଦ୍ର ସେନାପତି, ରବିନାରାୟଣ ଦାସଙ୍କ ସମେତ ଭାଜପାର ଶତାଧିକ କର୍ମୀ ଓ ସମର୍ଥକ ଏଥିରେ ସାମିଲ ଥିଲେ।



ଭାଜପା କର୍ମୀମାନେ କୁଶପୁତ୍ତଳିକା ଦାହ କରୁଛନ୍ତି।

## ଟ୍ରକ୍‌କୁ ପିଟିଲା ବସ୍: ମହିଳା ମୃତ, ୯ ଆହତ

**ଜାତୀୟ ରାଜପଥରେ ପାର୍କିଂ ଯୋଗୁ ଦୁର୍ଘଟଣା**

**ଜିଲା ମୁଖ୍ୟ ଚିକିତ୍ସାଳୟରେ ଏକ୍ସ-ରେ ମେସିନ ଖରାପ ଥିବାରୁ ଅସନ୍ତୋଷ**

ଭଦ୍ରକ,୨୧।୭ (ସନାତନ ରାଉତ)

ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ନଳାଙ୍ଗ ନିକଟରେ ସୋମବାର ଅପରାହ୍ନ ୩ଟାରେ ୧୬ନଂ. ଜାତୀୟ ରାଜପଥରେ ଠିଆହୋଇଥିବା ଏକ ଟ୍ରକ୍‌କୁ ପଛରୁ ପିଟିଲା ବସ୍। ଏହି ଦୁର୍ଘଟଣାରେ ଜଣେ ମହିଳା ଯାତ୍ରୀଙ୍କ ମୃତ୍ୟୁ ଘଟିଥିବା ବେଳେ ୯ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଜଣେ ଗୁରୁତର ଅଛନ୍ତି। ମୃତ ମହିଳା ହେଲେ ଭଦ୍ରକ ଜିଲା ଚାନ୍ଦବାଲି ଥାନା ଅଧୀନ ବଡ଼ଓସ୍ତିଆ ଗ୍ରାମର ସବିତା ପଡ଼ିଆରୀ(୫୦)। ଆହତଙ୍କ ମଧ୍ୟରେ ଅଧିକାଂଶ ବାଲେଶ୍ୱର ଓ ମୟୂରଭଞ୍ଜ ଜିଲାର ବୋଲି ଜଣାପଡ଼ିଛି। ଦୁର୍ଘଟଣାରେ ବସ୍‌ର ସମ୍ମୁଖ ଭାଗ ଭାଙ୍ଗିଯାଇଛି।

ସୂଚନା ଅନୁଯାୟୀ, ଯଶୋଦା ନାମକ ଏକ ଘରୋଇ ବସ୍ ଭୁବନେଶ୍ୱରରୁ ବାଲେଶ୍ୱର ଅଭିମୁଖେ ଆସୁଥିଲା। ନଳାଙ୍ଗ ରିଲାଏନ୍ସ ପେଟ୍ରୋଲ ପମ୍ପ ନିକଟରେ ଜାତୀୟ ରାଜପଥ ପାର୍ଶ୍ୱରେ ପୂର୍ବରୁ ଠିଆ ହୋଇଥିବା ଏକ ଟ୍ରକ୍ (ଓଆର୍ ୦୪ ଇ ୪୨୨୩) ପଛକୁ ବସ୍ ଧକ୍କା ଦେଇଥିଲା। ଏଥିରେ ବସ୍‌ର ୯ ଯାତ୍ରୀଙ୍କ ସହ ହେଲ୍‌ପର୍ ଆହତ ହୋଇଥିଲେ। ଦମକଳ ଓ ଆମ୍ବୁଲାନ୍ସ ଦ୍ୱାରା ସମସ୍ତ ଆହତଙ୍କୁ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା।



ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର ଓ ଅତିରିକ୍ତ ଏସ୍‌ପି ଅଂଶୁମାନ ଦ୍ୱିବେଦୀ ଡାକ୍ତରଖାନାରେ ପହଞ୍ଚି ଆହତମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଅନୁଧ୍ୟାନ କରିଥିଲେ। ସେମାନଙ୍କ ମଧ୍ୟରୁ ମୟୂରଭଞ୍ଜ ଜିଲା ଶରତ ଗ୍ରାମର ମିନତି ବେହେରା(୨୦)ଙ୍କ ଗୋଟିଏ ଗୋଡ଼ କଟିଯାଇ ଗୁରୁତର ହେବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା। ପରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଥିବା ସବିତା ଗୁରୁତର ହୋଇପଡ଼ିଥିଲେ। କଟକ ସ୍ଥାନାନ୍ତର ବେଳେ ଯାଜପୁର ନିକଟରେ ତାଙ୍କ ମୃତ୍ୟୁ ଘଟିଥିବା ନେଇ ଗ୍ରାମାଞ୍ଚଳ ଥାନାରେ ମୃତ ସବିତାଙ୍କ ଭଉଣୀ ବିନୋଦିନୀ ସାହୁ ଅଭିଯୋଗ କରିଛନ୍ତି। ତେବେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଏକ୍ସ-ରେ ମେସିନ ଖରାପ ଥିବାରୁ ଦୁର୍ଘଟଣାରେ ଆହତମାନଙ୍କ ଏକ୍ସ-ରେ କରାଯାଇପାରି ନ ଥିଲା। ୧୫ ଦିନ ଧରି ଏକ୍ସ-ରେ ମେସିନ ଖରାପ ହୋଇଥିବା ବେଳେ ଏହାକୁ ମରାମତି କରାଯାଇ ନ ଥିବାରୁ ରୋଗୀ ଓ ସେମାନଙ୍କ ସମ୍ପର୍କୀୟ ଅସନ୍ତୋଷ ପ୍ରକାଶ କରିଛନ୍ତି। ରାଜପଥରେ ଗାଡ଼ି ପାର୍କିଂ ଯୋଗୁ ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଛି। ଜାତୀୟ ରାଜପଥ ପ୍ରାଧିକରଣ ବିଭାଗ ପକ୍ଷରୁ ବେଆଇନ ପାର୍କିଂ ହଟାଇବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

## ଜନଶୁଣାଣି ଶିବିରରେ ୧୬୭ ଅଭିଯୋଗ

ଭଣ୍ଡାରିପୋଖରୀ,୨୧।୭(ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ବ୍ଲକ ସଭାଗୃହରେ ସୋମବାର ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ୧୬୭ଟି ଅଭିଯୋଗ ଆସିଥିଲା। ପ୍ରମୁଖ ରାସ୍ତା, ଶିକ୍ଷାନୁଷ୍ଠାନ ଓ ମଞ୍ଜୁରୀରୋଡ୍ ଡାକ୍ତରଖାନା ସମସ୍ୟା ସହ ଅନ୍ୟ ବ୍ୟକ୍ତିଗତ ସମସ୍ୟା ନେଇ ଅଭିଯୋଗ ହୋଇଥିଲା। ବ୍ଲକ ଅଫିସ୍ ପରିସରରୁ ବିଶାଳ ଗଛ କଟାଯାଇଥିବା ସମ୍ପର୍କରେ ଦକ୍ଷିଣବାଡ଼ ସରପଞ୍ଚ ବର୍ଷାରାଣୀ ଜେନା ଅଭିଯୋଗ କରିଥିଲେ। ଏହି ଘଟଣାକୁ ନେଇ ବ୍ଲକ ଅଧ୍ୟକ୍ଷା ସୁମତୀ ସେଠୀ ମଧ୍ୟ ବିଡିଓଙ୍କ ବିରୋଧରେ ଜିଲାପାଳଙ୍କ ନିକଟରେ ଫେରାଦ ହୋଇଥିଲେ। ଜିଲାପାଳ ବିଡିଓଙ୍କ ପ୍ରତି କୋହଳ ମନୋଭାବ ପୋଷଣ କରୁଥିବା ଅଭିଯୋଗ ହୋଇଥିଲା। ଛତାବର-ନୀଳକ, ମଞ୍ଜୁରୀରୋଡ-ବନ୍ଦାଳ, ମଞ୍ଜୁରୀରୋଡ-ଗୋବିନ୍ଦପୁର ପୂର୍ତ୍ତ ରାସ୍ତାର ଶୋଚନୀୟ ଅବସ୍ଥା ନେଇ ଅଭିଯୋଗ କରାଯାଇଛି। ରାସ୍ତା ସମସ୍ୟା ଦୂର କରିବାକୁ ଜିଲାପାଳ ଦିଲୀପ ରାଉତରାଏ ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ନୂତନ ରାଶନ କାର୍ଡ ପାଇଁ ଉତ୍କୋଚ ନିଆଯାଉଥିବା, ବର୍ଷାଦିନେ ବାଲି ଉତ୍ତୋଳନ, ବାଲିପୋଖରୀ ପ୍ରାଣୀ ଚିକିତ୍ସାଳୟ ଗୃହର ଦୁରୁପଯୋଗ ଆଦି ନେଇ ଅଭିଯୋଗ ହୋଇଥିଲା। ଜିଲା ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର ସାମଲ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଧୀର ରଞ୍ଜନ ନାୟକ, ଅତିରିକ୍ତ ଏସ୍‌ପି ଅଂଶୁମାନ ଦ୍ୱିବେଦୀ, ତହସିଲଦାର ଓ ବିଭିନ୍ନ ବିଭାଗ ଅଧିକାରୀ ଉପସ୍ଥିତ ଥିଲେ।

## କଲେଜରେ ନାରୀ ସୁରକ୍ଷା କର୍ମଶାଳା

ଚାନ୍ଦବାଲି,୨୧।୭(ଅଶୋକ ପଣ୍ଡା)

ଚାନ୍ଦବାଲି ବ୍ଲକ ମତୋ ଯୁକ୍ତ ୩ ସ୍ନାତକ ମହାବିଦ୍ୟାଳୟ ପରିସରରେ ସୋମବାର ଅପରାହ୍ନରେ ଆଭ୍ୟନ୍ତରୀଣ ଅଭିଯୋଗ କମିଟି (ଆଇସିସି) ଆନୁକୂଲ୍ୟରେ ଯୌନ ନିର୍ଯାତନା, ନାରୀ ସୁରକ୍ଷା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କଲେଜର ଭାରପ୍ରାପ୍ତ ଅଧ୍ୟକ୍ଷ ଦିଲୀପ କୁମାର ସାମଲଙ୍କ ସଭାପତିତ୍ୱରେ ଏହି କର୍ମଶାଳାରେ ମୁଖ୍ୟଅତିଥି ଭାବେ ଉପଦେଷ୍ଟା ସୁବାସ ଚନ୍ଦ୍ର ମଲ୍ଲ ଯୋଗ ଦେଇଥିଲେ। ପରିଚାଳନା କମିଟିର ପୂର୍ବତନ ସଭାପତି ସନାତନ ସାହୁ, ସାମାଜିକ କର୍ମୀ କୁଞ୍ଜଲତା ସାହୁ, ମହାବିଦ୍ୟାଳୟର ଆଭ୍ୟନ୍ତରୀଣ ଅଭିଯୋଗ କମିଟିର ମୁଖ୍ୟ ଅଧ୍ୟାପିକା ନିରୁପମା ସୂତାରଙ୍କ ସମେତ ସମସ୍ତ ସଦସ୍ୟା ସଦସ୍ୟ, ଅଧ୍ୟାପିକା ଅଧ୍ୟାପକ, ଅଣଶିକ୍ଷକ, କର୍ମଚାରୀ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

## ସ୍ୱାସ୍ଥ୍ୟକେନ୍ଦ୍ର ଆଗରେ ଗଣଧାରଣା

ଭଣ୍ଡାରିପୋଖରୀ,୨୧।୭ (ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ବ୍ଲକ ରହଣିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ କର୍ମଚାରୀ ଅଭାବ ପୂରଣ ଦାବିରେ ସୋମବାର ଗଣଧାରଣା ଦିଆଯାଇଥିଲା। ସ୍ୱାସ୍ଥ୍ୟକେନ୍ଦ୍ର ଫାର୍ମାସିଷ୍ଟ ଶୁଭ୍ରକାନ୍ତ ପଣ୍ଡାଙ୍କୁ ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଡେପୁଟେଶନରେ ପଠାଯାଇଛି। ମାତ୍ର ଏହି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଫାର୍ମାସିଷ୍ଟ ନିଯୁକ୍ତି ଦିଆଯାଇ ନାହିଁ। ଏହାର ପ୍ରତିବାଦରେ ଗ୍ରାମବାସୀ ସନ୍ତୋଷ ମାଝୀ, ଧନିଆ ମାଝୀ, ଘନଶ୍ୟାମ ମାଝୀ, ଅରୁଣ ଦାସ ପ୍ରମୁଖ ସ୍ୱାସ୍ଥ୍ୟକେନ୍ଦ୍ର ଆଗରେ ଧାରଣା ଦେଇଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. କମଳାକାନ୍ତ ସ୍ୱାଇଁ ଆଲୋଚନା କରି ସପ୍ତାହର ୩ ଦିନ ରହଣିଆ ସ୍ୱାସ୍ଥ୍ୟକେନ୍ଦ୍ର ଫାର୍ମାସିଷ୍ଟ ଭାବେ ଶୁଭ୍ରକାନ୍ତ ପଣ୍ଡା କାର୍ଯ୍ୟ କରିବେ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

## କଳା, ସାହିତ୍ୟ ଓ ସଂସ୍କୃତିର ମାଟି ଭଦ୍ରକ'

**ଚା କପ୍‌ରେ କବିତା ଝଡ଼**

ଭଦ୍ରକ,୨୧।୭ (ରବିନାରାୟଣ ଖିଲାର)

ଭଦ୍ରକ ହେଉଛି କଳା, ସାହିତ୍ୟ ଓ ସଂସ୍କୃତିର ମାଟି। ଏ ମାଟି କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର, ଡ. ହରେକୃଷ୍ଣ ମହତାବଙ୍କ ଭଳି ବହୁ ସାହିତ୍ୟିକଙ୍କୁ ଜନ୍ମ ଦେଇଛି, ଯାହାଙ୍କ ପାଇଁ ଖାଲି ଭଦ୍ରକ ନୁହେଁ ସମଗ୍ର ଓଡ଼ିଶା ଆଜି ଗର୍ବିତ ବୋଲି ରବିବାର ଭଦ୍ରକ ସହର ପୋଷ୍ଟ ଅଫିସ ଛକ ନିକଟରେ ସମ୍ଭାବନା ସାହିତ୍ୟ ସଂସଦ ନୂଆସ୍ୱର ପକ୍ଷରୁ ଡ. ହରିହର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ 'ଚା କପ୍‌ରେ କବିତା ଝଡ଼'ରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଅଟଳ ବିହାରୀ ନାୟକ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ କୈଳାସ ଚନ୍ଦ୍ର ପଣ୍ଡା, ବାର୍ ଆସୋସିଏଶନର ପ୍ରାକ୍ତନ ସଭାପତି ବିଷ୍ଣୁମୋହନ ମହାପାତ୍ର, ରୋଟାରିଆନ ଅତିସ ବେହେରା, କବୟିତ୍ରୀ ପ୍ରୀତିଲତା ପଣ୍ଡା, ଶ୍ରଦ୍ଧାଞ୍ଜଳି ମିଶ୍ର, କବି ବିଜୟ ଜେନା, ଅରୂପାନନ୍ଦ ନାୟକ, ଅମରେନ୍ଦ୍ର ବିଶ୍ୱାଳ, କ୍ୟାପ୍‌ଟେନ ଓମ୍‌କାର ପ୍ରମୁଖ କବିତାପାଠ କରିଥିଲେ। ନୂତନ କବି ସୃଷ୍ଟି କରିବା ଲାଗି ସମ୍ଭାବନା ସାହିତ୍ୟ ସଂସଦରେ ଏଭଳି କାର୍ଯ୍ୟକ୍ରମ ସ୍ୱାଗତଯୋଗ୍ୟ ବୋଲି ଅତିଥିମାନେ କହିଥିଲେ। କବି ରତ୍ନରାଜ ଅକ୍ଷୟ ସଂଯୋଜନା କରିଥିବା ବେଳେ କବି ଜଗନ୍ନାଥ ରାଉତ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।




'ଚା କପ୍‌ରେ କବିତା ଝଡ଼'ରେ ଅତିଥିଙ୍କ ଆଲୋଚନା।

## ମଞ୍ଚର ପ୍ରତିବାଦ ବିରୋଧରେ ଥାନାର ଦ୍ୱାରସ୍ଥ ହେଲେ ସ୍ତ୍ରୀ

**ନିଶା ନିବାରଣ କେନ୍ଦ୍ରରେ ବରିଷ୍ଠ ନାଗରିକ**

ତିହିଡ଼ି,୨୧।୭(ସଞ୍ଜିତ ବଳ)

ତିହିଡ଼ି ବ୍ଲକ ଭାଟପଡ଼ା ପଞ୍ଚାୟତ ଅଧୀନ ବଉଳପାଳ ଗ୍ରାମର ଜଣେ ବରିଷ୍ଠ ନାଗରିକଙ୍କୁ ନିଶା ନିବାରଣ କେନ୍ଦ୍ରରେ ରଖାଯାଇଛି। ତାଙ୍କ ପରିବାର ସଦସ୍ୟମାନେ ତାଙ୍କୁ କଟକସ୍ଥିତ ନିଶା ନିବାରଣ କେନ୍ଦ୍ରରେ ଗତ ମାସ ୨୪ ତାରିଖରେ ଭର୍ତ୍ତି କରିଛନ୍ତି। ତେବେ ତିହିଡ଼ିର ଏକ ବେନାମୀ ମଞ୍ଚ ଏହାର ପ୍ରତିବାଦ କରି ଏସ୍‌ପି ଓ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛି। ଏଥିରେ ପ୍ରତିକ୍ରିୟା ପ୍ରକାଶ କରି ଉକ୍ତ ବ୍ୟକ୍ତିଙ୍କ ସ୍ତ୍ରୀ ରବିବାର ତିହିଡ଼ି ଥାନାର ଦ୍ୱାରସ୍ଥ ହୋଇ ମଞ୍ଚର ୨ଜଣ କର୍ମକର୍ତ୍ତାଙ୍କ ବିରୋଧରେ ଅଭିଯୋଗ କରି କାର୍ଯ୍ୟାନୁଷ୍ଠାନ ପାଇଁ ନିବେଦନ କରିଛନ୍ତି।

ସେ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ତାଙ୍କ ସ୍ୱାମୀ ନିଶାସକ୍ତ ହୋଇ ଘରେ ବିଶୃଙ୍ଖଳା ସୃଷ୍ଟି କରୁଥିଲେ। ଏପରିକି ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ମଞ୍ଚର କେତେଜଣ କର୍ମକର୍ତ୍ତାଙ୍କଠାରୁ ଅଶ୍ଳୀଳ ଭିଡିଓ ଦେଖି ତାଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦେଉଥିଲେ। ତିହିଡ଼ି ଖାଙ୍କିହାଟରେ ତାଙ୍କ ଶ୍ୱଶୁରଙ୍କ ନାଁରେ ଥିବା ପିଣ୍ଡିକୁ ବିକିଦେବା, ତାଙ୍କ ଜମିକୁ ଗ୍ରାମର କିଛି ଲୋକଙ୍କୁ ଚାଷ ପାଇଁ ଦେଇ ତାଙ୍କ ସ୍ୱାମୀ ନ ମୁକୁଳାଇବା ଆଦି କାର୍ଯ୍ୟରେ ପରିବାର ଲୋକେ ଅତିଷ୍ଠ ହୋଇପଡ଼ିଥିଲେ। ଘରେ ଥିବା ସୁନା ଅଳଙ୍କାର ବିକି ତାଙ୍କ ସ୍ୱାମୀ ଅଧିକ ନିଶାସକ୍ତ ହୋଇ ବିଶୃଙ୍ଖଳା ସୃଷ୍ଟି କରିବାରୁ ସେ ବାଧ ହୋଇ ତାଙ୍କୁ ନିଶା ନିବାରଣ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ଏହି ଘଟଣା ପରେ ତିହିଡ଼ିରେ ଏକ ମଞ୍ଚ ନାଁରେ କେତେଜଣ ବ୍ୟକ୍ତି ଏସ୍‌ପି ଓ ଜିଲାପାଳଙ୍କ ନିକଟରେ ବିଭିନ୍ନ ପ୍ରକାର ମିଥ୍ୟା ଅଭିଯୋଗ କରିଥିଲେ। ସେ ତାଙ୍କ ସ୍ୱାମୀଙ୍କୁ ହତ୍ୟା କରି ପୋତି ଦେଇଥିବା ସେମାନେ ଦର୍ଶାଇଥିଲେ। ଏହି ଅଭିଯୋଗ ପରେ ତିହିଡ଼ି ଥାନା ଆଇଆଇସି ସତ୍ୟବ୍ରତ ଗ୍ରହାଚାର୍ଯ୍ୟ ଘଟଣାର ତଦନ୍ତ ଚଳାଇଥିଲେ। ଆଇଆଇସି ଗ୍ରହାଚାର୍ଯ୍ୟ ତାଙ୍କୁ ନେଇ ଶନିବାର କଟକସ୍ଥିତ ନିଶା ନିବାରଣ କେନ୍ଦ୍ରକୁ ଯାଇ ଉକ୍ତ ବ୍ୟକ୍ତିଙ୍କୁ ଭେଟିଥିଲେ। ତାଙ୍କ ବିଷୟରେ ସବିଶେଷ ତଥ୍ୟ ହାସଲ ପରେ ଅଭିଯୋଗରେ ସତ୍ୟତା ନ ଥିବା ଆଇଆଇସି ଜାଣିପାରିଥିଲେ। ତେବେ ଏହି ଘଟଣା ପରେ ମଞ୍ଚର କର୍ମକର୍ତ୍ତା ବିଭିନ୍ନ ଧମକ ଦେଉଥିବାରୁ ନିଜକୁ ଅସୁରକ୍ଷିତ ମଣି ଉକ୍ତ ବ୍ୟକ୍ତିଙ୍କ ସ୍ତ୍ରୀ ନ୍ୟାୟ ପାଇଁ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ମଞ୍ଚର କେତେଜଣ କର୍ମକର୍ତ୍ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ସେ ନିବେଦନ କରିବା ସହ ଏ ସମ୍ପର୍କରେ ଏସ୍‌ପି ଓ ଚାନ୍ଦବାଲି ଏସ୍‌ଡିପିଓଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ପୋଲିସ ଏହି ଅଭିଯୋଗର ତଦନ୍ତ ଚଳାଇଛି।

# ସ୍ଥାୟୀ ବ୍ୟବସ୍ଥା ନ କରି ଉଠାଇଦେଉଛନ୍ତି

ଯୋଡ଼ା,୨୧ା୭(ମାନସ ମହାନ୍ତି)

■ଖରା, ବର୍ଷାରେ ପରିବା ବ୍ୟବସାୟୀ ହନ୍ତସନ୍ତ
■ବଜାର ବ୍ୟବସ୍ଥା କରିବାକୁ ଦାବି

କେନ୍ଦୁଝର ଜିଲା ଯୋଡ଼ା ସହର ଫ୍ଲାଏ ଓଭର ରାସ୍ତା କଡ଼ରେ ବିକ୍ରି କରୁଥିବା ପରିବା ବ୍ୟବସାୟୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପୌର ପ୍ରଶାସନ ସେମାନଙ୍କ ପାଇଁ କୌଣସି ସୁବିଧା ନ କରି ବାରମ୍ବାର ଉଠାଇଦେଉଛି। ଫଳରେ ଖରା, ବର୍ଷାରେ ଖୋଲାରେ ବସି ବ୍ୟବସାୟୀ ଦହଗଞ୍ଜ ହେଉଥିବା କହିଛନ୍ତି। ପୂର୍ବ ପ୍ରତିଶ୍ରୁତି ପାଳନ କରି ନ ଥିବା ବେଳେ ଶନିବାର ପୁଣି କଲ୍ୟାଣ ମଣ୍ଡପ ନିକଟକୁ ସ୍ଥାନାନ୍ତର କରିଦିଆଯାଇଛି। ଫଳରେ ଲଗାଣା ବର୍ଷାରେ ଭିଜି ବହୁ କଷ୍ଟରେ ପରିବା ବିକ୍ରି କରୁଥିବା ଅଭିଯୋଗ କରିଛନ୍ତି।

ଅଭିଯୋଗ ଅନୁଯାୟୀ, ଫ୍ଲାଏ ଓଭର ରାସ୍ତାକଡ଼ରେ ପୂର୍ବରୁ ପରିବା ବିକ୍ରି କରୁଥିଲେ। ମେ ମାସ ଖରା ଦିନରେ କଲ୍ୟାଣ ମଣ୍ଡପଠାରେ ପରିବା ବଜାର ନିର୍ମାଣର ଆଶା ଦେଇ ପୌରପାଳିକା ପକ୍ଷରୁ ସେମାନଙ୍କୁ ସେଠାରୁ ତଡ଼ି ଦିଆଯାଇଥିଲା। ୧୫ ଦିନ ଧରି କଲ୍ୟାଣ ମଣ୍ଡପ ନିକଟରେ ପରିବା ବ୍ୟବସାୟ କଲେ। ମାତ୍ର ପୌର ପାଳିକା ପକ୍ଷରୁ ସ୍ଥାୟୀ ବଜାର ବ୍ୟବସ୍ଥା କରାଯାଇ ନ ଥିଲା। ଫଳରେ ପୁଣି ଫ୍ଲାଏ ଓଭର ଛାତ ତଳେ ପରିବା ବ୍ୟବସାୟୀ ଆଶ୍ରୟ ନେଇ ବିକ୍ରି କରୁଛନ୍ତି। ଉକ୍ତ ରାସ୍ତାରେ ପରିବା ବିକ୍ରି ଯୋଗୁ ପୂର୍ବ ପରି ଟ୍ରାଫିକ ଜାମ ଦେଖାଦେଇଥିଲା। ଏହାକୁ ଦୃଷ୍ଟିରେ ରଖି ପୌରପାଳିକା ପକ୍ଷରୁ ପୁନର୍ବାର ବ୍ୟବସାୟୀଙ୍କୁ ସ୍ଥାନାନ୍ତର କରାଯାଇଛି। ଏ ପର୍ଯ୍ୟନ୍ତ ସେଠାରେ ବଜାରର ସୁରକ୍ଷା ବ୍ୟବସ୍ଥା କରାଯାଇ ନ ଥିବାରୁ ଖୋଲା ଆକାଶ ତଳେ ବର୍ଷାରେ ଭିଜି ପରିବା ବିକ୍ରି କରୁଛନ୍ତି। ଯାହାକୁ ନେଇ ପରିବା ବ୍ୟବସାୟୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ପୌରଯନ୍ତ୍ରୀ ମନୋଜ କୁମାର ବେହେରା କହିଛନ୍ତି, ଖୁବ୍‌ଶୀଘ୍ର ବ୍ୟବସାୟୀଙ୍କ ସୁରକ୍ଷା ପାଇଁ ତାରପୋଲିନ ବ୍ୟବସ୍ଥା କରାଯିବ ବୋଲି ସେ କହିଥିଲେ। ଅନ୍ୟପକ୍ଷେ ଫ୍ଲାଏ ଓଭରର ସର୍ଭିସ ରୋଡ କଡ଼ରେ ଦୋକାନ, ବଜାର, ଗ୍ୟାରେଜ, ଗଢ଼ି ଉଠିଥିବାରୁ ଟ୍ରାଫିକ ସମସ୍ୟା ଦେଖାଯାଉଛି। ବେଆଇନ ଭାବେ ଗଢ଼ି ଉଠିଥିବା ପ୍ରତିଷ୍ଠାନ ଉଚ୍ଛେଦ ପାଇଁ ଜନ ସାଧାରଣରେ ଦାବି ହେଉଛି।



ରାସ୍ତାକଡ଼ରେ ବ୍ୟବସାୟୀମାନେ ବସିଛନ୍ତି।

## ଯୌନ ନିର୍ଯାତନା ସଚେତନତା ସଭା

କେନ୍ଦୁଝର,୨୧ା୭(ଦୀପକ ମିଶ୍ର/ ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ସରକାରୀ ମହିଳା ମହାବିଦ୍ୟାଳୟରେ ଯୌନ ନିର୍ଯାତନା ଭିତ୍ତିକ ସଚେତନତା ସଭା ସୋମବାର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ, ଛାତ୍ରୀ, ସାମାଜିକ କର୍ମୀ ଆଡ୍‌ଭୋକେଟ ଡ. ସନ୍ଦିପ କୁମାର ପଟ୍ଟନାୟକଙ୍କ ଉପସ୍ଥିତ ଥିଲେ। ଅଧ୍ୟକ୍ଷ ଲଳିତ ରଞ୍ଜନ ସାହୁଙ୍କ ଅଧ୍ୟକ୍ଷତା କରି ଜଣେ ଜଣଙ୍କ ପ୍ରତି ସମ୍ମାନ ପ୍ରଦର୍ଶନର ଅଭାବ, ଛାତ୍ରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଯୌନ ନିର୍ଯାତନା କିମ୍ବା ମାନସିକ ନିର୍ଯାତନା ଭୋଗ କରୁଥିଲେ ଆଭ୍ୟନ୍ତରୀଣ କମିଟିଙ୍କୁ ଅବଗତ କରିବାକୁ ଅନୁରୋଧ କରିଥିଲେ। ଛାତ୍ରୀଙ୍କୁ ପ୍ରତ୍ୟେକ କ୍ଷେତ୍ରରେ ସେମାନଙ୍କ ସୁବିଧା ସୁଯୋଗ ସହ ପ୍ରାଧାନ୍ୟ ଦିଆଯାଉ ଓ ତାଙ୍କର ସମସ୍ୟା ଆଗ ବୋଲି ମତବ୍ୟକ୍ତ କରିଥିଲେ। ଡ. ପଟ୍ଟନାୟକ କହିଥିଲେ, ଯଦି କେହି ଛାତ୍ରୀଙ୍କ କଥା ନ ଶୁଣନ୍ତି, ତେବେ ମୁଁ କଥା ଦେଉଛି, ଅଭିଯୋଗ ମୋ ପାଖକୁ ଆସିଲେ କିମ୍ବା ଅବଗତ ହେଲେ ଗୋଟିଏ ଦିନ ଭିତରେ ତାହା ସମାଧାନ କରିବି । ଛାତ୍ରୀଙ୍କୁ ଶକ୍ତିଶ୍ରୀ ଆପ ବିଷୟରେ ମଧ୍ୟ ଅବଗତ କରାଇଥିଲେ। ଆଭ୍ୟନ୍ତରୀଣ କମିଟିର ସଦସ୍ୟଙ୍କ ନାମ ସହ ଫୋନ ନମ୍ବର୍ ସମସ୍ତଙ୍କ ଅବଗତି ନିମନ୍ତେ ଜଣେଇ ଦିଆଯିବା ସହ କାନ୍ଥରେ ଲଗାଇବା ସହ ଶିକ୍ଷାନୁଷ୍ଠାନ ପାଇଁ ହେଲ୍ପଲାଇନ ନମ୍ବର ୧୮୧ର ପ୍ରଚାର ଫର୍ଦ୍ଦ ମରାଯାଇଛି। କର୍ମଚାରୀମାନେ ଓ ଛାତ୍ରୀଗଣ ଯୌନ ନିର୍ଯାତନାକୁ ବିରୋଧ ଓ ସମସ୍ତଙ୍କୁ ସମ୍ମାନ ପ୍ରଦର୍ଶନ କରିବାକୁ ଶପଥ ପାଠ ନେଇଥିଲେ। ଶେଷରେ ଅର୍ଥନୀତି ବିଭାଗର ଆଭ୍ୟନ୍ତରୀଣ କମିଟି ମୁଖ୍ୟ ଗୀତାଞ୍ଜଳି ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଶିବ ମନ୍ଦିରରେ କାଉଡ଼ିଆଙ୍କ ଭିଡ଼

ବଉଳା,୨୧ା୭(ଦୁର୍ଗା ପ୍ରସାଦ ଆୟଚ): ହାଟଡ଼ିହୀ ବ୍ଲକ୍‌ର ବିଭିନ୍ନ ଶିବ ମନ୍ଦିରରେ ସୋମବାର କାଉଡ଼ିଆଙ୍କ ଭିଡ଼ ଲାଗିଥିଲା। ଜଳାଭିଷେକ କରିବା ପାଇଁ ରାସ୍ତାରେ ଲମ୍ବା ଧାଡ଼ିରେ ଛିଡ଼ା ହୋଇଥିଲେ। ବିଶେଷ କରି ବାଲିବରେଇ-ବିଦ୍ୟାଧରପୁର ମୁକ୍ତେଶ୍ୱର ଶିବ ମନ୍ଦିର, ସଢ଼ା ବୈଦନାଥ ଶିବ ମନ୍ଦିର, ହାବଳେଶ୍ୱର ଶିବ ମନ୍ଦିର, ବାରିଗାଁ ଚମ୍ପେକେଶ୍ୱର ଶିବ ମନ୍ଦିର ଆଦି ମନ୍ଦିରରେ କାଉଡ଼ିଆ ଚଳାଭିଷେକ କରିଥିଲେ।

## ଅନୁମୋଦନ ଦେଢ଼ କୋଟି, ଦଳରେ ଭର୍ତ୍ତି କେନାଲ

■ନିଜେ ସଫାକରି ପାଣି ନେଲେ ଚାଷୀ
■ତୁରନ୍ତ କେନାଲ କଂକ୍ରିଟ୍ କରିବାକୁ ଦାବି

କେନ୍ଦୁଝର,୨୧ା୭(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନାଲ ମରାମତି ପାଇଁ ଦେଢ଼ କୋଟି ଅନୁମୋଦନ ହୋଇଛି। ମାତ୍ର କାର୍ଯ୍ୟ ଆରମ୍ଭ ହୋଇ ନ ଥିବାରୁ ପୂର୍ବ ଭଳି କେନାଲ ମାଟି, ଦଳରେ ପୋତି ହୋଇଯାଇଛି। ଫଳରେ ଚାଷୀମାନେ ହାତରେ କୋଦାଳ ଧରି ନିଜେ କେନାଲ ସଫା କରି ଚାଷ ଜମିରେ ପାଣି ପହଞ୍ଚାଇଛନ୍ତି। ଏଭଳି କେନ୍ଦୁଝର ସଦର ବ୍ଲକ୍ ଅନ୍ତର୍ଗତ ନୂଆଗାଁ ପଞ୍ଚାୟତ କେନ୍ଦୁପୋଶି ଓ ନରସିଂହପୁର ଗାଁ ନିକଟରେ କେନାଲରେ ଦେଖାଯାଇଛି।

ଅଭିଯୋଗ ମୁତାବକ, କେନ୍ଦୁପୋଶି ଓ ନରସିଂହପୁର ଗାଁ ସ୍ଥାନୀୟ ଜମିକୁ କଂକ୍ରିଟ କେନାଲ ନାହିଁ। ମାଟି କେନାଲ ଘାସ ଲଟାବୁଦା ମାଡ଼ିଯାଇ ପୋତି ହୋଇଯାଉଛି। ଏଣୁ ବରଦାପାଳ ବେତଝରୀ ନାଳରୁ କେନ୍ଦୁପୋଶି ଓ ନରସିଂହପୁର ଗାଁକୁ ପାଣି ମାଡ଼ିପାରୁନି। ଗତବର୍ଷ କେନାଲ ମରାମତି ପାଇଁ ଅଭିଯୋଗ ପରେ ଚଳିତ ବର୍ଷ ଦେଢ଼କୋଟି ଟଙ୍କା ଅର୍ଥ ଅନୁମୋଦନ ହୋଇଛି। ମାଟି ପରୀକ୍ଷଣ ଏବଂ ସାଟେଲାଇଟ ଡ୍ରୋନ୍ କ୍ୟାମେରାରେ ସର୍ଭେ ଆରମ୍ଭ ସରିଛି। ମାତ୍ର କାମ ଆରମ୍ଭ ହୋଇ ନ ଥିବାରୁ ଚଳିତ ବର୍ଷ ମଧ୍ୟ ଚାଷୀଙ୍କ ଜମିକୁ ପାଣି ମାଡ଼ି ପାରିନାହିଁ। ଏ ନେଇ ଗାଁର ପରେଶ ପାତ୍ର, ସୁରେଶ ମୁଣ୍ଡା, ଦିଲୀପ ମୁଣ୍ଡା, ଗୌତମ ପାତ୍ର, ବିକ୍ରମ ମୁଣ୍ଡା, ଜହାନ ମୁଣ୍ଡା, ଲକେଶ ମୁଣ୍ଡା, କଲୁ ମୁଣ୍ଡା, ଚନ୍ଦନ ମୁଣ୍ଡା, ରଥ ମାଝୀ ପ୍ରମୁଖ ଚାଷୀ ନିଜେ କେନାଲ ସଫା କରି ଜମିରେ ପାଣି ପହଞ୍ଚାଇ ଧାନ ଚାଷ ଜାରି ରଖିଛନ୍ତି। ତୁରନ୍ତ କଂକ୍ରିଟ କେନାଲ ନିର୍ମାଣ ହେଲେ ଚାଷୀକୂଳଙ୍କ ପାଣି ଚିନ୍ତା ଦୂର ହେବ ବୋଲି ୱାର୍ଡମେମ୍ବର ଦୁର୍ଯ୍ୟୋଧନ ପାତ୍ର ମତ ପ୍ରକାଶ କରିଛନ୍ତି।



ଚାଷୀମାନେ ନାଳ ସଫା କରୁଛନ୍ତି।

## ପାଟଣା ରେଞ୍ଜରେ ୨୯ ଟିକିଆ ହାତୀପଲ

ପାଟଣା,୨୧ା୭ (ବୀରକିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ରେଞ୍ଜକୁ ରବିବାର ରାତିରେ ୨୯ ଟିକିଆ ହାତୀପଲ ଧସେଇ ପଶିଛନ୍ତି। ହାତୀପଲ ଚମ୍ପୁଆ ରେଞ୍ଜରୁ ଆସି ତେନ୍ତଳାପଶି, ନାରଣପଶି, ତ୍ରିବିନ୍ଧା ଓ ତୁରୁମୁଙ୍ଗା ଅଞ୍ଚଳରେ ଅନେକ ଏକର ପରିମିତ ଧାନ ତଳି ଦଳି ନଷ୍ଟ କରିଦେଇଛନ୍ତି। ଡୁମୁରିଗୋଡ଼ାରେ ଥିବା ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକଙ୍କ ଫାର୍ମ ହାଉସର ଆଜବେଷ୍ଟେସ ଘରକୁ ହାତୀ ଭାଙ୍ଗି ଦେଇଛନ୍ତି। ହାତୀପଲ ସୋମବାର ତୁରୁମୁଙ୍ଗା ବୈତରଣୀ ନଦୀକୂଳରେ ଥିବା ତୁରୁମୁଙ୍ଗା ଗ୍ରାମର ମନୋରଞ୍ଜନ ସେଠୀଙ୍କ ଫାର୍ମ ହାଉସରେ ଡେରା ପକାଇ ଆମ୍ବ, ନଡ଼ିଆ, ସପୁରୀ ଓ କାଜୁ ଗଛକୁ ଭାଙ୍ଗି ନଷ୍ଟ କରିବା ସହ ବୈତରଣୀ ନଦୀରେ ଜଳକ୍ରୀଡ଼ା କରିଥିଲେ। ହାତୀପଲରେ ୧୨ଟି ମାଈ, ୧୧ ଟି ଦନ୍ତା ଓ ୬ ଟି ଛୁଆ ହାତୀ ଥିବା ବନ ବିଭାଗ ପକ୍ଷରୁ ସୂଚନା ମିଳିଛି। ବନ ବିଭାଗ ହାତୀପଲଙ୍କ ଗତିବିଧି ଉପରେ ନଜର ରଖିଛି।

## ଜିଲାପାଳ ପଦକ୍ଷେପ ନେବାକୁ ହାଇକୋର୍ଟଙ୍କ ଆଦେଶ

କେନ୍ଦୁଝର,୨୧ା୭(ନରେଶ ଚନ୍ଦ୍ର ପଟ୍ଟନାୟକ)

ଉଦ୍ୟାନ ଉପନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରେ ନିଯୁକ୍ତି ଜାଲିଆତି

କେନ୍ଦୁଝର ସହରରେ ଥିବା ଉଦ୍ୟାନ ଉପନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରେ ଅବସରପ୍ରାପ୍ତ କର୍ମଚାରୀଙ୍କ ନିଯୁକ୍ତି ପ୍ରକ୍ରିୟାରେ ବ୍ୟାପକ ଜାଲିଆତି ହୋଇଥିବା ଅଭିଯୋଗ ହୋଇଛି। ଏ ନେଇ ଜିଲାପାଳ ପଦକ୍ଷେପ ନେବାକୁ ହାଇକୋର୍ଟ ଆଦେଶ ଦେଇଛନ୍ତି। ଜିଲା ବିଚାର ବିଭାଗରେ କାମ କରି ଅବସର ନେଇଥିବା ବରିଷ୍ଠ ନାଗରିକ ମଞ୍ଚର କାର୍ଯ୍ୟକାରୀ ସଦସ୍ୟ ବିପ୍ରରଞ୍ଜନ ମିଶ୍ର ପ୍ରସଙ୍ଗକୁ ନେଇ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ।

ଅଭିଯୋଗ ମୁତାବକ, ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ନେଇ ପ୍ରଥମେ ସୂଚନା ଆଇନ ଅନୁସାରେ ନିଯୁକ୍ତି ପ୍ରକ୍ରିୟା ସମ୍ପର୍କରେ ଜାଣିବାକୁ ଚାହିଁଥିଲେ। କାର୍ଯ୍ୟାଳୟରେ ଜିଲା ଖଣିଜ ପ୍ରତିଷ୍ଠାନ ଅର୍ଥରେ ବିତ ଅଧିକାରୀ ଏବଂ ଡାଟାଏଣ୍ଟ୍ରି ଅପେରଟର ନିଯୁକ୍ତି କରାଯାଇଥିଲା। କିନ୍ତୁ ନିଯୁକ୍ତି ସମ୍ପର୍କରେ କୌଣସି ବିଜ୍ଞାପନ ବା ନୋଟିସ୍ ବାହାରି ନ ଥିଲା। ବିତ ଅଧିକାରୀଙ୍କ ପାଇଁ ମାସିକ ୨୦ ହଜାର ଟଙ୍କା ଦରମାରେ ବର୍ଷକ ପାଇଁ ଏହି ନିଯୁକ୍ତି ଉଦ୍ୟାନ ଉପନିର୍ଦ୍ଦେଶକଙ୍କ ଅଚାଡପ୍ଲାଣ୍ଟେସନ ଅର୍ଥାତ ଫୁଲ ଫଳ ବଗିଚାର ବିକାଶ ପାଇଁ ନିଯୁକ୍ତି ପ୍ରଦାନ କରାଯାଇଥିଲା। ଏହାକୁ ବର୍ଷକୁ ବର୍ଷ କାର୍ଯ୍ୟର ଅବଧିକୁ ବୃଦ୍ଧି କରାଯାଇଥିବାରୁ ସୂଚନା ଅଧିକାର ଆଇନ ବଳରେ ନିଯୁକ୍ତି ପ୍ରକ୍ରିୟାର ମାନଦଣ୍ଡ ଜାଣିବାକୁ ଚାହିଁଥିଲେ ମଧ୍ୟ ତାହା ନ ମିଳିବାରୁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆବେଦନକୁ ବିଚାରକୁ ନେଇ ହାଇକୋର୍ଟ ବିଚାରପତି ଆଦିତ୍ୟ କୁମାର ମହାପାତ୍ରଙ୍କ ଗତ ୧୦ ତାରିଖରେ ଶୁଣାଣି କରି ପ୍ରକ୍ରିୟାରେ କଣ ପଦକ୍ଷେପ ରହିଛି ଓ ସ୍ୱଚ୍ଛତା କାହିଁକି ରହୁନାହିଁ ବୋଲି ଉଲ୍ଲେଖ କରିଥିବା ସହ କେନ୍ଦୁଝର ଜିଲାପାଳ ଓ ଉଦ୍ୟାନ ଉପନିର୍ଦ୍ଦେଶକଙ୍କୁ ନିଯୁକ୍ତିରେ ସ୍ୱଚ୍ଛତା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

## ୫୧ ଅଭିଯୋଗ ଆଗତ

ଚମ୍ପୁଆ,୨୧ା୭(ମହେଶ୍ୱର ଦାସ): କେନ୍ଦୁଝର ଜିଲା ଚମ୍ପୁଆ ବ୍ଲକ୍ ସଭାଗୃହଠାରେ ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ୨୨ ପଞ୍ଚାୟତ ଓ ଏନ୍‌ଏସିରୁ ୫୧ ଟି ଅଭିଯୋଗ ଆଗତ ହୋଇଥିଲା। ୬ ଜଣ ଦିବ୍ୟାଙ୍ଗଙ୍କୁ ପ୍ରକଳ୍ପ ନିର୍ଦ୍ଦେଶକ ବ୍ୟାଟେରି ଚାଳିତ ଟ୍ରାଇ ସାଇକେଲ ବଣ୍ଟନ କରିଥିଲେ। ଜିଲାପାଳଙ୍କ ଅନୁପସ୍ଥିତିରେ, ଏସ୍‌ପି ନୀତିନ କୁଶଳକର, ଡିଏଫ୍‌ଓ ଡି. ହନୁମନ୍ତ ଧନ୍‌ରାଜ, ମୁଖ୍ୟ ଉନ୍ନୟନ ଅଧିକାରୀ କୁମାର ନାଗଭୂଷଣ, ଅତିରିକ୍ତ ଜିଲାପାଳ ମୁରଲୀଧର ମାହାଲିକ, ସିଡିଏମ୍‌ଓ ଡିଡି ମିଶ୍ର, ଉପଜିଲାପାଳ ଉମାକାନ୍ତ ପରିଡା, ଆଟିଡିଏ ପ୍ରକଳ୍ପ ଅଧିକାରୀ ରାମକୃଷ୍ଣ ଗଣ୍ଡ ପ୍ରମୁଖ ଉପସ୍ଥିତ ଥିଲେ।

## ସଡ଼କ ଦୁର୍ଘଟଣାରେ ୨ ବାଇକ୍ ଆରୋହୀ ମୃତ

ଯୋଡ଼ା,୨୧ା୭(ମାନସ ମହାନ୍ତି): କେନ୍ଦୁଝର ଜିଲା ବାମେବାରି ଥାନା ଅଧୀନ ହେସାବେଡ଼ା ଛକ ନିକଟରେ ଅଜଣା ଗାଡ଼ି ଧକ୍କାରେ ୨ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ଦ୍ୱୟ ହେଲେ ଜରି ବାହାଲ ଅଞ୍ଚଳରେ ରହି ଗ୍ୟାରେଜ ମିସ୍ତ୍ରୀ ଭାବେ କାର୍ଯ୍ୟ କରୁଥିବା ପଙ୍କଜ ସାହା(୩୧) ଓ ହେସାବେଡ଼ାରେ ରହି ଗ୍ୟାରେଜ ମିସ୍ତ୍ରୀଭାବେ କାର୍ଯ୍ୟ କରୁଥିବା ଛଟୁ ଯାଦବ(୩୪)। ସୂଚନା ଅନୁଯାୟୀ, ସୋମବାର ପୂର୍ବାହ୍ନ ପ୍ରାୟ ୧୧ଟା ୩୦ରେ ଦୁହେଁ ବାଇକ୍‌ରେ ବାମେବାରି ଅଭିମୁଖେ ଯାଉଥିଲେ। ହେଶବେଡ଼ା ଛକ ନିକଟରେ ଏକ ଅଜଣା ଗାଡ଼ି ଧକ୍କା ଦେଇଥିଲା। ଉଭୟ ଛିଟିକି ପଡ଼ି ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ଉଦ୍ଧାର କରି ଯୋଡ଼ା ଡାକ୍ତରଖାନାକୁ ପଠାଇଥିଲେ। ମାତ୍ର ଡାକ୍ତର ଦୁହିଁଙ୍କୁ ମୃତଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ କରି ତଦନ୍ତ କରୁଛି।

## ଜିଲା ଲେଖିକା ସଂସଦର ନିର୍ବାଚନ

କେନ୍ଦୁଝର,୨୧ା୭(ଦୀପକ ମିଶ୍ର)

କେନ୍ଦୁଝର ଜିଲା ଲେଖିକା ସଂସଦର ନିର୍ବାଚନ ମିଳନୀ ଭବନରେ ରବିବାର ଅପରାହ୍ନ ୪ଟାରେ ଅନୁଷ୍ଠିତ ହୋଇଯାଇଛି। ସର୍ବସମ୍ମତି କ୍ରମେ ମମତାରାଣୀ ଦାସ ସଭାପତି, ଇନ୍ଦୁମତୀ ପାତ୍ର ସମ୍ପାଦିକା, ଉପ ସଭାପତି ବିଜୟଲକ୍ଷ୍ମୀ ମହାନ୍ତି, ସହ ସମ୍ପାଦିକା ଶୋଭନା ଜେନା, ସାଂସ୍କୃତିକ ସମ୍ପାଦିକା ଲିପିକା ପଟ୍ଟନାୟକ, କୋଷାଧକ୍ଷ ଭାବେ ସନ୍ତୋଷିନୀ ଗିରି ମନୋନୀତ ହୋଇଛନ୍ତି। ଉପଦେଷ୍ଟା ଭାବରେ ରୂପଶ୍ରୀ ଗନ୍ତାୟତ, ବୀଣାପାଣି ଜେନା, ରିତାଞ୍ଜଳୀ ସାହୁ ମନୋନୀତ ହୋଇଥିବା ବେଳେ କାର୍ଯ୍ୟକାରିଣୀ ସଦସ୍ୟାଭାବେ ମନ୍ଦାକିନୀ କର, ଜ୍ୟୋତ୍ସ୍ନା ପାଢ଼ୀ, ଗୀତାଞ୍ଜଳି ପାତ୍ର, ଆର୍ଯ୍ୟବାଳା ମହାପାତ୍ର, ରତ୍ନ ମଞ୍ଜରୀ ରାଉତ, ବିଷ୍ଣୁପ୍ରିୟା ମିଶ୍ର, ଭାବିପ୍ରିୟା ସାହୁ, ପୁଷ୍ପାଞ୍ଜଳି ଆଚାର୍ଯ୍ୟ ଏବଂ କ୍ରିଷ୍ଣା ରାୟ ମନୋନୀତ ହୋଇଛନ୍ତି।

## ବଙ୍ଗାଳି ସମାଜର ଦୁର୍ଗାପୂଜା ପ୍ରସ୍ତୁତି

କେନ୍ଦୁଝର,୨୧ା୭(ନରେଶ ଚନ୍ଦ୍ର ପଟ୍ଟନାୟକ): କେନ୍ଦୁଝର ସହରର ଗୁଜୁରାଟି ସମାଜ ସଭାଗୃହରେ କେନ୍ଦୁଝର ବଙ୍ଗାଳି ସମାଜ ଦୁର୍ଗାପୂଜା କମିଟି ପକ୍ଷରୁ ଦୁର୍ଗାପୂଜା ଉପଲକ୍ଷେ ରବିବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବଙ୍ଗାଳୀ ସମାଜ ଦୁର୍ଗାପୂଜା କମିଟିର ସଭାପତି ରାଜେନ୍ଦ୍ର ସୂତ୍ରଧର, ଉପସଭାପତି ମଧୁସୂଦନ ମୋଦକ, ସାଧାରଣ ସମ୍ପାଦକ ଶକ୍ତି ରଞ୍ଜନ ଦେ ମଞ୍ଚାସିନ ଥିଲେ। ପୂଜାରେ ଶାନ୍ତିଶୃଙ୍ଖଳାରେ ମା'ଙ୍କ ଆଶୀର୍ବାଦ ଲାଭ ଉପରେ ବରିଷ୍ଠ ସଦସ୍ୟ ପରାମର୍ଶ ଦେଇଥିଲେ। ବୈଠକରେ କମିଟିର ସହସମ୍ପାଦକ ଶ୍ୟାମଲ ଗାଙ୍ଗୁଲି, ସଦସ୍ୟ ତାପସ ଲାୟକ, ଶକ୍ତି ପ୍ରସାଦ ଚାନ୍ଦ, କମଲେସ ଚାଟାର୍ଜି, ଖୁଶବୁ ଲାୟକ, ସୁମିତା କୁଣ୍ଡୁ, ସାଲୁ ଦେ, ଜୟଶ୍ରୀ ଦେ ପ୍ରମୁଖ ସହଯୋଗ କରିଥିଲେ।

## ସୁନ୍ଦରଗଡ଼ ବିଜୟୀ, ଢେଙ୍କାନାଳ-ସୁବର୍ଣ୍ଣପୁର ମ୍ୟାଚ୍ ଡ୍ର

ସାହାଣୀ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ

କେନ୍ଦୁଝର,୨୧ା୭(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)

କେନ୍ଦୁଝର ଷ୍ଟାଡ଼ିୟମ ପଡ଼ିଆଠାରେ ୬୪ତମ ସାହାଣୀ କପ୍ ସିନିୟର ଆନ୍ତଃ ଜିଲା ପୁରୁଷ ଫୁଟ୍‌ବଲ ଟୁର୍ନାମେଣ୍ଟର ଷଷ୍ଠ ଦିବସର ଖେଳ ସୋମବାର ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଖେଳରେ ସୁନ୍ଦରଗଡ଼ ୧-୦ ଗୋଲରେ ବାଲେଶ୍ୱରକୁ ହାରାଇଛି। ଦ୍ୱିତୀୟ ଖେଳ ଢେଙ୍କାନାଳ ଏବଂ ସୁବର୍ଣ୍ଣପୁର ମଧ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ ଗୋଲଶୂନ୍ୟ ଭାବେ ଅମୀମାଂସିତ ରହିଥିଲା।

ପ୍ରଥମ ଖେଳର ପ୍ରଥମାର୍ଦ୍ଧରେ ସୁନ୍ଦରଗଡ଼ର ଜର୍ସି ନମ୍ବର ୧୩ ପ୍ରଥମ ଗୋଲ କରିଥିଲେ। ବାଲେଶ୍ୱର ଜିଲାର ଖେଳାଳି ବୁଝାମଣା ରକ୍ଷା କରି କେତୋଟି ଗୋଲ ଦେବାର ସୁଯୋଗ ସୃଷ୍ଟି କରିଥିଲେ ହେଁ ତୃଟିପୂର୍ଣ୍ଣ ସୁଟିଂ ଯୋଗୁ ଶେଷ ସ୍ପର୍ଶ ଦେବାରେ ସଫଳ ହୋଇ ପାରି ନ ଥିଲେ। ସୁନ୍ଦରଗଡ଼ ଲିଗ୍ ପର୍ଯ୍ୟାୟରେ ସମୁଦାୟ ୩ ମ୍ୟାଚ୍‌ରୁ ୩ ବିଜୟ ସହ ୯ ପଏଣ୍ଟ ହାସଲ କରି 'ଏ' ଗ୍ରୁପ ଲିଗ୍ ଟେବୁଲରେ ଶୀର୍ଷରେ ରହି ଜୋନାଲ ଫାଇନାଲ ଖେଳିବାର ଯୋଗ୍ୟତା ହାସଲ କରିଛି। ପ୍ରଥମ ଖେଳରେ ଆଶୀର୍ବାଦ କାନୁନଗୋ ରେଫରୀ ଦାୟିତ୍ୱ ତୁଲାଇଥିବା ବେଳେ ଲାଇନ୍‌ରେ ଶୁଭମ ପାତ୍ର ଓ ଚକ୍ରଧର ଚାଟାର ସହାୟତା କରିଥିଲେ। ସୁବ୍ରତ ପୁରୋହିତ ଚତୁର୍ଥ ରେଫରୀ ଥିଲେ। ଦ୍ୱିତୀୟ ଖେଳରେ ଉତ୍କଳମଣି ବେହେରା ରେଫରୀ ଦାୟିତ୍ୱ ତୁଲାଇଥିବା ବେଳେ ଲାଇନ୍‌ରେ ରତ୍ନାକର ସୋରେନ ଓ ଜଗନ୍ନାଥ କହ୍ନର ସହାୟତା କରିଥିଲେ। ରାଇମୋହନ ମୁର୍ମୁ ଚତୁର୍ଥ ରେଫରୀ ଥିଲେ। ଅତିଥିଭାବେ ଆଇନଜୀବୀ ତଥା କେନ୍ଦୁଝର ଜିଲା କ୍ରୀଡ଼ା ସଂସ୍ଥା ସଦସ୍ୟ ଶିବ ନାରାୟଣ ମହାନ୍ତ, ବିଭୁତି ଭୂଷଣ ପ୍ରଧାନ, ସାମାଜିକକର୍ମୀ ଦିଲ୍ଲୀପ ପଣ୍ଡା ଯୋଗଦେଇଥିଲେ। ଜିଲା କ୍ରୀଡ଼ା ସଂସ୍ଥାର ସାଧାରଣ ସମ୍ପାଦକ ଡ. ଜନାର୍ଦ୍ଦନ ଦାଶ, ଯୁଗ୍ମ ସମ୍ପାଦକ ସଂଗ୍ରାମ ପଟ୍ଟନାୟକ, ରବୀନ୍ଦ୍ର ପାଢ଼ୀ, କୋଷାଧକ୍ଷ ସରୋଜ ରଣା ଯୋଗଦେଇଥିଲେ।



ଅତିଥିଙ୍କ ଗହଣରେ ସୁନ୍ଦରଗଡ଼ ଓ ବାଲେଶ୍ୱର ଖେଳାଳିମାନେ।

## ମିଳୁନି ଛାତ୍ରବୃତ୍ତି, ତେଜିଲା ଅସନ୍ତୋଷ

ଜିଲାପାଳଙ୍କୁ ଭେଟିଲେ ଛାତ୍ରୀଛାତ୍ର

ବାରିପଦା,୨୧ା୭ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଅଧୀନ ଗଡିଆ ଆଞ୍ଚଳିକ ଡିଗ୍ରୀ ମହାବିଦ୍ୟାଳୟରେ ଜନଜାତି ଛାତ୍ରୀଛାତ୍ରଙ୍କୁ ଛାତ୍ରବୃତ୍ତି ପ୍ରଦାନ କରାଯାଉ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ସୋମବାର କଲେଜର ଛାତ୍ରୀଛାତ୍ର ଜିଲାପାଳ ହେମକାନ୍ତ ସୟଙ୍କୁ ଭେଟି ଛାତ୍ରବୃତ୍ତି ମିଳିବା ପାଇଁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

ପ୍ରକାଶ ଯେ, ଏହି ମହାବିଦ୍ୟାଳୟରେ ପ୍ରାୟ ୨ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଜନଜାତି ସମ୍ପ୍ରଦାୟର ଅଛନ୍ତି। ଦୀର୍ଘ ୮ ମାସ ଧରି ଛାତ୍ରବୃତ୍ତି ମିଳି ନ ଥିବାରୁ ଗରିବ ଶ୍ରେଣୀର ଛାତ୍ରୀଛାତ୍ର ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରିକି କଲେଜର ଆଡ୍‌ମିଶନ ଓ ରି-ଆଡ୍‌ମିଶନ ଅର୍ଥ ଭରଣା କରିବା ପାଇଁ ପରିବାର ଲୋକେ ଅସମର୍ଥ ହୋଇପଡୁଛନ୍ତି। ଫଳରେ ଛାତ୍ରୀଛାତ୍ର ଅଧାରୁ ପାଠପଢ଼ା ଛାଡ଼ିବାକୁ ବାଧ ହେଉଛନ୍ତି। ଛାତ୍ରବୃତ୍ତି ନ ମିଳିବା ନେଇ ବାରମ୍ବାର ଅଭିଯୋଗ ପରେ ମଧ୍ୟ ବିଭାଗୀୟ କ୍ଷେତ୍ରରେ ଅବହେଳା ପ୍ରଦର୍ଶନ କରାଯାଉଛି ବୋଲି ଅଭିଯୋଗ ହୋଇଛି। ଏହାକୁ ନେଇ ଛାତ୍ର ତାରାସ ମାରାଣ୍ଡିଙ୍କ ନେତୃତ୍ୱରେ ଛାତ୍ରୀଛାତ୍ର ଜିଲାପାଳଙ୍କୁ ଭେଟି ସମସ୍ୟା ସମ୍ପର୍କରେ ଜଣାଇଛନ୍ତି। ୨୦୨୪-୨୫ ଶିକ୍ଷାବର୍ଷର ବୃତ୍ତି ପାଇଁ ମହାବିଦ୍ୟାଳୟରେ ଆବଶ୍ୟକ ପ୍ରମାଣପତ୍ର ପ୍ରଦାନ କରିବା ସହ ଏହାର ଯାଞ୍ଚ ଶେଷ କରାଯାଇଛି। ହେଲେ ବୃତ୍ତି ମିଳି ନ ଥିବା ଛାତ୍ର ଲକ୍ଷ୍ମଣ ମୁର୍ମୁ, ସନାତନ ଟୁଡୁ ଓ ଚିତ୍ତ ମାରାଣ୍ଡି ପ୍ରକାଶ କରିଥିଲେ। ବିଭାଗୀୟ ଅବହେଳା ପାଇଁ ନିରୀହ ଆଦିବାସୀ ବିଦ୍ୟାର୍ଥୀମାନେ ଅର୍ଥ ସଙ୍କଟରୁ କଲେଜ, ହଷ୍ଟେଲ ଫି' ଦେଇପାରୁ ନ ଥିବା ଏବଂ ପାଠପଢ଼ାରୁ ବଞ୍ଚିତ ହେଉଛନ୍ତି ବୋଲି ଛାତ୍ରୀ ମମତା ସୋରେନ, କାପୁରା ହାଁସଦା, ରୂପାମଣି ମାରାଣ୍ଡି ଓ ସୁବାଶିନୀ ମୁର୍ମୁ କହିଛନ୍ତି। ଏହାକୁ ନେଇ ଜିଲାପାଳ ସଙ୍ଗେ ସଙ୍ଗେ ଏହି ଛାତ୍ରବୃତ୍ତି ପ୍ରଦାନ କରିବା ପାଇଁ ବିଭାଗୀୟ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ୧୫ ଦିନ ମଧ୍ୟରେ ଛାତ୍ରବୃତ୍ତି ପ୍ରଦାନ କରା ନ ଗଲେ ଆନ୍ଦୋଳନ ଜୋରଦାର କରାଯିବ ବୋଲି ଗୀତା ମୁର୍ମୁ, ବାସି ବାସ୍କେ, ସୁଶାନ୍ତ ମାରାଣ୍ଡିଙ୍କ ସମେତ ଅଭିଯୋଗକାରୀମାନେ ଚେତାବନୀ ଦେଇଥିଲେ। ଆସନ୍ତା ୨/୩ ଦିନ ମଧ୍ୟରେ ସମସ୍ତ ଛାତ୍ରବୃତ୍ତି ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ପାଇବା ପରେ ସେମାନେ ଆଶ୍ୱସ୍ତି ପାଇଛନ୍ତି।



ଜିଲାପାଳଙ୍କୁ ଭେଟିବାକୁ ଆସିଥିବା ଛାତ୍ରୀଛାତ୍ର।

## ବିଦ୍ୟାଳୟରେ ଖାଦ୍ୟ, ସ୍ୱାସ୍ଥ୍ୟ ସମ୍ପର୍କିତ ପ୍ରଦର୍ଶନୀ

ବୈଶିଙ୍ଗା,୨୧ା୭(ରତନ ଦାଶ)

ମୟୂରଭଞ୍ଜ ଜିଲାର ବୈଶିଙ୍ଗା ଥାନା ଅର୍ନ୍ତଗତ ରାଇକମାସ୍ଥିତ ରଘୁନାଥ ଉଚ୍ଚ ବିଦ୍ୟାଳୟରେ ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ଅଧୀନ ରାଷ୍ଟ୍ରୀୟ ବିଜ୍ଞାନ ସଂଗ୍ରହାଳୟ ପରିଷଦ ଆନୁକୂଲ୍ୟରେ ଢେଙ୍କାନାଳ ବିଜ୍ଞାନ କେନ୍ଦ୍ର ତରଫରୁ ଖାଦ୍ୟ ଓ ସ୍ୱାସ୍ଥ୍ୟ ସମ୍ପର୍କିତ ଭ୍ରାମ୍ୟମାଣ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ତ୍ରିଦିବସୀୟ ଭ୍ରାମ୍ୟମାଣ ପ୍ରଦର୍ଶନୀକୁ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନ ଶିକ୍ଷକ ଅତୁଲ କୁମାର ମିଶ୍ର ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି। ପ୍ରଧାନଶିକ୍ଷକ ଅଜିତ କୁମାର ଜେନାଙ୍କ ସଞ୍ଚାଳନରେ ଭ୍ରାମ୍ୟମାଣ ପ୍ରଦର୍ଶନୀ ବସ ଓ କାର୍ଯ୍ୟକର୍ତ୍ତାଙ୍କୁ ବିଦ୍ୟାଳୟର ଛାତ୍ରୀଛାତ୍ର ଶଙ୍ଖ ଘଣ୍ଟା ଓ ଫୁଲଚନ୍ଦନ ଦେଇ ସ୍ୱାଗତ କରିଥିଲେ। ପ୍ରଥମ ଦିନ ରାଇକମା ଆଶ୍ରମ ବିଦ୍ୟାଳୟର ସମସ୍ତ ବିଦ୍ୟାର୍ଥୀ ପ୍ରଦର୍ଶନୀକୁ ପରିଦର୍ଶନ କରିଥିଲେ। ପରବର୍ତ୍ତୀ ୨ ଦିନ ରଘୁନାଥ ଉଚ୍ଚ ବିଦ୍ୟାଳୟ ଓ ଆଖପାଖ ବିଦ୍ୟାଳୟରୁ ବହୁ ସଂଖ୍ୟକ ଛାତ୍ରୀଛାତ୍ର ପରିଦର୍ଶନରେ ଆସି ଖାଦ୍ୟ ଓ ସ୍ୱାସ୍ଥ୍ୟ ସମ୍ପର୍କିତ ବହୁ ଉପାଦେୟ ତଥ୍ୟ ଆହରଣ କରିଥିଲେ। ଏହି ଅବସରରେ ବିଜ୍ଞାନ ଭିତ୍ତିକ କୁଇଜ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇଥିଲା। ରଘୁନାଥ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ରାଜକିଶୋର ଦାସ, ପ୍ରଫୁଲ୍ଲ ମିଶ୍ର, ନିରଞ୍ଜନ ବାରିକ, ବଂଶୀଧର ଗିରି, ହରେକୃଷ୍ଣ ମହାନ୍ତ, ତରଣୀକାନ୍ତ ମହାନ୍ତ, ଶୁଭାଶିଷ ପଣ୍ଡ, ଆଶ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରଜତ ଦାଶ ପ୍ରମୁଖ ସକ୍ରିୟ ଅଂଶଗ୍ରହଣ କରିଥିଲେ। ମୟୂରଭଞ୍ଜ ଜିଲାର ୪୮ ବିଦ୍ୟାଳୟରେ ପ୍ରଦର୍ଶିତ ହେବ ବୋଲି ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।




ଭ୍ରାମ୍ୟମାଣ ଗାଡ଼ି ପାଖରେ ଛାତ୍ରୀଛାତ୍ରମାନେ।

**ଗୁହାଳୁ ୧୧ଟି ଛେଳି ନେଇଗଲେ**

ମୋରଡ଼ା,(ସ୍ମାରକ ମାଜୀ): ମୟୂରଭଞ୍ଜ ଜିଲା ମୋରଡ଼ା ଥାନା ଅଞ୍ଚଳରୁ ବିଳମ୍ବିତ ରାତିରେ ଦୁର୍ବୃତ୍ତ ଜଣେ ବ୍ୟକ୍ତିଙ୍କ ଗୁହାଳୁ ୧୧ ଛେଳି ଚୋର ନେଇଯାଇଛନ୍ତି। ଅଭିଯୋଗ ପରେ ମୋରଡା ପୋଲିସ ଏକ ମାମଲା(ନଂ.୨୧୦/୨୫) ରୁଜୁ କରି ତଦନ୍ତ କରୁଛି। ମୋରଡା ଗ୍ରାମର ପୁରୁଷୋତ୍ତମ ଧଳଙ୍କ ୪୫ଟି ଛେଳି ରଖିଛନ୍ତି। ଗତ ୧୯ ତାରିଖ ଶନିବାର ରାତି ଦୁର୍ବୃତ୍ତ ୧୧ଟି ଛେଳି ନେଇଯାଇଥିଲେ। ରବିବାର ସକାଳେ ୧୧ ଛେଳି ନ ଥିବା ଦେଖିଥିଲେ। ଘର ପାଖରେ ଚାରି ଚକିଆ ଯାନର ଟାୟାର ଚିହ୍ନ ଦେଖି ଚୋରି ହୋଇଥିବା ଅଭିଯୋଗ କରିଥିଲେ। ଥାନା ଅଧିକାରୀ ସୁମିତ କୁମାର ସୋରେନ କହିଛନ୍ତି, ଘଟଣାର ତଦନ୍ତ ଚାଲିଛି, ଯଥାଶୀଘ୍ର ଦୁର୍ବୃତ୍ତଙ୍କୁ ଗିରଫ କରାଯିବ।

**ମୟୂରଭଞ୍ଜ**

**ସଂକ୍ଷେପରେ**

## ମାଆ–ଝିଅଙ୍କୁ ହତ୍ୟା ଉଦ୍ୟମ

ବାରିପଦା,୨୧।୭
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦା ଭଞ୍ଜପୁର ଥାନା ମୁର୍ଗାବାଡି ଅଞ୍ଚଳରେ ସୋମବାର ପୂର୍ବାହ୍ନ ୧୧ଟା ସମୟରେ ଦୁର୍ବୃତ୍ତ ଜଣକ ଘରେ ପଶି ମାଆ–ଝିଅଙ୍କୁ ହତ୍ୟା ଉଦ୍ୟମ କରିଛନ୍ତି। ସାହସ ଦେଖାଇ ମହିଳା ଜଣକ ଲଢ଼େଇ କରିବାରୁ ଦୁର୍ବୃତ୍ତ ସେଠାରୁ ଖସି ପଳାଇଥିଲେ। ଛୁରାମାଡ଼ରେ ମହିଳା ଜଣକ ଆହତ ହୋଇଛନ୍ତି। ତାଙ୍କ ହାତ ଓ ମୁଣ୍ଡରେ କ୍ଷତ ହୋଇଥିବା ବେଳେ ପରିବାରଲୋକେ ବାରିପଦା ପିଆରଏମ ମେଡିକାଲରେ ଭର୍ତ୍ତି କରିଛନ୍ତି। ମହିଳା ଜଣକ ହେଲେ ସମୀର ସାହୁଙ୍କ ସ୍ତ୍ରୀ ମମତା। ଏ ସଂକ୍ରାନ୍ତରେ ପୋଲିସ ଯାଞ୍ଚ କରୁଛି। ସୂଚନାଯୋଗ୍ୟ, ଦୁର୍ବୃତ୍ତ ଜଣକ ମୁହଁରେ ଗାମୁଛା ଘୋଡ଼ାଇ ଘରକୁ ପଶି ମହିଳାଙ୍କୁ ଛୁରି ଦେଖାଇ ଭୟଭିତ କରିଥିଲେ।ଏହାକୁ ଦେଖି ମହିଳା ପାଟି କରିବାରୁ ଦୁର୍ବୃତ୍ତ ମହିଳାଙ୍କ ଝିଅ ବେକରେ ଛୁରି ଲଗାଇ ହତ୍ୟା କରିବାକୁ ଉଦ୍ୟମ କରିଥିଲା। ନିରୁପାୟ ହୋଇ ମହିଳା ଜଣକ ଝିଅକୁ ଉଦ୍ଧାର କରିବାକୁ ଯାଇ ଛୁରିଟିକୁ ଛଡାଇବାକୁ ଚେଷ୍ଟା କରିଥିଲେ। ଛୁରି ତାଙ୍କ ହାତ ଓ ଆଙ୍ଗୁଳିରେ ବାଜି ଗଭୀର କ୍ଷତ ସୃଷ୍ଟି ହୋଇଛି। ପୋଲିସ ଖବରପାଇ ପହଞ୍ଚି ତଲାସୀ ଜାରି ରଖିଛି।

## ପୁଣି କନକଦୁର୍ଗା ମନ୍ଦିରରୁ ଚୋରି

ଗୋପବନ୍ଧୁ ନଗର,୨୧।୭
(ଶାନ୍ତନୁ କୁମାର ମଢ଼ୁଆଳ)

ମୟୂରଭଞ୍ଜ ଜିଲା ଗୋପବନ୍ଧୁ ନଗର ବ୍ଲକ ପୁରୁଣା ବାରିପଦା ବଜାର ସଂଲଗ୍ନ ରାସ୍ତାପାର୍ଶ୍ୱରେ ଥିବା କନକଦୁର୍ଗା ମନ୍ଦିରରୁ ପୁଣି ରବିବାର ରାତିରେ ଚୋରି ହୋଇଛି। ଦୁର୍ବୃତ୍ତମାନେ ତାଲା କାଟି ମା'ଙ୍କ ମୁକୁଟ, ସମେତ ସ୍ୱର୍ଣ୍ଣ ଅଳଙ୍କାର ଚୋରି କରି ନେଇଛନ୍ତି। ସୂଚନା ଅନୁଯାୟୀ, ରାତିରେ ଠାକୁରଙ୍କ ନୀତିକାନ୍ତି ପରେ ପହଡ଼ ପଡ଼ିଥିଲା। ସୋମବାର ସକାଳେ ପୂଜକ ପହଞ୍ଚି ମନ୍ଦିର ତାଲା କଟା ଯାଇଥିବା ଦେଖିବା ପରେ କୁଆମରା ଫାଣ୍ଡିରେ ଜଣାଇଥିଲେ। ମନ୍ଦିର ଟ୍ରଷ୍ଟ ପକ୍ଷରୁ ଖୁଣ୍ଟା ଥାନାରେ ଲିଖିତ ଅଭିଯୋଗ ପରେ ପୋଲିସ ତଦନ୍ତ ଚଳାଇଛି। ପ୍ରକାଶଥାଉ କି, ଗତ ୧୧ ତାରିଖ ରାତିରେ ଦୁର୍ବୃତ୍ତମାନେ ଏହି ମନ୍ଦିରରୁ ଠାକୁରଙ୍କ ହୁଣ୍ଡି ଦାନବାକ୍ସ ଭାଙ୍ଗି ସେଥିରେ ଥିବା ସମସ୍ତ ଟଙ୍କା ଚୋରି କରି ନେଇଥିଲେ। ପୋଲିସ ପକ୍ଷରୁ ରାତ୍ରକାଳୀନ ପାଟ୍ରୋଲିଂକୁ କଡ଼ାକଡ଼ି କରାଯିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

# ପଦୋନ୍ନତିରେ ଅଣଦେଖାକୁ ନେଇ ଅସନ୍ତୋଷ

**କଲ୍ୟାଣ ଶିକ୍ଷକ ସଂଘର ଜରୁରୀ ବୈଠକ**

ବାରିପଦା,୨୧।୭(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ନିଖିଳ ଉତ୍କଳ କଲ୍ୟାଣ ଶିକ୍ଷକ ଓ ଶିକ୍ଷା ନିରୀକ୍ଷକ ସଂଘ ମୟୂରଭଞ୍ଜ ଶାଖା କାର୍ଯ୍ୟ ନିର୍ବାହୀ ସମିତିର ଏକ ଜରୁରୀ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ଚିତ୍ତରଞ୍ଜନ ପ୍ରତିହାରୀ ବୈଠକରେ ଅଧକ୍ଷତା କରି ଦୀର୍ଘ ଦିନର ଦାବି ସମ୍ପର୍କରେ ଆଲୋଚନା କରିଥିଲେ। ଉଚ୍ଚ ଶିକ୍ଷିତ ବିଏଡ୍ ଶିକ୍ଷୟିତ୍ରୀ ଓ ଶିକ୍ଷକମାନଙ୍କୁ ପଦୋନ୍ନତି ଦେବାର ନିୟମ ରହିଥିବା ବେଳେ ପଦୋନ୍ନତି କମିଟିର ବୈଠକ ହୋଇପାରୁ ନାହିଁ। ସେହିପରି ବିଏଡ୍ ତାଲିମପ୍ରାପ୍ତ ନ ଥିବା ମାଟ୍ରିକ ସିଟି କନିଷ୍ଠ ଶିକ୍ଷକମାନଙ୍କୁ ପ୍ରଧାନ ଶିକ୍ଷକ ପଦବୀରେ ନିଯୁକ୍ତି କରାଯାଉଥିବାରୁ ବରିଷ୍ଠ ଶିକ୍ଷକମାନଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି। ଯାହାକୁ ନେଇ ସଂଘ ପକ୍ଷରୁ ବାରମ୍ବାର ଜିଲାପାଳ ତଥା ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଯିବା ପରେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ।

ସୂଚନାଯୋଗ୍ୟ, କଳା ଓ ବିଜ୍ଞାନର ଟିଜିଟି(ବିଏଡ୍) ଯୋଗ୍ୟତା ଶିକ୍ଷକମାନଙ୍କୁ ପଦୋନ୍ନତି ଦେଇ ଆଶ୍ରମ ବିଦ୍ୟାଳୟରେ ଖାଲିଥିବା ପ୍ରଧାନ ଶିକ୍ଷକ ପଦବୀଗୁଡ଼ିକ ପୂରଣ କରିବାର ପ୍ରାବଧାନ ରହିଛି। ମାତ୍ର ଯେଉଁ ଶିକ୍ଷକମାନଙ୍କର ବିଏଡ୍ ଶିକ୍ଷାଗତ ଯୋଗ୍ୟତା ନାହିଁ ସେମାନଙ୍କର ସ୍ୱତନ୍ତ୍ର ଗ୍ରେଡେଶନ ତାଲିକା ପ୍ରକାଶ କରାଯାଇ ବରିଷ୍ଠତା ଆଧାରରେ ଟିଜିଟି ପ୍ରଧାନ ଶିକ୍ଷକ ପଦବୀ ସୃଷ୍ଟି ହୋଇ ନ ଥିବା ଆଶ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପଦବୀରେ ନିଯୁକ୍ତି ପ୍ରଦାନ କରିବାକୁ ସଂଘ ପକ୍ଷରୁ ବାରମ୍ବାର ଦାବି ହୋଇଆସୁଛି। ମାତ୍ର ଦୀର୍ଘ ବର୍ଷ ଧରି ପଦୋନ୍ନତି ନ ଦେବାରୁ ଅନ୍ୟ ଜିଲାର ଶିକ୍ଷୟିତ୍ରୀ ଶିକ୍ଷକ ପଦୋନ୍ନତି ପାଇ ବରିଷ୍ଠତା ଭିତ୍ତିରେ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହେବା ପାଇଁ ଦାବିଦାର ହେଉଛନ୍ତି। ଫଳରେ ମୟୂରଭଞ୍ଜର ଶିକ୍ଷୟିତ୍ରୀ ଶିକ୍ଷକମାନେ ନିଜର ନ୍ୟାର୍ଯ୍ୟ ଅଧିକାରରୁ ବଞ୍ଚିତ ହୋଇ ଅବସର ଗ୍ରହଣ କରୁଛନ୍ତି। ସେହିପରି ଅଳ୍ପ ଦିନ ପୂର୍ବେ ହୋଇଥିବା ଶିକ୍ଷକ ବଦଳି ପ୍ରକ୍ରିୟାରେ ନାନା ଅସଙ୍ଗତି ରହିଥିବାରୁ ଉପସ୍ଥିତ ସଦସ୍ୟମାନେ ଏହାର ସଂଶୋଧନ କରିବାକୁ ଦାବି କରିଥିଲେ। ସାମ୍ପ୍ରତିକ ବଜାର ଦରର ଅହେତୁକ ବୃଦ୍ଧି ଯୋଗୁ ହଷ୍ଟେଲ ପରିଚାଳନାରେ ଭାରକ୍ରାନ୍ତ ହୋଇ ବିଭାଗୀୟ ଶିକ୍ଷକମାନେ ମାନସିକ ଚାପରେ ଦିନ କାଟୁଛନ୍ତି। ଏହାର ବିକଳ୍ପ ବ୍ୟବସ୍ଥା ଗ୍ରହଣ କରିବାକୁ ସିଦ୍ଧାନ୍ତ ଗ୍ରହଣ କରାଯାଇଛି।

ପ୍ରକାଶ ଥାଉକି, ୨୦୨୫ ମେ ୧ରେ ଶିକ୍ଷକ ସଂଘର ଏକ ପ୍ରତିନିଧି ମଣ୍ଡଳୀ ଜିଲାପାଳଙ୍କୁ ଭେଟି ୧୪ ଦଫା ଦାବି ସମ୍ବଳିତ ଦାବିପତ୍ର ପ୍ରଦାନ କରିଥିଲେ। ମାତ୍ର ଅଦ୍ୟାବଧି ଏନେଇ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବାରୁ ପୁନର୍ବାର ଏଗୁଡିକର କାର୍ଯ୍ୟକାରିତା ଦିଗରେ ଜିଲାପାଳଙ୍କ ସହ ଆଲୋଚନା କରିବାକୁ ବୈଠକରେ ସହମତି ପ୍ରକାଶ ପାଇଥିଲା। ସକାରାତ୍ମକ ଆଲୋଚନା ନ ହେଲେ ଆଗାମୀ ଦିନରେ ସଂଘ ପକ୍ଷରୁ ବିକଳ୍ପ ବ୍ୟବସ୍ଥା ଗ୍ରହଣ କରାଯିବ ବୋଲି ସର୍ବସମ୍ମତି କ୍ରମେ ଗୃହିତ ହୋଇଥିଲା। ଏହି ବୈଠକରେ ସାଧାରଣ ସମ୍ପାଦକ ଧ୍ରୁବ ଚରଣ ମୁର୍ମୁ, ଉପଦେଷ୍ଟା ଦେବେନ୍ଦ୍ର ପଣ୍ଡା, ଦୀପକ କୁମାର ଦଣ୍ଡପାଟ, ବିଶ୍ୱନାଥ ସାହୁ, ରାଜ୍ୟ ପ୍ରତିନିଧି ବସନ୍ତ କୁମାର ବେହେରା, ଜୟନ୍ତ ପାଣିଗ୍ରାହୀ, ତେଜସ୍ୱିନୀ ନାୟକ, ପ୍ରଦୀପ କୁମାର ଭୂୟାଁ, ବିଜୟ ନାଏକ, ଗୁରୁ ପ୍ରସାଦ ମହାକୁଡ଼ ଓ ରୋହିନ କୁମାର ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।



ବୈଠକରେ ଉପସ୍ଥିତ ସଂଘର କାର୍ଯ୍ୟକର୍ତ୍ତାମାନେ।

# ଆଇନଜୀବୀଙ୍କ ପକ୍ଷରୁ ରାଷ୍ଟ୍ରପତିଙ୍କୁ ଦାବିପତ୍ର

**ବିଶ୍ୱବିଦ୍ୟାଳୟ ସମସ୍ୟା ସମାଧାନ କରିବାକୁ ଦାବି**

ବାରିପଦା,୨୧।୭
(ନୀଳାଦ୍ରି ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାରିପଦା ତକତପୁରସ୍ଥିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ ଦେଓ ବିଶ୍ୱବିଦ୍ୟାଳୟର ବିଭିନ୍ନ ସମସ୍ୟାକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଛି। ୨ବର୍ଷ ଧରି ଡିଗ୍ରୀ ସାର୍ଟିଫିକେଟରୁ ଛାତ୍ରୀଛାତ୍ର ବଞ୍ଚିତ ହେବା ଓ ବିଶ୍ୱ ବିଦ୍ୟାଳୟର ନିଜସ୍ୱ ପାଣ୍ଠିର ଦୁରୁପଯୋଗକୁ ନେଇ ରାଷ୍ଟ୍ରପତିଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏ ନେଇ ପୂର୍ବତନ ସିନେଟ୍ ଓ ସିଣ୍ଡିକେଟ ସଦସ୍ୟ ଜ୍ୟୋତି ପ୍ରକାଶ ରଥଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଅତିରିକ୍ତ ଜିଲାପାଳଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରିଛନ୍ତି।

ସୂଚନାଯୋଗ୍ୟ, ୨୦୨୨ଠାରୁ ୨୦୨୪ ପର୍ଯ୍ୟନ୍ତ ବିଶ୍ୱବିଦ୍ୟାଳୟରୁ ସ୍ନାତକ ଓ ସ୍ନାତକୋତ୍ତର ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀଛାତ୍ର ଅଦ୍ୟାବଧି ଡିଗ୍ରୀ ସାର୍ଟିଫିକେଟ ପାଇ ପାରୁନାହାନ୍ତି। ଫଳରେ ଛାତ୍ରୀଛାତ୍ର ଉଚ୍ଚ ଶିକ୍ଷାରୁ ବଞ୍ଚିତ ହେବା ସହ ଚାକିରୀ କ୍ଷେତ୍ରରେ ସଫଳତା ମିଳୁନାହିଁ। ଏପରିକି ଆଇଆଇଟି ପରି ଅନୁଷ୍ଠାନରେ ଏମଟେକ୍ ପଢ଼ିବା ପାଇଁ କେତେକ ଛାତ୍ରୀଛାତ୍ର ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ ମଧ୍ୟ ବିଶ୍ୱବିଦ୍ୟାଳୟ ସେମାନଙ୍କୁ ଡିଗ୍ରୀ ସାର୍ଟିଫିକେଟ ପ୍ରଦାନ କରି ନ ଥିବାରୁ ଭବିଷ୍ୟତ ଅନ୍ଧାର ଦିଗରେ ଗତି କରୁଛି। ବିଶ୍ୱ ବିଦ୍ୟାଳୟ ନିଜସ୍ୱ ପାଣ୍ଠିକୁ ଅସାଧୁ ଉପାୟରେ ଖର୍ଚ୍ଚ ଜାରି ରଖାଯାଇଛି। ଶାରିରୀକ ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କ ପାଇଁ ପାଖାପାଖି ଅଢ଼େଇ କୋଟି ଟଙ୍କା ବ୍ୟୟରେ ୫ଟି ବିଲ୍ଡିଂରେ ଲୁହାର ର୍‍ୟାମ୍ପ ନିର୍ମାଣ କରାଯାଇଛି। ର୍‍ୟାମ୍ପଟି ବ୍ୟବହାର ଉପଯୋଗୀ ହୋଇପାରୁ ନ ଥିବାରୁ ଦିବ୍ୟାଙ୍ଗ ଛାତ୍ରୀଛାତ୍ର ଖସିପଡୁଥିବାର ନଜିର ରହିଛି। ମଜବୁତ ପିଚୁକୁ ଉଠାଇ ପେବର ବ୍ଲକ୍ ପକାଇବା ଭଳି କାର୍ଯ୍ୟ କରାଯାଇଛି। ଏପରିକି ରାଜ୍ୟ ସରକାରଙ୍କଠାରୁ କୌଣସି ଅନୁଦାନ ନ ପାଇ ଓ ସରକାରଙ୍କ ପ୍ରାକ ଅନୁମତିରେ ବିଶ୍ୱ ବିଦ୍ୟାଳୟର ଗଚ୍ଛିତ ପାଣ୍ଠିରୁ ଅର୍ଥ ବିନିଯୋଗ କରାଯାଇଛି। ଏହାର ଏକ ଉଚ୍ଚସ୍ତରୀୟ ତଦନ୍ତ ପୂର୍ବକ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ତାରାକାନ୍ତ ବେହେରା, ପ୍ରୀତିରଞ୍ଜନ ନାୟକ ଓ ଜ୍ୟୋତି ପ୍ରକାଶ ଦାସ ଦାବି କରିଛନ୍ତି। ସେହିପରି ଓଡ଼ିଶା ବିଶ୍ୱ ବିଦ୍ୟାଳୟ ସଂଶୋଧନ ଅଧ୍ୟାଦେଶ ଆଣି କ୍ୟାବିନେଟର ମୋହର ପରେ ଏବେ ଏହା ରାଜ୍ୟପାଳଙ୍କ ସ୍ୱୀକୃତି ଅପେକ୍ଷାରେ ରହିଛି। ସଂଶୋଧିତ ଧାରା ୬(୧୦) ଅନୁଯାୟୀ କୁଳାଧିପତିଙ୍କ କ୍ଷମତା ପରିସର ବୃଦ୍ଧି ଘଟିଛି। ନିୟମିତ କୁଳପତି ନିଯୁକ୍ତି ନହେବା ପର୍ଯ୍ୟନ୍ତ କୁଳାଧିପତି ଏହି ପଦବୀରେ ଯେ କୌଣସି ବରିଷ୍ଠ ପ୍ରଫେସରଙ୍କୁ କୁଳପତି ଭାବେ ଚୟନ କରିପାରିବେ ବୋଲି କ୍ୟାବିନେଟରେ ମଞ୍ଜୁରୀ ପାଇଛି। ମାତ୍ର ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱ ବିଦ୍ୟାଳୟରେ ଅଦ୍ୟାବଧି ସ୍ଥାୟୀ କୁଳପତି ନିଯୁକ୍ତି ନହେବା ଅତ୍ୟନ୍ତ ବିଡମ୍ବନାର ବିଷୟ। ଉପରୋକ୍ତ ସମସ୍ୟାଗୁଡ଼ିକ ସମାଧାନ ଦିଗରେ କୃପା ଦୃଷ୍ଟି ଦିଆଗଲେ ଛାତ୍ରୀଛାତ୍ର ବେଶ ଉପକୃତ ହୋଇପାରିବେ ବୋଲି ଆଇନଜୀବୀମାନେ ନିବେଦନ କରିଛନ୍ତି। ଉକ୍ତ ପ୍ରତିନିଧି ମଣ୍ଡଳରେ ଅନ୍ୟମାନଙ୍କ ମଧ୍ୟରେ ଆଇନଜୀବୀ ଜ୍ୟୋତି ପ୍ରକାଶ ଦାଶ, ସୋନଲ ମିଶ୍ର, ସ୍ୱରୂପ ମିଶ୍ର, ସୁନୀଲ କୁମାର ଜେନା, ସତ୍ୟ ନାରାୟଣ ବେହେରା, ସଂଗ୍ରାମ କେଶରୀ ପଣ୍ଡା, ରାଜଶେ ଜେନା ପ୍ରମୁଖ ଉପସ୍ଥିତ ଥିଲେ।


ଆଇନଜୀବମାନେ ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର ଦେଉଛନ୍ତି।

## ଲୋକଙ୍କ ଅଭିଯୋଗ ଶୁଣିଲେ ଅଧିକାରୀ

**ମୋରଡ଼ା,୨୧।୭(ସ୍ମାରକ ମାଜୀ):** ମୋରଡ଼ା ବ୍ଲକ ଅଧୀନ ମୋରଡ଼ା ପଞ୍ଚାୟତ କାର୍ଯ୍ୟାଳୟରେ ସୋମବାର ପୂର୍ବାହ୍ନ ୧୦ଟାରେ ଏକ ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ରବି ସିଂ ଏବଂ ପିଇଓ ଶ୍ୱେତପଦ୍ମା ପରିଡ଼ାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିରରେ ଏବିଡିଓ ସୁଶାନ୍ତ ରାଉଳଙ୍କ ସହ ବ୍ଲକର ବିଭିନ୍ନ ବିଭାଗ ଅଧିକାରୀ ଯୋଗ ଦେଇଥିଲେ। ପଞ୍ଚାୟତର ସମସ୍ତ ୱାର୍ଡରୁ ଆସିଥିବା ଜନସାଧାରଣଙ୍କ ଅଭିଯୋଗ ଅଧିକାରୀମାନେ ଶୁଣିବା ସହ ଏସବୁର ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ।

## ଶ୍ୱଶୁରଘର ଗାଁରେ ଜ୍ୱାଇଁଙ୍କ ମୃତ୍ୟୁ

ବୈଶିଙ୍ଗା,୨୧।୭(ରତନ ଦାଶ): ବୈଶିଙ୍ଗା ଥାନା ଅଧୀନ କୁରାଡିକ ଗ୍ରାମରେ ଶ୍ୱଶୁରଘରକୁ ବୁଲିବାକୁ ଆସିଥିବା ଜ୍ୱାଇଁଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବେତନଟୀ ଥାନା ଅଧୀନ ସଙ୍ଗଡିହି ଗ୍ରାମର ଦେବାଶିଷ ମହାନ୍ତ(୨୬)। ସେ ତିନିଦିନ ତଳେ ଶ୍ୱଶୁରଘରକୁ ଆସିଥିଲେ। ରବିବାର ସନ୍ଧ୍ୟାରେ ବିଲ ନିକଟରେ ତାଙ୍କ ମୃତଦେହ ପଡ଼ିଥିବା ଦେଖିବାକୁ ମିଳିଥିଲା। ପୋଲିସ ମୃତଦେହ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା (ନଂ.୩୨/୨୫) ରୁଜୁ କରିଛି। ଦେବାଶିଷଙ୍କ ବାତ ରୋଗ ଥିବା ପରିବାର ଲୋକଙ୍କ ସୂତ୍ରରୁ ପ୍ରକାଶ।

## ୨୨ ଲକ୍ଷ ଟଙ୍କାର କାଠ ଜବତ, ୩ ଗିରଫ

**କରତକଳରେ ଚଢ଼ାଉ**

ବରିପଦା,୨୧।୭(ନୀଳାଦ୍ରି ବିହାରୀ ଦଣ୍ଡପାଟ): ମୟୂରଭଞ୍ଜ ଜିଲା କପ୍ତିପଦା ଥାନା ରଙ୍ଗାମାଟିଆ ଗ୍ରାମର ଏକ ବେଆଇନ ମୋବାଇଲ କରତକଳରେ ରାଜ୍ୟ ଭିଜିଲାନ୍ସର ଫରେଷ୍ଟ ୱିଙ୍ଗ ଓ ବନବିଭାଗ ମିଳିତ ଚଢ଼ାଉ କରିଛି। ଚଢ଼ାଉରେ ୪ଶହ ସିଏଫ୍‌ଟି ଶାଳ, ଶାଗୁଆନ କାଠ ଓ କରତକଳ ସାମଗ୍ରୀ ଜବତ ହୋଇଛି। ଜବତ କାଠ ଓ କରତକଳ ସାମଗ୍ରୀର ଆନୁମାନିକ ମୂଲ୍ୟ ୨୨ଲକ୍ଷ ଟଙ୍କା ଆକଳନ କରାଯାଇଥିବା ନେଇ ଭିଜିଲାନ୍ସ ପକ୍ଷରୁ ଜଣାପଡ଼ିଛି। ଏହାସହିତ କରତକଳ ମାଲିକଙ୍କ ସମେତ ୩ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ କରତକଳର ମାଲିକ ଜ୍ଞାନ ରଞ୍ଜନ ଦାସ, ସହଯୋଗୀ ସମରେନ୍ଦ୍ର ଭୂୟାଁ ଓ ରାଜେନ୍ଦ୍ର କୁମାର ଭୂୟାଁ। ସୂଚନାଯୋଗ୍ୟ, ବେଆଇନ ଭାବେ ଗଚ୍ଛିତ ଥିବା ମୂଲ୍ୟବାନ କାଠ ସମ୍ପର୍କରେ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ଓଡ଼ିଶା ଭିଜିଲାନ୍ସର ଫରେଷ୍ଟ ୱିଙ୍ଗ ଜ୍ଞାନ ରଞ୍ଜନଙ୍କ ଘରେ ଚଢ଼ାଉ କରିଥିଲା। ବେଆଇନ ଭାବେ କରତକଳ ଚଳାଉଥିବାରୁ ଆଇନ ୧୯୯୧ର ଉଲ୍ଲଂଘନ କରିଥିବା ଜଣାପଡ଼ିବା ପରେ ଏକ ମାମଲା ରୁଜୁ କରାଯାଇଛି।

## ମା' ତାରିଣୀଙ୍କ ମୁକୁଟ, ସୁନାଗହଣା ଚୋରି

ଉଦଳା, ୨୧।୭ (ସନ୍ତୋଷ କୁମାର ବାଛିନି)

ମୟୂରଭଞ୍ଜ ଜିଲା ଉଦଳା ଥାନା ଅଧୀନ ଖଣ୍ଡିହୁଡ଼ି ତାରିଣୀ ମନ୍ଦିରରୁ ରବିବାର ବିଳମ୍ବିତ ରାତିରେ ଚୋରି ହୋଇଛି। ଦୁର୍ବୃତ୍ତମାନେ ପଶ୍ଚିମ ପାଖ ଫାଟକ ତାଲା ଭାଙ୍ଗି ମନ୍ଦିର ଭିତରକୁ ପଶି ମା' ତାରିଣୀଙ୍କ ସୁନା ଛାଉଣୀ ମୁକୁଟ, ନୋଥ, ଆଖି, ଟିଟା ସମେତ ବିଭିନ୍ନ ସୁନାଗହଣା ଚୋରି କରିନେଇଛନ୍ତି। ପ୍ରାୟ ୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସୁନାଗହଣା ଚୋରି ହୋଇଛି। ସୋମବାର ସକାଳେ ପୂଜକ ପୂଜା ପାଇଁ ମନ୍ଦିର ଭିତରେ ପ୍ରବେଶ କରିବା ପରେ ଚୋରି ହୋଇଥିବା ଜାଣିବାକୁ ପାଇ ମନ୍ଦିର କମିଟି ସଦସ୍ୟଙ୍କୁ ଅବଗତ କରାଇଥିଲେ। କମିଟି ସଭାପତି ଶ୍ରୀବତ୍ସ କଲିଆ ଓ ସମ୍ପାଦକ ବିଶ୍ୱନାଥ ବେହେରା ଉଦଳା ପୋଲିସକୁ ଜଣାଇଥିଲେ। ଦୁର୍ବୃତ୍ତମାନେ ଇନ୍‌ଭର୍ଟର ବ୍ୟାଟେରି ଚୋରି କରି ନେଇଛନ୍ତି। ଉଦଳା ପୋଲିସ ତଦନ୍ତ ତ୍ୱରାନ୍ୱିତ କରିଛି।

**ଦ.ପୂ. ରେଳପଥ – ଟେଣ୍ଡର**

ଟେଣ୍ଡର ବିଜ୍ଞପ୍ତି ନଂ.: ଏସଆରସି-ବି ଟଏଲେଟ୍-ଡା.-୧୮.୦୭.୨୫ । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ବରିଷ୍ଠ ସିଡିଓ, ସାନ୍ତ୍ରାଗାଛି, ଦ.ପୂ. ରେଳପଥ, ଖଡ଼ଗପୁର ମଣ୍ଡଳ ଦ୍ୱାରା ନିମ୍ନଲିଖିତ ବିବରଣୀ ଅନୁଯାୟୀ www.ireps.gov.in ୱେବ୍‌ସାଇଟ୍‌ରେ ଇ-ଟେଣ୍ଡରିଂ ମାଧ୍ୟମରେ ଖୋଲା ଟେଣ୍ଡର ଆହ୍ୱାନ କରାଯାଉଛି। ଯୋଗ୍ୟ ଟେଣ୍ଡରଦାତାମାନଙ୍କୁ ତାହା କେବଳ ଅନ୍‌ଲାଇନ୍ ଜରିଆରେ www.ireps.gov.in ୱେବ୍‌ସାଇଟ୍‌ରେ ନିମ୍ନଦର୍ଶିତ ବିବରଣୀ ଅନୁଯାୟୀ ଆବେଦନ କରିବା ଲାଗି ଅନୁରୋଧ କରାଯାଉଛି। କୌଣସି ଅଫ୍‌ଲାଇନ୍ ଟେଣ୍ଡର ଗ୍ରହଣ କରାଯିବ ନାହିଁ। ବିବରଣୀ ପାଇଁ ଦୟାକରି ଦସ୍ତାବିଜ ସେକ୍ସନରେ ଅପ୍‌ଲୋଡ୍ ହୋଇଥିବା ଟେଣ୍ଡର ଦସ୍ତାବିଜ ପଢ଼ନ୍ତୁ। **କାର୍ଯ୍ୟର ନାମ:** ତିନି ବର୍ଷ ଅବଧି ପାଇଁ କୋଚିଂ ଡିପୋ, ସାନ୍ତ୍ରାଗାଛି ଓ ପଦ୍ମପୁକୁରର କୋଚ୍‌ଗୁଡ଼ିକରେ ବାୟୋ ଟଏଲେଟ୍ (ଡିଆରଡିଇ ଟାଇପ)ର ବାର୍ଷିକ ରକ୍ଷଣାବେକ୍ଷଣ ଓ ପରିଚାଳନା ଠିକା (ଏଏମ୍‌ଓସି)। ଟେଣ୍ଡର ମୂଲ୍ୟ: ₹୨୨,୫୮,୨୨,୦୯୨.୦୬ । ଇଏମ୍‌ଡି: ₹୧୨,୭୯,୧୦୦/- । ଟେଣ୍ଡର ଦସ୍ତାବିଜ ମୂଲ୍ୟ: ₹୧୦,୦୦୦/- (ଅଣ-ଫେରସ୍ତଯୋଗ୍ୟ)। ଟେଣ୍ଡର ବନ୍ଦ ହେବା ତାରିଖ: ୧୪।୦୮।୨୦୨୫, ୧୨.୦୦ ଘଣ୍ଟିକାରେ। (PR-423)

GOVERNMENT OF ODISHA No. O-457
OFFICE OF THE SUPERINTENDING ENGINEER
RURAL WORKS DIVISION, DHENKANAL
E-Mail: eerwdivisiondhenkanal@yahoo.co.in
e-Procurement Notice No. 03/Building Works/2025-26

1. Name of the Work : Building Works
2. Total No. of Works : 01 (One) Nos.
3. Estimated Cost : Rs.89.65 lakh (approx.)
4. Class of Contractor : "B" Class
5. Period of Completion : 08 (Eight) Months
6. EMD Required : As mentioned in the Annexure at Column - 04
7. Online for Bidding : 23.07.2025 at 11.00 A.M. to 30.07.2025 upto 5.00 P.M.
8. Last date & time of seeking tender clarification : 29.07.2025 upto 4.00 P.M.
9. Date & time of openig of tender (Technical & Financial Bid) : 31.07.2025 Technical Bid at 11.00 A.M. and Financial Bid open on Dtd.02.08.25 at 11.00 A.M.

Other details can be seen from the website http://tendersorissa.gov.in.
Sd./- Superintending Engineer
R.W. Division, Dhenkanal
OIPR-25101/11/0022/2526

GOVERNMENT OF ODISHA
OFFICE OF THE SUPERINTENDING ENGINEER, KANUPUR REHABILITATION, CAMPS & BUILDING DIVISION
At/P.O.: Basudevpur, Dist.: Keonjhar, PIN - 758047
e-PROCUREMENT NOTICE
No. A-
Bid Identification No. SE, KRC & BD - 08/2025-26
Email: eekrcbdbasudevpur@gmail.com

| Sl. No. | Name of Work | Approx. Value of Work (Rs. in Lakh) | E.M.D./Bid Security in Rs. (To be remitted Online) | Cost of Bid Document in Rs. (To be remitted Online) | Period of Completion | Class of Contractor | Name & Address of the Division under which the work will be executed |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 01 | "Construction of Sanitary facilities to each house at Sankarpur Resettlement Colony for the DPs of Village Dhobakuchuda under KIP" | 55.30 | 55300.00 | 10,000/- | 08 (Eight) Calendar Months | "B" | Kanupur Reh. Camps & Building Division, At/P.O.: Basudevpur, Dist.: Keonjhar |

| Procurement Officer | Bid Identification No. | Availability of Tender online for Bidding | | Date & time of Opening of Tender (Technical Bid | Last date of seeking clarification | Place of Opening |
|---|---|---|---|---|---|---|
| | | From | To | | | |
| 1 | 2 | 3 | 4 | 5 | 6 | 7 |
| Superintending Engineer, Kanupur Reh. C & B Division, Basudevpur, Dist.: Keonjhar | SE, KRC & BD - 08/2025-26 | 24.07.25 From 10.00 hours | 07.08.2025 Upto 17.00 hours | 08.08.25 at 11.00 hours | 07.08.25 Upto 11.00 hours | O/o. the Superintending Engineering, Kanupur Reh. C & B Division, Basudevpur, Dist.: Keonjhar |

OIPR-46009/11/0003/2526
Sd./- Superintending Engineer, Kanupur Reh. C & B. Division, Basudevpur

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.ST-OT-AMC-EI-KYOSAN-480 ତା. : 14.07.2025ରିଖ

**କାର୍ଯ୍ୟର ନାମ :** 36 (ଛତିଶ) ମାସର ସମୟାବଧି ନିମନ୍ତେ ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ଼ ମଣ୍ଡଳର ମାର୍ଶାଘାଇ (MSGR), କଳାଘର (KLGA), ନୂଆଗାଁ (NUGN), ସିଜୁ (SIJU) ଷ୍ଟେସନ ଗୁଡ଼ିକରେ KYOSAN ଦ୍ୱାରା ନିର୍ମିତ ଇଲେକ୍ଟ୍ରୋନିକ ଇଣ୍ଟରଲକିଙ୍ଗ ସିଷ୍ଟମ ପାଇଁ ବ୍ୟାପକ ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତିର ବ୍ୟବସ୍ଥା।

**ଟେଣ୍ଡର ମୂଲ୍ୟ :** ₹ 1,65,77,870.76, EMD : ₹ 2,32,900/-, ବିଡ୍ ଆରମ୍ଭ ହେବା ତାରିଖ: 22.07.2025, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : ₹ 5,900/-

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.05.08.2025ରିଖ 1100 ଘଟିକା।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।
**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।
ବରିଷ୍ଠ ମଣ୍ଡଳ ସଙ୍କେତ ଏବଂ ଦୂରସଞ୍ଚାର ଯନ୍ତ୍ରୀ, ଖୋର୍ଦ୍ଧା ରୋଡ଼
PR-379/Q/25-26

**ପୂର୍ବ ତଟ ରେଳପଥ**

ଫାଇଲ ସଂ. DRM/Engg/KUR/25-26/E-Tender/44, ତା.17.07.2025ରିଖ

(1) ଟେଣ୍ଡର ସଂ. e-Tender-CENTKUR-126-2025, ତା.07.07.2025ରିଖ
**ବିବରଣୀ :** ଖୋର୍ଦ୍ଧା ରୋଡ୍ ମଣ୍ଡଳର ଅନୁଗୁଳ ଷ୍ଟେସନରେ ସିନିୟର ସେକ୍ସନ ଇଞ୍ଜିନିୟର (କାର୍ଯ୍ୟ)ଙ୍କ ନିମନ୍ତେ ଷ୍ଟୋର ସହିତ ନୂତନ କାର୍ଯ୍ୟାଳୟ ଭବନର ନିର୍ମାଣ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 141.20 ଲକ୍ଷ, EMD : ₹ 2,20,600/-

(2) ଟେଣ୍ଡର ସଂ. e-Tender-CENTKUR-128-2025, ତା.07.07.2025ରିଖ
**ବିବରଣୀ :** ଖୋର୍ଦ୍ଧା ରୋଡ୍ ମଣ୍ଡଳର ବାରଙ୍ଗ ଷ୍ଟେସନରେ ସିନିୟର ସେକ୍ସନ ଇଞ୍ଜିନିୟର (କାର୍ଯ୍ୟ)ଙ୍କ ନିମନ୍ତେ ଷ୍ଟୋର ସହିତ ନୂତନ କାର୍ଯ୍ୟାଳୟ ଭବନର ନିର୍ମାଣ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 150.76 ଲକ୍ଷ, EMD : ₹ 2,25,400/-

(3) ଟେଣ୍ଡର ସଂ. e-Tender-CENKUR-150-2025, ତା.08.07.2025ରିଖ
**ବିବରଣୀ :** ଖୋର୍ଦ୍ଧା ରୋଡ୍ ମଣ୍ଡଳର କଟକ-ତାଳଚେର ଲାଇନରେ ହିନ୍ଦୋଳ ରୋଡ୍-ମେରାମଣ୍ଡଳୀ ଷ୍ଟେସନ ମଧ୍ୟରେ କି.ମି. 473/29-31 ଠାରେ ବର୍ତ୍ତମାନର ଜଗୁଆଳିଥିବା ଲେଭେଲ୍ କ୍ରସିଙ୍ଗ ନଂ. CT-65 ପରିବର୍ତ୍ତେ ସ୍ୱଳ୍ପ ଉଚ୍ଚତା ବିଶିଷ୍ଟ ଉପମାର୍ଗ (LHS)ର ବ୍ୟବସ୍ଥା। (ଏୟାର ପୁସିଙ୍ଗ୍ ଟେକ୍‌ନିକ୍ ଦ୍ୱାରା)।
**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 477.19 ଲକ୍ଷ, EMD : ₹ 3,88,600/-

(4) ଟେଣ୍ଡର ସଂ. e-Tender-CENKUR-151-2025, ତା.08.07.2025ରିଖ
**ବିବରଣୀ :** ଖୋର୍ଦ୍ଧା ରୋଡ୍ ମଣ୍ଡଳର କଟକ-ତାଳଚେର ଲାଇନରେ ଢେଙ୍କାନାଳ-ସଦାସିବପୁର ଷ୍ଟେସନ ମଧ୍ୟରେ କି.ମି. 499/9-11 ଠାରେ ବର୍ତ୍ତମାନର ଜଗୁଆଳିଥିବା ଲେଭେଲ୍ କ୍ରସିଙ୍ଗ ନଂ. CT-42 ପରିବର୍ତ୍ତେ ସ୍ୱଳ୍ପ ଉଚ୍ଚତା ବିଶିଷ୍ଟ ଉପମାର୍ଗ (LHS)ର ବ୍ୟବସ୍ଥା। (ଏୟାର ପୁସିଙ୍ଗ୍ ଟେକ୍‌ନିକ୍ ଦ୍ୱାରା)।
**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 422.57 ଲକ୍ଷ, EMD : ₹ 3,61,300/-

ଶେଷ ହେବା ଅବଧି : 10 (ଦଶ) ମାସ (କ୍ରମ ସଂ. 1, 2 ଓ 4 ପାଇଁ) ଏବଂ 12 (ବାର) ମାସ (କ୍ରମ ସଂ. 3 ପାଇଁ)।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.30.07.2025ରିଖ 1500 ଘଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ)।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ(Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।
**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ବିଡ୍‌ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିଡ୍‌ରମାନେ ଇ-ଟେଣ୍ଡରିଙ୍ଗ୍‌ରେ ଅଂଶଗ୍ରହଣ କରିପାରିବେ।
ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ), ଖୋର୍ଦ୍ଧା ରୋଡ଼
PR-385/Q/25-26

No.gg
Government of Odisha
Department of Social Security & Empowerment of Persons with Disabilities

ଯୁକ୍ତ ଦୁଇ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଏବଂ ଉଚ୍ଚଶିକ୍ଷା ଅଧ୍ୟୟନରତ ଦୃଷ୍ଟିବାଧିତ ଛାତ୍ର/ଛାତ୍ରୀମାନଙ୍କୁ ପ୍ରୋତ୍ସାହନ ନିମନ୍ତେ ବିଭାଗ ତରଫରୁ ନିଃଶୁଳ୍କ ଲ୍ୟାପଟପ ଯୋଗାଇଦେବାର ବ୍ୟବସ୍ଥା କରାଯାଇଅଛି।
ଆଗ୍ରହୀ ଛାତ୍ର/ଛାତ୍ରୀମାନେ ନିମ୍ନଲିଖିତ ବିଭାଗୀୟ ୱେବ୍‌ସାଇଟ https://ssepd.odisha.gov.in/ରେ ଆବେଦନ କରିପାରିବେ।
Sd./-
Director, SS&EPD Department
OIPR-46001/11/0056/2526

JHARKHAND URBAN INFRASTRUCTURE DEVELOPMENT COMPANY LIMITED
(Govt. of Jharkhand Undertaking)
JUIDCO Bhawan, Kutchery Chowk, Ranchi-834001, Jharkhand.
Ph No.: +91-651-2225878; e-mail Id-; pdt.juidco@gmail.com
CIN: U45200JH2013SGC001752

NIT No: - JUIDCO/NIT/Rehla Bishrampur/UWSS/25/657 Date: 21/07/2025
Tender ID: -2025_UDD_102783_1 PR No.: 356332

Corrigendum- 1

All bidders are hereby announced that Corrigendum- 1 is released for tender having details as mentioned above for the project of **"Rehla & Bishrampur Urban Water Supply Scheme with 5 years of Operation and Maintenance"**. The bidders are advised to consider the same before submission of their bids against the tender.

Note: Corrigendum- 01 can be referred from the e-tender site of Govt. of Jharkhand i.e., (https://jharkhandtenders.gov.in)

Sd/-
Project Director (Technical)
JUIDCO Ltd., Ranchi
PR 357857 (Urban Development and Housing) 25-26 (D)

**ମଧ୍ୟସ୍ଥତା ଦ୍ୱାରା ବିଚାରାଧୀନ ମାମଲାର ଆଇନଗତ ସମାଧାନ ପାଇଁ ଏକ ଦେଶବ୍ୟାପୀ ଅଭିଯାନ – ଦେଶ ନିମନ୍ତେ "ମଧ୍ୟସ୍ଥତା"**

No. CAD-1114: "ମଧ୍ୟସ୍ଥତା" ହେଉଛି ମାମଲାର ପରିସମାପ୍ତି ନିମନ୍ତେ ଆଇନ ଅନୁମୋଦିତ ଏକ ବିକଳ୍ପ ପଦ୍ଧତି। ଉଭୟପକ୍ଷଙ୍କ ସହମତିରେ ବା ଅଦାଲତଙ୍କର ନିର୍ଦ୍ଦେଶରେ ମଧ୍ୟସ୍ଥତା ଦ୍ୱାରା ବିଚାରାଧୀନ ମାମଲାର ସମାଧାନ ହୋଇଥାଏ ଓ ମାମଲାର ଅନ୍ତ ଘଟିଥାଏ। ପକ୍ଷମାନଙ୍କୁ ଅଦାଲତରେ ମିଳୁଥିବା ନିଷ୍ପତ୍ତିଠାରୁ ସନ୍ତୋଷଜନକ ଫଳ ଏହି ବିକଳ୍ପ ପଦ୍ଧତି ମାଧ୍ୟମରେ ଶୀଘ୍ର ମିଳିଥାଏ। ଏହି ବିକଳ୍ପ ପଦ୍ଧତିରେ ପକ୍ଷମାନେ ବା ସେମାନଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧି ବା ଆଇନ ପରାମର୍ଶଦାତାମାନେ ସକ୍ରିୟ ଭାଗ ନେଇ ସେମାନଙ୍କର ପକ୍ଷ ରଖିପାରିବେ ଓ ମାମଲା ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିପାରିବେ। ମାମଲାର ଚୂଡ଼ାନ୍ତ ଫଳର ରୂପରେଖ ଉଭୟ ପକ୍ଷଙ୍କ ସହମତିରେ ନିର୍ଣ୍ଣୟ କରାଯାଇପାରିବ।
ଏହି ପଦ୍ଧତି ଦ୍ୱାରା ମାନ୍ୟବର ଉଚ୍ଚ ନ୍ୟାୟାଳୟ, ଜିଲ୍ଲା ଅଦାଲତ ଓ ତାଲୁକ ଅଦାଲତରେ ବିଚାରାଧୀନ ବିଭିନ୍ନ ପ୍ରକାରର ମାମଲା ଯଥା:

- ପାରିବାରିକ ବିବାଦ
- ମଟର ଦୁର୍ଘଟଣାଜନିତ କ୍ଷତିପୂରଣ
- ଘରୋଇ ହିଂସାଜନିତ ମାମଲା
- ଚେକ୍ ବାଉନ୍ସ ମାମଲା
- ଉଚ୍ଛେଦ ମାମଲା
- ନିଯୁକ୍ତି ସମ୍ପର୍କୀୟ ମାମଲା
- ବାଣିଜ୍ୟିକ ଅଦାଲତରେ ଥିବା ମାମଲା
- ରଫାଯୋଗ୍ୟ ଫୌଜଦାରି ମାମଲା
- ଖାଉଟି ଅଦାଲତରେ ଥିବା ବିବାଦ
- ଋଣ ଅସୁଲ ମାମଲା
- ସମ୍ପତ୍ତି ବଣ୍ଟନ ବିବାଦ
- ଭୂ-ଅଧିଗ୍ରହଣଜନିତ ମାମଲା

ଓ ଅନ୍ୟାନ୍ୟ ଯୋଗ୍ୟ ଦେୱାନୀ ମାମଲାଗୁଡ଼ିକର ପରିସମାପ୍ତି କରାଯାଇପାରିବ।
ମଧ୍ୟସ୍ଥତା ଦ୍ୱାରା ମାମଲାର ପରିସମାପ୍ତି ପାଇଁ ସମଗ୍ର ଦେଶରେ ନବେଦିନ ବ୍ୟାପୀ ଏକ ଅଭିଯାନ ଚାଲୁଅଛି। ଯାହାକି **ଦେଶ ନିମନ୍ତେ "ମଧ୍ୟସ୍ଥତା"** ନାମରେ ନାମିତ ହୋଇଛି। ଏହି ଅଭିଯାନ ଆସନ୍ତା ଅକ୍ଟୋବରର ପ୍ରଥମ ସପ୍ତାହ ପର୍ଯ୍ୟନ୍ତ ଚାଲୁରହିବ। ମାମଲାରେ ପକ୍ଷଭୁକ୍ତ ବ୍ୟକ୍ତି ବା ସଂସ୍ଥା ଏହାର ସୁଯୋଗ ନେଇ ନିଜ ମାମଲାର ପରିସମାପ୍ତି ପାଇଁ ସମ୍ପୃକ୍ତ ଅଦାଲତ କିମ୍ବା ନିକଟସ୍ଥ ଆଇନ ସେବା ସଂସ୍ଥା ସହ ଯୋଗାଯୋଗ କରନ୍ତୁ।
ଅଧିକ ବିବରଣୀ ପାଇଁ ଦେୟମୁକ୍ତ ନମ୍ବର – ୧୫୧୦୦ ଯୋଗାଯୋଗ କରନ୍ତୁ।

ସଦସ୍ୟ ସଚିବ
ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ, କଟକ
ଆଇନ ସେବା ଭବନ, ସେକ୍ଟର-୧, ସିଡିଏ, କଟକ
ଯୋଗାଯୋଗ: ୯୪୩୮୫୬୮୫୮୬
e-mail ID: oslsa1997@gmail.com
OIPR-18008/11/0019/2526

NOTICE INVITING BID
OFFICE OF THE COMMISSIONER,
BERHAMPUR MUNICIPAL CORPORATION
Address with Phone Nos:
Berhampur Municipal Corporation
Berhampur, Ganjam, PIN:760001, Phone No.0680-2250290
Website: http://www.berhampur.gov.in, e-Mail:cpmuberhampur@gmail.com
Bid Reference No.2 Date:22.07.2025

**No.E-248:** Bids are invited from eligible transporters to transport Khushi-Sanitary Napkins from the City Warehouses of Berhampur City to different Govt. Schools under the City as per the details in Annexure I and as per the particulars mentioned below:

| Sl.No. | Particulars | Date and Time | |
|---|---|---|---|
| 1. | Date & Time of release of bid | 22.07.2025 | |
| 2. | Date & Time of Pre-Bid Meeting | 05.08.2025, 11 AM | Venue: Conference Hall, Office of the Commissioner, BeMC |
| 3. | Last date & time for submission of bid | 13.08.2025, 17.00 Hours | Office of the Commissioner, BeMC |
| 4. | Date & Time of opening of Bid | 14.08.2025, 11.30 AM | Venue: Conference Hall, Office of the Commissioner, BeMC |

The Bid document with all information relating to the bidding process including cost of bid document, EMD, Eligibility criteria and terms & conditions are available in the website: http://www.berhampur.gov.in. The Authority reserves the right to cancel the tender or modify any part thereof without assigning any reason.
Sd./- Commissioner
Berhampur Municipal Coporation, Berhampur
OIPR-10212/11/0005/2526

TENDER NOTICE

Sealed quotations from eligible and experienced contractors/firms are invited for plantation of trees as per the specifications and terms mentioned below:-
2. Scope of Work:
   i. Collection and Transportation of sapling trees (1600 Nos.) from Forest Range Office, Khordha to INS Chilka.
   ii. Preparation of land for plantation of sapling trees including digging, filling with manure/vermicompost and watering.
   iii. Plantation of 1600 saplings at earmarked area of INS Chilka, P.O.: Chilka, Distt.: Khordha, Odisha - 752037.
3. Interested parties may submit their lowest rate @ per sapling tree as per scope of work including all taxes leviable (if any).
4. Important Dates:
   i. Last date for quotation submission: 28.07.2025
   ii. Address for submission: Defence Estates Office, Odisha Circle, 163, Prachi Enclave, Chandrasekharpur, Bhubaneswar - 751016.
5. For detail terms & condition & any further information or site visit, please contact Defence Estates Office, Odisha Circle, Plot No. 163, Prachi Enclave, Chandrasekharpur, Bhubaneswar - 751016, E-mail: deobhub-stats@nic.in.

**ସଂକ୍ଷେପରେ**

## ପୋଖରୀରେ ବୁଡ଼ି ଶିଶୁପୁତ୍ର ମୃତ

**ଗାନ୍ଧିଛକ,୨୧।୭(ଦିଲ୍ଲୀପ ପଣ୍ଡା)**

ସିଂଲା ଥାନା ଅଧୀନ ବିଶିକାଦେଇପୁର ଗ୍ରାମରେ ପୋଖରୀରେ ବୁଡ଼ି ଜଣେ ଶିଶୁପୁତ୍ରର ମୃତ୍ୟୁ ଘଟିଛି। ମୃତ ଶିଶୁପୁତ୍ର ଜଣକ ଭବେଶ ପଟ୍ଟାୟତଙ୍କ ଦେଢ଼ବର୍ଷର ପୁଅ ବୋଲି ଜଣାପଡ଼ିଛି। ସୂଚନା ଅନୁଯାୟୀ, ସୋମବାର ସକାଳ ୮ଟାରେ ପିଲାଟି ଖେଳୁଥିବା ବେଳେ ପାଖରୀରେ ପଡ଼ି ଯାଇଥିଲା। ମା' ଓ ପରିବାରର ଅନ୍ୟମାନେ ବହୁ ସମୟ ଧରି ବିଭିନ୍ନ ସ୍ଥାନରେ ଖୋଜାଖୋଜି କଲାପରେ ପୋଖରୀରେ ମୃତଦେହ ଭାସୁଥିବା ଦେଖିବାକୁ ପାଇଥିଲେ। ତାଙ୍କୁ ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଯାଇଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୨୦/୨୫) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି।

## ସୋରରେ ଜନଶୁଣାଣି ଶିବିର

**ସୋର,୨୧।୭(ଜନ୍ମେଜୟ ମିଶ୍ର)**

ସୋର ବ୍ଲକ ପରିସରରେ ବାଲେଶ୍ୱର ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସୂର୍ଯ୍ୟବଂଶୀ ମୟୁର ବିକାଶ, ଏସ୍‌ପି ରାଜ ପ୍ରସାଦ, ଉପ ଜିଲାପାଳ ମଧୁସ୍ମିତା ସାମନ୍ତରାୟ, ଅତିରିକ୍ତ ଜିଲାପାଳ ସୁଧାକର ନାୟକ, ଅତିରିକ୍ତ ଜିଲାପାଳ ହେମନ୍ତ ସିଂ ଉପସ୍ଥିତ ରହି ଏହି ଶିବିରରେ ଅଭିଯୋଗ ଗ୍ରହଣ କରିଥିଲେ। ରାସ୍ତା, ସ୍କୁଲ, ଭତ୍ତା ,ଜଳ ଯୋଗାଣ, ସରକାରୀ ଜମି ଜବର ଦଖଲ ଆଦି ମୋଟ ୧୪୧ଟି ଅଭିଯୋଗ ଆସିଥିଲା। ଏହି କାର୍ଯ୍ୟକ୍ରମକୁ ସୋର ବିଡିଓ ସତ୍ୟନାଥ ନାୟକ ପରିଚାଳନା କରିଥିଲେ।

## ଗୁରୁତ୍ୱହୀନ ପାଲଟିଲା ଚାଷୀଙ୍କ ଅଭିଯୋଗ

### ଗଗନଧୂଳି ସେବା ସମବାୟ ସମିତି

**ଖଇରା,୨୧।୭(ଉତ୍କଳବନ୍ଧୁ ପଣ୍ଡା)**– ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଗଗନଧୂଳି ସେବା ସମବାୟ ସମିତିରେ ଧାନକିଣାରେ ହୋଇଥିବା ଅନିୟମିତତା ଅଭିଯୋଗର ସମାଧାନ ନିମନ୍ତେ ସୋମବାର ଅପରାହ୍ନରେ ଏକ ବୈଠକ ସମିତି କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ଅତିରିକ୍ତ ଯୋଗାଣ ବିଭାଗ ଅଧିକାରୀ ହିମାଂଶୁ ସାହୁ, ଜିଲା ସହକାରୀ ନିବନ୍ଧକ ଏକାଦଶୀ ଦାସ, ଖଇରା ତହସିଲଦାର ଅମିତ ରଞ୍ଜନ ହୋତା, ଯୋଗାଣ ବିଭାଗ ଅଧିକାରିଣୀ ସୁବାସିନୀ ସାହୁ ପ୍ରମୁଖଙ୍କ ଉପସ୍ଥିତିରେ ୨୦–୨୧ରେ ଧାନ ଦେଇଥିବା ଚାଷୀମାନେ ଅର୍ଥ ପାଇ ନ ଥିବା ସମ୍ପର୍କରେ ଆଲୋଚନା କରାଯାଇଥିଲା। ସମସ୍ତ ଚାଷୀ ସିଧାସଳଖ ଧାନ ନ ଦେଇ ବ୍ୟବସାୟୀଙ୍କ ଜରିଆରେ ମିଲରେ ଧାନ ପକାଇଥିବା ଜଣା ପଡିଥିଲା । ଏହି ୨୧ଜଣ ଙ୍କ ମଧ୍ୟରୁ ୧୫ଜଣ ଧାନଦେଇ ଟଙ୍କା ପାଇସାରିଛନ୍ତି। ଅବଶିଷ୍ଟ ୬ଜଣ ନିୟମ ବର୍ହିଭୂତ ମିଲରେ ଧାନ ପକାଇଥିଲେ ହେଁ ମିଲସହିତ ଆଲୋଚନା କରି ବିଚାର କରିବାକୁ ସମିତି ସମ୍ପାଦକ ଗଗନ ବିହାରୀ ଜେନାଙ୍କୁ ଅଧିକାରୀମାନେ ପରାମର୍ଶ ଦେଇଥିଲେ। ଏ ସମ୍ପର୍କରେ ତହସିଲଦାରଙ୍କୁ ପଚାରିବାରେ ଚାଷୀମାନେ ଯେଉଁ ଅଭିଯୋଗ ନେଇ ଧାରଣାରେ ବସିଥିଲେ ସେଭଳି ଅଭିଯୋଗର ସତ୍ୟତା ନ ଥିବା ଜଣା ପଡିଥିଲା । ୨୧ଜଣଙ୍କ ମଧ୍ୟରୁ କେବଳ ୬ଜଣଙ୍କର ସମ୍ପୂର୍ଣ୍ଣ ତଥ୍ୟ ଯୋଗାଡକରି ୩୦ତାରିଖ ସୁଦ୍ଧା ବିଚାର କରିବାକୁ ସମିତିକୁ କୁହାଯାଇଥିବା କହିଛନ୍ତି। ଶୁକ୍ରବାର ୧୫ଜଣ ଚାଷୀ ଧାରଣାରେ ବସିବା ସହ ଆତ୍ମାହୁତି ଚେତାବନୀ ଦେଇଥିଲେ।

# ଲୋ–ଭୋଲ୍‌ଟେଜ ସମସ୍ୟା ଦୂରକଲା ଟିପିଏନ୍‌ଓଡିଏଲ୍

## ସ୍ଥାପନ ହେଲା ଉଚ୍ଚ କ୍ଷମତା ସମ୍ପନ୍ନ ଟ୍ରାନ୍ସଫର୍ମର

**ବାଲେଶ୍ୱର,୨୧।୭(ବାଞ୍ଛାନିଧି ଦେ)**

ପୂରଣ ହେଲା ସାଧାରଣ ଲୋକଙ୍କ ଦାବି। ଦୂର ହେଲା ଲୋ–ଭୋଲଟେଜ ସମସ୍ୟା। ଲୋକଙ୍କ ପାଇଁ ଲୋ–ଭୋଲ୍‌ଟେଜ ଏକ ଗୁରୁତର ସମସ୍ୟା ଭାବେ ଦୀର୍ଘ ଦିନ ହେଲା ରହି ଆସିଥିବାବେଳେ ଏହାର ସ୍ଥାୟୀ ସମାଧାନ କରିଛି ଟିପିଏନ୍‌ଓଡିଏଲ୍।

ଟିପିଏନ୍‌ଓଡିଏଲ୍ ପକ୍ଷରୁ ଲୋ–ଭୋଲେଟେଜ୍ ସମସ୍ୟା ଥିବା ବିଭିନ୍ନ ଅଞ୍ଚଳରେ ଉଚ୍ଚ କ୍ଷମତା ସମ୍ପର୍ଣ୍ଣ ଟ୍ରାନ୍ସଫର୍ମର ସ୍ଥାପନ କରାଯାଇଛି। କେନ୍ଦୁଝର ଜିଲା ଘଟଗାଁ ଅଞ୍ଚଳର ଥିବା ୧୦୦ କେଭି ବିଦ୍ୟୁତ ଟ୍ରାନ୍ସଫର୍ମରକୁ ୨୫୦ କେଭିରେ ପରିବର୍ତ୍ତନ କରାଯାଇଛି। ବିଦ୍ୟାଧରପୁର ଅଞ୍ଚଳର ୬୩ କେଭିଏ ବିଦ୍ୟୁତ ଟ୍ରାନ୍ସଫର୍ମରର କ୍ଷମତାକୁ ୧୦୦ କେଭିକୁ ବୃଦ୍ଧି କରାଯାଇଛି। ଅନୁରୂପ ଭାବେ ବାରିପଦା ଅନ୍ତର୍ଗତ ରଘୁନାଥପୁରରେ ୧୦୦ କେଭି ବିଦ୍ୟୁତ ଟ୍ରାନ୍ସଫର୍ମର କ୍ଷମତାକୁ ୨୫୦ କେଭିକୁ ବୃଦ୍ଧି କରାଯାଇଥିବାବେଳେ ଭଦ୍ରକ ସାଉଥ୍ ଡିଭିଜନ ଅନ୍ତର୍ଗତ ଆଖୁଆପଦାରେ ୧୦୦ କେଭି ବିଦ୍ୟୁତ୍ ଟ୍ରାନ୍ସଫର୍ମର କ୍ଷମତାକୁ ୨୫୦ କେଭିକୁ ବୃଦ୍ଧି କରାଯାଇଛି। ସେହିପରି ରାଇରାଙ୍ଗପୁର ଡିଭିଜନ ଅନ୍ତର୍ଗତ ଉପରବେଡ଼ା ଓ କଣ୍ଡାବଣିରେ ଦୁଇଟି ୨୫କେଭି ବିଦ୍ୟୁତ ଟ୍ରାନ୍ସଫର୍ମର କ୍ଷମତାକୁ ୧୦୦ କେଭିକୁ


ଉଚ୍ଚ କ୍ଷମତା ସମ୍ପନ୍ନ ଟ୍ରାନ୍ସଫର୍ମର।

ବୃଦ୍ଧି କରାଯିବା ସହ କେନ୍ଦୁଝର ଜିଲା ଯୋଡ଼ା ଅଞ୍ଚଳର ୧୦୦ କେଭି ବିଦ୍ୟୁତ ଟ୍ରାନ୍ସଫର୍ମରକୁ ପରିବର୍ତ୍ତନ କରି ୨୫୦ କେଭିକୁ ବୃଦ୍ଧି କରାଯାଇଛି। ଏଣିକି ଏହି ଟ୍ରାନ୍ସଫର୍ମରଗୁଡ଼ିକ ଅଧିକ କ୍ଷମତା ସମ୍ପନ୍ନ ହେବା ସହ ସ୍ଥାନୀୟ ଅଞ୍ଚଳବାସୀଙ୍କ ଲୋ–ଭୋଲେଟେଜ୍ ସମସ୍ୟା ଦୂର କରିବାରେ ସକ୍ଷମ ହେବ। ଏଥିସହ ସୁରକ୍ଷାକୁ ଦୃଷ୍ଟିରେ ରଖି ଟିପିଏନ୍‌ଓଡିଏଲ୍ ପକ୍ଷରୁ ପୂର୍ବରୁ ଥିବା ପୁରୁଣା ବାଡ଼କୁ ପରିବର୍ତ୍ତନ କରାଯାଇ ନୂତନ ପାଚେରୀ ନିର୍ମାଣ କରାଯାଇଛି। ବିଦ୍ୟୁତ୍ ଉପଭୋକ୍ତାଙ୍କୁ ଗୁଣାତ୍ମକ ସେବା ଯୋଗାଇବା ପାଇଁ ଟିପିଏନ୍‌ଓଡିଏଲ୍ ସର୍ବଦା ପ୍ରୟାସରତ ଥିବାବେଳେ ବିଗତ କିଛି ଦିନ ମଧ୍ୟରେ ଭିତ୍ତିଭୂମିଗୁଡ଼ିକରେ ଅନେକ ପରିବର୍ତ୍ତନ କରାଯାଇଛି। ଟିପିଏନ୍‌ଓଡିଏଲ ପକ୍ଷରୁ ବିଦ୍ୟୁତ୍ ସେବା ବିତରଣ ଜିଲାଗୁଡ଼ିକରେ ଉପଭୋକ୍ତାଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହି ପଦକ୍ଷେପ ଗ୍ରହଣ କରୁଛି।

# ଚନ୍ଦନେଶ୍ୱର ଓ ଭୂଷଣ୍ଡେଶ୍ୱରରେ ୫୦ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ


ଚନ୍ଦନେଶ୍ୱର ପୀଠକୁ ଜଳଲାଗି ପାଇଁ ଆସିଥିବା କାଉଡ଼ିଆମାନେ।

**ଭୋଗରାଇ,୨୧।୭(ପ୍ରଦୀପ ଦାସ)**

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ସୀମାନ୍ତ ହୁଗୁଲିଗ୍ରାମର ଜଳଯନ୍ତ୍ର ଦେବତା ଶ୍ରୀଶ୍ରୀ ଚନ୍ଦନେଶ୍ୱର ଓ ଏସିଆର ପ୍ରସିଦ୍ଧ ଶିବଲିଙ୍ଗ ଭାବେ ପୂଜିତ ଭୂଷଣ୍ଡେଶ୍ୱର ମହାଦେବଙ୍କ ପୀଠରେ ଶ୍ରାବଣ ଦ୍ୱିତୀୟ ସୋମବାରରେ ୫୦ ହଜାରରୁ ଊର୍ଦ୍ଧ୍ୱ କାଉଡ଼ିଆ ଜଳାଭିଷେକ କରିଥିଲେ। ବଙ୍ଗ, ବିହାର ଓ ଓଡ଼ିଶାର ବିଭିନ୍ନ ସ୍ଥାନରୁ କାଉଡ଼ିଆମାନେ ଜଳଭାର ନେଇ ଆସିଥିଲେ। ଭୋଗରାଇର ଶତାଧିକ ଶୈବ ମନ୍ଦିରରେ ପ୍ରାତଃ ୪ ଟାରୁ ଦ୍ୱାର ଖୋଲିଥିଲା। ପୂଜକମାନେ ମହାଦେବଙ୍କ ନୀତିକାନ୍ତି ସାରିବା ପରେ ଶ୍ରଦ୍ଧାଳୁମାନେ ଜଳାଭିଷେକ କରିଥିଲେ। କାଉଡ଼ିଆଙ୍କ ମଧ୍ୟରେ ୮୦ ଶତାଂଶ ମହିଳା ଥିବା ଦେଖିବାକୁ ମିଳିଥିଲା। ମହାଦେବଙ୍କୁ ପଇଡ଼, ବେଲପତ୍ର, କଦଳୀ, ପୁଷ୍ପ ଅର୍ପଣ କରିବା ସହ ଚନ୍ଦନ, ଧୂପ ଝୁଣାରେ ଶ୍ରଦ୍ଧାଳୁମାନେ ଆରାଧନା କରିଥିଲେ। ଆସନ୍ତା ୮ ତାରିଖ ଶ୍ରାବଣ ପୂର୍ଣ୍ଣିମାରେ ଚନ୍ଦନେଶ୍ୱର ଓ ଭୂଷଣ୍ଡେଶ୍ୱର ମନ୍ଦିରରେ ଲକ୍ଷାଧିକ କାଉଡ଼ିଆଙ୍କ ସମାଗମ ହେବାର ସମ୍ଭାବନା ଥିବାରୁ ଟ୍ରଷ୍ଟ ବୋର୍ଡ ଓ ଜିଲାପ୍ରଶାସନ ତତ୍ପର ହୋଇ ପଡ଼ିଥିବା ସୂଚନା ମିଳିଛି।

# ପଞ୍ଚଲିଙ୍ଗେଶ୍ୱରରେ କାଉଡ଼ିଆଙ୍କ ଭିଡ଼


ପଞ୍ଚଲିଙ୍ଗେଶ୍ୱରପୀଠରେ ଭିଡ଼ ଜମାଇଥିବା କାଉଡ଼ିଆମାନେ।

**ନୀଳଗିରି,୨୧।୭(ପ୍ରଶାନ୍ତ ବିଶ୍ୱାଳ)**

**ଶ୍ରାବଣ ଦ୍ୱିତୀୟ ସୋମବାର**

■ ପୀଠକୁ ସଂଯୋଗ କରୁଥିବା ରାସ୍ତାର ଅବସ୍ଥାକୁ ନେଇ ଅସନ୍ତୋଷ

ଶ୍ରାବଣ ମାସର ଦ୍ୱିତୀୟ ସୋମବାରରେ ହଜାର ହଜାର କାଉଡ଼ିଆଙ୍କ ବୋଲ ବମ୍ ହର୍ ହର୍ ବମ୍, ଭୋଲା ବାବା ପାର୍ କରେଗା ଧ୍ୱନିରେ ଉତ୍ତର ଓଡ଼ିଶାର ଅନ୍ୟତମ ପ୍ରସିଦ୍ଧ ଶୈବ ପୀଠ ବାବା ପଞ୍ଚଲିଙ୍ଗେଶ୍ୱର ପୀଠ ପ୍ରକମ୍ପିତ ହୋଇ ଉଠିଥିଲା।

ପାଞ୍ଚଟି ଶୈବପୀଠରେ ପୂଜା କଲେ ଯେଉଁ ପୂଣ୍ୟ ମିଳିଥାଏ ପଞ୍ଚଲିଙ୍ଗେଶ୍ୱରରେ ସମାନ ପୂଣ୍ୟ ମିଳିଥାଏ ବୋଲି କଥିତ ଥିବାରୁ ରାଜ୍ୟ ଏବଂ ରାଜ୍ୟ ବାହାରୁ ହଜାର ହଜାର କାଉଡ଼ିଆ ଉତ୍ସାହର ସହ ଆସିଥିବା ଦେଖିବାକୁ ମିଳିଥିଲା। ବିଭିନ୍ନ ନଦୀ ତଥା ବାଲେଶ୍ୱରସ୍ଥିତ ବାଲିଘାଟ, ନୀଳଗିରିର କାଠପାଳ, ମୟୂରଭଞ୍ଜ ଜିଲା କପ୍ତିପଦାର ସୋନ ଇତ୍ୟାଦି ନଦୀରୁ ଜଳ ଆଣି ୨୬୩ଟି ପାହାଚ ଚଢ଼ି ରବିବାର ରାତି ୧୨ଟା ପରେ ମହାଦେବଙ୍କୁ ଜଳାଭିଷେକ କରିଥିଲେ। ଦ୍ୱିତୀୟ ପାଳିରେ ଜନ ସମାଗମକୁ ଦୃଷ୍ଟିରେ ରଖି ପୋଲିସ ମୁତୟନ ସହ ପୀଠରେ ଶୌଚାଳୟ, ପିଇବା ପାଣି, ସ୍ୱଚ୍ଛତା, ବ୍ୟାରିକେଡ୍ ଓ ଭିତରେ ବାହାରେ ଉଜ୍ଜ୍ୱଳ ଆଲୋକ ଉପରେ ଅଧିକ ଗୁରୁତ୍ୱ ଦିଆଯାଇଥିଲା। ନୂଆକରି ଆସିଥିବା କେତେଜଣ କାଉଡ଼ିଆ ଏହି ପୀଠର ରମଣୀୟ ପ୍ରାକୃତିକ ପରିବେଶ ସହ ନୀର ଶଯ୍ୟାରେ ବିଜେ ମହାଦେବଙ୍କୁ ସ୍ପର୍ଶ କରି ବିଭୋର ହୋଇଥିଲେ। ଅନ୍ୟପକ୍ଷରେ କାଉଡିଆମାନେ ବଡ଼ କଷ୍ଟରେ ନୀଳଗିରି–ବଉଳଗଡିଆ ରାସ୍ତାରେ ପଞ୍ଚଲିଙ୍ଗେଶ୍ୱର ପୀଠକୁ ଭାର ଧରି ଚାଲି ଚାଲି ଯାଉଥିବା ଦେଖିବାକୁ ମିଳିଥିଲା। ପୀଠ ପାଦ ଦେଶକୁ ସଂଯୋଗ କରୁଥିବା ରାସ୍ତାର ଅବସ୍ଥା ଅତ୍ୟନ୍ତ ଖରାପ ହୋଇଥିବା ନେଇ କାଉଡ଼ିଆମାନେ ଅସନ୍ତୋଷ ପ୍ରକାଶ କରୁଥିବା ଦେଖିବାକୁ ମିଳିଥିଲା।

## ବନ୍ୟା ବିପନ୍ନ ଦିବ୍ୟାଙ୍ଗଙ୍କୁ ଶିକ୍ଷୟିତ୍ରୀଙ୍କ ସହାୟତା

**କାଳିପଦା,୨୧।୭ (ରାଜଶ୍ରୀ ପାଣିଗ୍ରାହୀ)**

ସୁବର୍ଣ୍ଣରେଖା ନଦୀରେ ୨୫ ଦିନ ମଧ୍ୟରେ ଲଗାତାର ୪ଥର ବନ୍ୟା ଆସି ବାଲିଆପାଳ ବ୍ଲକର ୧୦ଟି ପଞ୍ଚାୟତର ୫୦ରୁ ଊର୍ଦ୍ଧ୍ୱ ଗ୍ରାମର ଗ୍ରାମବାସୀଙ୍କ ଜନଜୀବନକୁ ଅସ୍ତବ୍ୟସ୍ତ କରିପକାଇଛି। ରବିବାର ଅପରାହ୍ନରେ ବାଲିଆପାଳ ବ୍ଲକ ଅନ୍ତର୍ଗତ ଅସ୍ତି ପଞ୍ଚାୟତର ବିଭିନ୍ନ ଗ୍ରାମର ୧୦ରୁ ଊର୍ଦ୍ଧ୍ୱ ବନ୍ୟା ପ୍ରଭାବିତ ଭିନ୍ନକ୍ଷମ ଏବଂ ଅସହାୟ ମହିଳାଙ୍କୁ ଡାଙ୍ଗରପଦା ସରକାରୀ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ମାମିଲତା ବେହେରା ୨୦ଦିନର ରେଶନ ସାମଗ୍ରୀ ପ୍ରଦାନ କରିଥିବା ଦେଖିବାକୁ ମିଳିଛି। ଶିକ୍ଷୟିତ୍ରୀ ବେହେରା କରୋନା ସମୟରେ ଟ୍ରଲି ରିକ୍ସା ଚାଳକମାନଙ୍କୁ ସହାୟତାର ହାତ ବଢ଼ାଇ ଚର୍ଚ୍ଚାକୁ ଆସିଥିଲେ।


ଶିକ୍ଷୟିତ୍ରୀ ସହାୟତା ପ୍ରଦାନ କରୁଛନ୍ତି।

# ପହଞ୍ଚିଲା ତଦନ୍ତକାରୀ ଟିମ୍


ତଦନ୍ତ ବେଳେ ଉପସ୍ଥିତ ଦେବସେନା କର୍ମକର୍ତ୍ତା।

**ବସ୍ତା,୨୧।୭(ହରିଶଙ୍କର ପାଢ଼ି)**

**ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଅବ୍ୟବସ୍ଥା**

ବସ୍ତାସ୍ଥିତ ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅବ୍ୟବସ୍ଥା ନେଇ ଦେବସେନା ଅଭିଯୋଗ କରିବାପରେ ସୋମବାର ତଦନ୍ତକାରୀ ଟିମ୍ ଡାକ୍ତରଖାନାରେ ପହଞ୍ଚିଥିଲେ। ସୂଚନା ଅନୁଯାୟୀ, ୨ ମାସ ହେଲା ଦେବସେନା ଜିଲା ସଂଗଠନ ପକ୍ଷରୁ ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବିଭିନ୍ନ ପ୍ରକାରର ଅବ୍ୟବସ୍ଥା ଲାଗି ରହିଥିବା ପ୍ରତିବାଦରେ ବାଲେଶ୍ୱର ଜିଲାପାଳଙ୍କଠାରୁ ଆରମ୍ଭ କରି ବିଭିନ୍ନ ମହଲରେ ତଦନ୍ତ ପାଇଁ ଦାବି କରାଯାଇଥିଲା। ଜିଲାପାଳ ଓ ଜିଲା ସ୍ୱାସ୍ଥ୍ୟ ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ତଦନ୍ତକାରୀ ଟିମ୍ ପହଞ୍ଚି ବିଭିନ୍ନ ବିଷୟରେ ଆଲୋଚନା କରିବା ସହ ସଙ୍ଗଠନର ଦାବିଗୁଡ଼ିକୁ ଅତ୍ୟନ୍ତ ଗୁରୁତର ସହ ନେଇଛନ୍ତି ଓ ୭ ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଖୁବ୍ ଶୀଘ୍ର ଦୁଇଟି ଦାବି ପୂରଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ପୁରୁଣା ଏସି ଲଗାଇ ନୂଆ ଏସିର ବିଲ୍ ହୋଇଥିବା କଥାକୁ ଗୁରୁତ୍ୱ ଦେଇ ତୁରନ୍ତ ସେହି ହଲ୍‌ରେ ଟିମ୍ ଚଢ଼ାଉ କରିଥିଲା। ଆଲୋଚନା ସମୟରେ ଦେବସେନା ଜିଲା ସଭାପତି ଶଙ୍କର କୁମାର ଜେନା, ଆଇଟି ସେଲ୍ ଅଧ୍ୟକ୍ଷ ବାବୁ ପାଣି, ବ୍ଲକ୍ ଅଧ୍ୟକ୍ଷ ଅନ୍ତର୍ଯ୍ୟାମୀ ରାଉଳ, ଉପଦେଷ୍ଟା କୁମୁଦ ରଞ୍ଜନ ଗିରି, ମହାସଚିବ ସୁଶାନ୍ତ କୁମାର ପାତ୍ର, ରମେଶ, ଚନ୍ଦ୍ର, ପପୁ, ସୁଦାମ ଭାଇ ସମେତ ବହୁ ଦେବ ସୈନିକ ଉପସ୍ଥିତ ଥିଲେ।

# କଲ୍ୟାଣୀ ସେବା ସମବାୟ ସମିତି ଆଗରେ ଧାରଣା

**ବାହାନଗା,୨୧।୭(ଅରୂପ କୁମାର ଦାସ)**

ବାହାନଗା ବ୍ଲକ କଲ୍ୟାଣୀ ସେବା ସମବାୟ ସମିତି ଆଗରେ ପରିଚାଳନା କମିଟିର ୬ଜଣ ସଦସ୍ୟ ସୋମବାର ପୂର୍ବାହ୍ନରୁ ଧାରଣା ଦେଇଛନ୍ତି। ସମିତିର କାର୍ଯ୍ୟକାରୀ ସମ୍ପାଦକଙ୍କ କାର୍ଯ୍ୟକାଳ ସରି ଯାଇଥିଲେ ମଧ୍ୟ ତାଙ୍କୁ ଅବସର ଦିଆଯାଇ ନ ଥିବା ଓ ସମିତିର ଡିଇଓ(ଡାଟା ଏଣ୍ଟ୍ରି ଅପେରେଟର) ଧୀରେନ୍ଦ୍ର ପାଲଙ୍କୁ କାର୍ଯ୍ୟରୁ ଅପସାରିତ କରିବା ଓ ସମିତିର ସଭାପତିଙ୍କ ମନମୁଖୀ କାର୍ଯ୍ୟକୁ ବିରୋଧ କରି ବୋର୍ଡ ମେମ୍ବରମାନେ ସମିତି କାର୍ଯ୍ୟାଳୟରେ ତାଲା ପକାଇ ଦେଇଥିଲେ। ଖବରପାଇ ଗୋପାଳପୁର ଥାନା ଭାରପ୍ରାପ୍ତ ଅଧିକାରୀ ଅଶୋକ ବାରିକ ସଦଳବଳେ ପହଞ୍ଚି ଧାରଣାରେ



ଧାରଣାରେ ବସିଥିବା ବୋର୍ଡ ମେମ୍ବରମାନେ।

ବସିଥିବା ସଦସ୍ୟମାନଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ ସେମାନେ କାର୍ଯ୍ୟାଳୟରୁ ତାଲା ଖୋଲି ନ ଥିଲେ। ସମିତିର ସଭାପତି ମହେଶ୍ୱତା ଦାସ ପହଞ୍ଚି ପୋଲିସ ସହିତ ଆଲୋଚନା କରିଥିଲେ। ବିନା ନୋଟିସରେ ସମିତି ତଥା ସରକାରୀ ଅଫିସରେ ତାଲା ପକାଇବା ଦଣ୍ଡନୀୟ ଅପରାଧ ବୋଲି ପୋଲିସ କହିବା ପରେ ଧାରଣାକାରୀମାନେ କାର୍ଯ୍ୟାଳୟରୁ ତାଲା ଫିଟାଇ ଦେଇ ଧାରଣାରେ ବସିଥିଲେ।

ଏହି ଧାରଣାରେ ନରେନ୍ଦ୍ର ପାଲ, ସୁଶାନ୍ତ କୁମାର ଯେନା, ମହେଶ୍ୱର ମହାଳିକ, ଲକ୍ଷ୍ମୀନାରାୟଣ ମହାଳିକ, ମହେନ୍ଦ୍ର ମହାଳିକ ପ୍ରମୁଖ ସଭ୍ୟମାନେ ସାମିଲ ହୋଇଥିଲେ। ଏବାବଦରେ ସଭାପତି ଦାସଙ୍କୁ ପଚାରିବାରୁ ଉକ୍ତ ଧାରଣା ବାବଦରେ ସେ କିଛି ଜାଣି ନାହାନ୍ତି। ବୋର୍ଡ ମେମ୍ବରମାନଙ୍କ ଅଭିଯୋଗ ଭିତ୍ତିହୀନ। ଯେ କୌଣସି ବୈଠକ ସମିତିରେ ହୋଇଥାଏ ମେମ୍ବରମାନଙ୍କ ନିଷ୍ପତ୍ତିରେ ହୋଇଥାଏ। ଧାରଣାରେ ବସିଥିବା ମେମ୍ବରମାନେ ବୈଠକକୁ ଆସନ୍ତି ନାହିଁ ବୋଲି ସେ କହିଛନ୍ତି। ତେବେ ଧାରଣାରେ ବସିଥିବା ଉପସଭାପତି ମୁରଲୀଧର ମହାଳିକ କୁହନ୍ତି ସଭାପତି ମନମୁଖୀ କାର୍ଯ୍ୟ କରନ୍ତି। ସମିତି ବୈଠକ ନ କରି ମନଇଚ୍ଛା ନିଷ୍ପତ୍ତି ନେଇ କାର୍ଯ୍ୟ କରନ୍ତି।

# ଡ. ମହତାବ ମହାବିଦ୍ୟାଳୟରେ ଆଭ୍ୟନ୍ତରୀଣ ସୁରକ୍ଷା ସଚେତନତା



ସଚେତନତା କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ତଥା ଆଭ୍ୟନ୍ତରୀଣ କମିଟି ସଦସ୍ୟାସଦସ୍ୟ।

**ଖଇରା,୨୧।୭(ଉତ୍କଳବନ୍ଧୁ ପଣ୍ଡା)**

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ କୁପାରୀସ୍ଥିତ ଡ. ହରେକୃଷ୍ଣ ମହତାବ ମହାବିଦ୍ୟାଳୟରେ ସୋମବାର ଛାତ୍ରୀ, ଶିକ୍ଷକ, ଅଣଶିକ୍ଷକଙ୍କ ଉପସ୍ଥିତିରେ ଆଭ୍ୟନ୍ତରୀଣ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅଧ୍ୟକ୍ଷ ଗଗନ ବିହାରୀ ରାଉତଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଅଧ୍ୟକ୍ଷ ରାଉତ ଛାତ୍ରୀମାନଙ୍କୁ ପରାମର୍ଶ ଦେବା ଅବସରରେ ସେମାନଙ୍କ ସୁରକ୍ଷା ସେମାନଙ୍କ ହାତରେ ବୋଲି କହିଥିଲେ। ଆଭ୍ୟନ୍ତରୀଣ ସୁରକ୍ଷା କମିଟିକୁ ମନୋନୀତ ହୋଇଥିବା ସଦସ୍ୟା ସଦସ୍ୟମାନଙ୍କର ନାମ ଘୋଷଣା କରାଯିବା ସହ ସେମାନଙ୍କର ମୋବାଇଲ ନମ୍ବର ପ୍ରଦାନ କରାଯାଇଥିଲା। କମିଟିର ଅଧ୍ୟକ୍ଷା ଭାବେ ପ୍ରାଧ୍ୟାପିକା ଫୁଲମଣି ଦେଇଙ୍କୁ ରଖାଯାଇଥିବା ବେଳେ ସଦସ୍ୟ ଭାବେ ଲଙ୍ଗରାଜ କର, ତପସ୍ୱିନୀ ବିଶ୍ୱାଳ, ପୂଜାରାଣୀ ବେହେରାଙ୍କୁ ରଖାଯାଇଥିବା ନେଇ ଅଧ୍ୟକ୍ଷ ଘୋଷଣା କରିଥିଲେ। ଏଥିସହ ସରକାରଙ୍କ ପ୍ରସ୍ତାବିତ ଶକ୍ତିଶ୍ରୀ କାର୍ଯ୍ୟକ୍ରମ ଆରମ୍ଭ ସମ୍ପର୍କରେ ଆଲୋଚନା କରାଯିବା ସହ ଛାତ୍ରୀମାନଙ୍କୁ ସରକାରୀ ହେଲ୍ପଲାଇନ ନମ୍ବର୧୮୧ରେ ସହାୟତା ନେବାକୁ କମିଟି ଅଧ୍ୟକ୍ଷା ପରାମର୍ଶ ଦେଇଥିଲେ।

## ଶ୍ରମିକଙ୍କ ଦାବି ଶୁଣିଲେନି ମ୍ୟାନେଜମେଣ୍ଟ ଓ ପ୍ରଶାସନ

# ୩୧ରେ ସାମୁହିକ ଆତ୍ମାହୁତି ଚେତାବନୀ

**ବାଲେଶ୍ୱର,୨୧।୭(ବାଞ୍ଛାନିଧି ଦେ)**

ଦୀର୍ଘଦିନ ଧରି ନ୍ୟାର୍ଯ୍ୟ ଦାବି ନିମନ୍ତେ ଲଢ଼ି ଆସୁଛୁ। କିନ୍ତୁ ଆମ ଦାବି ସରକାର, ପ୍ରଶାସନ ଓ ମ୍ୟାନେଜମେଣ୍ଟ ଶୁଣୁ ନାହାନ୍ତି। ତେଣୁ ନିରାଶ ହୋଇ ଆସନ୍ତା ୩୧ ତାରିଖରେ ପରିବାର ସହ ସାମୁହିକ ଆତ୍ମାହୁତି ଦେବେ ବୋଲି ଚେତାବନୀ ଦେଇଛନ୍ତି ବାଲେଶ୍ୱର ବିର୍ଲା ଟାୟାର୍ସ ମିଳିତ ଶ୍ରମିକ ସଂଗଠନର କର୍ମକର୍ତ୍ତାମାନେ। ଏଥିପାଇଁ ପ୍ରଶାସନ ଏବଂ କାରଖାନାର ମ୍ୟାନେଜମେଣ୍ଟ ଦାୟୀ ରହିବ ବୋଲି ସୋମବାର ବାଲେଶ୍ୱର ଷ୍ଟେଶନ କ୍ଲବ ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ସଂଗଠନର କର୍ମକର୍ତ୍ତା। ଦୀର୍ଘ ବର୍ଷ ଧରି ବିର୍ଲା ଟାୟାର୍ସରେ କାର୍ଯ୍ୟ କରି



ଖବରଦାତା ସମ୍ମିଳନୀରେ ମିଳିତ ଶ୍ରମିକ ସଂଗଠନର କର୍ମକର୍ତ୍ତା।

ଆସୁଥିବା ଶ୍ରମିକ ଓ କର୍ମଚାରୀମାନଙ୍କୁ କାରଖାନା ପୁନଃ କାର୍ଯ୍ୟକ୍ଷମ ହେବା ପରେ ନିଯୁକ୍ତି ଦିଆଯାଉ ନାହିଁ। ସେମାନଙ୍କର ବକେୟା ଦରମା ମଧ୍ୟ ପ୍ରଦାନ କରାଯାଉ ନାହିଁ। ଏନେଇ ମିଳିତ ଶ୍ରମିକ ସଂଗଠନ ପକ୍ଷରୁ ବାରମ୍ବାର ଶାନ୍ତିପୂର୍ଣ୍ଣ ଆନ୍ଦୋଳନ କରାଯାଇଛି। ମାତ୍ର କାରଖାନା କର୍ତ୍ତୃପକ୍ଷ ଏବଂ ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଉନାହିଁ ବୋଲି ଅଭିଯୋଗ ହୋଇଛି।

ଆଇନଗତ ପ୍ରାପ୍ୟ ପ୍ରଦାନ କରିବା, ପୁନଃ ନିଯୁକ୍ତି ଦେବା ପାଇଁ ସଂଗଠନ ଦାବି କରିଛି। ଏ ସମ୍ପର୍କରେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ଗୃହମନ୍ତ୍ରୀ, ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ଶ୍ରମମନ୍ତ୍ରୀ, ଶିଳ୍ପମନ୍ତ୍ରୀ, ଏମ୍‌ପି, ବିଧାୟକ, ଜିଲାପାଳ, ଏସ୍‌ପିଙ୍କୁ ଅବଗତ କରାଯାଇଛି। ଆସନ୍ତା ୩୦ ତାରିଖ ସୁଦ୍ଧା ଦାବି ପୂରଣ ନ ହେଲେ ୩୧ ତାରିଖ ପୂର୍ବାହ୍ନ ୧୦ଟା ସମୟରେ କାରଖାନା ଫାଟକ ସମ୍ମୁଖରେ ଶ୍ରମିକ ଓ ସେମାନଙ୍କର ପରିବାର ବର୍ଗ ଆତ୍ମାହୁତି ଦେବେ ବୋଲି କହିଛନ୍ତି। ଶ୍ରମିକ ସଂଘ ନେତା ସତ୍ୟନାରାୟଣ ଆଚାର୍ଯ୍ୟ, ପ୍ରଦୀପ କୁମାର ଭୂୟାଁ, ହରିହର ଭୋଇ, ପ୍ରଦିପ କୁମାର ପଣ୍ଡା, ଦୁକୁଲ ଘରାଇ, ଚନ୍ଦ୍ରକାନ୍ତ ମାଝୀ, ନିଳକମଲ ସିଂ ପ୍ରମୁଖ ସମ୍ମିଳନୀରେ ଉପସ୍ଥିତ ଥିଲେ।

# ସମ୍ପତ୍ତି ତାଲିକାରେ ଲୁଚାଇଥିଲେ ଜମି ତଥ୍ୟ

ଭୁବନେଶ୍ୱର/ କେନ୍ଦୁଝର, ୨୧୭
(ସତ୍ୟଜିତ୍ ରାଉତ/ ନରେଶ ଚନ୍ଦ୍ର ପଟ୍ଟନାୟକ)

## ଡିଏଫ୍‌ଓଙ୍କ ସରକାରୀ ବାସଭବନରୁ ମିଳିଲା ଆଉ ୮.୫ ଲକ୍ଷ

- ୯ଟି ବ୍ୟାଙ୍କ ଆକାଉଣ୍ଟରେ ୫୦ ଲକ୍ଷ ଜମାରାଶି
- ମଙ୍ଗଳବାର ଚଢ଼ାଉ ଜାରି ରହିବ

କେନ୍ଦୁଝର ଜିଲା କେନ୍ଦୁପତ୍ର ଡିଭିଜନର ବନଖଣ୍ଡ ଅଧିକାରୀ (ଡିଏଫ୍‌ଓ) ନିତ୍ୟାନନ୍ଦ ନାୟକଙ୍କ ଘରେ ଭିଜିଲାନ୍ସ ଯେତେ ଯାଞ୍ଚ କରୁଛି ସେତେ ସମ୍ପତ୍ତି ଠାବ ହେଉଛି। ସୋମବାର ଚଢ଼ାଉର ଦ୍ୱିତୀୟ ଦିନ ବହୁ ସମ୍ପତ୍ତି ଠାବ ହୋଇଛି। ଏପରିକି ସମ୍ପତ୍ତି ତାଲିକାରେ ନିତ୍ୟାନନ୍ଦ ଜମି କିଣା ତଥ୍ୟ ଲୁଚାଇଥିଲେ ବୋଲି ଜଣାପଡ଼ିଛି। ନିତ୍ୟାନନ୍ଦଙ୍କୁ ଭିଜିଲାନ୍ସ ଟିମ୍ କେନ୍ଦୁଝରସ୍ଥିତ ଫରେଷ୍ଟ କଲୋନୀରେ ଥିବା ସରକାରୀ ବାସଭବନରେ ଯାଞ୍ଚ କରିଥିଲା। କ୍ୱାର୍ଟରରୁ ସୋମବାର ୮.୫ ଲକ୍ଷ ଟଙ୍କା ଠାବ ହୋଇଛି। ଫଳରେ ମୋଟ ଜବତ ଟଙ୍କାର ପରିମାଣ ୧୦ ଲକ୍ଷରେ ପହଞ୍ଚିଛି।

ନିତ୍ୟାନନ୍ଦ ଓ ତାଙ୍କ ପରିବାର ସଦସ୍ୟଙ୍କ ନାଁରେ ୯ଟି ବ୍ୟାଙ୍କ ଆକାଉଣ୍ଟ ଥିବା ଜଣାପଡ଼ିଥିବାବେଳେ ଏସବୁଥିରେ ୫୦ଲକ୍ଷ ଟଙ୍କା ଜମା ରହିଛି। ଏଥିସହ ତାଙ୍କ ପାଖରୁ ଆହୁରି ଜମି ଦସ୍ତାବିଜ୍, ବ୍ୟାଙ୍କ ପାସବୁକ୍ ଓ ଜୀବନବୀମା ଜମା ଦସ୍ତାବିଜ୍ ଆଦି ଠାବ ହୋଇଥିବାବେଳେ ଏସବୁ ସମ୍ପର୍କରେ ଭିଜିଲାନ୍ସ ଟିମ୍ ଅଧିକ ଯାଞ୍ଚ ଚଳାଇଛି। ତେବେ ବଡ଼ କଥା ହେଲା, ନିତ୍ୟାନନ୍ଦ ସରକାରଙ୍କୁ ଦେଇଥିବା ସମ୍ପତ୍ତି ତାଲିକାରେ ମାତ୍ର ୧୨ଟି ପ୍ଲଟ ଥିବା ଦର୍ଶାଇଥିବା ବେଳେ ଅନ୍ୟ ପ୍ଲଟ ସମ୍ପର୍କିତ ତଥ୍ୟ ଲୁଚାଇଥିଲେ ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ମଙ୍ଗଳବାର ତାଙ୍କ ଅଫିସ ଚାମ୍ବର ଓ ଅନ୍ୟାନ୍ୟ ସ୍ଥାନରେ ମଧ୍ୟ ଯାଞ୍ଚ ହେବ। ତେଣୁ ଆହୁରି ଅଧିକ ସମ୍ପତ୍ତି ଠାବ ହୋଇପାରେ ବୋଲି



ଆଶଙ୍କା କରାଯାଉଛି। ସୂଚନାଯୋଗ୍ୟ, ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ରବିବାର ନିତ୍ୟାନନ୍ଦଙ୍କ ୭ଟି ସ୍ଥାନରେ ଭିଜିଲାନ୍ସ ଚଢ଼ାଉ କରିଥିଲା। ଯାଞ୍ଚବେଳେ ୧୧୫ଟି ପ୍ଲଟ୍, ଅନୁଗୋଳ ଟାଉନରେ ୪ମହଲାର ଏକ ଆଲିଶାନ୍ କୋଠା, ଘରୁ ୨୦୦ ଗ୍ରାମ ସୁନା ଅଳଙ୍କାର, କାଠ ନିର୍ମିତ ବିଭିନ୍ନ ଆକର୍ଷଣୀୟ କଳାକୃତି ଓ ତୀର, ବନ୍ଧୁକ, ଟାଙ୍ଗିଆ ଆଦି ଜବତ ହୋଇଛି। ଏଥିସହ ୧୫ ଲକ୍ଷ ଟଙ୍କାର ଘରୋଇ ଉପକରଣ ଏବଂ ଦୁଇଟି ଚାରିଚକିଆ ଯାନ ଓ ୪ଟି ଦୁଇଚକିଆ ଯାନ ଠାବ ହୋଇଥିଲା। ମଙ୍ଗଳବାର ଆୟବହିର୍ଭୂତ ସମ୍ପତ୍ତି ଠୁଳ ନେଇ ମାମଲା ରୁଜୁ ହେବ ବୋଲି ସୂଚନା ମିଳିଛି।

# ୨ ଶିକ୍ଷକ ଗିରଫ, ପ୍ରଧାନ ଶିକ୍ଷକ ଅଟକ

## ନବମ ଶ୍ରେଣୀ ଛାତ୍ରୀଙ୍କୁ ଅସଦାଚରଣ ଅଭିଯୋଗ

ଜଳେଶ୍ୱର,୨୧୭(ନବୀନ ସାହୁ/ ସତ୍ୟରଞ୍ଜନ ପ୍ରଧାନ)

ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶି ବିଭାଗୀୟ ଏଚ୍‌ଓଡିଙ୍କ ଦ୍ୱାରା ନିର୍ଯାତିତ ହୋଇ ଶେଷରେ ଆତ୍ମାହୁତି ଦେବା ଘଟଣାର ୧୦ଦିନ ନ ପୂରୁଣୁ ଜଣେ ନବମ ଶ୍ରେଣୀ ଛାତ୍ରୀଙ୍କୁ ଶିକ୍ଷକ ଅସଦାଚରଣ କରିବା ଆଲୋଡ଼ନ ସୃଷ୍ଟି କରିଛି। ଏହି ଘଟଣାରେ ପୋଲିସ ଅଭିଯୁକ୍ତ ୨ ଶିକ୍ଷକଙ୍କୁ ଗିରଫ କରିଥିବା ବେଳେ ପ୍ରଧାନ ଶିକ୍ଷକଙ୍କୁ ଅଟକ ରଖି ପଚରାଉଚରା କରୁଛି।

ଅଭିଯୋଗ ଅନୁଯାୟୀ, ଜଳେଶ୍ୱର ବ୍ଲକ୍ ରାଇବଣିଆ ଥାନା ଅଧୀନ ଏକ ସରକାରୀ ଉଚ୍ଚ ବିଦ୍ୟାଳୟର ସହକାରୀ ଗଣିତ ଶିକ୍ଷକ କୈଳାସ ଚନ୍ଦ୍ର ବେଜ ଜଣେ ନବମ ଶ୍ରେଣୀ ଛାତ୍ରୀଙ୍କୁ ଦୀର୍ଘଦିନ ଧରି ଅସଦାଚରଣ କରିବା ସହ ଅଶ୍ଳୀଳ ଇଙ୍ଗିତ ଦେଇ ଆସୁଥିଲେ। କଥା ନ ମାନିଲେ ପରୀକ୍ଷାରେ ଫେଲ୍ କରିଦେବେ ବୋଲି ଧମକ ଦେଉଥିଲେ। ଏ ନେଇ ଛାତ୍ରୀ ଜଣକ ମାନସିକ ଚାପରେ ରହୁଥିଲେ। ଛାତ୍ରୀ ଜଣକ ଏ ସମ୍ପର୍କରେ ପ୍ରଧାନ ଶିକ୍ଷକ ଭବାନୀ ଶଙ୍କର ପାଲ୍‌ଙ୍କଠାରେ ୮ ଦିନ ପୂର୍ବେ ଅଭିଯୋଗ କରିଥିଲେ ମଧ୍ୟ ସେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିଲେ। ଛାତ୍ରୀ ଜଣକ ଏ ସମ୍ପର୍କରେ ତାଙ୍କ ମା'ଙ୍କୁ ଜଣାଇଥିଲେ। ଛାତ୍ରୀଙ୍କ ମା' ରବିବାର ରାତିରେ ଘଟଣା ସମ୍ପର୍କରେ ରାଇବଣିଆ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ପୋଲିସ ସୋମବାର ଏକ ମାମଲା (ନଂ. ୬୩/୨୫) ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ଛାତ୍ରୀଙ୍କ ବୟାନକୁ ନେଇ ସହକାରୀ ଶିକ୍ଷକ କୈଳାସ ବେଜ ଓ କାଳିଚରଣ ମାଝୀ, ପ୍ରଧାନ ଶିକ୍ଷକ ଭବାନୀ ଶଙ୍କର ପାଲ୍‌ଙ୍କୁ ପୋଲିସ ଥାନାକୁ ଆଣି ପଚରାଉଚରା କରିଥିଲେ। ଦୁଇ ଶିକ୍ଷକ କୈଳାସ ବେଜ ଓ କାଳିଚରଣ ମାଝୀଙ୍କୁ ଗିରଫ କରାଯାଇଥିବା ବେଳେ ପ୍ରଧାନ ଶିକ୍ଷକଙ୍କୁ ଅଟକ ରଖାଯାଇ ଅଧିକ ତଦନ୍ତ ଜାରି ରହିଥିବା ରାଇବଣିଆ ଥାନା ଓଆଇସି ଲୋପାମୁଦ୍ରା ପଣ୍ଡା ସୂଚନା ଦେଇଛନ୍ତି।

# ବନ୍ୟପ୍ରାଣୀ ଦେହାବଶେଷ ଜବତ, ୨ ଗିରଫ

ବାରିପଦା,୨୧୭(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଉତ୍ତର ଡିଭିଜନ ବନବିଭାଗ ମିଳିତ ଚଢ଼ାଉ କରି ୨ ଶିକାରୀଙ୍କୁ ଗିରଫ କରିଛି। ଅଭିଯୁକ୍ତ ଦ୍ୱୟ ହେଲେ ଠାକୁରମୁଣ୍ଡା ଥାନା ଅଧିନ ଅଶନକୁଦର ଗ୍ରାମର ଫକୀର ଚାକିଆ(୪୪) ଓ ରାଣୀଭୋଳ ଗ୍ରାମର କମଳା ଡାଙ୍ଗିଲ(୨୧)। ସେମାନଙ୍କ ଘରୁ ବନ୍ୟପ୍ରାଣୀ ଦେହାବଶେଷ, ଧନୁ, ତୀର ଓ ଶିକାର ସରାମକୁ ଜବତ କରିଛି । ବନ୍ୟପ୍ରାଣୀ ସୁରକ୍ଷା ଆଇନ ୧୯୭୨ ଅନୁଯାୟୀ ପୃଥକ ମାମଲା ରୁଜୁ କରି ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି ବୋଲି ଉତ୍ତର ଡିଭିଜନର ଉପ ନିର୍ଦ୍ଦେଶକ ସାଇ କିରଣ ପ୍ରକାଶ କରିଛନ୍ତି। ତେବେ ଏଆଇ କ୍ୟାମେରାରୁ ଉକ୍ତ ଶିକାରୀଙ୍କୁ ଠାବ କରାଯାଇ କରିଆ ଡିଭିଜନ, ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଦକ୍ଷିଣ ଡିଭିଜନ ଓ ଉତ୍ତର ଡିଭିଜନର କର୍ମଚାରୀ ଚଢ଼ାଉ କରିଥିଲେ। ଅଭିଯୁକ୍ତଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଛି।



ଅଭିଯୁକ୍ତ ଶିକାରୀ ଓ ଜବତ ସାମଗ୍ରୀ।

# ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ ଭିକମପାଲି ଶାଖାରୁ ଡକାୟତି

- ବନ୍ଧୁକ ଦେଖାଇ ନେଇଗଲେ ୧ ଲକ୍ଷ ଟଙ୍କା
- ନାହାନ୍ତି ସୁରକ୍ଷା କର୍ମୀ

ଲଖନପୁର,୨୧୭(ଗୌତମ ସାହୁ)

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ସୀମାନ୍ତ ଅଞ୍ଚଳ ଚିଖଲାପାଲି ଜାତୀୟ ରାଜପଥ ପାର୍ଶ୍ୱ ନାଥ କମ୍ପ୍ଲେକ୍ସସ୍ଥିତ ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ ଭିକମପାଲି ଶାଖାରୁ ସୋମବାର ଅପରାହ୍ନ ପ୍ରାୟ ୧ଟା ୧୫ ମିନିଟ୍‌ରେ ଡକାୟତି ହୋଇଛି। ୩ ଜଣ ଦୁର୍ବୃତ୍ତ ଉକ୍ତ ବ୍ୟାଙ୍କରୁ ଟଙ୍କା ଲୁଟ୍ କରି ଫେରାର ହୋଇଯାଇଛନ୍ତି। ଦିନ ଦ୍ୱିପ୍ରହରରେ ଏଭଳି ଘଟଣା ଘଟୁଥିଲେ ମଧ୍ୟ ବ୍ୟାଙ୍କର ସୁରକ୍ଷା ବ୍ୟବସ୍ଥାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ସୂଚନା ଅନୁଯାୟୀ, ରେଙ୍ଗାଲୀ ଥାନାଠାରୁ ପ୍ରାୟ ସାଢେ ୩ କିମି ଦୂର ତଥା ପଡୋଶୀ ରାଜ୍ୟ ଛତିଶଗଡ଼ ସୀମାଠାରୁ ୪ କିମି ଦୂରରେ ଏହି ବ୍ୟାଙ୍କ ରହିଛି। ୩ ଜଣ ଦୁର୍ବୃତ୍ତ ହେଲ୍‌ମେଟ୍ ପିନ୍ଧି ବାଇକ୍‌ରେ ଆସି ବ୍ୟାଙ୍କ ସମ୍ମୁଖରେ ପହଞ୍ଚିଥିଲେ।



ସିସିଟିଭି ଫୁଟେଜରେ କଏଦ ହୋଇଥିବା ଲୁଟ୍‌ର ଦୃଶ୍ୟ।

ସେମାନଙ୍କ ମଧ୍ୟରୁ ଜଣେ ବ୍ୟାଙ୍କ ଫାଟକ ନିକଟରେ ଜଗି ରହିଥିବାବେଳେ ଅନ୍ୟ ୨ ଜଣ ବନ୍ଧୁକ ଧରି ଭିତରେ ପଶିଥିଲେ। ସେମାନେ ବ୍ୟାଙ୍କ କର୍ମଚାରୀ ଓ ଗ୍ରାହକଙ୍କୁ ଭୟଭୀତ କରିବା ସହ ବ୍ୟାଙ୍କ ଡ୍ରୟରରୁ ପ୍ରାୟ ୧ ଲକ୍ଷ ଟଙ୍କା ଲୁଟ୍ କରି ଫେରାର ହୋଇଯାଇଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଏହି ବ୍ୟାଙ୍କରେ ସୁରକ୍ଷା କର୍ମୀ ନିୟୋଜିତ ନଥିବାରୁ ଦୁର୍ବୃତ୍ତମାନେ ଲୁଟ୍ କରିବା ସହଜ ହୋଇଛି। ବ୍ୟାଙ୍କରେ ଲାଗିଥିବା ସିସିଟିଭି କ୍ୟାମେରାରେ ଲୁଟ୍‌ବେଳର ଦୃଶ୍ୟ କଏଦ ହୋଇଛି। ଖବରପାଇ ବ୍ରଜରାଜନଗର ଏସ୍‌ଡିପିଓ ଚିନ୍ତାମଣି ପ୍ରଧାନଙ୍କ ସମେତ ବେଲପାହାଡ଼, ବ୍ରଜରାଜନଗର ଓ ରେଙ୍ଗାଲୀ ଥାନାର ପୋଲିସ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ କରିଛନ୍ତି। ଏଥିସହ ବ୍ୟାଙ୍କର ବିଭିନ୍ନ ସାମଗ୍ରୀ ଓ ହାର୍ଡଡିସ୍କ ଜବତ କରାଯାଇଛି। ଏନେଇ ଏସ୍‌ଡିପିଓ ପ୍ରଧାନ କହିଛନ୍ତି, ବ୍ୟାଙ୍କରୁ ପ୍ରାୟ ୧ ଲକ୍ଷ ଟଙ୍କା ଲୁଟ୍ ହୋଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି। ଦୁର୍ବୃତ୍ତଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଛି।

# ଜମି ବିବାଦରୁ ଭଉଣୀଙ୍କୁ ହାଣିଦେଲେ ଭାଇ

ବଇଣ୍ଡା, ୨୧୭ (ପରିକ୍ଷିତ ସାହୁ)

ପୈତୃକ ସମ୍ପତ୍ତିରେ ଘର କରିବାକୁ ଭଉଣୀ ଯୋଜନା କରିଥିବା ବେଳେ ଏହାକୁ ନେଇ ଭାଇଙ୍କ ସହ ବିବାଦ ବଢ଼ିଥିଲା। ସୋମବାର ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ହେବାରୁ ଉତ୍କ୍ଷିପ୍ତ ହୋଇ ଭାଇ ଏକ ଟାଙ୍ଗିଆରେ ହାଣି ଭଉଣୀଙ୍କ ଜୀବନ ନେଇଛନ୍ତି। ଅନୁଗୋଳ ଜିଲା କିଶୋରନଗର ବ୍ଲକ ହଣ୍ଡପା ଥାନା ସୋଲଣ୍ଡା ଗ୍ରାମରେ ଏହି ହତ୍ୟାକାଣ୍ଡ ଘଟିଛି। ମୃତା ହେଲେ କଳ୍ପନା ସାହୁ (୪୫)। ଏହି ହତ୍ୟାକାଣ୍ଡ ପରେ ଟାଙ୍ଗିଆ ଧରି ଅଭିଯୁକ୍ତ ଭାଇ ଗୟାଧର ପ୍ରଧାନ ଫେରାର ହୋଇଯାଇଛନ୍ତି।

ପୋଲିସ କହିଛି, କଳ୍ପନା ପାପସରା ଗ୍ରାମରେ ବିବାହ କରିଥିଲେ। ତାଙ୍କର ୨ଟି ସନ୍ତାନ ଅଛନ୍ତି। ସ୍ୱାମୀଙ୍କ ପରଲୋକ ହୋଇଯାଇଥିବାରୁ ସେ କିଛି ମାସ ହେବ ବାପଘର ସୋଲଣ୍ଡା ଗ୍ରାମରେ ରହୁଥିଲେ। ସେ ବାପାଙ୍କ ସମ୍ପତ୍ତିରେ ଏକ ଘର ନିର୍ମାଣ କରିବାକୁ ଯୋଜନା କରିଥିବାରୁ ଏହାକୁ ନେଇ ଭାଇ ଗୟାଧରଙ୍କ ସହ ବିବାଦ ଦେଖାଦେଇଥିଲା। ଉଭୟଙ୍କ ମଧ୍ୟରେ ସାମାନ୍ୟ କଥାକୁ ନେଇ ଝଗଡ଼ା ହେଉଥିଲା। ଅପରାହ୍ନ ପ୍ରାୟ ୨ଟାରେ କଳ୍ପନା ଘରେ ଥିବାବେଳେ ଗୟାଧର ମଦ୍ୟପାନ କରି ଘରକୁ ଆସିଥିଲେ। ପରେ ଘର ନିର୍ମାଣକୁ ନେଇ ଭଉଣୀ–ଭାଇଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ଗୟାଧର ଘରେ ଥିବା ଟାଙ୍ଗିଆରେ କଳ୍ପନାଙ୍କ ବେକକୁ ହାଣି ହତ୍ୟା କରିଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ହଣ୍ଡପା ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଦେବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି।

ରାଜ୍ୟ ଖବର

## ୩୦ ମଧ୍ୟରେ ଯୁକ୍ତ୨ ଇନ୍‌ଷ୍ଟାଣ୍ଟ ପରୀକ୍ଷା ଖାତା ରିଚେକିଂ ଆବେଦନ

ଭୁବନେଶ୍ୱର,୨୧୭(ସୁଚିସ୍ମିତା ସାହୁ): ଯୁକ୍ତ୨ ଇନ୍‌ଷ୍ଟାଣ୍ଟ ପରୀକ୍ଷାର ଖାତା ପୁନଃ ଯାଞ୍ଚ (ରିଚେକିଂ) ଓ ମାର୍କ ପୁନଃ ମିଶ୍ରଣ (ରିଆଡିଶନ୍) ପାଇଁ ସୋମବାର ବିଜ୍ଞପ୍ତି ପ୍ରକାଶ ପାଇଛି। ଆସନ୍ତା ୩୦ ତାରିଖ ସୁଦ୍ଧା ଆଶାୟୀମାନେ ଏନେଇ ଆବେଦନ କରିପାରିବେ। ସମୟ ଅବଧି ପରେ କୌଣସି ଆବେଦନ ଗ୍ରହଣ କରାଯିବ ନାହିଁ ବୋଲି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍ଏସ୍ଇ) ପକ୍ଷରୁ କୁହାଯାଇଛି। ଆବେଦନ କରିବା ପାଇଁ ୨୦୦ଟଙ୍କା ପୈଠ କରିବାକୁ ସ୍ଥିର କରାଯାଇଛି। ବ୍ୟାଙ୍କ ଚାଲାନ ମାଧ୍ୟମରେ ଛାତ୍ରୀଛାତ୍ର ଫି ପୈଠ କରିପାରିବେ। ପରିଷଦ ପକ୍ଷରୁ ଦିଆଯାଇଥିବା ଫର୍ମାଟ୍‌ରେ ଛାତ୍ରୀଛାତ୍ର ଆବେଦନ କରିବାକୁ କୁହାଯାଇଛି। ସୂଚନାଅନୁସାରେ, ଚଳିତ ବର୍ଷ ୧୦୦୮ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୯୧୩ ଜଣ କୃତକାର୍ଯ୍ୟ ହୋଇଛନ୍ତି। କଳାରେ ସର୍ବାଧିକ ୪୪୯ ଜଣ ଛାତ୍ରୀଛାତ୍ର ପାସ୍ କରିଥିବାବେଳେ ବିଜ୍ଞାନରେ ୩୧୧, ବାଣିଜ୍ୟରେ ୧୨୧ ଏବଂ ଧନ୍ଦାମୂଳକ ଶିକ୍ଷାରେ ୨୯ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି।

# ଜେଲ ଗଲେ ଛାତ୍ର କଂଗ୍ରେସ ସଭାପତି

ଛାତ୍ରୀ ବଳାତ୍କାର ମାମଲା

## ପୀଡ଼ିତାଙ୍କ ବୟାନ ରେକର୍ଡ କଲା ପୋଲିସ

ଭୁବନେଶ୍ୱର,୨୧୭
(ସତ୍ୟଜିତ୍ ରାଉତ)

ଜଣେ ଛାତ୍ରୀ(୧୯)ଙ୍କୁ ମୃଦୁ ପାନୀୟରେ ନିଶା ଦେଇ ବଳାତ୍କାର ମାମଲାରେ ଗିରଫ ହୋଇଥିବା ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ଉଦିତ ପ୍ରଧାନଙ୍କୁ ମଞ୍ଚେଶ୍ୱର ଥାନା ପୋଲିସ ସୋମବାର ଭୁବନେଶ୍ୱର ଜେଏମ୍ଏଫ୍‌ସି–୨ କୋର୍ଟକୁ ଚାଲାଣ କରିଛି। ଜାମିନ ନାମଞ୍ଜୁର ପରେ ଉଦିତ୍‌ଙ୍କୁ ୧୪ଦିନିଆ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅପରପକ୍ଷେ ପୋଲିସ ପୀଡ଼ିତାଙ୍କ ବୟାନ ରେକର୍ଡ କରିବା ସହ ଘଟଣା ଘଟିଥିବା ହୋଟେଲକୁ ଯାଇ ତଦନ୍ତ କରିଛି। ଗତ ମାର୍ଚ୍ଚ ୧୮ ରାତିରେ ହୋଟେଲ ରୁମ୍‌ରେ ଉଦିତ୍‌ଙ୍କ ସମେତ ଆଉ କେଉଁମାନେ ଥିଲେ, କେତେବେଳେ ଯାଇଥିଲେ, ଫେରିଥିଲେ ଆଦି ତଥ୍ୟ ଯୋଗାଡ଼ କରିଛି। ପୋଲିସ ଟିମ୍ ହୋଟେଲର ରେଜିଷ୍ଟର ଓ ସିସିଟିଭି ଫୁଟେଜକୁ ଜବତ କରି ଛାନଭିନ୍ ଚଳାଇଛି। ଏଥିସହ କର୍ମଚାରୀଙ୍କୁ ଉକ୍ତ ଦିନର ଘଟଣା ବିଷୟରେ ପଚରାଉଚରା କରି ତଥ୍ୟ ହାସଲ କରିଛି।

ଏନେଇ ଖବରଦାତା ସମ୍ମିଳନୀରେ ଜୋନ–୫ ଏସିପି ବିଶ୍ୱରଞ୍ଜନ ସେନାପତି କହିଛନ୍ତି, ଉଦିତ୍‌ଙ୍କ ବିରୋଧରେ ପ୍ରାଥମିକ ପ୍ରମାଣ ଥିବାରୁ ତାଙ୍କୁ ଗିରଫ କରାଯାଇଛି। ଉଦିତଙ୍କ ସହ ଥିବା ଅନ୍ୟମାନଙ୍କୁ ପଚରାଉଚରା କରାଯିବ। ସମ୍ପୃକ୍ତି ଆସିଲେ ସେମାନଙ୍କୁ ମଧ୍ୟ ଗିରଫ କରାଯିବ ବୋଲି ଏସିପି କହିଛନ୍ତି। ଅଭିଯୋଗ ଅନୁଯାୟୀ, ପୀଡ଼ିତା ହେଉଛନ୍ତି ଚନ୍ଦକା ଥାନା ଅଞ୍ଚଳର। ସେ ଓ ତାଙ୍କର ଜଣେ ସାଙ୍ଗ ଅନ୍ୟ ଜଣେ ଯୁବକଙ୍କ ସହ ଗତ



ଉଦିତ୍ ପ୍ରଧାନ

ମାର୍ଚ୍ଚ ୧୮ ସନ୍ଧ୍ୟାରେ ମାଷ୍ଟରକ୍ୟାଣ୍ଟିନକୁ ବୁଲି ଯାଇଥିଲେ। ଏହାପରେ ସେଠାରେ ଉଦିତ୍ ସେମାନଙ୍କ ଗାଡ଼ିରେ ବସିବା ସହ ସମସ୍ତେ ମଞ୍ଚେଶ୍ୱରସ୍ଥିତ ଏକ ହୋଟେଲକୁ ଯାଇଥିଲେ। ସେଠାରେ ଉଦିତ୍ ଓ ଅନ୍ୟମାନେ ମଦ୍ୟପାନ କରିଥିଲେ। ପୀଡ଼ିତା ମଦ୍ୟପାନ କରିବାକୁ ମନା କରିବାରୁ ଉଦିତ୍ ତାଙ୍କୁ ମୃଦୁ ପାନୀୟରେ ନିଶା ଦେଇ ପିଇବାକୁ ଦେବା ପରେ ତାଙ୍କ ମୁଣ୍ଡ ବୁଲେଇଥିଲା। ସେ ଘରକୁ ଯିବାକୁ ଚେଷ୍ଟା କରିବାରୁ ସେମାନେ ତାଙ୍କୁ ଛାଡ଼ି ନ ଥିଲେ। ସେ ଚେତାଶୂନ୍ୟ ହୋଇଯିବା ପରେ ଉଦିତ ତାଙ୍କୁ ବଳାତ୍କାର କରିଥିଲେ। ପ୍ରାୟ ୩୦ମିନିଟ ପରେ ତାଙ୍କ ଆଖି ଖୋଲିବାରୁ ଏ ବିଷୟରେ ସେ ଜାଣିପାରିଥିଲେ। ଉଦିତ୍ ତାଙ୍କୁ ଧମକ ଦେବାରୁ ସେ ଏବିଷୟରେ ଚୁପ ରହିଥିଲେ। ତେବେ ବର୍ତ୍ତମାନ ପରିସ୍ଥିତିରେ ନାରୀକୁ ନ୍ୟାୟ ଦେବାକୁ ଅଭିଯାନ ଚାଲିଥିବା ବେଳେ ପୀଡ଼ିତା ସାହସ କରି ଅଭିଯୋଗ କରିଛନ୍ତି ବୋଲି ଏତଲାରେ ଦର୍ଶାଇଥିଲେ। ରବିବାର ରାତି ୮ଟା ୩୦ରେ ଅଭିଯୋଗ ପାଇ ପୋଲିସ ମାମଲା (ନଂ.୪୧୭/୨୦୨୫) ରୁଜୁ କରିବା ସହ ବିଳମ୍ବିତ ରାତିରେ ଉଦିତ୍‌ଙ୍କୁ ଗିରଫ କରିଥିଲା।

# କଂଗ୍ରେସରୁ ଉଦିତ୍ ନିଲମ୍ବିତ

ଭୁବନେଶ୍ୱର,୨୧୭(ରବିନାରାୟଣ ଜେନା)

ଜଣେ ଛାତ୍ରୀଙ୍କୁ ବଳାତ୍କାର ଅଭିଯୋଗରେ ମଞ୍ଚେଶ୍ୱର ଥାନା ପୋଲିସ ରବିବାର ବିଳମ୍ବିତ ରାତିରେ ଗିରଫ କରିଥିବା ରାଜ୍ୟ ଛାତ୍ର କଂଗ୍ରେସ ସଭାପତି ଉଦିତ୍ ପ୍ରଧାନଙ୍କୁ କଂଗ୍ରେସ ନିଲମ୍ବନ କରିଛି।

ସୋମବାର ଏନ୍ଏସ୍‌ୟୁଆଇର ଜାତୀୟ ସଭାପତି ବରୁଣ ଚୌଧାରୀ ଏକ ପ୍ରେସ୍ ବିବୃତିରେ କହିଛନ୍ତି, ମହିଳାଙ୍କ କ୍ଷେତ୍ରରେ କଂଗ୍ରେସ ସବୁବେଳେ ଶୂନ୍ୟ ସହନଶୀଳ ନୀତି ଉପରେ ବିଶ୍ୱାସ କରେ। ବର୍ତ୍ତମାନ ଘଟିଥିବା ଘଟଣାକୁ ନେଇ ଏନ୍ଏସ୍‌ୟୁଆଇ ଓଡ଼ିଶା ରାଜ୍ୟ ଛାତ୍ର କଂଗ୍ରେସ ସଭାପତି ପ୍ରଧାନଙ୍କୁ ବରଖାସ୍ତ କରିଛି। କଂଗ୍ରେସ ସର୍ବଦା ନିଜ ଦାୟିତ୍ୱ ଓ ନ୍ୟାୟ ପ୍ରତି ଦୃଢ଼ ସଂକଳ୍ପବଦ୍ଧ। ବାଲେଶ୍ୱର ପୀଡ଼ିତାଙ୍କୁ ନ୍ୟାୟ ପାଇଁ ଆମର ସଂଘର୍ଷ ଜାରି ରହିବ ବୋଲି ବରୁଣ କହିଛନ୍ତି।

# ସତ୍ୟାସତ୍ୟ ଜାଣିବା ପାଇଁ ପିସିସି ଗଠନ କଲା କମିଟି

ଭୁବନେଶ୍ୱର,୨୧୭(ରବିନାରାୟଣ ଜେନା)

ରାଜ୍ୟ ଛାତ୍ର କଂଗ୍ରେସ ସଭାପତି ଉଦିତ୍ ପ୍ରଧାନଙ୍କ ବିରୋଧରେ ଆସିଥିବା ସଙ୍ଗିନ ଅଭିଯୋଗକୁ ନେଇ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶକ୍ରମେ ଏକ ତଥ୍ୟ ଅନୁସନ୍ଧାନ କମିଟି ସୋମବାର ଗଠନ କରାଯାଇଛି। ଉକ୍ତ କମିଟି ସଂପୃକ୍ତା ଛାତ୍ରୀଙ୍କୁ ଭେଟି ସତ୍ୟାସତ୍ୟ ଜାଣିବା ସହିତ ସଭାପତିଙ୍କୁ ଏ ନେଇ ଅବଗତ କରାଇବାକୁ କୁହାଯାଇଛି। ଏହି କମିଟିରେ ପିସିସି ଉପସଭାପତି ସସ୍ମିତା ବେହେରା ଅଧ୍ୟକ୍ଷା ରହିଥିବାବେଳେ ବିଧାୟିକା ସୋଫିଆ ଫିର୍ଦ୍ଦୋସ, ସମ୍ପାଦିକା ଡ. ଦେବସ୍ମିତା ଶର୍ମା, ବିଧାୟିକା ପ୍ରାର୍ଥୀ ସୋନାଲି ସାହୁ, ମୁଖପାତ୍ର ଜୟଶ୍ରୀ ପାତ୍ର ଓ ଡ. ମନୀଷା ଦାସ ପଟ୍ଟନାୟକ ସଦସ୍ୟା ରହିଛନ୍ତି।

# ଓଡ଼ିଶାରେ ମିଳିବ ଏମ୍ଆର୍‌ଓ ସୁବିଧା

## ବିମାନ ଚଳାଚଳରେ ନୂଆ ମାଇଲଖୁଣ୍ଟ

ଭୁବନେଶ୍ୱର, ୨୧୭
(ଅନୁରାଧା ମହାରଣା)

ରାଜ୍ୟ ସରକାରଙ୍କ 'ନୂଆ ଗନ୍ତବ୍ୟନୀତି' ଦ୍ୱାରା ପରିଚାଳିତ ତଥା ବାଣିଜ୍ୟ ଓ ପରିବହନ ବିଭାଗର ନେତୃତ୍ୱରେ ଆଞ୍ଚଳିକ ଓ ଆନ୍ତର୍ଜାତୀୟ ବିମାନ ସଂଯୋଗକୁ ପ୍ରୋତ୍ସାହିତ କରାଯାଉଛି। ଏହି କ୍ରମରେ ଭୁବନେଶ୍ୱରରେ ରାଜ୍ୟର ପ୍ରଥମ ବିମାନ ରକ୍ଷଣାବେକ୍ଷଣ, ମରାମତି ଓ ପରିଚାଳନା (ଏମ୍ଆରଓ) ସୁବିଧା ସ୍ଥାପନ କରାଯିବ। ଏଥିପାଇଁ ସମସ୍ତ ଆନୁଷ୍ଠାନିକ ପ୍ରକ୍ରିୟା ସମ୍ପୂର୍ଣ୍ଣ ହୋଇଛି। ଏହା ବିମାନ ଚଳାଚଳ ସହ ଜଡ଼ିତ ଅର୍ଥନୈତିକ ଇକୋସିଷ୍ଟମ ଗଢ଼ି ତୋଳିବାରେ ଏକ ବଡ଼ ଅଗ୍ରଗତି ହେବ ବୋଲି ଆଶା କରାଯାଉଛି।

ବାଣିଜ୍ୟ ଓ ପରିବହନ ବିଭାଗର ସୂଚନାନୁସାରେ, ଅଳ୍ପ ସମୟ ମଧ୍ୟରେ 'ନୂଆ ଗନ୍ତବ୍ୟ ନୀତି' ଓଡ଼ିଶାକୁ ଅନ୍ତର୍ଜାତୀୟ ଓ ଘରୋଇ ବିମାନ ସଂଯୋଗରେ ଏକ ନୂଆ ପରିଚୟ ଦେଇଛି। ଏହି ନୀତି ଅଧୀନରେ ୧୩ଟି ନୂଆ ଅନ୍ତର୍ଜାତୀୟ ଓ ଘରୋଇ ବିମାନ ସେବା ଆରମ୍ଭ ହୋଇଛି। ଏହା ବାଣିଜ୍ୟ, ପର୍ଯ୍ୟଟନ ଓ ଆଞ୍ଚଳିକ ସମନ୍ୱୟକୁ ନୂଆ ମାତ୍ରା ଦେଇଛି। ଅନ୍ତର୍ଜାତୀୟ ସ୍ତରରେ ଭୁବନେଶ୍ୱରରୁ ଦୁବାଇ ଓ ଆବୁଧାବିକୁ ସିଧାସଳଖ ବିମାନ ସେବା ଓଡ଼ିଶାକୁ ବିଶ୍ୱ ବିମାନ ମାନଚିତ୍ରରେ ସ୍ଥାନିତ କରିବା ସହ ପ୍ରବାସୀ ସମ୍ପର୍କକୁ ମଜବୁତ କରି ବିଶ୍ୱ ବଜାରରେ ପ୍ରବେଶକୁ ସହଜ କରିଛି। ଘରୋଇ ସ୍ତରରେ ଝାରସୁଗୁଡ଼ା–ମୁମ୍ବାଇ, ଝାରସୁଗୁଡ଼ା–ହାଇଦ୍ରାବାଦ, ଭୁବନେଶ୍ୱର–ଗୋଆ, ଭୁବନେଶ୍ୱର–ଡେରାଡୁନ୍ ଏବଂ ଭୁବନେଶ୍ୱର–ପୋର୍ଟ ବ୍ଲେୟାର ଆଦି ରୁଟ୍‌ଗୁଡ଼ିକୁ ଆଦିବାସୀ ଅଞ୍ଚଳ, ଶିଳ୍ପ କ୍ଷେତ୍ର ଏବଂ ପ୍ରମୁଖ ପର୍ଯ୍ୟଟନସ୍ଥଳୀଗୁଡିକୁ ସଂଯୋଗ କରିଛି। ଉଡାନ ଯୋଜନା ଅଧୀନରେ ଜୟପୁର, ରାଉରକେଲା, ଉତ୍କେଲା ଓ ରଙ୍ଗେଇଲୁଣ୍ଡାରେ ଆଞ୍ଚଳିକ ଏୟାରଷ୍ଟ୍ରିପ୍‌ଗୁଡ଼ିକର କାର୍ଯ୍ୟକାରୀତା ଯାତାୟତ ବ୍ୟବସ୍ଥାକୁ ସୁଦୃଢ଼ କରିଛି। ପ୍ରସ୍ତାବିତ ପୁରୀ ବିମାନବନ୍ଦର ପ୍ରକଳ୍ପ ନୋକାସ୍ ୨.୦ରେ ଇଣ୍ଟରଆକ୍ଟିଭ କଲର କୋଡେଡ ଜୋନିଂ ମ୍ୟାପ (ସିସିଜେଡ୍ଏମ୍) ଲଞ୍ଚ ସହିତ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଷ୍ଟୋନ ହାସଲ କରିଛି। ଏହି ଡିଜିଟାଲ ଉପକରଣ ଅନ୍‌ଲାଇନ ଉଚ୍ଚତା ମଞ୍ଜୁରୀ ପ୍ରକ୍ରିୟାକୁ ସରଳ କରି ବିମାନ ଯୋଜନାକୁ ନିରାପଦ ସହରୀ ବିକାଶ, ନିୟନ୍ତ୍ରିତ ଭିତ୍ତିଭୂମି ଏବଂ ପରିବେଶ ସୁରକ୍ଷା ସହ ସମନ୍ୱୟ ରକ୍ଷା କରୁଛି। ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶାର ଲକ୍ଷ୍ୟ ସହ ସମନ୍ୱିତ ଭବିଷ୍ୟତମୁଖୀ ଭିତ୍ତିଭୂମି ପ୍ରତି ପ୍ରତିବଦ୍ଧତା ଦ୍ୱାରା ଓଡ଼ିଶା ଏକ ଉଦୀୟମାନ ବିମାନ ହବ ଭାବେ ଗଢ଼ି ତୋଳିବାକୁ ରାଜ୍ୟ ସରକାର ଯୋଜନା ରଖିଛନ୍ତି।

# ଯୁବବର୍ଗଙ୍କ ସମର୍ପଣ ଭାରତକୁ ବିଶ୍ୱର ଅଦ୍ୱିତୀୟ ରାଷ୍ଟ୍ରରେ ରୂପାନ୍ତରିତ କରିବ

## ଯୁବୋଦୟ ପକ୍ଷରୁ 'ଆଚିଭର୍ସ ମିଟ୍'

ଭୁବନେଶ୍ୱର, ୨୧୭(ଅନୁରାଧା ମହାରଣା)

ପ୍ରତିଭାଦୀପ୍ତ ତରୁଣ ଓ ଯୁବବର୍ଗଙ୍କ ସମର୍ପଣ ଭାରତକୁ ବିଶ୍ୱର ଅଦ୍ୱିତୀୟ ରାଷ୍ଟ୍ରରେ ରୂପାନ୍ତରିତ କରିବ। ନିଜ ମେଧା, ପ୍ରତିଭା ଓ ଉଦ୍‌ଯୋଗକୁ ଦେଶ ଗଠନ ଏବଂ ରାଷ୍ଟ୍ର ନିର୍ମାଣରେ ବିନିଯୋଗ କରି ଏକ ଜାତୀୟ କର୍ତ୍ତବ୍ୟରେ ସମ୍ପାଦନ କରିବାକୁ ଯୁବୋଦୟର 'ଆଚିଭର୍ସ ମିଟ୍' ସମାବେଶରେ ଅତିଥିମାନେ ଆହ୍ୱାନ ଦେଇଛନ୍ତି। ନିଟ୍ ଓ ଜେଇଇ–୨୦୨୫ର ସଫଳ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା ଦେବା ପାଇଁ ଯୁବୋଦୟ ପକ୍ଷରୁ ସୋଆ ବିଶ୍ୱବିଦ୍ୟାଳୟ ପରିସରରେ ସ୍ୱତନ୍ତ୍ର ସମାବେଶ ରବିବାର ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ଜାତୀୟ ମାନବାଧିକାର ଆୟୋଗର ସଭ୍ୟ ଜଷ୍ଟିସ୍ ଡ. ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ, ଅନ୍ତର୍ଜାତୀୟ ସ୍ନାୟୁଶଲ୍ୟ ବିଶେଷଜ୍ଞ ପ୍ରଫେସର ଡା. ଅଶୋକ ମହାପାତ୍ର, ହୃଦ୍‌ରୋଗ ବିଶେଷଜ୍ଞ ପ୍ରଫେସର ଡା. ଶିଶୁ ଶଙ୍କର ମିଶ୍ର ଓ ପୂର୍ବତନ ରାଷ୍ଟ୍ରଦୂତ ସଞ୍ଜୟ ପଣ୍ଡା ପ୍ରମୁଖ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରିଥିଲେ।



ଯୁବୋଦୟର 'ଆଚିଭର୍ସ ମିଟ୍' ସମାବେଶରେ ଅତିଥିମାନେ ଜଣେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି।

ଏହି ଛାତ୍ରୀଛାତ୍ରମାନେ ଯୁବୋଦୟରେ ପ୍ରଶିକ୍ଷଣ ନେଇ ସର୍ବଭାରତୀୟ ପ୍ରବେଶିକା ପରୀକ୍ଷା ନିଟ୍ ଓ ଜେଇଇରେ କୃତିତ୍ୱ ଲାଭ କରିଛନ୍ତି। ଯୁବୋଦୟ ଅଧ୍ୟକ୍ଷ ଅଭିରାମ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିକ୍ଷା ଉଦ୍ୟୋଗୀ ଅମ୍ବରୀଶ ଦାଶ ସ୍ୱାଗତ ଭାଷଣ ଦେଇଥିଲେ। ସମ୍ପାଦିକା ମିତ୍ରବିନ୍ଦା ଦାଶ ଅତିଥିମାନଙ୍କୁ ସମ୍ମାନିତ କରିଥିଲେ। ଏହାସହ ବିଗତ ବର୍ଷଗୁଡିକରେ ମେଡିକାଲ କଲେଜରେ ଅଧ୍ୟୟନ କରିଥିବା ଯୁବୋଦୟର ପୁରାତନ ଛାତ୍ରୀଛାତ୍ରମାନଙ୍କୁ ଉପହାର ଓ ଉପଢ୍ୌକନ ଦେଇ ଅଭିନନ୍ଦନ ଜଣାଇଥିଲେ। ଅଧ୍ୟାପକ ଡ. ମୃତ୍ୟୁଞ୍ଜୟ ରଥ ମଞ୍ଚ ସଞ୍ଚାଳନ କରିବା ସହ ଧନ୍ୟବାଦ ଦେଇଥିଲେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଅନଲାଇନ୍ କାରବାରରେ ନୂଆ ମାଇଲଷ୍ଟୋନ୍

## ପ୍ରତି ମିନିଟରେ ୧୮,୦୦୦ ଅର୍ଡର

ଭୁବନେଶ୍ୱର,୨୧।୭

ବର୍ତ୍ତମାନ ସବୁବର୍ଗର ଗ୍ରାହକ ଅନ୍‌ଲାଇନ ପ୍ଲାଟଫର୍ମରେ କାରବାର କରିବାକୁ ପସନ୍ଦ କରୁଥିଲାବେଳେ ପ୍ଲାଟଫର୍ମର ଚାହିଦା ଉଭୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ମଧ୍ୟ ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଇଛି। ଏପରିକି ନିକଟରେ ଆରମ୍ଭ ହୋଇଥିବା ଆମାଜନ ପ୍ରାଇମ ଡେ-୨୦୨୫ ସେଲରେ ଏକ ଉତ୍ସାହଜନକ କାରବାର ଦେଖିବାକୁ ମିଳିଥିଲା। ଫଳରେ ଉପଭୋକ୍ତ ପ୍ରତି ମିନିଟ୍‌ରେ ୧୮,୦୦୦ ଅର୍ଡର ଅନଲାଇନ



ପ୍ଲାଟଫର୍ମରେ କରି ଏକ ନୂଆ ମାଇଲଷ୍ଟୋନ ତିଆରି କରିଛନ୍ତି। ଏହି ଅର୍ଡର ସହରାଞ୍ଚଳ ଅପେକ୍ଷା ଟାୟାର-୨ ସହରଗୁଡିକରେ ଦେଖିବାକୁ ମିଳିଛି। ସେହିଭଳି ଏହି ସେଲର ଅବଧି ମଧ୍ୟରେ ଆମାଜନ ଫ୍ରେସ ସର୍ବାଧିକ ୯୦% ଅର୍ଡର ଟାୟାର-୨ ସହରରୁ ଗ୍ରହଣ କରିଥିଲାବେଳେ ସେଥିମଧ୍ୟରୁ ୭୦% ଅର୍ଡର ଅତ୍ୟାବଶ୍ୟକ ସାମଗ୍ରୀର ଚିଠା ରହିଥିଲା। ଏହି ଅର୍ଡର ଦେଶର ପ୍ରମୁଖ ସହରର ଟାୟାର ୨ଓ ୩ ବଜାରରେ ହୋଇଥିଲା ବୋଲି ପ୍ଲାଟଫର୍ମ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି। ସେହିପରି ଏହି ସେଲ ସମସ୍ତ ରେକର୍ଡ ଭଙ୍ଗ କରି ନୂଆ ରେକର୍ଡ ହାସଲ ସହ ଅନଲାଇନ କାରବାରରେ ନୂଆ ମାଇଲଷ୍ଟୋନ ହାସଲ କରିଛି। ୨୦୨୪ରେ ଏହି ସେଲ ୫୦% ପାରକରିଥିଲାବେଳେ ୭୦% ଗ୍ରାହକ ଏହି ସେଲରେ ସାମିଲ ଥିଲେ। ବର୍ତ୍ତମାନ ସମୟରେ ପ୍ଲାଟଫର୍ମର ନେଟଓ୍ୱର୍କ ବୃଦ୍ଧି ସହ ଡେଲିଭରି ଓ ପହଞ୍ଚଯୋଗ୍ୟ ସେବାର ସମ୍ପ୍ରସାରଣ ଯୋଗୁ ଅର୍ଡରରେ ଉଲ୍ଲେଖନୀୟ ବୃଦ୍ଧି ଘଟିଛି। ଫଳରେ ବାର୍ଷିକଭିତ୍ତିରେ ଏହି ଅର୍ଡର ବୃଦ୍ଧି ପାଇ ୮୦%ରେ ପହଞ୍ଚିଛି। ଅପରପକ୍ଷରେ ପ୍ଲାଟଫର୍ମର ପ୍ରାଇମ ମେମ୍ବରମାନେ ଅଧିକ ସୁବିଧା ଓ ରିହାତି ପାଇପାରିଥିବାରୁ କାରବାର ପ୍ରାୟ ୨ ଗୁଣା ବୃଦ୍ଧି ଘଟିଛି। ପ୍ଲାଟଫର୍ମର ସମସ୍ତ ସେବାକୁ ସମ୍ପ୍ରସାରଣ କରାଯାଇଛି। ଏ ନେଇ ପ୍ଲାଟଫର୍ମ ପ୍ରାୟ ୨୦୦୦ କୋଟି ଟଙ୍କା ନିକଟରେ ନିବେଶ କରିଥିଲା ବୋଲି କମ୍ପାନୀ ପକ୍ଷରୁ ବିସ୍ତୃତ ଭାବେ କୁହାଯାଇଛି।

# ଆର୍ଥିକ ଅନ୍ତର୍ଭୁକ୍ତୀକରଣକୁ ଗୁରୁତ୍ୱ



ଭୁବନେଶ୍ୱର,୨୧।୭

ଭାରତ ସରକାରଙ୍କ ଆର୍ଥିକ ସେବା ବିଭାଗ ଦ୍ୱାରା ଆର୍ଥିକ ଅନ୍ତର୍ଭୁକ୍ତୀକରଣକୁ ଗୁରୁତ୍ୱାରୋପ କରାଯାଇଛି। ଏପରିକି ଦେଶବ୍ୟାପୀ ଆର୍ଥିକ ଅନ୍ତର୍ଭୁକ୍ତିକରଣ ଅଭିଯାନ ମାଧ୍ୟମରେ ନାଗରିକମାନଙ୍କୁ ସୁଲଭ ବ୍ୟାଙ୍କ ଏବଂ ଆର୍ଥିକ ସେବା ଯୋଗାଇ ଦିଆଯାଉଛି। ଚଳିତ ବର୍ଷ ଜୁଲାଇ ପହିଲାରୁ ଆରମ୍ଭ ହୋଇଥିବା ଏହି ଅଭିଯାନ ୨୦୨୫ ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ ଚାଲିବ। ଓଡ଼ିଶାରେ ମଧ୍ୟ ଏହି ଅଭିଯାନ ଆରମ୍ଭ ହୋଇସାରିଛି ଏବଂ ଏହାକୁ ତିନି ମାସର ଅବଧି ମଧ୍ୟରେ ଶେଷ କରିବା ସହ ରାଜ୍ୟର ୬,୭୯୪ଟି ଗ୍ରାମ ପଞ୍ଚାୟତରେ ପହଞ୍ଚାଇବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଭୁବନେଶ୍ୱରରେ ୟୁକୋ ବ୍ୟାଙ୍କ ନେତୃତ୍ୱରେ ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟି (ଏସଏଲବିସି) ଏବଂ ପିଆଇବି ଭୁବନେଶ୍ୱର ପକ୍ଷରୁ ସୋମବାର ଏକ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦିଆଯାଇଛି। ରାଜ୍ୟରେ ଆର୍ଥିକ ଅନ୍ତର୍ଭୁକ୍ତିକରଣକୁ ଗଭୀର କରିବା ଏବଂ ପ୍ରମୁଖ ସାମାଜିକ ସୁରକ୍ଷା ଯୋଜନାଗୁଡ଼ିକୁ ତୃଣମୂଳସ୍ତରରେ ପହଞ୍ଚାଇବାର ପ୍ରୟାସକୁ ଆହୁରି ବ୍ୟାପକ କରିବା ଲାଗି ଏସଏଲବିସି ନିଷ୍ପତ୍ତି ନେଇଛି। ଏହି ସମ୍ମିଳନୀରେ ଆର୍ଥିକ ଅନ୍ତର୍ଭୁକ୍ତିକରଣ ଅଭିଯାନର ଅଗ୍ରଗତି ଏବଂ ଭବିଷ୍ୟତର ରୂପରେଖ ସମ୍ପର୍କରେ ଆଲୋକପାତ କରାଯାଇଛି। ଏ ସମ୍ପର୍କରେ ୟୁକୋ ବ୍ୟାଙ୍କର ମୁଖ୍ୟ ମହାପ୍ରବନ୍ଧକ ଏବଂ ଏସଏଲବିସି ଓଡ଼ିଶାର ସଂଯୋଜକ ଗୌତମ ପାତ୍ର ଏହି ଅଭିଯାନର ଅଗ୍ରଗତି ଓ ଭବିଷ୍ୟତର ରୂପରେଖ ଉପରେ ଆଲୋକପାତ କରିଛନ୍ତି। ସେ କହିଛନ୍ତି, ଅଭିଯାନର ସଫଳ କାର୍ଯ୍ୟକାରିତା ପାଇଁ ୨୦୨୫ ଜୁନ୍ ୨୧ ରେ ରାଜ୍ୟସ୍ତରୀୟ ରଣନୀତି ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ବ୍ୟାଙ୍କଗୁଡ଼ିକର ନିୟନ୍ତ୍ରଣ ମୁଖ୍ୟ, ଲିଡ୍ ଜିଲ୍ଲା ପରିଚାଳକ (ଏଲଡିଏମ୍), ନାବାର୍ଡ, ଆରବିଆଇର ପ୍ରତିନିଧି ଏବଂ ଓଡ଼ିଶା ସରକାରଙ୍କ ବରିଷ୍ଠ ଅଧିକାରୀମାନଙ୍କ ସମେତ ପ୍ରମୁଖ ଅଂଶୀଦାରମାନେ ଯୋଗ ଦେଇଥିଲେ। ଏହି ସମ୍ମିଳନୀରେ ପିଆଇବି ଭୁବନେଶ୍ୱରର ଅତିରିକ୍ତ ମହାନିର୍ଦ୍ଦେଶକ ଅଖିଳ କୁମାର ମିଶ୍ର, ଭୁବନେଶ୍ୱର ଜୋନ ୟୁକୋ ବ୍ୟାଙ୍କର ଉପମହାପ୍ରବନ୍ଧକ ଏବଂ ଜୋନାଲ ମ୍ୟାନେଜର ଭାଗବତ ସିଂହ ଭାକୁନି, କଟକ ଜୋନର ୟୁକୋ ବ୍ୟାଙ୍କର ଉପମହାପ୍ରବନ୍ଧକ ଏବଂ ଜୋନାଲ ମ୍ୟାନେଜର ସୁଶ୍ରୀ ବର୍ଷା ଏବଂ ଏସଏଲବିସି ଓଡ଼ିଶାର ପ୍ରଭାରୀ ସହାୟକ ମହାପ୍ରବନ୍ଧକ ଲିଙ୍ଗରାଜ ନାୟକ ଉପସ୍ଥିତ ଥିଲେ।

# ଏଲ୍ଆଇସି ସହ ଡିଓଆର୍‌ଡିର ବୁଝାମଣା




ଏମ୍‌ଓୟୁ ଅବସରରେ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଅଛନ୍ତି।

ଭୁବନେଶ୍ୱର,୨୧।୭ (ଅଭୟ ଦାଶ)

ଭାରତୀୟ ଜୀବନ ବୀମା ନିଗମ (ଏଲ୍ଆଇସି) ଏବଂ ଡିପାର୍ଟମେଣ୍ଟ ଅଫ ରୁରାଲ ଡେଭଲପମେଣ୍ଟ (ଡିଓଆର୍‌ଡି), ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ନିକଟରେ ହୋଇଯାଇଛି। ଏପରିକି ସାରା ଦେଶରେ ଏଲ୍ଆଇସିର ବହୁ ପ୍ରତୀକ୍ଷିତ ଯୋଜନା 'ବୀମା ସଖୀ ସ୍କିମ୍'ର ପ୍ରଚାର-ପ୍ରସାରକୁ ଅଧିକ ଲୋକାଭିମୁଖୀ କରିବା ପାଇଁ ଉଭୟ ଏଲ୍ଆଇସି ଏବଂ ଡିଓଆରଡି ମଧ୍ୟରେ ଏକ ବୁଝାମଣା ପତ୍ର (ଏମଓୟୁ) ସ୍ୱାକ୍ଷର ହୋଇଛି।

ଉଲ୍ଲେଖଯୋଗ୍ୟ, ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ଗୋଆଠାରେ ଆୟୋଜିତ ୩ ଦିନିଆ ଜାତୀୟ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ସମ୍ମିଳନୀ 'ଅନୁଭୂତି' ଅବସରରେ ଏହି ଏମଓୟୁ ସ୍ୱାକ୍ଷରିତ ହୋଇଯାଇଛି।

ସେହିଭଳି ଏହି ଯୋଜନାର ପ୍ରଚାର ଓ ପ୍ରସାରକୁ ଉଭୟ ସରକାର ଓ ଏଲ୍ଆଇସି ଗୁରୁତ୍ୱ ଦେଉଥିଲାବେଳେ ବୀମା ସଖୀ ସ୍କିମ୍ ବିଶେଷ କରି ମହିଳାମାନଙ୍କ ପାଇଁ ଡିଜାଇନ କରାଯାଇଛି। ଏହାଫଳରେ ମହିଳାମାନେ ସ୍ୱାବଲମ୍ବୀ ହେବା ସହିତ ମାସିକ ରୂପେ ୭୦୦୦ ଟଙ୍କାର ଆର୍ଥିକ ସୁବିଧା ମଧ୍ୟ ଏହାର ବିକ୍ରୟ ବାବଦକୁ ବୃତ୍ତି ଆକାରରେ ପାଇବେ। ସେହିପରି ମହିଳାମାନଙ୍କୁ ଆର୍ଥିକ ଭାବେ ସ୍ୱାବଲମ୍ବୀ ସହ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରାଇବାକୁ ଏହାକୁ ବିଶେଷ ଭାବେ ଡିଜାଇନ କରାଯାଇଛି।

# ଏଫ୍‌ଡବ୍ଲ୍ୟୁଏ ସେବା କ୍ଷେତ୍ରରେ ଜିଓ ବିଶ୍ୱର ଅଗ୍ରଣୀ

ଭୁବନେଶ୍ୱର,୨୧।୭

ଫିକ୍ସଡ୍ ୱୟାରଲେସ୍ ଆକ୍ସେସ୍ (ଏଫ୍‌ଡବ୍ଲ୍ୟୁଏ) ସେବା କ୍ଷେତ୍ରରେ ରିଲାଏନ୍ସ ଜିଓ ବିଶ୍ୱର ଏକ ନମ୍ବର ସେବା ପ୍ରଦାନକାରୀ ସଂସ୍ଥା (କମ୍ପାନୀ) ଭାବେ ଉଭା ହୋଇଛି। ଏପରିକି ୭୪ ଲକ୍ଷରୁ ଅଧିକ ଗ୍ରାହକ ଜିଓର ଏଫଡବ୍ଲ୍ୟୁଏ ସେବା ସହ ଯୋଡି ହୋଇଛନ୍ତି। ଏହା ବିଶ୍ୱରେ ସର୍ବାଧିକ ବୋଲି କମ୍ପାନୀ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି। ବର୍ତ୍ତମାନ ରିଲାଏନ୍ସ ଜିଓ ଆମେରିକାର ଟି-ମୋବାଇଲ କମ୍ପାନୀକୁ ପଛରେ ପକାଇ ପ୍ରଥମ ସ୍ଥାନ ଅଧିକାର କରିଛି। ରିଲାଏନ୍ସ ଜିଓ ଏଫଡବ୍ଲ୍ୟୁଏ ଅଧୀନରେ ଜିଓଏୟାରଫାଇବର ସେବା ପ୍ରଦାନ କରୁଛି ବୋଲି ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ଅଧ୍ୟକ୍ଷ ତଥା ଏମ୍‌ଡି ମୁକେଶ ଅମ୍ବାନୀ କମ୍ପାନୀର ତ୍ରୈମାସିକ ଫଳାଫଳ ଘୋଷଣା ଅବସରରେ ଏ ନେଇ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି। ଅପରପକ୍ଷରେ ସେ କହିଛନ୍ତି, ଜିଓ ଏୟାରଫାଇବର ସହ ଜିଓଫାଇବର ମଧ୍ୟ ବେଶ ଭଲ ପ୍ରଦର୍ଶନ

Jio AIRFIBER

କରୁଛି। ଜିଓ ଦୁଇ କୋଟିରୁ ଅଧିକ ଘର ଓ ପରିସରକୁ ହାଇସ୍ପିଡ ହୋମ ବ୍ରଡବ୍ୟାଣ୍ଡ ସଂଯୋଗ କରିଛି। କମ୍ପାନୀ ୫ଜି କ୍ଷେତ୍ରରେ ମଧ୍ୟ ବେଶ ଦ୍ରୁତ ଗତିରେ ଗ୍ରାହକଙ୍କୁ ଯୋଡିଛି। ବର୍ତ୍ତମାନ ୨୧କୋଟି ୩୦ଲକ୍ଷରୁ ଅଧିକ ଗ୍ରାହକ ଜିଓ ଟ୍ରୁ ୫ଜି ନେଟଓ୍ୱର୍କ ସହ ସଂଯୁକ୍ତ ହୋଇଛନ୍ତି। ଆର୍ଥିକ ପ୍ରଦର୍ଶନରେ ମଧ୍ୟ କମ୍ପାନୀ ଅନେକ ରେକର୍ଡ ସ୍ଥାପନ କରିଛି। ଜିଓର ଗ୍ରାହକ ପିଛା ମାସିକ ହାରାହାରି ରାଜସ୍ୱ ୨୦୮.୭ ଟଙ୍କାକୁ ବୃଦ୍ଧି ପାଇଥିବାବେଳେ କମ୍ପାନୀର ତ୍ରୈମାସିକ ନେଟ୍ ଲାଭ ଗତବର୍ଷ ତୁଳନାରେ ୨୪.୮ % ବୃଦ୍ଧି ପାଇ ୭,୧୧୦କୋଟି ଟଙ୍କାରେ ପହଞ୍ଚିଛି। ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡର ଅଧ୍ୟକ୍ଷ ତଥା ଏମ୍‌ଡି ମୁକେଶ ଅମ୍ବାନୀ କହିଛନ୍ତି, ଆମର ଡିଜିଟାଲ୍ ସେବା ବ୍ୟବସାୟ ନିରନ୍ତର ଦୃଢ଼ ଆର୍ଥିକ ଏବଂ ପରିଚାଳନାଗତ ପ୍ରଦର୍ଶନ ସହିତ ଏହାର ବଜାର ସ୍ଥିତିକୁ ଆହୁରି ମଜଭୁତ କରିଛି।

# ଶେୟାର ବଜାରରେ ଉତ୍ସାହ

ମୁମ୍ବାଇ,୨୧।୭

କ୍ରମାଗତ ଭାବେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟୁଛି। ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟ ଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ଉତ୍ସାହ ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢାଇଛନ୍ତି। ବିଶେଷ କରି ସୋମବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସଇ)ର ସେନସେକ୍ସ ୪୪୩ (୪୪୨.୬୧) ପଏଣ୍ଟ ବୃଦ୍ଧି ଘଟି ୮୨,୨୦୦ (୮୨,୨୦୦.୩୪) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନଏସଇ)ର ନିଫ୍ଟି-୫୦ ରେ ମଧ୍ୟ ୧୨୨ (୧୨୨.୩୦) ପଏଣ୍ଟ ବଢି ୨୫,୦୯୧ (୨୫,୦୯୦.୭୦) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସଇ ସେନସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନ୍‌ଏସଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଓ ଆଇଟି ଶେୟାରଗୁଡିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ବୃଦ୍ଧି ଘଟିଛି।

# ବିଏଲ୍ଆଇର ନୂତନ ଉତ୍ପାଦ

ଭୁବନେଶ୍ୱର,୨୧।୭

ବନ୍ଧନ ଲାଇଫ୍ ଇନସ୍ୟୁରାନ୍ସ (ବିଏଲ୍ଆଇ)ର ନୂତନ ଉତ୍ପାଦ ତଥା ବନ୍ଧନ ଲାଇଫ୍ ଆଇଇନକମ୍ ୱେଲଥ୍‌ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ବିଶେଷ କରି ଏହା ପ୍ରିମିୟମ୍ ପୈଠରେ ୫ରୁ ୭ ଦିନ ମଧ୍ୟରେ ତୁରନ୍ତ ଆୟ ଦେବା ଆରମ୍ଭ ସହ ୧୦୦ ବର୍ଷ ବୟସ ପର୍ଯ୍ୟନ୍ତ ଜୀବନ ସୁରକ୍ଷା ମଧ୍ୟ ପ୍ରଦାନ କରିଥାଏ। ଏହି ଆୟରେ ସୁନିଶ୍ଚିତ ଦେୟ ସହିତ ସମ୍ଭାବ୍ୟ ନଗଦ ବୋନସ୍ ଅନ୍ତର୍ଭୁକ୍ତ ରହିଛି। ବନ୍ଧନ ଲାଇଫ୍ ଇନସ୍ୟୁରାନ୍ସର ଏମଡି ତଥା ସିଇଓ ସତୀଶ୍ୱର ବି କହିଛନ୍ତି, ଆମେ ବାସ୍ତବ ଜୀବନର ଆର୍ଥିକ ଚ୍ୟାଲେଞ୍ଜଗୁଡ଼ିକୁ ସମାଧାନ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ ରହିଛୁ। ଏପରିକି ଅଧିକାଂଶ ଭାରତୀୟ ଯାହା ଆୟ କରନ୍ତି, ତାହା ଖର୍ଚ୍ଚରେ ସାରିଦେଇଥାନ୍ତି ଏବଂ ସଞ୍ଚୟ ପାଇଁ ସେମାନଙ୍କ ପାଖରେ କିଛି ବଳକା ରହେ ନାହିଁ, ଏପରିକି ସାମାଜିକ ସୁରକ୍ଷା ପାଇଁ ଅର୍ଥର ଅଭାବ ରହିଥାଏ। ଅପରପକ୍ଷରେ ଅନେକ ବ୍ୟକ୍ତି, ଜରୁରୀ ମାସିକ ଖର୍ଚ୍ଚ ଉଠାଇବା ପାଇଁ ମଧ୍ୟ ଋଣ କରିଥାନ୍ତି। ଚାକିରୀ ହରାଇବା କିମ୍ବା ଜରୁରୀକାଳୀନ ଚିକିତ୍ସା ପରିସ୍ଥିତି ପରିବାରକୁ ଆର୍ଥିକ ସଙ୍କଟରେ ପକାଇପାରେ ଏବଂ ଆଇଇନକମ୍ ୱେଲଥ୍ ଏହି ଆବଶ୍ୟକତାକୁ ପୂରଣ କରିବା ପାଇଁ ପ୍ରସ୍ତୁତ କରାଯାଇଛି।


# Classified Everyday

0674-2580101, 9692975378



REAL ESTATE
SALE

BDA Approved Apartment Near SumHospital, Kalinganagar, Times Gurukul, Duplex near CVRaman, Tamando, Bhubaneswar-7854015157 D-76295

କଟକ ମହାନଦୀବିହାରରେ 2/3 BHK flat ଗୋପାଳପୁର, ଫୁଲନଖରା ଛକ, ତ୍ରିନାଥବଜାରରେ 3BHK duplex readymade ଅଛି। 8327785834. D-76286

Stitiban plot sale near IIT Argul, Khurdha, Bhubaneswar immediate Registration possession sqft.- 350/-, SC plot 250/-. 8328868883. D-76284

ଭୁବନେଶ୍ୱର ହଂସପାଳ ଭିଙ୍ଗାରପୁର ପାଖରେ 1300sqft. 5,80,000/- ପ୍ଲଟ୍ ବିକ୍ରିହେବ। 9114705579. D-76288

Ready to move 1/2BHK flat for sale @ 18/ 24 Lakh at Gudiapokhari Bhubaneswar. Call- 9861642492. D-1376

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

3BHK ready to move flat for sale at Jayadev Vihar Square, 2/4 BHK flat for sale at Hansapal Square, NH facing. Contact No.- 9437307086, 7008789347. D-1241




Newly open health benefits SPA by expert therapist. Contact- 8280961126. D-76928

Full body massage experience, good looking therapist @999 (Bhubaneswar). 9078484455. D-1325

Newly open SPA positively health benefits (expert therapist). Contact- 7327030529. D-76929

Newly open Jyoti SPA positively health benefits (expert therapist). 8458067955. D-76927


## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## AFFIDAVIT

I, Sanjukta Kumari Acharya, aged about 51 years, W/o- Arvind Tripathy, Resident of Plot No.- 803-P, Jaydev Vihar, near May Fair Lagoon, Bhubaneswar, P.S.- Nayapalli, Dist.- Khurda, PIN- 751013, Odisha declared by this affidavit No.- 28825, dtd- 08.07.2025. That now onwards I shall be known as Sanjukta Tripathy for all future purposes. D-1377

ମୁଁ, ସୋନାଲି, ସ୍ୱାମୀଙ୍କ ନାମ ପ୍ରବୀଣ ଦିଙ୍କର ଚନ୍ନେ, ବାସିନ୍ଦା- ୬୦୮, ବ୍ଲକ୍-୫, କ୍ଲବ୍ ଟାଉନ ଆପାର୍ଟମେଣ୍ଟ, ଡମଣା ଛକ, ଭୁବନେଶ୍ୱର, ଖୋର୍ଦ୍ଧା, ଓଡ଼ିଶା- ୭୫୧୦୧୬, ଏହିପରି ଘୋଷଣା କରୁଛି ଯେ, ଏହା ପରଠାରୁ ମୋ ନାମ ସୋନାଲି ପ୍ରବୀଣ ଚନ୍ନେ ବୋଲି ପରିଚିତ ହେବ। ଏହି ସମ୍ପର୍କରେ ମୁଁ ଏକ ଶପଥପତ୍ର (Affidavit) ସି.ଇ.ନମ୍ବର ୪୨, ଯାହା ୧୧।୦୭।୨୦୨୫ ତାରିଖରେ ଭୁବନେଶ୍ୱରରେ କାର୍ଯ୍ୟରତ ଏକ୍‌ଜିକ୍ୟୁଟିଭ ମ୍ୟାଜିଷ୍ଟ୍ରେଟ୍‌ଙ୍କ ସମ୍ମୁଖରେ ଶପଥ ନେଇ ସ୍ୱୀକୃତ କରିଛି। ଧ-୧୩୭୦

By virtue of an affidavit No.- 5569, dtd. 31.05.25 sworn before Executive Magistrate, Bhadrak, I, Basanti Nayak, W/o- Bhagaban Charan Nayak, Vill- Sananda, P.O.- Haripur, P.S.- Khaira, Dist.- Balasore, PIN- 756115, Odisha declare that I have changed my name Basant Manjari Nayak to Basanti Nayak. Henceforth, I shall be known as Basanti Nayak for all future purposes. D-1369

By virtue of an affidavit sworn before Executive Magistrate, Bijepur, dated 18/07/2025, I Bhubaneswar Bhue, Address: At/P.O.- Saipali, P.S.- Bijepur, Dist.- Bargarh, PIN- 768032 declare that I have changed my name from Beda Dharua to Bhubaneswar Bhue. Henceforth, I shall be known as Bhubaneswar Bhue for all purposes. D-1374

I, Sofiya Khanam, W/o- Hussain Mohammad Khan, resident of Bada Shankarpur, Puruna Bazar, Bhadrak-756100, Odisha, India, declare by this affidavit No.-1566, dated - 16.07.2025. That now onwards I shall be known as SOFIA KHANAM for all future purposes. D-1373

ମୁଁ, ଶ୍ରୀ ଲୋକନାଥ ପଟ୍ଟନାୟକ, ବୟସ: ୫୭ ବର୍ଷ, ପିତା: ସ୍ୱର୍ଗତ ସୀତାକାନ୍ତ ପଟ୍ଟନାୟକ, ଗ୍ରାମ: ସିଂହାରସାହି ହାଜିପୁର, ତହସିଲ/ଥାନା: ଏରସମା, ଜିଲ୍ଲା: ଜଗତ୍‌ସିଂହପୁର, ଶପଥ କରି କହୁଅଛି କି, ଆମ୍ଭର ପିତା ସ୍ୱର୍ଗତ ସୀତାକାନ୍ତ ପଟ୍ଟନାୟକ, ତା।.୦୮।୦୧।୨୦୧୯ରେ ସ୍ୱର୍ଗାରୋହଣ କଲେ। ସେତେବେଳେ ଉତ୍ତରାଧିକାରୀ ପ୍ରମାଣପତ୍ର ଆବେଦନ କରିବାକୁ ମୋର ଆଧାର କାର୍ଡର ନକଲ ଦେଇଥିଲି। ଏବେ ଜାଣିବାକୁ ପାଇଲି ଯେ, ଜାଲ୍ ଦସ୍ତଖତ କରି ମୋର ଆଧାର କାର୍ଡର ଅପବ୍ୟବହାର କରାଯାଉଛି। ଇତିମଧ୍ୟରେ ଯଦି ପୈତୃକ ସମ୍ପତ୍ତି ବନ୍ଧକ/ଲିଜ/ବିକ୍ରିବଟା, ବ୍ୟାଙ୍କ ଲୋନ ଅବା ଅନ୍ୟ କିଛି କରାଯାଇଥାଏ / ଭବିଷ୍ୟତରେ କରାଯିବ, ସେଥିପାଇଁ ମୁଁ ଆଇନଗତ ଭାବେ ଦାୟୀ ରହିବି ନାହିଁ। ଉପରୋକ୍ତ ବିଷୟ ସମ୍ପୂର୍ଣ୍ଣ ସତ୍ୟ ଅଟେ। ଧ-୧୩୭୧

By virtue of an affidavit sworn before Executive Magistrate, Nabarangpur, on 16th July 2025, I, K Shiva Prasad resident of Gadabaguda, Nabarangpur, P.O./P.S./ Dist.- Nabarangpur, Odisha, PIN-764059, declare that I have changed my name from Korada Shiva Prasad to K Shiva Prasad. Henceforth, I shall be known as K Shiva Prasad for all purposes.
K Shiva Prasad
D-1372

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
Q199723846@ybl | T&C Apply
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ
classifieddharitri@gmail.com
ରେ ଇମେଲ୍ କରନ୍ତୁ।

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

## ମନେ ପଡ଼ନ୍ତି

ଏକବିଂଶତମ ଶ୍ରାଦ୍ଧବାର୍ଷିକୀ



୰ ବିଷ୍ଣୁପ୍ରିୟା ମହାନ୍ତି
ଆବିର୍ଭାବ : ୨୫.୦୪.୧୯୩୦
ତିରୋଧାନ : ୧୩.୦୮.୨୦୦୪

ମା' ତୁ ଯିବାର ୨୧ବର୍ଷ ହୋଇଗଲାଣି। ତୋ ଅନୁପସ୍ଥିତି ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ତୁ ଦେଇଥିବା ସ୍ନେହ, ଶ୍ରଦ୍ଧା ଓ ପ୍ରେରଣା ଆମ ପାଇଁ ଚିର ସ୍ମରଣୀୟ ହୋଇ ରହିଥିବ। ତୋର ଅମର ଆତ୍ମାର ସଦ୍‌ଗତି ପାଇଁ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରୁଅଛୁ।
ପୁତ୍ର : ମୁନ୍ନା, ବୋହୂ: ରିନି, ଝିଅ: ରୁନି, ରୁଜି, ରେବା ଜ୍ୱାଇଁ: ଅନିମେଷ, ଗଗନ, ସୁବ୍ରତ, ନାତୁଣୀ ନାତି: ରିୟା, ଶ୍ରୀୟା, ସୋନୁ ଓ ଶୁଭମ୍
ଧ-୧୨୬୫

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା ଜ୍ୟୋତ୍ସ୍ନାମୟୀ ରାଉତ
ପୂର୍ବତନ ସରପଞ୍ଚ, ସନ୍ତପୁର
ଗଁଦିଆ ବ୍ଲକ, ଢେଙ୍କାନାଳ
ଆବିର୍ଭାବ-୦୧।୦୧।୧୯୬୮
ତିରୋଧାନ-୦୨।୦୮।୨୦୨୪
ଆପଣଙ୍କ ଅମରାତ୍ମା ଶାନ୍ତି ଓ ସଦ୍‌ଗତି ଲାଭ କରୁ, ଏତିକି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ସ୍ୱାମୀ-ପ୍ରତାପ, ଦିଅର-ନିର, ସୁଧିର, ଶିଶିର,ଝିଅ-ଚିଙ୍କି, ରିଙ୍କି, ପୁତୁରା, ଝିଆରୀ, ବନ୍ଧୁ ଓ ପରିବାରବର୍ଗ।
ସୌଜନ୍ୟ-ଶେଷଦେବ ରାଉତ, ସମାଜସେବୀ-ସମ୍ପାଦକ (ନ୍ୟୁ ଇଣ୍ଡିଆ)
ଧ-୧୩୬୫

# ଘରୁ ଦୂରାନ୍ତୁ ଝିଟିପିଟି

**ଝିଟିପିଟି ପ୍ରାୟ ଅଧିକାଂଶଙ୍କ ଘରେ ଥିବା ଦେଖିବାକୁ ମିଳିଥାଏ। କେହି କେହି ଏହାକୁ ଦେଖିଲେ ଭୟ ମଧ୍ୟ କରିଥାନ୍ତି। ଯଦି ଆପଣଙ୍କ ଘରେ ବି ଅଧିକ ଝିଟିପିଟି ଅଛନ୍ତି ଏବଂ ତାଙ୍କୁ ନ ମାରି ଘରୁ ବାହାର କରିବାକୁ ଚାହାନ୍ତି ତେବେ ଜାଣିରଖନ୍ତୁ କେତୋଟି ସହଜ ଉପାୟ...**




★କର୍ପୂରର ଗନ୍ଧ ଝିଟିପିଟିକୁ ପସନ୍ଦ ନୁହେଁ। ତେଣୁ ୪ଟି କର୍ପୂରକୁ ଗୁଣ୍ଡକରି ୧୫୦ମି.ଲି. ପାଣିରେ ମିଶାନ୍ତୁ। ସେଥିରେ ଅଳ୍ପ ଡେଟଲ ମିଶାଇ ସ୍ପ୍ରେ ବଟଲରେ ରଖି ଘରର ସବୁ କୋଣରେ ସ୍ପ୍ରେ କରନ୍ତୁ, ଝିଟିପିଟି କିମ୍ବା ଅନ୍ୟ ପୋକ ମଧ୍ୟ ଆସିବେ ନାହିଁ।

★ଯଦି କେମିକାଲ ବ୍ୟବହାର ପସନ୍ଦ ନୁହେଁ ତେବେ ପିଆଜ ଏବଂ ରସୁଣ ଆପଣଙ୍କ ପାଇଁ ସବୁଠୁ ସହଜ ପ୍ରାକୃତିକ ଉପାୟ। ଗୋଟିଏ ବଡ଼ ପିଆଜକୁ କାଟି ଦିଅନ୍ତୁ। ସେଥିରେ ଗୋଟିଏ ରସୁଣର ୧୦-୧୨ କୋଳା ମିଶାଇ ଗ୍ରାଇଣ୍ଡ କରିଦିଅନ୍ତୁ। ଏହାକୁ ଏକ କପଡ଼ାରେ ଚିପୁଡି ରସ ବାହାର କରନ୍ତୁ। ସେଥିରେ ସମ ପରିମାଣର ପାଣି ମିଶାଇ ସ୍ପ୍ରେ ବଟଲ୍‌ରେ ରଖି ଘରେ ସ୍ପ୍ରେ କରନ୍ତୁ। ଏହାର ତୀବ୍ର ଗନ୍ଧରେ ଘରୁ ଝିଟିପିଟି ଚାଲିଯିବେ।

★ସେହିପରି ପିପରମିଣ୍ଟ ଅଏଲ ୧୦-୧୫ ଟୋପା ନେଇ ପାଣିରେ ମିଶାଇ ସ୍ପ୍ରେ ବଟଲ୍‌ରେ ରଖି ଝିଟିପିଟି ହେଉଥିବା ସ୍ଥାନରେ ସ୍ପ୍ରେ କରନ୍ତୁ ଦେଖିବେ ଝିଟିପିଟି ଆଉ ଆସିବେ ନାହିଁ।

★ଘରର ବିଭିନ୍ନ ସ୍ଥାନରେ ଅଣ୍ଡା ଖୋଳ ରଖିଲେ ବି ଝିଟିପିଟି ଘରକୁ ଆସି ନ ଥାନ୍ତି।

★ଝିଟିପିଟି ନ ଆସିବା ଲାଗି ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଘରକୁ ସଫା ରଖିବା। ତେଣୁ ନିୟମିତ ସମୟ ଅନ୍ତରାଳରେ ଘରର ଛାତ, ଆଲମିରା ଓ କପ୍‌ବୋର୍ଡ ପଛପଟ, ବିଭିନ୍ନ ଫର୍ନିଚରର ପଛପଟ ଆଦିକୁ ସଫା କରନ୍ତୁ।



ଖାଦ୍ୟରୁଚି

## ମଖାନା ରାଇତା



**ଆବଶ୍ୟକ ସାମଗ୍ରୀ:** ୨ କପ୍ ମଖାନା, ୨ କପ୍ ଦହି, ଅଧା ଚାମଚ ଲେଖାଏ ଜିରା ଏବଂ ଧନିଆ ପାଉଡର, ଗୋଟିଏ କଞ୍ଚାଲଙ୍କା(ଛୋଟ ଛୋଟ କଟାହୋଇଥିବା), କଳା ଲୁଣ, ଧନିଆ ପତ୍ର( ଛୋଟ ଛୋଟ କଟାହୋଇଥିବା)।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଏକ ପାତ୍ରରେ ମଖାନା ଭିଜାଇ ଦିଅନ୍ତୁ। ୨ମିନିଟ୍ ପରେ ଏହାକୁ ଭଲ ଭାବେ ଧୋଇ ଛାଣିଦିଅନ୍ତୁ। ଆଉ ଏକ ପାତ୍ରରେ ଦହି ନେଇ ସେଥିରେ ଜିରା ଏବଂ ଧନିଆ ପାଉଡର ପକାନ୍ତୁ। ସେଥିରେ କଟା ଲଙ୍କା ଏବଂ ସ୍ୱାଦ ଅନୁସାରେ କଳା ଲୁଣ ପକାଇ ମିଶାନ୍ତୁ। ବର୍ତ୍ତମାନ ସେଥିରେ ମଖାନା ପକାଇ ଭଲ ଭାବେ ଗୋଳାଇ ଦିଅନ୍ତୁ। ଏହାକୁ ୧୫-୨୦ମିନିଟ୍ ଫ୍ରିଜ୍‌ରେ ରଖନ୍ତୁ। ଏହା ଉପରେ କଟା ଧନିଆପତ୍ର ପକାଇ ଗାର୍ନିସ୍ କରି ଖାଇବାର ମଜା ନିଅନ୍ତୁ।

# ଗୋଲ୍ଡ ଲୋନ୍



ମହିଳାମାନେ ସାଧାରଣତଃ ସୁନାଗହଣା ପ୍ରିୟ। ତେଣୁ ସୁନା ଦର ଦିନକୁ ଦିନ ବଢୁଥିଲେ ସୁଦ୍ଧା ଅନେକେ ଏହାକୁ କିଣିବାକୁ ଆଦୌ ପଛଘୁଞ୍ଚା ଦିଅନ୍ତି ନାହିଁ। ଏହା ପଛର ମୁଖ୍ୟ କାରଣ ହେଉଛି ସୁନା ଏଭଳି ଏକ ମୂଲ୍ୟବାନ୍ ଧାତୁ ଯାହାକି ଇନ୍‌ଭେଷ୍ଟମେଣ୍ଟ ପାଇଁ ମଧ୍ୟ ଏକ ଭଲ ବିକଳ୍ପ ସାଜିପାରେ। ତେବେ ହଠାତ୍ ଟଙ୍କା ଆବଶ୍ୟକ ସମୟରେ ପାଖରେ ସୁନା ଥିଲେ ଏହାକୁ ନିବେଶକରି ସହଜ ଏବଂ ସୁରକ୍ଷିତ ଭାବେ ଲୋନ୍ ଅଣାଯାଇପାରିବ। ବର୍ତ୍ତମାନ ଆମ ଦେଶରେ ମଧ୍ୟ ଗୋଲ୍ଡ ଲୋନ୍ ନେବା ପାଇଁ ଅନେକ ସୁବିଧା ଉପଲବ୍ଧ ହେଲାଣି ; ଯେଉଁଥିପାଇଁ ଅସମୟରେ ଲୋକଙ୍କୁ ଆଉ ସୁନା ବିକ୍ରି କରିବାକୁ ପଡୁନାହିଁ। ବିବାହ, ଚିକିତ୍ସା, ପିଲାଙ୍କ ହାୟର ଷ୍ଟଡି ଏମିତିକି କେହି କେହି ଗାଡ଼ି କିଣିବା ଲାଗି ମଧ୍ୟ ସୁଧ ହାର କମ୍ ଥିବାରୁ ଗୋଲ୍ଡ ଲୋନ୍ ନେଉଛନ୍ତି। ତେବେ ଗୋଲ୍ଡ ଲୋନ୍ କିପରି ମିଳିଥାଏ, ଏଥିରେ କ'ଣ ସୁବିଧା ବା ଅସୁବିଧା ରହିଛି, ସମ୍ପୂର୍ଣ୍ଣ ଋଣ ଶୁଝିବା ପରେ ସୁନା ମିଳିବା କଷ୍ଟକର ନୁହେଁ ତ ଇତ୍ୟାଦି ଭଳି ପ୍ରଶ୍ନ ଅନେକଙ୍କ ମନରେ ଆସୁଥାଇପାରେ। ଜାଣନ୍ତୁ ଏହା ସମ୍ପର୍କରେ...

**ଗୋଲ୍ଡ ଲୋନ୍ ମିଳେ କିପରି:** ଏହି ପ୍ରକ୍ରିୟା ଆଦୌ କଷ୍ଟକର ନୁହେଁ। ଯଦି କୌଣସି ବ୍ୟାଙ୍କ୍ , ଗୋଲ୍ଡ ଲୋନ୍ ଦେଉଥିବା କମ୍ପାନୀ ବା ନନ୍ ବ୍ୟାଙ୍କିଙ୍ଗ୍ ଫାଇନାନ୍ସିଆଲ୍ କମ୍ପାନୀ(ଏନ୍‌ବିଏଫ୍‌ସି)ରେ ନିଜର ସୁନାଗହଣା, ବାର୍, କଏନ୍ ଆଦି ବନ୍ଧକ ରଖି ଲୋନ୍ ନେବାକୁ ଚାହୁଁଥାନ୍ତି ତେବେ ସେଠାରେ ସେମାନେ ପ୍ରଥମେ ଏହାର କ୍ୱାଲିଟି ଯାଞ୍ଚ କରିଥାନ୍ତି। ଏହାକୁ ଆଧାରକରି ବର୍ତ୍ତମାନର ମାର୍କେଟ୍ ରେଟ୍ ବା ବଜାର ମୂଲ୍ୟ ଅନୁଯାୟୀ କେତେ ଲୋନ୍ ମିଳିପାରିବ ତାହା ନିର୍ଦ୍ଧାରଣ କରିଥାନ୍ତି। ଏହି ଦାମ୍ ନିବେଶକାରୀଙ୍କୁ ପସନ୍ଦ ଆସିଲେ କେତେକ ଅଫିସିଆଲ୍ କାଗଜପତ୍ର କାମ ବା ଡକ୍ୟୁମେଣ୍ଟେଶନ କରାଯିବା ପରେ ଲୋନ୍ ମିଳିଥାଏ। ଅନ୍ୟ ଲୋନ୍ ପରି ଏଥିପାଇଁ ଦିନ ଦିନ ବ୍ୟାଙ୍କକୁ ଧାଇଁବାର ଟେନ୍‌ସନ ନ ଥାଏ। ମାତ୍ର କେତେଘଣ୍ଟାରେ ଏହା ମିଳିଯାଏ। ଯଦି ଲୋନ୍ ରାଶି ଅଳ୍ପ ଥାଏ ତେବେ କ୍ୟାଶ୍ ଆକାରରେ ମିଳିଯାଉଥିବା ବେଳେ ଅଧିକ ହୋଇଥିଲେ ଅନ୍‌ଲାଇନରେ ଆକାଉଣ୍ଟକୁ ଟ୍ରାନ୍ସଫର କରିଦିଆଯାଇଥାଏ।

### ଜାଣିରଖନ୍ତୁ

➔ଗୋଲ୍ଡ ଲୋନ୍ ନେଉଥିଲେ ଯଦି ମଝିରେ ମଝିରେ କିଛି ମାସ ଆଦୌ ସୁଧ ନ ଦିଅନ୍ତି ତେବେ ବ୍ୟାଙ୍କ କିମ୍ବା ଉକ୍ତ କମ୍ପାନୀ ପକ୍ଷରୁ ନୋଟିସ ଆସିଥାଏ। ତଥାପି ସୁଧ ନ ଦେଲେ ଉକ୍ତ ବ୍ୟାଙ୍କ୍‌ର ଅଧିକାର ଅଛି ଯେ ସେ ଆପଣଙ୍କ ସୁନାଗହଣାକୁ ନିଲାମ କରିଦେଇପାରିବ। କେବଳ ଏତିକି ନୁହେଁ, ଠିକ୍ ସମୟରେ ସୁଧ ନ ଦେଲେ ସିଭିଲ ସ୍କୋର ଡାଉନ୍ ହୋଇଯାଇଥାଏ।

➔ଲୋନ୍ ସେତିକି ନିଅନ୍ତୁ ଯେତିକି ଶୁଝିପାରିବେ। ଅର୍ଥାତ୍ ଇଏମ୍‌ଆଇ ଯେପରି ନିଜ ମାସିକ ରୋଜଗାରର ୪୦%ରୁ କମ୍ ହୁଏ ସେଥିପ୍ରତି ଧ୍ୟାନଦିଅନ୍ତୁ।

**ସୁନା କେବଳ ଏକ ଦାମୀ ଆଭୂଷଣ ଭାବେ ନାରୀର ସୌନ୍ଦର୍ଯ୍ୟ ବୃଦ୍ଧିକରି ନ ଥାଏ ବରଂ ପାଖରେ ସୁନା ଥିଲେ ଅସମୟରେ ଏହାକୁ ବନ୍ଧକ ରଖି ଲୋନ୍ ଆଣିବା, ଆର୍ଥିକ ସଙ୍କଟ ଦୂରକରିବାର ସବୁଠୁ ଭଲ ବିକଳ୍ପ ବି ସାଜିପାରେ ...**





ସବୁଠୁ ଭଲ କଥା ହେଉଛି ଅନ୍ୟ ଲୋନ୍ ତୁଳନାରେ ଏଥିରେ ସୁଧହାର କମ୍ ରହିଥାଏ।

**କେତେ ମିଳେ ଲୋନ୍:** ରିଜର୍ଭ ବ୍ୟାଙ୍କର ଗୋଲ୍ଡଲୋନ୍ ଗାଇଡ୍‌ଲାଇନ ଅନୁଯାୟୀ ଲୋନ୍ ଟୁ ଭାଲ୍ୟୁ(ଏଲ୍‌ଟିଭି) ବା ସୁନାର ଦାମ୍ ଅନୁଯାୟୀ ଲୋନ୍‌ର ଅନୁପାତ ସର୍ବାଧିକ ୭୫% ରହିଥାଏ। ଅର୍ଥାତ୍ ଯଦି ଜଣେ ୧୦୦୦ ଟଙ୍କାର ସୁନା ବନ୍ଧକ ରଖେ ତେବେ ତାଙ୍କୁ ସର୍ବାଧିକ ୭୫୦ ଟଙ୍କା ପର୍ଯ୍ୟନ୍ତ ଲୋନ୍ ମିଳିପାରିବ। ତେବେ ନିକଟରେ ରିଜର୍ଭ ବ୍ୟାଙ୍କ ପକ୍ଷରୁ ୨ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସୁନା ପାଇଁ ୮୫% ପର୍ଯ୍ୟନ୍ତ ଲୋନ୍ ଦେବାକୁ ନିଷ୍ପତ୍ତି ନିଆଯାଇଛି। ଗୋଲ୍ଡ ଲୋନ୍‌ରେ କେତେ ହଜାର ଟଙ୍କାରୁ ଲକ୍ଷ ଲକ୍ଷ ଟଙ୍କା ଲୋନ୍ ନେଇପାରିବେ। ଯେଉଁଥିରେ ଲୋନ୍ ଶୁଝିବାର ସମୟ ସୀମା ୩ ମାସରୁ ୫ ବର୍ଷ ପର୍ଯ୍ୟନ୍ତ ରହିଥାଏ।

**କିପରି କରିବେ ଗଣନା:** କେତେ ସୁନା ପାଇଁ କେତେ ଟଙ୍କା ଲୋନ୍ ପାଇପାରିବେ ଜାଣିବା ଲାଗି ବ୍ୟାଙ୍କ୍ କିମ୍ବା ଗୋଲ୍ଡ ଲୋନ୍ କମ୍ପାନୀ ସହ ଯୋଗାଯୋଗ କରିପାରିବେ। ଯଦି ଘରେ ରହି ଏହା ଅନୁମାନ ଲଗାଇବାକୁ ଚାହାନ୍ତି ତେବେ ବ୍ୟାଙ୍କ୍ କିମ୍ବା କମ୍ପାନୀର ୱେବ୍‌ସାଇଟ୍‌ରେ ଦିଆଯାଇଥିବା କାଲ୍‌କୁଲେଟରର ସାହାଯ୍ୟ ନେଇପାରିବେ। ଏଥିରୁ ଆପଣଙ୍କୁ ପ୍ରତି ମାସରେ କେତେ ଟଙ୍କା ପର୍ଯ୍ୟନ୍ତ ଇଏମ୍‌ଆଇ ଦେବାକୁ ପଡ଼ିବ ମଧ୍ୟ ଜାଣିପାରିବେ।

**ସୁଧ ହାର:** ବିନା ସିକ୍ୟୁରିଟି ଥିବା ପର୍ସନାଲ ଲୋନ୍ କିମ୍ବା କ୍ରେଡିଟ୍ କାର୍ଡରେ ନେଉଥିବା ଲୋନ୍‌ରେ ସୁଧ ହାର ୯%ରୁ ଆରମ୍ଭକରି ୪୫% ପର୍ଯ୍ୟନ୍ତ ରହୁଥିବା ବେଳେ ଗୋଲ୍ଡ ଲୋନ୍‌ରେ ଏହି ସୁଧ ହାର ଅପେକ୍ଷାକୃତ କମ୍ ଅର୍ଥାତ୍ ବିଭିନ୍ନ ବ୍ୟାଙ୍କ ତଥା କମ୍ପାନୀ ଅନୁଯାୟୀ ୮.୮%ରୁ ୨୭% ପର୍ଯ୍ୟନ୍ତ ରହିଥାଏ। ଏହାକୁ ଚାହିଁଲେ ପ୍ରତି ମାସରେ ଇନ୍‌ଷ୍ଟାଲ୍‌ମେଣ୍ଟରେ ଶୁଝିପାରିବେ କିମ୍ବା ଏକକାଳୀନ ମଧ୍ୟ ଶୁଝିପାରିବେ।

**ଲୋନ୍ ନେବାର ଯୋଗ୍ୟତା:** ଯେକେହି ଚାହିଁଲେ ଗୋଲ୍ଡ ଲୋନ୍ ନେଇପାରିବେ ନାହିଁ। ଏଥିପାଇଁ ବୟସ ସୀମା ୧୮ରୁ ଊର୍ଦ୍ଧ୍ୱ ଏବଂ ୭୫ ବର୍ଷରୁ କମ୍ ହୋଇଥିବା ଦରକାର। ପାଖରେ ପ୍ୟାନ୍ କାର୍ଡ, ଆଧାର କାର୍ଡ, ଡ୍ରାଇଭିଂ ଲାଇସେନ୍ସ, ଭୋଟର ଆଇଡି, ପାସ୍‌ପୋର୍ଟ ଭଳି କୌଣସି ଆଇଡି ପ୍ରୁଫ୍ ଦରକାର। ଏହାସହ ଇଲେକ୍ଟ୍ରି ବିଲ୍, ପୋଷ୍ଟପେଡ୍ ଫୋନ୍ ବିଲ୍, ୱାଟର ବିଲ୍ ଭଳି ଆଡ୍ରେସ୍ ପ୍ରୁଫ୍ ଏବଂ ୨ଟି ପାସ୍‌ପୋର୍ଟ ସାଇଜ୍ ଫଟୋଗ୍ରାଫ୍ ସହ ବନ୍ଧା ରଖିବା ଲାଗି ସୁନା ଥିବା ଦରକାର।





ସୌନ୍ଦର୍ଯ୍ୟ

# ବର୍ଷାରେ କେଶ ଝଡୁଥିଲେ...

**ବର୍ଷାଦିନେ କେଶ ଝଡ଼ିବା ସମସ୍ୟା ସାଧାରଣତଃ ବଢ଼ିଯାଏ। ବର୍ଷାପାଣି ସଂସ୍ପର୍ଶରେ ଆସି କେଶ ନ ଶୁଖିବା, ଫଙ୍ଗାଲ୍ ଇନ୍‌ଫେକ୍ସନ ହେବା ଆଦି ଏହାର ମୁଖ୍ୟ କାରଣ। ତେଣୁ ଏଦିନେ କିପରି ଯତ୍ନ ନେଲେ କେଶ ଝଡ଼ିବ ନାହିଁ ଜାଣିରଖନ୍ତୁ ସେ ସମ୍ପର୍କରେ...**

❖ଏହିଦିନେ କେଶକୁ ବର୍ଷାପାଣି ସଂସ୍ପର୍ଶରେ ଆସିବାକୁ ଦିଅନ୍ତୁ ନାହିଁ। କାରଣ ବର୍ଷାପାଣି ସାଧାରଣତଃ ସାମାନ୍ୟ ଅମ୍ଳଯୁକ୍ତ ହୋଇଥିବା ବେଳେ ଏଥିରେ ଅନେକ ଧୂଳିକଣା ମଧ୍ୟ ମିଶାଥାଏ, ଯାହାକି କେଶକୁ କ୍ଷତି ପହଞ୍ଚାଇଥାଏ। ଯଦି ହଠାତ୍ ବର୍ଷାରେ ଓଦାହୋଇଯାଏ ତେବେ ତୁରନ୍ତ ଶୁଖିଲା ଟାୱେଲ୍‌ରେ ଭଲ ଭାବେ କେଶ ପୋଛିଦିଅନ୍ତୁ। ମାଇଲ୍ଡ, ସଲ୍‌ଫେଟ୍ ଫ୍ରି ଶାମ୍ପୁରେ ଧୋଇପାରିଲେ ଖୁବ୍ ଭଲ। ନଚେତ୍ ପାଣି ଜମି ରହିବା ଯୋଗୁ ଫଙ୍ଗାଲ୍ ଇନ୍‌ଫେକ୍ସନ ହୋଇ କେଶ ଝଡ଼ିପାରେ।



❖ବର୍ଷାଦିନେ ସପ୍ତାହରେ ଅତି କମ୍‌ରେ ୨-୩ ଥର ମାଇଲ୍ଡ ହର୍ବାଲ ଶାମ୍ପୁ ଲଗାଇ କେଶ ଧୁଅନ୍ତୁ। ନିୟମିତ ନଡ଼ିଆତେଲ, ଅଁଳା, ଆଲମଣ୍ଡ ତେଲ କିମ୍ବା ବ୍ରାହ୍ମି ତେଲ ଲଗାଇ ସ୍କାଲ୍ପ ଏବଂ କେଶକୁ ଭଲ ଭାବେ ମସାଜ କରନ୍ତୁ, କେଶ ମଜଭୁତ ହେବ। ତା'ଛଡ଼ା ଏପରି କଲେ କେଶରେ ଫଙ୍ଗାଲ ଇନ୍‌ଫେକ୍ସନ ହେବ ନାହିଁ ଏବଂ କେଶ ଝଡ଼ିବା ସମସ୍ୟା ମଧ୍ୟ ଦେଖାଦେବ ନାହିଁ।

❖ଅନେକେ ବର୍ଷାପାଣି ପଡ଼ିଲେ ହେୟାର ଡ୍ରାୟର, ଷ୍ଟ୍ରେଟ୍‌ନର ଆଦି ସାହାଯ୍ୟରେ କେଶ ଶୁଖାଇଦିଅନ୍ତି। ହେଲେ କେଶକୁ ଅଧିକ କ୍ଷତି ପହଞ୍ଚାଇଥାଏ। ତେଣୁ ଏପରି ଆଦୌ କରନ୍ତୁ ନାହିଁ।

❖ଏଦିନେ ଖାଦ୍ୟପେୟରେ ଅବହେଳା ମଧ୍ୟ କେଶ ଝଡ଼ିବାର ଅନ୍ୟତମ ମୁଖ୍ୟ କାରଣ। ତେଣୁ ଯଥା ସମ୍ଭବ ବାହାର ଖାଦ୍ୟ, ଜଙ୍କ୍‌ଫୁଡ୍, ଷ୍ଟ୍ରିଟ୍‌ଫୁଡ୍ ବଦଳରେ ସନ୍ତୁଳିତ ଖାଦ୍ୟ ଖାଆନ୍ତୁ। ଏହାଦ୍ୱାରା ଶରୀରର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବା ସହ କେଶ ଝଡ଼ିବା ସମସ୍ୟା ବି କମାଇବ।

❖ବର୍ଷାଦିନେ ଅନେକେ ପାଣି ପିଇବା କମ୍ କରିଦିଅନ୍ତି। ହେଲେ ଏପରି ନ କରି ଅତି କମ୍‌ରେ ଦିନକୁ ୩-୪ ଲିଟର ପାଣି ପିଅନ୍ତୁ, ଯାହା କେଶ ଏବଂ ସ୍କାଲ୍ପକୁ ଭିତରୁ ମଶ୍ଚରାଇଜ୍ ରଖିବ ଏବଂ ଝଡ଼ିବାକୁ ଦେବ ନାହିଁ।

❖ବର୍ଷାରେ ବାୟୁମଣ୍ଡଳର ଆର୍ଦ୍ରତା ବଢ଼ିଯାଉଥିବାରୁ କେଶ ଝଡିବା ସମସ୍ୟା ବୃଦ୍ଧିପାଇଥାଏ। ଚର୍ମ ବିଶେଷଜ୍ଞଙ୍କ କହିବା ଅନୁଯାୟୀ ଯଦି ଏହିଦିନେ ୧୦୦ରୁ ୧୫୦ଟି କେଶ ଝଡୁଥାଏ ତେବେ ତାହା ସାଧାରଣ କଥା। ହେଲେ ଯଦି ଏହାଠାରୁ ଅଧିକ କେଶ ଝଡୁଛି ତେବେ ଡାକ୍ତରଙ୍କ ପରାମର୍ଶ ନେବା ଆବଶ୍ୟକ।



# ବର୍ଷାରେ ଗର୍ଭବତୀଙ୍କ ଯତ୍ନ

**ବର୍ଷାଦିନେ ସାଧାରଣତଃ ଅନେକଙ୍କଠାରେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଇଥାଏ। ଗର୍ଭବତୀ ନାରୀମାନଙ୍କୁ ନିଜ ସହ ଗର୍ଭସ୍ଥ ଶିଶୁ ପାଇଁ ବିଶେଷ ଧ୍ୟାନ ଦେବା ଆବଶ୍ୟକ...**

➔ବର୍ଷା ସମୟରେ ଗର୍ଭବତୀ ନାରୀମାନଙ୍କ ଦେହର ରୋଗ ପ୍ରତିରୋଧକ ଶକ୍ତି କମିଯାଉଥିବାରୁ ଝାଡ଼ା, ବାନ୍ତି, ଜଣ୍ଡିସ୍, ଜ୍ୱର ଆଦି ଅନେକ ଖାଦ୍ୟଜନିତ ସଂକ୍ରମଣ ରୋଗ ହୋଇଥାଏ। ତେଣୁ ନିଜ ସହ ଗର୍ଭସ୍ଥ ଶିଶୁର ଶରୀରକୁ ଶକ୍ତି ଯୋଗାଇ ଦେବା ଭଳି ସୁଷମ ତଥା ବେଶି ପୁଷ୍ଟିକର ଖାଦ୍ୟ ଖାଇବା ଆବଶ୍ୟକ। ବେଶି ତେଲ ମସଲାଯୁକ୍ତ, ବାସିଖାଦ୍ୟ, ବଜାରରେ ମିଳୁଥିବା ଖାଦ୍ୟ ଖାଇବା ଅନୁଚିତ।

➔ ବର୍ଷା ଅଧିକ ହେଲେ ଅନେକେ ଜଳବାୟୁ ଆର୍ଦ୍ର ଥିବାରୁ ପାଣି ପିଇବାରେ ଅବହେଳା କରି ବସନ୍ତି। ହେଲେ ଏ ସମୟରେ କମ୍ ପାଣି ପିଇଲେ ଗର୍ଭବତୀଙ୍କୁ ଡିହାଇଡ୍ରେଶନ ହୋଇ ବାନ୍ତି ଲାଗେ, ମୁଣ୍ଡ ବିନ୍ଧେ ଏବଂ ଅଚେତ ହେବା ଭଳି ଲାଗେ। ତେଣୁ ସେମାନେ ଫଳରସ, ପଇଡ଼, ପାଣି, ଲେମ୍ବୁ ସରବତ, ସୁପ୍ ଆଦି ପ୍ରଚୁର ପରିମାଣରେ ପିଇବା ଦରକାର।

➔ ଗର୍ଭବତୀଙ୍କୁ ସ୍ୱାସ୍ଥ୍ୟରକ୍ଷା ନିମନ୍ତେ ସଫାସୁତରା ରହିବା ଆବଶ୍ୟକ। ଭଲ ଭାବରେ ସ୍ନାନ କରିବା ଦ୍ୱାରା ଚର୍ମ ପରିଷ୍କାର ହୁଏ ଓ ଜୀବାଣୁ ଚର୍ମ ଭିତରକୁ ଯାଇପାରେ ନାହିଁ। ଖାଇବା ଆଗରୁ ଡିସ୍-ଇନ୍‌ଫ୍ୟାକ୍ଟାଣ୍ଟ ହ୍ୟାଣ୍ଡୱାଶ୍ ଲଗାଇ ହାତ ଧୋଇବା ଆବଶ୍ୟକ।

➔ମ୍ୟାଲେରିଆ ଓ ଡେଙ୍ଗୁ ରୋଗରୁ ରକ୍ଷା ପାଇଁ ମଶାରି ଟାଣି ଶୋଇବା ଦରକାର।

➔ଗର୍ଭବତୀ ମହିଳା ବର୍ଷାଦିନେ ବାହାରକୁ ଯାଉଥିଲେ ପାଖରେ ଛତା, ରେନିକୋଟ ରଖିବା ନିହାତି ଆବଶ୍ୟକ।

➔ଏଦିନେ ଶୋଇବା ପୂର୍ବରୁ ପାଦରେ ଉଷୁମତେଲ ମାଲିସକଲେ ଉପକୃତ ହେବେ।



ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ମଙ୍ଗଳବାର, ଜୁଲାଇ ୨୨/୨୦୨୫ Bhubaneswar, Tuesday, July 22/ 2025

# ଇଂଲଣ୍ଡ ଟୁର୍‌ରୁ ନୀତୀଶ ବାଦ୍





ଓଲ୍ଡ ଟ୍ରାଫୋର୍ଡ କ୍ରିକେଟ ଗ୍ରାଉଣ୍ଡରେ ପ୍ରାକ୍ଟିସ ସେସନରେ ଯଶସ୍ୱୀ ଜୟସ୍ୱାଲ ଓ ଯଶପ୍ରୀତ ବୁମ୍‌ରା। ଅଂଶୁଲ କାମ୍ବୋଜ।

**ମାଞ୍ଚେଷ୍ଟର,୨୧।୭(ପି.ଟି.)**

ଭାରତୀୟ ଅଲ୍‌ରାଉଣ୍ଡର ନୀତୀଶ କୁମାର ରେଡ୍ଡୀ ଇଂଲଣ୍ଡ ବିପକ୍ଷରେ ଚାଲିଥିବା ଟେଷ୍ଟ ସିରିଜ୍‌ର ବଳକା ମ୍ୟାଚ୍‌ରୁ ବାଦ୍ ପଡ଼ିଛନ୍ତି। ସେହିଭଳି ପେସର ଅର୍ଶଦୀପ ସିଂ ଚତୁର୍ଥ ଟେଷ୍ଟ ଲାଗି ଉପଲବ୍ଧ ହେବେ ନାହିଁ ବୋଲି ବିସିସିଆଇ ପକ୍ଷରୁ ସୋମବାର କୁହାଯାଇଛି।

ଦ୍ୱିତୀୟ ଓ ତୃତୀୟ ଟେଷ୍ଟରେ ଖେଳିଥିବା ରେଡ୍ଡୀ ରବିବାର ଜିମ୍‌ରେ

### ଅର୍ଶଦୀପ ଚତୁର୍ଥ ଟେଷ୍ଟ ପାଇଁ ଅନୁପଲବ୍ଧ

ଟ୍ରେନିଂ କରୁଥିବା ବେଳେ ଆହତ ହୋଇଛନ୍ତି। ସ୍କାନ୍‌ରୁ ତାଙ୍କ ଲିଗାମେଣ୍ଟ ଡ୍ୟାମେଜ୍ ହୋଇଥିବା ଜଣାପଡ଼ିଛି। ବାମ ଆଣ୍ଠୁରେ ଆଘାତ ଲାଗିଥିବାରୁ ରେଡ୍ଡୀ ବଳକା ଦୁଇ ଟେଷ୍ଟରୁ ବାଦ୍ ପଡ଼ିଛନ୍ତି। ସେ ସ୍ୱଦେଶ ଫେରିବେ। ଏପର୍ଯ୍ୟନ୍ତ ସିରିଜ୍‌ରେ ଖେଳି ନ ଥିବା ଅର୍ଶଦୀପ ମଧ୍ୟ ଆହତ ହୋଇଛନ୍ତି। ଗତ ସପ୍ତାହରେ ନେଟ୍ସରେ ବୋଲିଂ ପ୍ରାକ୍ଟିସ୍ ବେଳେ ତାଙ୍କ ବାମହାତ ବୁଢ଼ା ଆଙ୍ଗୁଠିରେ ଆଘାତ ଲାଗିଥିଲା। ବିସିସିଆଇ ମେଡିକାଲ ଦଳ ତାଙ୍କ ଉପରେ ନଜର ରଖିଛି ବୋଲି ବିସିସିଆଇ ପକ୍ଷରୁ ଜାରି ବିଜ୍ଞପ୍ତିରେ କୁହାଯାଇଛି। ଦଳରେ ଆହତ ଖେଳାଳିଙ୍କ ସଂଖ୍ୟା ବୃଦ୍ଧି ପାଇବାରୁ ହରିୟାଣା ପେସର ଅନ୍‌ଶୁଲ କାମ୍ବୋଜଙ୍କୁ ଦଳରେ ସାମିଲ କରାଯାଇଛି। ସିରିଜ୍‌ର ଚତୁର୍ଥ ଟେଷ୍ଟ ବୁଧବାରଠାରୁ ଆରମ୍ଭ ହେବ।

**ଭାରତୀୟ ଦଳ:** ଶୁବମନ ଗିଲ୍ (ଅଧିନାୟକ), ରିଷଭ ପନ୍ତ(ଉଇକେଟ୍‌କିପର ଓ ଉପ ଅଧିନାୟକ), ଯଶସ୍ୱୀ ଜୟସ୍ୱାଲ, ଲୋକେଶ ରାହୁଲ, ସାଇ ସୁଦର୍ଶନ, ଅଭିମନ୍ୟୁ ଈଶ୍ୱରନ, କରୁନ ନାୟାର, ରବୀନ୍ଦ୍ର ଜାଡେଜା, ଧ୍ରୁବ ଜୁରେଲ(ଉଇକେଟ୍‌କିପର), ୱାଶିଂଟନ ସୁନ୍ଦର, ଶାର୍ଦ୍ଦୂଳ ଠାକୁର, ଯଶପ୍ରୀତ ବୁମ୍‌ରା, ମହମ୍ମଦ ସିରାଜ, ପ୍ରସିଦ୍ଧ କ୍ରିଷ୍ଣା, ଆକାଶ ଦୀପ, କୁଲ୍‌ଦୀପ ଯାଦବ ଓ ଅନ୍‌ଶୁଲ କାମ୍ବୋଜ୍।

## ଓଲ୍ଡ ଟ୍ରାଫୋର୍ଡରେ ଇଞ୍ଜିନିୟରଙ୍କ ନାମରେ ନାମିତ ହେବ ଷ୍ଟାଣ୍ଡ୍

ଭାରତର ପୂର୍ବତନ ଉଇକେଟ୍‌କିପର-ବ୍ୟାଟର ଫାରୁଖ୍ ଇଞ୍ଜିନିୟର ଓ ୱେଷ୍ଟଇଣ୍ଡିଜ୍ ଲିଜେଣ୍ଡ କ୍ଲାଇଭ୍ ଲୟଡଙ୍କ ନାମରେ ଆଇକନିକ୍ ଓଲ୍ଡ ଟ୍ରାଫୋର୍ଡ ଗ୍ରାଉଣ୍ଡରେ ଷ୍ଟାଣ୍ଡ୍ସ ନାମିତ କରାଯିବ। ଉଭୟଙ୍କର ପୂର୍ବତନ କାଉଣ୍ଟି କ୍ଲବ ଲଙ୍କାଶାୟାର ପକ୍ଷରୁ ଏହି ଘୋଷଣା କରାଯାଇଛି। ଭାରତ ଓ ଇଂଲଣ୍ଡ ମଧ୍ୟରେ ଏଠାରେ ବୁଧବାରଠାରୁ ଆରମ୍ଭ ହେବାକୁଥିବା ଚତୁର୍ଥ ଟେଷ୍ଟର ପ୍ରଥମ ଦିନରେ ଷ୍ଟାଣ୍ଡର ନାମକରଣ ଉତ୍ସବ ଆୟୋଜନ ହୋଇପାରେ। ଇଂଲଣ୍ଡ ଏବେ ୫ ମ୍ୟାଚ୍‌ବିଶିଷ୍ଟ ଆଣ୍ଡରସନ-ତେନ୍ଦୁଲକର ଟ୍ରଫି(ଏଟିଟି) ସିରିଜ୍‌ରେ ୨-୧ରେ ଆଗରେ ରହିଛି।

ଫାରୁଖ୍ ୧୯୬୮ରୁ ୧୯୭୬ ମଧ୍ୟରେ ଲଙ୍କାଶାୟାର ପାଇଁ ୧୭୫ ମ୍ୟାଚ୍ ଖେଳି ୫,୯୪୨ ରନ୍ କରିବା ସହ ୪୨୯ କ୍ୟାଚ୍ ଓ ୩୫ ଷ୍ଟମ୍ପିଂ କରିଥିଲେ। ଦୁଇଥରର ବିଶ୍ୱକପ୍ ବିଜୟୀ ୱେଷ୍ଟଇଣ୍ଡିଜ ଦଳର ଅଧିନାୟକ ଲୟଡ୍ ୧୯୭୦ ଦଶକରେ ଦଳରେ ଯୋଗଦେବା ପରେ କ୍ଲବର ଭାଗ୍ୟ ବଦଳାଇ ଦେଇଥିଲେ। ୮୭ ବର୍ଷୀୟ ଫାରୁଖ୍ ଲଙ୍କାଶାୟାର ପକ୍ଷରୁ ଖେଳିବା ପୂର୍ବରୁ ଏହି କ୍ଲବ କଦାପି କୌଣସି ଟାଇଟଲ ଜିତି ନ ଥିଲା। ତାଙ୍କ ପ୍ରତିନିଧିତ୍ୱରେ ଏହି କ୍ଲବ ୧୯୭୦ରୁ ୧୯୭୫ ମଧ୍ୟରେ ୪ଥର ଜିଲେଟ୍ କପ୍ ଜିତିଛି। ଅବସର ନେବା ପରେ ଇଞ୍ଜିନିୟର ମାଞ୍ଚେଷ୍ଟରକୁ ନିଜ ଘର କରିଥିଲେ। ଏପର୍ଯ୍ୟନ୍ତ ସେ ସେଠାରେ ରହୁଛନ୍ତି। ବ୍ୟକ୍ତିଗତ କାର୍ଯ୍ୟ ଯୋଗୁ ଇଂଲଣ୍ଡ ଟୁର୍‌ରେ ଥିବା ଭାରତର ପୂର୍ବତନ ଅଧିନାୟକ ଦିଲୀପ ଭେଙ୍ଗସରକାର ଓ କ୍ଲବର ଅନ୍ୟ ସିନିୟର ସଦସ୍ୟ ଷ୍ଟାଣ୍ଡ ନାମକରଣ ଉତ୍ସବରେ ଯୋଗଦେବେ।

## ଅନୁଶ ଜିତିଲେ ଡ୍ରେସେଜ ଇଭେଣ୍ଟ



ଘୋଡ଼ା ଫ୍ଲୋରିଆନା ସହ ଅନୁଶ ଅଗ୍ରୱାଲ।

**ବର୍ଲିନ,୨୧।୭(ପି.ଟି.)**

ଭାରତର ଅନୁଶ ଅଗ୍ରୱାଲ ଜୁବିଲୌମଷ୍ଟରନିୟର ହଫଗେସ୍କାର ଓପନ୍‌ର ଡ୍ରେସେଜ ଇଭେଣ୍ଟରେ ଚାମ୍ପିୟନ ହୋଇଛନ୍ତି। ପ୍ୟାରିସ୍ ଅଲିମ୍ପିକ୍ସରେ ଭାରତକୁ ପ୍ରତିନିଧିତ୍ୱ କରିଥିବା ଅନୁଶ ୬୯.୮୯୧ ପ୍ରତିଶତ ପଏଣ୍ଟ ସହ ୬ ପ୍ରତିଯୋଗୀବିଶିଷ୍ଟ ଫାଇନାଲରେ ସ୍ୱର୍ଣ୍ଣ ପଦକ ଅଧିକାର କରିଛନ୍ତି। ତାଙ୍କ ବ୍ୟତୀତ ଅନ୍ୟ ସମସ୍ତ ପ୍ରତିଯୋଗୀ ଜର୍ମାନୀର ଥିଲେ। ପିଆ ପିଓଟ୍ରୋୱସ୍କି ଓ କାଥାରିନା ହେମର ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଥିଲେ। ଅନୁଶ ଓ ତାଙ୍କ ୭ ବର୍ଷର ଘୋଡ଼ା ଫ୍ଲୋରିଆନାଙ୍କ ଲାଗି ଏସ୍ ଲିଭେଲରେ ପ୍ରଥମ ସଫଳତା ହାସଲ କରିଛନ୍ତି।

## ପରାଜୟ ସହ ଭାରତ ଏ'ର ଅଭିଯାନ ଶେଷ

**ଇଣ୍ଡୋଭେନ୍, ୨୧।୭(ପି.ଟି.)**

ଭାରତ ପୁରୁଷ ଏ' ହକି ଦଳ ଏଠାରେ ନେଦରଲାଣ୍ଡସଠାରୁ ୨-୮ରେ ପରାଜିତ ହୋଇ ଏହାର ୟୁରୋପ ଟୁର୍ ଅଭିଯାନ ଶେଷ କରିଛି। ରବିବାର ଅନୁଷ୍ଠିତ ଫାଇନାଲ ମ୍ୟାଚରେ ଯୁବ ଭାରତୀୟ ମିଡ୍ ଫିଲ୍ଡର ରଣଧୀର ସିଂ ଓ ଫରୱାର୍ଡ ସେଲ୍‌ଭାମ କାର୍ତ୍ତି ଭାରତ ଏ' ତରଫରୁ ୨ଟି ଯାକ ଗୋଲ୍ ସ୍କୋର କରିଥିଲେ। ଭାରତ ଏ' ଗତ ସପ୍ତାହରେ ନେଦରଲାଣ୍ଡସ ବିପକ୍ଷ ପୂର୍ବ ମ୍ୟାଚ୍ ୦-୩ରେ ପରାଜିତ ହୋଇଥିଲା। ଦଳ ଜୁଲାଇ ୮ରେ ଏହାର ଟୁର୍ ଆରମ୍ଭକରି ୟୁରୋପର ୫ଟି ଦଳ ସହ ମୋଟ ୮ଟି ମ୍ୟାଚ ଖେଳିଥିଲା। ଦଳ ୩ଟି ସହର ଗସ୍ତକରି ହକିର କେତୋଟି ଟପ୍ ଟିମ୍ ସହ ଖେଳିଥିଲା।



ସିଙ୍ଗାପୁରରେ ଚାଲିଥିବା ୱାର୍ଲ୍ଡ ଆକ୍ୱାଟିକ୍ ଚାମ୍ପିୟନଶିପ୍‌ର ଆର୍ଟିଷ୍ଟିକ୍ ସୁଇମିଂର ଓମେନ୍ସ ଡୁଏଟ୍ ଟେକ୍‌ନିକାଲ ଫାଇନାଲରେ ଅଂଶଗ୍ରହଣ ଅବସରରେ ଫ୍ରାନ୍ସର ଆନାସ୍ତାସିଆ ବାୟାନ୍‌ଡିନା ଓ ରୋମେନ୍ ଲୁନେଲ।

## ଇଂଲଣ୍ଡର ଚୂଡ଼ାନ୍ତ ଏକାଦଶ ଘୋଷଣା

**ମାଞ୍ଚେଷ୍ଟର,୨୧।୭(ପି.ଟି.)**

ଆସନ୍ତା ବୁଧବାରଠାରୁ ଭାରତ ବିପକ୍ଷରେ ଆରମ୍ଭ ହେବାକୁ ଥିବା ଚତୁର୍ଥ ଟେଷ୍ଟ ଲାଗି ସୋମବାର ଇଂଲଣ୍ଡ ତା'ର ଚୂଡ଼ାନ୍ତ ଏକାଦଶ ଘୋଷଣା କରିଛି। ଆହତ ସମସ୍ୟା ଯୋଗୁ ଦଳରୁ ବାଦ୍ ପଡ଼ିଥିବା

### ଭାରତ ବିପକ୍ଷ ଚତୁର୍ଥ ଟେଷ୍ଟ

ଶୋଏବ ବଶିରଙ୍କ ବଦଳରେ ବାମହାତୀ ସ୍ପିନର ଲିଆନ ଡସନଙ୍କୁ ଦଳରେ ସାମିଲ କରାଯାଇଛି। ଏହା ଛଡ଼ା ଦଳରେ ଅନ୍ୟ କୌଣସି ପରିବର୍ତ୍ତନ କରାଯାଇ ନାହିଁ। ବଶିରଙ୍କ ବିଦାୟ ଯୋଗୁ ୩୫ ବର୍ଷୀୟ ଡସନ ୮ ବର୍ଷର ବ୍ୟବଧାନ ପରେ ଜାତୀୟ ଦଳକୁ ଫେରିଛନ୍ତି। ଇଂଲଣ୍ଡର ଚୂଡ଼ାନ୍ତ ଏକାଦଶ: ଜ୍ୟାକ କ୍ରାଲି, ବେନ ଡକେଟ, ଓଲି ପୋପ (ଉପ ଅଧିନାୟକ), ଜୋ ରୁଟ, ହ୍ୟାରୀ ବ୍ରୁକ, ବେନ ଷ୍ଟୋକ୍ସ (ଅଧିନାୟକ), ଜେମି ସ୍ମିଥ (ଉଇକେଟ କିପର), ଲିଆନ ଡସନ, କ୍ରିସ ୱୋକ୍ସ, ବ୍ରାଇଡନ କାର୍ସ ଓ ଜୋଫ୍ରା ଆର୍ଚ୍ଚର।

## ଅଷ୍ଟ୍ରେଲିଆକୁ ଜିତାଇଲେ ଓୱେନ୍

**ଜାମାଇକା,୨୧।୭**

ପଦାର୍ପଣକାରୀ ମିଚେଲ ଓୱେନ୍‌ଙ୍କ ଅଲ୍‌ରାଉଣ୍ଡ ପ୍ରଦର୍ଶନ ବଳରେ ୱେଷ୍ଟଇଣ୍ଡିଜ୍ ବିପକ୍ଷ ରବିବାର ରାତିରେ ଖେଳାଯାଇଥିବା ପ୍ରଥମ ଟି୨୦ ମ୍ୟାଚ୍‌କୁ ଅଷ୍ଟ୍ରେଲିଆ ୩ ଉଇକେଟରେ ଜିତିନେଇଛି। ଏହି ବିଜୟ ସହ ୫ ମ୍ୟାଚ୍‌ବିଶିଷ୍ଟ ଟି୨୦ ସିରିଜ୍‌ରେ ଭ୍ରମଣକାରୀ ଅଷ୍ଟ୍ରେଲିଆ ୧-୦ରେ ଅଗ୍ରଣୀ ହାସଲ କରିଛି। କ୍ୟାରିୟରର ପ୍ରଥମ ମ୍ୟାଚ୍‌ରେ ଓୱେନ ପ୍ଲେୟର ଅଫ୍ ମ୍ୟାଚ୍ ବିବେଚିତ ହୋଇଛନ୍ତି। ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ସମାନ ଭେନ୍ୟୁରେ ମଙ୍ଗଳବାର ଖେଳାଯିବ।

ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ୱେଷ୍ଟଇଣ୍ଡିଜ ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ ହରାଇ ୧୮୯ ରନ୍ କରିଥିଲା। ଦଳ ପକ୍ଷରୁ ରୋଷ୍ଟନ ଚେଜ୍ ୬୦(୯ ଚୌକା ଓ ୨ ଛକା), ଅଧିନାୟକ ଶାଇ ହୋପ୍ ୫୫(୪ ଚୌକା ଓ ୩ ଛକା) ଓ ସିମରନ ହେଟମେୟର ୩୮(୨ ଚୌକା ଓ ୩ ଛକା) ରନ୍ କରିଥିଲେ। ବୋଲିଂରେ ଅଷ୍ଟ୍ରେଲିଆ ପାଇଁ ବେନ୍ ଡ୍ୱାରଶୁଇସ ୪ ଉଇକେଟ ନେଇଥିବା ବେଳେ ସିନ ଆବଟ, କୁପର କୋନୋଲି, ନାଥନ ଏଲିସ ଓ ଓୱେନ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଜବାବରେ ଅଷ୍ଟ୍ରେଲିଆ ୧୮.୫ ଓଭରରେ ୭ ଉଇକଟ ହରାଇ ୧୯୦ ରନ୍ କରି ମ୍ୟାଚ୍ ଜିତି ନେଇଥିଲା। ଦଳ ଲାଗି କାମେରନ ଗ୍ରୀନ୍ ୨୬ ବଲରେ ୫୧(୨ ଚୌକା ଓ ୫ ଛକା) ଓ ଓୱେନ ୨୭ ବଲରେ ୫୦(୬ ଛକା) ରନ୍ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧିନାୟକ ମିଚେଲ ମାର୍ଶ ୨୪ (୩ ଛକା) ଓ ଜୋଶ ଇଙ୍ଗଲିସ ୧୮(୨ ଚୌକା ଓ ୩ ଛକା) ରନ୍ କରିଥିଲେ। ଘରୋଇ ୱେଷ୍ଟଇଣ୍ଡିଜ ପକ୍ଷରୁ ଜାସନ ହୋଲ୍ଡର, ଅଲ୍‌ଜାରି ଯୋଶେଫ ଓ ଗୁଡାକେଶ ମୋତି ଦୁଇଟି ଲେଖାଏ ଉଇକେଟ ନେଇଥିଲେ।



ଅର୍ଦ୍ଧଶତକୀୟ ଇନିଂସ ଅବସରରେ ମିଚେଲ ଓୱେନ (ବାମ)।

**ସଂକ୍ଷିପ୍ତ ସ୍କୋର**

ୱେଷ୍ଟଇଣ୍ଡିଜ: ୨୦ ଓଭରରେ ୧୮୯/୮(ରୋଷ୍ଟନ ଚେଜ୍-୬୦, ଶାଇ ହୋପ୍-୫୫, ସିମରନ ହେଟମେୟର-୩୮, ବେନ୍ ଡ୍ୱାରଶୁଇସ-୪/୩୬)। ଅଷ୍ଟ୍ରେଲିଆ: ୧୮.୫ ଓଭରରେ ୧୯୦/୭(କାମେରନ ଗ୍ରୀନ୍-୫୧, ମିଚେଲ ଓୱେନ-୫୦, ମିଚେଲ ମାର୍ଶ-୨୪, ଗୁଡାକେଶ ମୋତି-୨/୨୯, ଜାସନ ହୋଲ୍ଡର-୨/୩୨, ଅଲ୍‌ଜାରି ଯୋଶେଫ-୨/୩୯)।

## ରାଜ୍ୟସ୍ତରୀୟ ସ୍କୁଲ ଚେସ୍: ଶ୍ରଦ୍ଧା ସ୍ମରଣିକା ଚାମ୍ପିୟନ

**ଭୁବନେଶ୍ୱର, ୨୧।୭ (ବିଜୟ ରଣା)**

କଟକ ତ୍ରିଶୁଳିଆସ୍ଥିତ ସେରିମୋନିୟମ ମଣ୍ଡପଠାରେ ପ୍ରଥମ ରାଜ୍ୟସ୍ତରୀୟ ଏସ୍.ଆର ଦିନିକିଆ ରାପିଡ୍ ରାଜ୍ୟସ୍ତରୀୟ ସ୍କୁଲ ଚେସ୍ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସିଡିଏ ଡିଏଭି ସ୍କୁଲ ଛାତ୍ରୀ ଶ୍ରଦ୍ଧା ସ୍ମରଣିକା ନନ୍ଦ ୭ରାଉଣ୍ଡ ବିଶିଷ୍ଟ ଏହି ପ୍ରତିଯୋଗିତାରେ ୬.୫ ପଏଣ୍ଟ ଅର୍ଜନ କରି ଚାମ୍ପିୟନ ହୋଇଛନ୍ତି। ଅନ୍ତର୍ଜାତୀୟ ଚେସ୍ ଦିବସ ଉପଲକ୍ଷେ ରାଜ୍ୟର ଅଗ୍ରଣୀ ଚେସ୍ ପ୍ରଶିକ୍ଷଣ କେନ୍ଦ୍ର ଏସ୍.ଆର୍ ଚେସ୍ ସେଣ୍ଟର ଓ କ୍ରୀଡ଼ା ସଂଗଠନ ଡି ୱେଟ୍‌ବିୱର୍ବର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଟୁର୍ନାମେଣ୍ଟରେ ରାଜ୍ୟର ୧୭ଟି ଜିଲାରୁ ୩୦ ଅନ୍ତର୍ଜାତୀୟ ରେଟେଡ ଖେଳାଳିଙ୍କ ସମେତ ମୋଟ ୧୯୦ ଜଣ ଖେଳାଳି ଅଂଶଗ୍ରହଣ କରିଥିଲେ। ଭୁବନେଶ୍ୱର ଚନ୍ଦ୍ରଶେଖରପୁର ଡିଏଭି ସ୍କୁଲର ଓମ୍ ସ୍ୱରୂପ ପାଢ଼ୀ ସମାନ ୬.୫ ପଏଣ୍ଟ ଅର୍ଜନ କରି ରନରଅପ୍ ହୋଇଥିବା ବେଳେ ଓଡ଼ିଏମ୍ ପବ୍ଲିକ ସ୍କୁଲର ସାୟାଂଶ ଦାସ ତୃତୀୟ ଏବଂ ଆୟାଶା ମହାନ୍ତି ୪ର୍ଥ, ଆଦଭିକ୍ ଆଦିତ୍ୟ ସ୍ୱାଇଁ ୫ମ, ସତ୍ୟ ସ୍ୱରୂପ ସାହୁ ୬ଷ୍ଠ ଏବଂ ଲଳିତ ରଞ୍ଜନ ସାହୁ ୭ମ ସ୍ଥାନରେ ରହିଥିଲେ। ଏମାନେ ସମସ୍ତେ ୬ ପଏଣ୍ଟ ଲେଖାଏଁ ଅର୍ଜନ କରିଥିଲେ। ସେହିପରି ୬ ବର୍ଷରୁ କମ୍, ୭ ବର୍ଷରୁ କମ୍, ୯ ବର୍ଷରୁ କମ୍, ୧୧ ବର୍ଷରୁ କମ୍ ବିଭାଗରେ ପ୍ରତିଯୋଗିତା ମାନ ହୋଇଥିଲା। ଏସ୍.ଆର୍ ଚେସ୍‌ର ସଭାପତି ସୁଭାଶିଷ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଚାଟାର୍ଡ ଆକାଉଣ୍ଟାଣ୍ଟ ରାଜନାରାୟଣ ତ୍ରିପାଠୀ ଓ ପୂର୍ବତନ ରାଜ୍ୟ ଚେସ୍ ସଂଘର ଆଡହକ୍ କମିଟି ଅଧ୍ୟକ୍ଷ ଅସିତ ମୁଖାର୍ଜୀ ଚେସ୍ ବୋର୍ଡରେ ପ୍ରଥମ ଚାଲ୍ ଚଳାଇ ପ୍ରତିଯୋଗିତାର ଉଦ୍‌ଘାଟନ କରି ଥିଲେ। ସନ୍ଧ୍ୟାରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ରାଜ୍ୟର ପ୍ରଥମ ଗ୍ରାଣ୍ଡମାଷ୍ଟର ଦେବାଶିଷ ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କୃତୀ ଶ୍ରେଷ୍ଠ ୧୫ ଖେଳାଳିଙ୍କୁ ୨୦ ହଜାର ଟଙ୍କାର ଆର୍ଥିକ ପୁରସ୍କାର ସହ ବିଭିନ୍ନ ବୟସବର୍ଗର ୬୫ ଜଣଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା। ଏଥିରେ ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ବ୍ୟବସାୟୀ ସିଦ୍ଧାର୍ଥ ଦାସ, କଟକ ଜିଲା ଚେସ୍ ସଂଘର ମେଣ୍ଟର ହେମନ୍ତ କୁମାର ନାୟକ ଏବଂ ବଲାଙ୍ଗୀର ଚେସ୍ ଜିଲା ଚେସ୍ ସଂଘର ସମ୍ପାଦକ ପ୍ରିୟବ୍ରତ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ।




ଅତିଥିଙ୍କ ସହ କୃତୀ ଖେଳାଳି।

## ସାହାଣୀ କପ୍ ଫୁଟ୍‌ବଲ: ଖୋର୍ଦ୍ଧା, କଟକ ବିଜୟୀ

**ରାଜକନିକା, ୨୧।୭ (ରବୀନ୍ଦ୍ର କୁମାର ଦାସ)**

ଓଡ଼ିଶା ଫୁଟ୍‌ବଲ ଆସୋସିଏଶନ୍ ଆନୁକୂଲ୍ୟରେ କେନ୍ଦ୍ରାପଡ଼ା ଜିଲା କ୍ରୀଡ଼ା ସଂସଦ ଅନୁବନ୍ଧିତ ରାଜକନିକା ଆଥ୍‌ଲେଟିକ ଆସୋସିଏଶନ ଦ୍ୱାରା ଆର୍.ଏନ୍. ହାଇସ୍କୁଲ ମିନି ଷ୍ଟାଡିୟମରେ ସିନିୟର ଆନ୍ତଃ ଜିଲା ସାହାଣୀ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟରର ୬ଷ୍ଠ ଦିନ ଖେଳ ସୋମବାର ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ମ୍ୟାଚ ଖୋର୍ଦ୍ଧା ଓ ପୁରୀ ମଧ୍ୟରେ ହୋଇଥିଲା। ଏଥିରେ ଖୋର୍ଦ୍ଧା ୫ -୦ ଗୋଲରେ ବିଜୟ ଲାଭ କରିଥିଲା। ଏହି ଖେଳରେ ମୁଖ୍ୟ ଅତିଥି ଭାବେ ଆସୋସିଏଶନର ଉପସଭାପତି କପିଳେନ୍ଦ୍ର ମଲ୍ଲିକ, ସମ୍ମାନିତ ଅତିଥି ଭାବେ କାର୍ଯ୍ୟକାରୀ ସଦସ୍ୟ ବେଣୁଧର ପରିଡା, ରଙ୍ଗାଧର ବେହୁରା ଓ ଶରତ କୁମାର ମଲ୍ଲିକ ପ୍ରମୁଖ ଯୋଗଦେଇ ଥିଲେ। ସେହିପରି ଦ୍ୱିତୀୟ ମ୍ୟାଚ କଟକ ଓ ପାରାଦୀପ ମଧ୍ୟରେ ହୋଇଥିଲା। ଏଥିରେ କଟକ ୬-୦ ଗୋଲରେ ବିଜୟ ଲାଭ କରିଥିଲା। ପ୍ରଥମ ମ୍ୟାଚରେ ଖୋର୍ଦ୍ଧା ଦଳର ଜଳଧର ନାୟକ ଓ ଦ୍ୱିତୀୟ ମ୍ୟାଚରେ କଟକ ଦଳର ଦୀନବନ୍ଧୁ ଦାସ ମ୍ୟାନ ଅଫ ଦି ମ୍ୟାଚ ହୋଇଥିଲେ। ରିଫେରି ଭାବେ ଆଲୋକ ଦେହୁରୀ, ଶଶିକାନ୍ତ ଦାସିଆ ଖେଳ ପରିଚାଳନା କରିଥିବାବେଳେ ଦିଲୀପ ରାଉତ ମ୍ୟାଚ କମିଶନର କାର୍ଯ୍ୟ ସମ୍ପାଦନ କରିଥିଲେ।

ଏହି ଖେଳରେ ମୁଖ୍ୟ ଅତିଥି ଭାବେ ଆସୋସିଏଶନର ସଭାପତି ଦୋଳ ଗୋବିନ୍ଦ ନାୟକ, ସମ୍ମାନିତ ଅତିଥି ଭାବେ ଉପସଭାପତି ପ୍ରଫେସର ବୈକୁଣ୍ଠ ନାଥ ପରିଡା, ଯୁଗ୍ମ ସମ୍ପାଦକ ଡ. ଫକୀର ଚନ୍ଦ୍ର ପ୍ରଧାନ, କୋଷାଧ୍ୟକ୍ଷ ଦେବେନ୍ଦ୍ର କୁମାର ନାୟକ, କାର୍ଯ୍ୟକାରୀ ସଦସ୍ୟ ବିଜୟ କୁମାର ଭୂୟାଁ ଓ ଅକ୍ଷୟ କୁମାର ନାଥ, ମିଡ଼ିଆ ସମ୍ପାଦକ ଅଜୟ କୁମାର ରାଉତ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଅନୁଷ୍ଠାନର ସାଧାରଣ ସମ୍ପାଦକ ଅଜୟ କୁମାର ନାୟକ, ଉପଦେଷ୍ଟା ଆଦିକନ୍ଦ ଦାସ, ବାସୁଦେବ ବେହେରା, କେତନ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଗୋଲକ ବିହାରୀ ମଲ୍ଲିକ, ପର୍ଶୁରାମ ସାହୁ, ଶରତ ଜେନା, ସୋମ୍ୟକାନ୍ତ ନାୟକ, ବିଶ୍ୱନାଥ ଦାଶ, ବିଶ୍ୱ ରଞ୍ଜନ ପଡ଼ିଆରୀ ଆଦି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।




ମ୍ୟାଚ୍ ପୂର୍ବରୁ ଅତିଥିଙ୍କ ସହ ଖେଳାଳିମାନେ।

### ଅନ୍ୟ ଜୋନ୍ ଫଳାଫଳ

**କେନ୍ଦୁଝର ଜୋନ୍**
ବାଲେଶ୍ୱର-୦, ସୁନ୍ଦରଗଡ଼-୧
ଢେଙ୍କାନାଳ-୦, ସୁବର୍ଣ୍ଣପୁର-୦
**ବ୍ରହ୍ମପୁର ଜୋନ୍**
କୋରାପୁଟ-୪, ରାୟଗଡ଼ା-୦
ମାଲକାନଗିରି-୦, ମୟୂରଭଞ୍ଜ-୫।
ପ୍ରତିଯୋଗିତାର କ୍ୱାର୍ଟର ଫାଇନାଲ ପର୍ଯ୍ୟାୟ ୨୩ ତାରିଖରୁ ଆରମ୍ଭ ହେବ। ରାୟଗଡ଼ା ଜୋନ୍‌ରେ ସେଦିନ କଟକ ବନାମ ଝାରସୁଗୁଡ଼ା, ବ୍ରହ୍ମପୁର ଜୋନ୍‌ରେ ଭୁବନେଶ୍ୱର ବନାମ କୋରାପୁଟ, କେନ୍ଦୁଝର ଜୋନ୍‌ରେ ସୁନ୍ଦରଗଡ଼ ବନାମ ରାଉରକେଲା ଷ୍ଟିଲ୍‌ପ୍ଲାଣ୍ଟ ମ୍ୟାଚ୍ ଖେଳାଯିବ। ବୌଦ୍ଧ ଜୋନ୍‌ରେ ଲିଗ୍ ପର୍ଯ୍ୟାୟ ଶେଷ ହେବା ପରେ କ୍ୱାର୍ଟର ଫାଇନାଲ ପାଇଁ ଦିନ ଧାର୍ଯ୍ୟ ହେବ।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ